# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୩/୨୦୧୯ (୨୦ ପୃଷ୍ଠା) Bhubaneswar, Thursday, January 3/ 2019 | ★★★★★★

୪୫ଶ ଭାଗ ୪୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



ODISHA ONE

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
# BIJU SWASTHYA KALYAN YOJANA

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,
ଓଡ଼ିଶା ସରକାର

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା
ଓଡ଼ିଶା ସରକାର



DSPL-327

## RSBY କାର୍ଡଧାରୀଙ୍କ ପାଇଁ ବିଶେଷ ସୂଚନା

୧. ୧ ଜାନୁଆରୀ ୨୦୧୯ ଠାରୁ ସମସ୍ତ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା **(RSBY)** କାର୍ଡଧାରୀ ବିଜୁ କୃଷକ କଲ୍ୟାଣ ଯୋଜନା **(BKKY) S-II** କାର୍ଡ ଦ୍ୱାରା ସବୁ ପ୍ରକାରର ଦେୟ ମୁକ୍ତ ସ୍ୱାସ୍ଥ୍ୟ ସେବା ସୁବିଧା ପାଇ ପାରିବେ ।

୨. ଯେଉଁ **(RSBY)** କାର୍ଡଧାରୀ ପରିବାର **(BKKY) S-II** କାର୍ଡ ପାଇ ନାହାନ୍ତି, ଉକ୍ତ ପରିବାର **(BKKY) S-II** କାର୍ଡ ସକାଶେ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବସ୍ଥାପିତ ବିଜୁ କୃଷକ କଲ୍ୟାଣ ଯୋଜନା ସହାୟତା କେନ୍ଦ୍ର ସହ ଯୋଗାଯୋଗ କରନ୍ତୁ ।

**ଅଥବା**

କ) ଜିଲ୍ଲା କୃଷି କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ

ଖ) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଙ୍କ କାର୍ଯ୍ୟାଳୟରେ **District Coordinator**

ଗ) ନିଶୁଳ୍କ **Helpline ୧୫୫୩୬୯** ରେ ଯୋଗାଯୋଗ କରନ୍ତୁ ।







10001/13/0051/1819

**ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩ ଜାନୁୟାରୀ, ୨୦୧୯



"କଂଗ୍ରେସ ପାଇଁ ଭାରତୀୟ ମୁସ୍‌ଲିମ୍ ମହିଳାଙ୍କ ଅପେକ୍ଷା ଇଟାଲୀ ମହିଳାଙ୍କ ସ୍ୱାର୍ଥ ବେଶି ଗୁରୁତ୍ୱପୂର୍ଣ୍ଣ।
-ସୁବ୍ରମଣ୍ୟମ୍ ସ୍ୱାମୀ, ଭାଜପା ଏମ୍‌ପି



## ସଂକ୍ଷେପରେ

### ମାଲିରେ ୩୭ ନିହତ

**ବାମାକୋ,୨।୧(ଏଏଫ୍‌ପି):** କେନ୍ଦ୍ରୀୟ ମାଲିରେ ସଶସ୍ତ୍ର ଡୋଜୋନ ଶିକାରୀ ଏବଂ କୃଷକଙ୍କ ମଧ୍ୟରେ ସଂଘର୍ଷରୁ ୩୭ ଜଣଙ୍କ ମୃତ୍ୟୁ ଘଟିଛି। ମୋପ୍‌ଟି ଅଞ୍ଚଳର ବାଙ୍କାସ ନିକଟବର୍ତ୍ତୀ କୌଲଗନ ଗ୍ରାମରେ ମଙ୍ଗଳବାର ଏହି ସଂଘର୍ଷ ହୋଇଥିଲା। ଏହି ଆକ୍ରମଣରେ ଅନେକ ଆହତ ହୋଇଥିବାବେଳେ ବହୁ ଘର ଜଳିଯାଇଛି। ଡୋଜୋନ ଧର୍ମୀୟ ସମ୍ପ୍ରଦାୟର ଏହି ପାରମ୍ପରିକ ଶିକାରୀମାନେ ଗାଁ ମୁଖିଆ ଏବଂ ତାଙ୍କ ପରିବାରର ଅନ୍ୟ କେତେଜଣଙ୍କୁ ହତ୍ୟା କରିଛନ୍ତି। ଫୁଲାନି ସମ୍ପ୍ରଦାୟର ଗୋରୁ ଡୋଜୋନ ସମ୍ପ୍ରଦାୟଙ୍କ ଜମିରେ ଚରିବାକୁ କେନ୍ଦ୍ରକରି ଏହି ହିଂସାକାଣ୍ଡ ଘଟିଥିବା କୁହାଯାଉଛି। ଗତବର୍ଷ ଉକ୍ତ ଅଞ୍ଚଳରେ ବିଭିନ୍ନ ସମୟରେ ସଂଘର୍ଷ ଘଟି ୫୦୦ରୁ ଅଧିକ ସାଧାରଣ ଲୋକ ପ୍ରାଣ ହରାଇଥିବା ଜାତିସଂଘ ରିପୋର୍ଟରୁ ଜଣାପଡିଛି।

### ସିରିଆ ସଂଘର୍ଷରେ ୧୯ ମୃତ

**ବିରୁଟ୍,୨।୧(ଏଏଫ୍‌ପି):** ଉତ୍ତର ସିରିଆରେ ଜିହାଦୀ ଏବଂ ବିଦ୍ରୋହୀଙ୍କ ମଧରେ ସଂଘର୍ଷ ଘଟି ୧୯ ଜଣଙ୍କ ମୃତ୍ୟୁ ହୋଇଛି। ଅଲ୍‌କାଏଦା ସହ ସଂପୃକ୍ତ ହାୟତ ତହରିର ଅଲ-ଶାମ (ଏଚଟିଏସ୍) ସହ ବିଦ୍ରୋହୀ ଗୋଷ୍ଠୀର ସଂଘର୍ଷ ହୋଇଥିଲା। ଏହି ସଂଘର୍ଷରେ ୧୨ ଏଚଟିଏସ୍ ଯୋଦ୍ଧା ନିହତ ହୋଇଥିବାବେଳେ ଜିଙ୍କି ଗ୍ରୁପ୍‌ର ୫ ଜଣ ଏବଂ ଅନ୍ୟ ୨ ଜଣ ସାଧାରଣ ଜନତା ନିହତ ହୋଇଛନ୍ତି। ଏହି ସଂଘର୍ଷରେ ଅନ୍ୟ ୩୫ ଜଣ ଆହତ ହୋଇଛନ୍ତି।

### ଭାରତୀୟ ଡ୍ରୋନକୁ ଖସାଇଥିବା ଦାବିକଲା ପାକ୍



**ଇସ୍‌ଲାମାବାଦ,୨।୧:** ନିୟନ୍ତ୍ରଣ ରେଖା ଅତିକ୍ରମ କରି ବାଗ୍ ସେକ୍ଟରରେ ଉଡୁଥିବା ଭାରତର ଏକ ଗୁପ୍ତଚର ଡ୍ରୋନକୁ ପାକିସ୍ତାନ ସୈନ୍ୟବାହିନୀ ଖସାଇଦେଇଥିବା ଦାବି କରିଛି। ପାକିସ୍ତାନର ଏହି ଦାବିକୁ ଭାରତୀୟ ସେନା ଅଗ୍ରାହ୍ୟ କରିଦେଇଛି। ପାକ୍ ସୈନ୍ୟବାହିନୀ ଜନସମ୍ପର୍କ ବିଭାଗର ମହାନିର୍ଦ୍ଦେଶକ ମେଜର ଜେନେରାଲ ଅସିଫ ଗଫୁର ଟ୍ୱିଟ୍ କରି ଏହା ଜଣାଇବା ସହ ଡ୍ରୋନ୍‌ର ଏକ ଫଟୋ ଛାଡିଛନ୍ତି। ପାକିସ୍ତାନର ଅଭିଯୋଗକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି। ଏଭଳି କିଛି ଏଲ୍‌ଓସିରେ ଘଟି ନଥିବା ସେନାବାହିନୀ ପକ୍ଷରୁ କୁହାଯାଇଛି।

### ଫିଲିପାଇନ୍ସ ଝଡ଼ ମୃତ୍ୟୁସଂଖ୍ୟା ୮୫

**ମାନିଲା,୨।୧(ଆଇଏଏନ୍‌ଏସ୍):** ଫିଲିପାଇନ୍ସ ଝଡ଼ ମୃତ୍ୟୁସଂଖ୍ୟା ୮୫ରେ ପହଞ୍ଚିଛି। ଝଡ଼ ଉସ୍ମାନ ପ୍ରଭାବରେ ବନ୍ୟା ଓ ଭୂସ୍ଖଳନ ଘଟିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ୨୦ ଜଣ ଲୋକ ନିଖୋଜ ଥିବାବେଳେ ୪୦ରୁ ଅଧିକ ଆହତ ହୋଇଛନ୍ତି। ପାଖାପାଖି ୨ ଲକ୍ଷ ଲୋକ ଘରଦ୍ୱାର ହରାଇଛନ୍ତି। କାମାରିନ୍ସ ସୁର୍‌କୁ ଦୁର୍ବିପାକ ପ୍ରଦେଶ ଘୋଷଣା କରାଯାଇଛି। ଗତ ଶନିବାର ବାତ୍ୟା ଉସ୍ମାନ ରାଜଧାନୀ ମାନିଲାର ଦକ୍ଷିଣପୂର୍ବରେ ଅବସ୍ଥିତ ବିକୋଲ ଅଞ୍ଚଳ ଦେଇ ପ୍ରବାହିତ ହୋଇଥିଲା। ଏତେବଡ ବାତ୍ୟା ଆସୁଥିଲେ ମଧ ଏଥିପାଇଁ ଯଥେଷ୍ଟ ସତର୍କ ସୂଚନା ଦିଆଯାଇ ନ ଥିଲା।

# ରାଫାଲ ବୋମାରୁ ହାଇଡ୍ରାମା

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଫ୍ରାନ୍ସରୁ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ କରିଥିବା ଚୁକ୍ତି ପୁରୁଣା ପାଠ। ହେଲେ ଆଗକୁ ସାଧାରଣ ନିର୍ବାଚନ ଥିବାରୁ ବର୍ଷ ଆରମ୍ଭରୁ ଏହି ପ୍ରସଙ୍ଗକୁ ନେଇ ବିତର୍କ ସୃଷ୍ଟି ହୋଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବୁଧବାର କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣି ପୁଣିଥରେ ରାଫାଲ ବୋମା ନିକ୍ଷେପ କରିଛନ୍ତି। ଏହାକୁ ନେଇ ଉଭୟ ପାର୍ଲାମେଣ୍ଟ ବାହାରେ ଓ ଭିତରେ ହାଇଡ୍ରାମା ଦେଖିବାକୁ ମିଳିଛି। ଅଭିଯୋଗକୁ ସରକାର ଯେତେ ଖଣ୍ଡନ କଲେ ବି ଆଦୌ ମାନୁନାହାନ୍ତି ବିରୋଧୀ। ସେମାନଙ୍କ କେବଳ ଗୋଟିଏ ଜିଦ୍ 'ରାଫାଲ ଚୁକ୍ତିର ଜେପିସି ତଦନ୍ତ କରାଅ'।





"ବାୟୁସେନା ପାଇଁ ଜରୁରିକାଳୀନ ଭିତ୍ତିରେ ଯୁଦ୍ଧବିମାନ କିଣାଯିବାରେ ଆପତ୍ତି ନାହିଁ। କିନ୍ତୁ ରାଫାଲ ଚୁକ୍ତିରେ ସ୍ୱଚ୍ଛତା, ସାଧୁତା ଓ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ରହିଛି। ତେଣୁ ଏହା ଡିଲ୍ ପଛରେ କ'ଣ ଅଛି ତାହା ଦେଶର ଜନସାଧାରଣ ଜାଣିବାକୁ ଚାହାନ୍ତି।
-କଲିକେଶ ନାରାୟଣ ସିଂଦେଓ, ବିଜେଡି ଏମ୍‌ପି

## 'ମୋଦିଙ୍କୁ ବ୍ଲାକ୍‌ମେଲିଂ କରୁଛନ୍ତି ପାରିକର'

**ନୂଆଦିଲ୍ଲୀ,୨।୧(ପି.ଟି.)**

ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର ରାଫାଲ ଡିଲ୍‌କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବ୍ଲାକ୍‌ମେଲିଂ କରୁଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବୁଧବାର ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି। ରାହୁଲ କହିଛନ୍ତି, ଗୋଆ ମୁଖ୍ୟମନ୍ତ୍ରୀ ପାରିକର ଦେଶର ପ୍ରତିରକ୍ଷା ମନ୍ତ୍ରୀ ଥିବାବେଳେ ସମ୍ପୂର୍ଣ୍ଣ ରାଫାଲ ଚୁକ୍ତିର ଫାଇଲଗୁଡ଼ିକ ନିଜ ଶୟନକକ୍ଷରେ ରଖିଥିଲେ। ସେଥିରେ ରାଫାଲ ସମ୍ପର୍କିତ ସମସ୍ତ ତଥ୍ୟ ରହିଛି। ତେଣୁ ତାଙ୍କୁ କେହି ଡିଷ୍ଟର୍ବ କରିପାରିବେ ନାହିଁ। ଏହାକୁ ନେଇ ସେ ମୋଦିଙ୍କୁ ବ୍ଲାକ୍‌ମେଲିଂ କରୁଛନ୍ତି। ପାରିକର ନିଜେ ଫାଇଲ ରଖିବା କଥା କହୁଥିବା ଏକ କ୍ୟାବିନେଟ ବୈଠକରେ ସ୍ୱୀକାର କରିଛନ୍ତି। ଗୋଆର ଜଣେ କ୍ୟାବିନେଟ ମନ୍ତ୍ରୀ ସେନେଇ କହୁଥିବା ଟେପ୍ ତାଙ୍କ ନିକଟରେ ଅଛି। ଏଭଳି ଅନେକ ଟେପ୍ ଥାଇପାରେ। ପାରିକର ଯାହା କରୁଛନ୍ତି, ତାହା ପ୍ରଧାନମନ୍ତ୍ରୀଙ୍କୁ ଏକପ୍ରକାର ଧମକ ଦେବା ଓ ବ୍ଲାକ୍‌ମେଲିଂ କରିବା। ଏଠାରେ ପ୍ରଶ୍ନ ଉଠୁଛି, ପାରିକରଙ୍କ ବେଡ୍‌ରୁମ୍‌ରେ କ'ଣ ସବୁ ସୂଚନା ଅଛି। ସେଠାରେ କି କି ଫାଇଲ ଅଛି ଏବଂ ତାହା ନରେନ୍ଦ୍ର ମୋଦିଙ୍କ ଉପରେ କି ପ୍ରଭାବ ପକାଇପାରେ ବୋଲି ରାହୁଲ କହିଛନ୍ତି। ପ୍ରକାଶ ଯେ, ୫୮,୦୦୦ କୋଟି ଟଙ୍କାର ରାଫାଲ ଚୁକ୍ତିରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି କଂଗ୍ରେସ ଓ ବିରୋଧୀ ଦଳଗୁଡ଼ିକ ଏହାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ଅଡିବସିଛନ୍ତି।

## ଜେପିସି ତଦନ୍ତ ଦାବିକଲା ଶିବସେନା



ଅରବିନ୍ଦ ସାୱନ୍ତ

**ନୂଆଦିଲ୍ଲୀ,୨।୧(ପି.ଟି.)**

ରାଫାଲ ଚୁକ୍ତି ଦୁର୍ନୀତିର ଜେପିସି ତଦନ୍ତ ଦାବିରେ ବିରୋଧୀ ଅଟଳ ଥିବାବେଳେ ବୁଧବାର ସେମାନଙ୍କ ସହ ସାମିଲ ହୋଇଛି ଭାଜପାର ଅମାନିଆ ସହଯୋଗୀ ଶିବସେନା। ଲୋକ ସଭାରେ ଏହି ପ୍ରସଙ୍ଗରେ ଶିବସେନା ସଦସ୍ୟ ଅରବିନ୍ଦ ସାୱନ୍ତ କହିଛନ୍ତି, ସରକାର ସବୁବେଳେ ସ୍ୱଚ୍ଛତା କଥା କହୁଛନ୍ତି। ହେଲେ ରାଫାଲ ଚୁକ୍ତିର ଜେପିସି ତଦନ୍ତ ଦାବିକୁ କାହିଁକି ପ୍ରତ୍ୟାଖ୍ୟାନ କରୁଛନ୍ତି। ଜେପିସି ତଦନ୍ତ କରାଯାଉ ଓ ସତ ପଦାକୁ ଆସିବାକୁ ଦିଆଯାଉ ବୋଲି ଅରବିନ୍ଦ ଦାବି କରିଛନ୍ତି।

## 'ରାଫାଲ ନେଇ ଆଲୋଚନା ହୋଇନି'

**ପଣଜୀ,୨।୧(ଆଇଏଏନ୍‌ଏସ୍)**

ଯେଉଁ ଅଡିଓ ଟେପ୍ କଥା କୁହାଯାଉଛି, ତାହା ସମ୍ପୂର୍ଣ୍ଣ ମିଛ। ଗୋଆର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସେ ରାଫାଲ ଫାଇଲ ସମ୍ପର୍କରେ କୌଣସି କ୍ୟାବିନେଟ ବୈଠକରେ କିଛି କହିନାହାନ୍ତି ବୋଲି ବୁଧବାର ଖଣ୍ଡନ କରିଛନ୍ତି ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର। ସେ କହିଛନ୍ତି, କଂଗ୍ରେସ ମିଛ ତଥ୍ୟର ଆଶ୍ରୟ ନେଇ ସରକାରଙ୍କୁ ଟାର୍ଗେଟ କରିବା ପାଇଁ ବ୍ୟାକୁଳ ହୋଇଯାଇଛି। ସୁପ୍ରିମକୋର୍ଟଙ୍କ ରାୟ ପରେ କଂଗ୍ରେସର ମିଛ ଧରାପଡ଼ିଯିବା ପରେ ଏହି ଦଳ ଏଭଳି ଜାଲିଆତି କରୁଥିବା ପାରିକର ଅଭିଯୋଗ ଆଣିଛନ୍ତି।

ଏହା ପୂର୍ବରୁ କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ ରାଣେ ଏବଂ ଅନ୍ୟ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପର ଅଡିଓ ଟେପ୍ ଜାରି କରିଥିଲେ। ସେଥିରେ ରାଣେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କହୁଥିଲେ, ପାରିକର ରାଫାଲ ଫାଇଲ ନିଜ ବାସଭବନର ଶୟନକକ୍ଷରେ ରଖିଥିବା ଏକ କ୍ୟାବିନେଟ ମିଟିଂରେ ତାଙ୍କୁ କହିଛନ୍ତି।

**ପାରିକରଙ୍କ ସଫେଇ**



## ଲୋକ ସଭାରେ ଆଧାର ସଂଶୋଧନ ବିଲ୍ ଆଗତ

**ନୂଆଦିଲ୍ଲୀ,୨।୧(ପି.ଟି.)**

ମୋବାଇଲ ଫୋନ ଏବଂ ବ୍ୟାଙ୍କ ଆକାଉଣ୍ଟରେ ସ୍ୱେଚ୍ଛାକୃତ ଭାବେ ଆଧାର ସଂଯୋଗକୁ ଆଇନଗତ ସମର୍ଥନ ଦେବା ଲାଗି ବୁଧବାର ସରକାର ଲୋକ ସଭାରେ ଏହା ଉପରେ ସଂଶୋଧନ ବିଲ୍ ଆଣିଛନ୍ତି। ଘରୋଇ ସଂସ୍ଥା ଲାଗି ଆଧାର ବାଧ୍ୟତାମୂଳକ ନୁହେଁ ବୋଲି ସୁପ୍ରିମକୋର୍ଟ ରାୟ ଦେବା ପରେ ବ୍ୟାଙ୍କ ଏବଂ ମୋବାଇଲ ସେବା ପ୍ରଦାନକାରୀ କମ୍ପାନୀଗୁଡିକ ଅସୁବିଧାରେ ପଡିଥିଲେ। ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି, ସଂଶୋଧନ ପ୍ରସ୍ତାବକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଥିବାବେଳେ ରାୟର ଅନୁପାଳନ ଲାଗି ପ୍ରସ୍ତାବିତ ସଂଶୋଧନ ଅଣାଯାଇଛି। ଏହାଦ୍ୱାରା ଗୋପନୀୟତା ଅଧିକାରର ଉଲ୍ଲଂଘନ ହେବ ନାହିଁ। ଖୁବ୍ ଶୀଘ୍ର ଡାଟା ସୁରକ୍ଷା ବିଲ୍ ଉପସ୍ଥାପନ କରାଯିବ।

## କଂଗ୍ରେସ ପାଖରେ ଜାଲ୍ ଅଡିଓ

**ପଣଜୀ,୨।୧(ଆଇଏଏନ୍‌ଏସ୍)**



**ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ୍ ରାଣେ କହିଲେ**

ରାଫାଲ ଚୁକ୍ତି ସମ୍ପର୍କିତ ତଥାକଥିତ ଅଡିଓ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ କଂଗ୍ରେସର ନୂଆ ଅଭିଯୋଗ ପରେ ବୁଧବାର ସମ୍ପୃକ୍ତ ମନ୍ତ୍ରୀ ଏହାକୁ ଖଣ୍ଡନ କରିଛନ୍ତି। ଗୋଆର ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ୍ ରାଣେ କହିଛନ୍ତି, ମୁଖ୍ୟମନ୍ତ୍ରୀ ମନୋହର ପାରିକର ନିଜ ବେଡ୍‌ରୁମ୍‌ରେ ରାଫାଲ ଚୁକ୍ତିର ଫାଇଲ ରଖିଥିବା ନେଇ ଅଡିଓ ଜାଲିଆତି କରି ପ୍ରସ୍ତୁତ କରାଯାଇଛି। ପାରିକର ତାଙ୍କୁ ଫାଇଲ ସମ୍ପର୍କରେ କେବେ କିଛି କହି ନ ଥିଲେ। ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ବିଶ୍ୱଜିତ୍ କହିଛନ୍ତି, ସେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ଏକ ଜାତୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା ଏହାର ଯାଞ୍ଚ କରାଇବା ଲାଗି ଶାହଙ୍କୁ ସେ ଅନୁରୋଧ କରିଛନ୍ତି। ଶାସକ ଓ ବିରୋଧୀଙ୍କ କ୍ଷମତାଯୁଦ୍ଧରେ ତାଙ୍କୁ ବାଜି ଲଗାଯାଉଛି। ରାଫାଲକୁ ନେଇ କଂଗ୍ରେସ ଚାଞ୍ଚଲ୍ୟ ସୃଷ୍ଟି କରିବାକୁ ଚାହୁଁଛି ବୋଲି ବିଶ୍ୱଜିତ୍ ଅଭିଯୋଗ ଆଣିଛନ୍ତି।

## ସୁପ୍ରିମକୋର୍ଟ ଗଲେ ଯଶୱନ୍ତ, ଅରୁଣ, ପ୍ରଶାନ୍ତ

**ନୂଆଦିଲ୍ଲୀ,୨।୧(ପି.ଟି.)**



**ଡିସେମ୍ବର ୧୪ ରାୟର ସମୀକ୍ଷା**

ରାଫାଲ ଚୁକ୍ତିକୁ ନେଇ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ଦେଇଥିବା ରାୟର ସମୀକ୍ଷା ପାଇଁ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା ଓ ଅରୁଣ ଶୌରୀ। ଏହି ଦୁଇ ପୂର୍ବତନ ଭାଜପା ନେତା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ସହ ମିଶି ଶୀର୍ଷ ଅଦାଲତରେ ଏକ ରିଭ୍ୟୁ ପିଟିଶନ ଦାଏର କରିଛନ୍ତି।

ଫ୍ରାନ୍ସରୁ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ହୋଇଥିବା ଚୁକ୍ତିରେ କୌଣସି ପ୍ରକାର ଅନିୟମିତତା ନାହିଁ। ତେଣୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ନେଇ ସନ୍ଦେହ କରିବାର କିଛି କାରଣ ନାହିଁ ବୋଲି ଗତ ୧୪ ତାରିଖରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ଏହାସହ ୫୮ ହଜାର କୋଟି ଟଙ୍କାର ରାଫାଲ୍ ଚୁକ୍ତିକୁ ନେଇ କୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ପାଇଁ ଦାଏର ଏକାଧିକ ପିଆଇଏଲ୍‌କୁ ଅଦାଲତ ଖାରଜ କରିଦେଇଥିଲେ। ଏହାର ଦିନକ ପରେ ରାୟର ଏକ ପାରାରେ ସଂଶୋଧନ ଆଣିବା ପାଇଁ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

## ■ ଆର୍‌ଜେଡି ନେତାଙ୍କୁ ହତ୍ୟାର ପ୍ରତିଶୋଧ
## ୨ ସନ୍ଦିଗ୍ଧଙ୍କୁ ପିଟି ମାରିଦେଲେ

**ବିହାରଶରିଫ,୨।୧(ପି.ଟି.)**

ବିହାର ନାଳନ୍ଦା ଜିଲାରେ ଜଣେ ଆରଜେଡି ନେତାଙ୍କୁ କେହି ଗୁଳିକରି ହତ୍ୟାକରିବା ପରେ ଉତ୍ତେଜନା ଦେଖା ଦେଇଛି। ଉତ୍ତ୍ୟକ୍ତ ଲୋକେ ଜଣେ ନାବାଳକ ସମେତ ୨ ଜଣଙ୍କୁ ଅତି ନୃଶଂସ ଭାବରେ ପିଟି ହତ୍ୟା କରିଛନ୍ତି। ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଆରଜେଡି ଅନୁସୂଚିତ ଜାତି/ଜନଜାତି ସେଲ୍‌ର କାର୍ଯ୍ୟକର୍ତ୍ତା ଇନ୍ଦଲ ପାଶ୍ୱାନ ମଙ୍ଗଳବାର ରାତିରେ ଏକ ଉତ୍ସବରେ ଯୋଗଦେଇ ଘରକୁ ଫେରୁଥିବା ବେଳେ କେତେକ ଅଜଣା ଦୁର୍ବୃତ୍ତ ତାଙ୍କୁ ଗୁଳିକରି ହତ୍ୟା କରିଥିଲେ। ବୁଧବାର ତାଙ୍କ ମୃତଦେହ ଏକ ଜମିରୁ ମିଳିଥିଲା। ପାଶ୍ୱାନଙ୍କ ଶହ ଶହ ସମର୍ଥକ ଚୁନ୍ନି ଲାଲଙ୍କୁ ସନ୍ଦେହ କରି ଆକ୍ରମଣ କରିବା ସହ ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ସେମାନଙ୍କ ଆକ୍ରମଣରେ ଚୁନ୍ନିଙ୍କ ଦୁଇ ସହଯୋଗୀ ନାବାଳକ ରଞ୍ଜୟ ଯାଦବ ଏବଂ ସନ୍ଥୁଙ୍କର ମୃତ୍ୟୁ ହୋଇଛି।

## ନିର୍ବାଚନ ଲାଗି ପ୍ରାର୍ଥୀ ଖୋଜୁଛି କଂଗ୍ରେସ

**ନୂଆଦିଲ୍ଲୀ,୨।୧**

ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଖୋଜା ଆରମ୍ଭ ହୋଇଯାଇଛି। ବିଭିନ୍ନ ରାଜ୍ୟରେ ସମ୍ଭାବ୍ୟ ପ୍ରାର୍ଥୀଙ୍କ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତି ଲାଗି ଦଳ ସ୍ଥାନୀୟ ନେତୃବୃନ୍ଦଙ୍କ ସହ ଆଲୋଚନା ଚଳାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ତିନୋଟି ମୁଖ୍ୟ ହିନ୍ଦୀଭାଷୀ ରାଜ୍ୟକୁ ଭାଜପାଠାରୁ ଛଡାଇ ନେଇଥିବା କଂଗ୍ରେସ ଆଗାମୀ ଲୋକ ସଭା ନିର୍ବାଚନରେ ନରେନ୍ଦ୍ର ମୋଦିଙ୍କୁ କ୍ଷମତାରୁ ହଟାଇବା ଲାଗି ପୂରାଦମ୍‌ରେ ପ୍ରସ୍ତୁତି ଆରମ୍ଭ କରିଦେଇଛି। ରଣଛାଡ, ଅଯୋଧ୍ୟା ରାମମନ୍ଦିର ଏବଂ ନିଯୁକ୍ତିକୁ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରିଥିବା ବେଳେ ସମସ୍ତଙ୍କୁ ସାଙ୍ଗରେ ନେଇ ନିର୍ବାଚନ ବୈତରଣୀ ପାର ହେବାକୁ ଦଳ ସ୍ଥାନୀୟ ନେତାମାନଙ୍କ ସହ ପରାମର୍ଶ ଚଳାଇଛି। ଏହାବ୍ୟତୀତ ପ୍ରାର୍ଥୀଙ୍କ ଜିତିବା ସମ୍ଭାବନା ସମ୍ପର୍କରେ ଦଳୀୟ କର୍ମୀଙ୍କଠାରୁ ମତାମତ ସଂଗ୍ରହ ଲାଗି କଂଗ୍ରେସ ଆଭ୍ୟନ୍ତରୀଣ ଆପ୍ ଭିତ୍ତିକ ଫିଡ୍‌ବ୍ୟାକ ସିଷ୍ଟମ 'ଶକ୍ତି' ବ୍ୟବହାର କରୁଛି। ସୋମବାର ଗୁଜରାଟ କଂଗ୍ରେସ ସଭାପତି ଅମିତ ଚାୱଡ଼ା ସୌରାଷ୍ଟ୍ର ଓ କଚ୍ଛ ଅଞ୍ଚଳର ଦଳୀୟ ନେତାମାନଙ୍କୁ ଭେଟିଥିଲେ। ଗତ ୨୦୧୪ ନିର୍ବାଚନରେ କଂଗ୍ରେସ ଗୁଜରାଟରେ ସମସ୍ତ ୨୬ଟି ଯାକ ଆସନ ହରାଇଥିଲା। ତେବେ ଗତବର୍ଷ ବିଧାନସଭା ନିର୍ବାଚନରେ ୧୮୨ ଆସନରୁ କଂଗ୍ରେସ ୭୭ଟି ହାତେଇବାରେ ସଫଳ ହୋଇଥିଲା। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ଦଳ ଭଲ ଫଳାଫଳ କରିବା ଆଶା ରଖିଛି। କଂଗ୍ରେସ ରାଜ୍ୟ ସଭାପତି ଉକ୍ତ ଅଞ୍ଚଳର ୩୦ ବିଧାୟକଙ୍କ ସମେତ ଜିଲା ଓ ତାଲୁକ ସଭାପତିମାନଙ୍କୁ ଭେଟି ଆଲୋଚନା କରିଥିଲେ।

ସୌରାଷ୍ଟ୍ର ଅଞ୍ଚଳରେ ଦଳୀୟ କାର୍ଯ୍ୟକୁ ତଦାରଖ କରୁଥିବା ଏଆଇସିସି ସମ୍ପାଦକ ଜିତେନ୍ଦ୍ର ବାଘେଲ ଏବଂ ଦଳ ମୁଖପାତ୍ର ମନୀଷ ଦୋଷୀ ମଧ ଉପସ୍ଥିତ ଥିଲେ। ସ୍ଥାନୀୟ ନେତାଙ୍କ ସହ ପରାମର୍ଶ ପରେ ଚାୱଡ଼ା ତାଙ୍କ ରିପୋର୍ଟ ପାର୍ଟି ହାଇକମାଣ୍ଡଙ୍କୁ ପ୍ରଦାନ କରିବେ ବୋଲି ଦୋଶୀ କହିଛନ୍ତି।

## ପାକ୍ ପାଇଁ ୪ ଯୁଦ୍ଧଜାହାଜ ନିର୍ମାଣ କରୁଛି ଚାଇନା



**ବେଜିଂ,୨।୧**

ଚାଇନା ଏହାର ସବୁଦିନିଆ ବନ୍ଧୁ ପାକିସ୍ତାନ ପାଇଁ ୪ଟି ଅତ୍ୟାଧୁନିକ ଯୁଦ୍ଧଜାହାଜ ନିର୍ମାଣ କରୁଛି। ଭାରତ ମହାସାଗରରେ କ୍ଷମତା ସନ୍ତୁଳନ ଲାଗି ଦ୍ୱିପାକ୍ଷିକ ସାମରିକ ସହଯୋଗ ସ୍ୱରୂପ ଚାଇନା ପାକିସ୍ତାନକୁ ଏହି ଯୁଦ୍ଧଜାହାଜ ଯୋଗାଇଦେବ। ଅତ୍ୟାଧୁନିକ ଡିଟେକ୍‌ସନ ସିଷ୍ଟମ ଓ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଏହି ଯୁଦ୍ଧଜାହାଜ ଅନ୍ୟ ଜାହାଜ, ବୁଡାଜାହାଜ ଏବଂ ବିମାନ ଆକ୍ରମଣରୁ ନିଜକୁ ସୁରକ୍ଷା ଦେବାକୁ ସମର୍ଥ। ପାକିସ୍ତାନ ଓ ଚାଇନା ମିଳିତ ଭାବେ ଜେଏଫ-ଥଣ୍ଡର ସିଙ୍ଗଲ୍ ଇଞ୍ଜିନ ଲଢୁଆ ବିମାନ ନିର୍ମାଣ କରୁଛନ୍ତି। ଯୁଦ୍ଧଜାହାଜ ମିଳିଯିବା ପରେ ପାକିସ୍ତାନ ନୌସେନାର ଶକ୍ତି ଯଥେଷ୍ଟ ବୃଦ୍ଧି ପାଇବ।

## 'ସହମତିରେ ପାର୍ଟନରଙ୍କ ସମ୍ପର୍କ ବଳାତ୍କାର ନୁହେଁ'

**ନୂଆଦିଲ୍ଲୀ,୨।୧(ପି.ଟି.)**

ସହମତି ଭିତ୍ତିରେ ଲିଭ୍-ଇନ୍ ପାର୍ଟନରଙ୍କ ମଧ୍ୟରେ ହେଉଥିବା ଶାରୀରିକ ସମ୍ପର୍କ ବଳାତ୍କାର ନୁହେଁ। ଏଭଳି ସମ୍ବନ୍ଧ ରଖିଥିବା ପୁରୁଷ ପରିସ୍ଥିତିରେ ପଡ଼ି ମହିଳା ପାର୍ଟନରଙ୍କୁ ବିବାହ କରି ନ ପାରିଲେ ତାଙ୍କୁ ଅପରାଧୀ ଧରାଯିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି।

ମହାରାଷ୍ଟ୍ରର ଜଣେ ବିଧବା ନର୍ସ ଜଣେ ଡାକ୍ତରଙ୍କ ସହ ଦୀର୍ଘଦିନ ଧରି ଲିଭ୍-ଇନ୍ ସମ୍ପର୍କରେ ଥିଲେ। ଡାକ୍ତର ସମ୍ପୃକ୍ତ ନର୍ସଙ୍କୁ ବିବାହ କରିପାରି ନ ଥିଲେ। ଫଳରେ ନର୍ସ ତାଙ୍କ ବିରୋଧରେ ଏଫ୍‌ଆଇଆର୍ ଦେଇଥିଲେ। ଏହି ପ୍ରସଙ୍ଗରେ ଡାକ୍ତର ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ହାଇକୋର୍ଟ ଉକ୍ତ ଏଫ୍‌ଆଇଆର୍‌କୁ ଖାରଜ କରିବାକୁ ମନା କରିଦେଇଥିଲେ। ଫଳରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



ଜଷ୍ଟିସ୍ ଏ.କେ. ସିକ୍ରିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ଉକ୍ତ ଏଫ୍‌ଆଇଆର୍‌କୁ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ବଳାତ୍କାର ଓ ସହମତି ଭିତ୍ତିରେ ଶାରୀରିକ ସମ୍ପର୍କ ମଧ୍ୟରେ ସ୍ପଷ୍ଟ ତଫାତ୍ ରହିଛି। ଏଭଳି ମାମଲାରେ କୋର୍ଟ ନିଶ୍ଚିତ ଯତ୍ନ ସହକାରେ ଯାଞ୍ଚ କରିବେ ଯେ, ସମ୍ପୃକ୍ତ ବ୍ୟକ୍ତି ପୀଡ଼ିତାଙ୍କୁ ବିବାହ କରିବାକୁ ଚାହୁଁଛନ୍ତି କି ନାହିଁ। ସେ ନିଜର ଯୌନ କ୍ଷୁଧା ମେଣ୍ଟାଇବା ପାଇଁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇଛନ୍ତି କି ନାହିଁ। ଅଭିଯୁକ୍ତ ଏଭଳି କିଛି କରି ନ ଥିଲେ ପୀଡ଼ିତାଙ୍କ ସହ ତାଙ୍କର ସମ୍ପର୍କ ବଳାତ୍କାର ପଦବାଚ୍ୟ ହେବନାହିଁ।

## ମେଘାଳୟ ଖଣି ଉଦ୍ଧାର କାର୍ଯ୍ୟ ଶୁଣାଣି ଆଜି

**ନୂଆଦିଲ୍ଲୀ,୨।୧(ପି.ଟି.)**

ମେଘାଳୟର କୋଇଲା ଖଣିରେ ଡିସେମ୍ବର ୧୩ରୁ ୧୫ ଶ୍ରମିକ ଫସି ରହିଥିବାବେଳେ ସେମାନଙ୍କ ଉଦ୍ଧାର ଲାଗି ଜରୁରୀ ପଦକ୍ଷେପ ଗ୍ରହଣ ନିମନ୍ତେ ଆବେଦନର ଶୁଣାଣି ଗୁରୁବାର ସୁପ୍ରିମକୋର୍ଟରେ ହେବ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ବିଚାରପତି ଏସ.କେ. କୌଲଙ୍କ ଖଣ୍ଡପୀଠ ଆବେଦନର ଜରୁରୀ ଶୁଣାଣି ଲାଗି ରାଜି ହୋଇଛନ୍ତି। ଆଦିତ୍ୟ ଏନ. ପ୍ରସାଦ ଖଣିରେ ଉଦ୍ଧାର କାର୍ଯ୍ୟ ଲାଗି ଏକ ମାନକ ସଞ୍ଚାଳନ ପ୍ରକ୍ରିୟା (ଏସ୍‌ଓପି) ପ୍ରସ୍ତୁତ କରିବା ନିମନ୍ତେ କେନ୍ଦ୍ର ଓ ଅନ୍ୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ଲାଗି ଅନୁରୋଧ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୩/୨୦୧୯ | Bhubaneswar, Thursday, January 3/ 2019 | ପୃଷ୍ଠା-୧



**ଐଶ୍ୱର୍ଯ୍ୟାଙ୍କ ଆକ୍ଟିଂରେ ପ୍ରଭାବିତ ସାରା**
ଅଭିନୟ ଜଗତରେ ପ୍ରବେଶ କରିବା ପୂର୍ବରୁ ଐଶ୍ୱର୍ଯ୍ୟାଙ୍କ ଆକ୍ଟିଂ ଦ୍ୱାରା ପ୍ରଭାବିତ ହୋଇଥିଲେ ନବାଗତ ଅଭିନେତ୍ରୀ ସାରା ଅଲି ଖାଁ। ଏଥିପାଇଁ ସେ ଐଶ୍ୱର୍ଯ୍ୟାଙ୍କ ପ୍ରଶଂସାରେ ଶତମୁଖ। ୧୪

୧୭ **ଦେବାଶିଷଙ୍କ ସ୍ମରଣୀୟ ଶତକ**
ଦେବାଶିଷ ସାମନ୍ତରାୟଙ୍କ ଶତକ ସହାୟତାରେ ଓଡ଼ିଶା ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ଭିସେସ ବିପକ୍ଷ ରଣ୍‌ଜୀ ମ୍ୟାଚ୍‌କୁ ଡ୍ର ରଖିବାରେ ସଫଳ ହୋଇଛି ।



# ଖୋଳାନଦୀରେ ଡଙ୍ଗା ବୁଡ଼ି
# ଜଣେ ମୃତ, ୮ ନିଖୋଜ

**ହୁକିଟୋଲାରୁ ବଣଭୋଜି କରି ଫେରିବା ବେଳେ ଦୁର୍ଘଟଣା**

ମହାକାଳପଡ଼ା/ପାରାଦୀପ/କୁଜଙ୍ଗ, ୨।୧(ଡିଏନଏ/ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଦେଇ ପ୍ରବାହିତ ମହାନଦୀର ଶାଖା ଖୋଳାନଦୀ ବାଲିଘାଟଠାରେ ବୁଧବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଏକ ଡଙ୍ଗା ବୁଡ଼ି ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୮ଜଣ ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ୬ ଜଣ ଶିଶୁ ଓ ୨ ମହିଳା ଅଛନ୍ତି। ମୃତ ମହିଳା ହେଲେ ପ୍ରଭାତୀ ସ୍ୱାଇଁ (୩୫)। ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଛି । ପ୍ରଶାସନ ପକ୍ଷରୁ ଦୁଇଟି ଟିମ୍ ପାରାଦୀପ ନିକଟସ୍ଥ ଚଉମୁହାଣିଠାରୁ ଉଦ୍ଧାର ନିମନ୍ତେ ଘଟଣାସ୍ଥଳକୁ ଯାଇଛନ୍ତି। ଏପରି କି ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ତିନୋଟି ଡଙ୍ଗା ନେଇ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହିତ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲା ପ୍ରଶାସନ ଓ ଓଡ୍ରାଫ ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ନୂଆବର୍ଷ ଅବସରରେ ବୁଧବାର ବଣଭୋଜି କରିବା ପାଇଁ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ହସିଣା ଗ୍ରାମର ୪୫ ପରିବାରର ପ୍ରାୟ ୫୫ଜଣ ମା' ମଙ୍ଗଳା ନାମକ ଏକ ଡଙ୍ଗାରେ କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୁକିଟୋଲାକୁ ବୁଲିବାକୁ ଯାଇଥିଲେ। ସେମାନେ ହୁକିଟୋଲା ଜେଟିରୁ ସନ୍ଧ୍ୟା ୬ଟାରେ ଡଙ୍ଗାରେ ଫେରୁଥିଲେ। ☞ପୃଷ୍ଠା-୨

# ଲୋକ ସଭାରେ ରାଫାଲ ଝଡ଼

- ରାହୁଲ-ଜେଟ୍‌ଲୀ ବାକ୍‌ଯୁଦ୍ଧ
- ଗୋଆ ମନ୍ତ୍ରୀଙ୍କ ଅଡିଓ ଟେପ୍ ବଜାଇବାକୁ ରାହୁଲଙ୍କୁ ମିଳିଲାନି ଅନୁମତି
- ଜେପିସି ତଦନ୍ତ ଦାବିରେ କଂଗ୍ରେସ ଅଟଳ
- ବାଚସ୍ପତିଙ୍କ ଆସନକୁ କାଗଜ ରକେଟ୍ ଫିଙ୍ଗିଲେ କଂଗ୍ରେସ ସଦସ୍ୟ



ନୂଆଦିଲ୍ଲୀ, ୨।୧(ପି.ଟି./ଆଇଏଏନ୍‌ଏସ୍)

ରାଫାଲ ଚୁକ୍ତି ଦୁର୍ନୀତିକୁ ନେଇ ଲୋକ ସଭାରେ ବୁଧବାର ଝଡ଼ ଦେଖିବାକୁ ମିଳିଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ରାଫାଲ ଚୁକ୍ତି ସମ୍ପର୍କିତ ଗୋଆର ଜଣେ ମନ୍ତ୍ରୀଙ୍କ ଅଡିଓ ଟେପ୍ ଗୃହରେ ବଜାଇବା ପାଇଁ ଅନୁମତି ମାଗିଥିଲେ। ହେଲେ ବାଚସ୍ପତି ସୁମିତ୍ରା ମହାଜନ ଏଥିଲାଗି ଅନୁମତି ଦେଇ ନ ଥିଲେ। ଏହାକୁ ନେଇ ଏନ୍‌ଡିଏ ସରକାର ଉପରେ ରାହୁଲ ବର୍ଷିଥିଲେ। ସେପଟେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସରକାରଙ୍କ ପକ୍ଷରୁ ଜବାବ ରଖି ରାହୁଲଙ୍କ କଡ଼ା ମୁକାବିଲା କରିଥିଲେ। ରାହୁଲ ଏନ୍‌ଡିଏକୁ ବଦନାମ କରିବାର ପାଇଁ ବାରମ୍ବାର ମିଛର ଆଶ୍ରୟ ନେଉଥିବା ଜେଟ୍‌ଲୀ ଅଭିଯୋଗ ଆଣିଥିଲେ।

ରାହୁଲ ଲୋକ ସଭାରେ ରାଫାଲ ଚୁକ୍ତି ସମ୍ପର୍କିତ ଆଲୋଚନା ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ପାର୍ଲାମେଣ୍ଟକୁ ଆସି ରାଫାଲ ପ୍ରସଙ୍ଗରେ ପ୍ରଶ୍ନର ଉତ୍ତର ଦେବାକୁ ମୋଦିଙ୍କ ସତ୍‌ସାହସ ନାହିଁ। ଏଥିପାଇଁ ମୋଦି ନିଜ ରୁମ୍‌ରେ ଲୁଚିଛନ୍ତି। ନୂଆବର୍ଷରେ ମୋଦି ଏକ ସାକ୍ଷାତ୍କାରରେ କହିଥିଲେ ଯେ, ତାଙ୍କ ବିରୋଧରେ କୌଣସି ବ୍ୟକ୍ତିଗତ ଅଭିଯୋଗ ନାହିଁ। ସାରା ଦେଶ ପ୍ରଧାନମନ୍ତ୍ରୀଙ୍କୁ ସିଧାସଳଖ ପ୍ରଶ୍ନ କରୁଥିବାରୁ ମୋଦିଙ୍କ ଏହି କଥାରେ ସତ୍ୟତା ନାହିଁ ବୋଲି ରାହୁଲ ତାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏକ ସୁପରିକଳ୍ପିତ ସାକ୍ଷାତ୍କାର ମୋଦି ୯୦ ମିନିଟ ଧରି କହିଥିଲେ। କିନ୍ତୁ ସେ ରାଫାଲ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ନ ଥିଲେ। ପ୍ରତିରକ୍ଷା ମନ୍ତ୍ରଣାଳୟର ଅଧିକାରୀମାନେ ୧୬୦୦ କୋଟି ଟଙ୍କାର ନୂଆ ମୂଲ୍ୟକୁ ବିରୋଧ କରିଥିବା କଥାରେ କିଛି ସତ୍ୟତା ନାହିଁ। ମୋଦି ତାଙ୍କର 'ପ୍ରିୟ ବନ୍ଧୁ' ଏବଂ ବିଫଳ ବ୍ୟବସାୟୀ' ଅନିଲ ଅମ୍ବାନୀଙ୍କୁ ଅନୁକମ୍ପା ଦେଖାଇଛନ୍ତି। ଗୋଆର ଜଣେ ମନ୍ତ୍ରୀ ରାଫାଲ ପ୍ରସଙ୍ଗରେ କହୁଥିବାବେଳର ଅଡିଓ ଟେପ୍ ଅଛି। ତାକୁ ଗୃହରେ ବଜାଇବାକୁ ଅନୁମତି ଦିଆଯାଉ ବୋଲି ରାହୁଲ କହିଥିଲେ। ଏହାସହ ରାହୁଲ ନିଜ ମୋବାଇଲ କାଢ଼ି ଟେପ୍ ବଜାଇବାକୁ ବାହାରିବାରୁ ଶାସକ ଦଳର ସଦସ୍ୟମାନେ ହୋହଲ୍ଲା କରିଥିଲେ।

ସେପଟେ ରାହୁଲଙ୍କୁ ଜବାବ ଦେବା ପାଇଁ ଅଣ୍ଟା ଭିଡ଼ିଥିଲେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ। ରାହୁଲ ଉକ୍ତ ଟେପ୍‌କୁ ସତ ବୋଲି ପ୍ରମାଣିତ କରିପାରିବେ କି ବୋଲି ଜେଟ୍‌ଲୀ ପ୍ରଶ୍ନ କରିଥିଲେ। ହେଲେ ରାହୁଲ ଏପରି କରିବେ ନାହିଁ ବୋଲି କହିଥିଲେ। ଫଳରେ ଜେଟ୍‌ଲୀ କହିଥିଲେ, ରାହୁଲ ଏହା ମିଛ ବୋଲି ଜାଣିଛନ୍ତି। ତେଣୁ ସେ ଏହାକୁ ସତ ବୋଲି ପ୍ରମାଣିତ କରିବାକୁ ଭୟ କରୁଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ରାଫାଲର ମୂଲ୍ୟ ପ୍ରଘଟ କରିବା ପରେ ରାହୁଲ ଏକ ବାର୍ତ୍ତାଳାପର ଟେପ୍ ବଜାଇବାକୁ ଉଦ୍ୟମ କରୁଛନ୍ତି, ☞ପୃଷ୍ଠା-୨

## ୨୬ ଏମ୍‌ପି ନିଲମ୍ବିତ

- ଏଆଇଏଡିଏମ୍‌କେ, ଟିଡିପି ଏମ୍‌ପିଙ୍କ ବିଶୃଙ୍ଖଳିତ ଆଚରଣ
- ଗୃହରୁ ୫ କାର୍ଯ୍ୟଦିବସ ପାଇଁ ନିଲମ୍ବନ କଲେ ବାଚସ୍ପତି

ନୂଆଦିଲ୍ଲୀ, ୨।୧(ଆଇଏଏନ୍‌ଏସ୍)

ଲୋକ ସଭାରେ ବିଶୃଙ୍ଖଳିତ ଆଚରଣ ପାଇଁ ବୁଧବାର ବାଚସ୍ପତି ସୁମିତ୍ରା ମହାଜନ ୨୬ ସଦସ୍ୟଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବିତ ଏମ୍‌ପିମାନେ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ରା କାଜାଗାମ୍ (ଏଆଇଏଡିଏମ୍‌କେ) ଏବଂ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସଦସ୍ୟ। ଏହି ଏମ୍‌ପିମାନେ ପୋଡିୟମ୍ ନିକଟକୁ ଯାଇ କାଗଜ ଚିରିବା ସହ ବାଚସ୍ପତିଙ୍କ ଆସନ ଆଡକୁ ଫିଙ୍ଗିଥିଲେ। ତେଣୁ ବାଚସ୍ପତି ସେମାନଙ୍କୁ ୫ଟି କାର୍ଯ୍ୟଦିବସ ପାଇଁ ଗୃହରୁ ଅନ୍ତର କରିବା ଲାଗି ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

କର୍ଣ୍ଣାଟକର କାବେରୀ ନଦୀ ଉପରେ ଏକ ଡ୍ୟାମ୍ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ତାମିଲନାଡୁର ଶାସକ ଏଆଇଏଡିଏମ୍‌କେ ସଦସ୍ୟମାନେ ଲୋକ ସଭାରେ ଏହାର ପ୍ରତିବାଦ କରିଥିଲେ। ☞ପୃଷ୍ଠା-୨

# ୩ ବ୍ୟାଙ୍କ ମିଶ୍ରଣକୁ କ୍ୟାବିନେଟ ମଞ୍ଜୁରୀ

- ଗଠନ ହେବ ତୃତୀୟ ସର୍ବବୃହତ୍ ବ୍ୟାଙ୍କ

ନୂଆଦିଲ୍ଲୀ, ୨।୧

କେନ୍ଦ୍ର କ୍ୟାବିନେଟ ବ୍ୟାଙ୍କ ଅଫ୍ ବରୋଦା(ବିଓବି)ରେ ବିଜୟ ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କର ମିଶ୍ରଣକୁ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ବୈଠକ ଶେଷରେ କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ମିଶ୍ରଣ ପରେ ଏସ୍‌ବିଆଇ ଓ ଆଇସିଆଇସିଆଇ ବ୍ୟାଙ୍କ ପରେ ଦେଶର ତୃତୀୟ ସର୍ବବୃହତ ବ୍ୟାଙ୍କ ହେବ। ବ୍ୟାଙ୍କିଙ୍ଗ ସେକ୍ଟରରେ ଚାଲିଥିବା ସଂସ୍କାରମୂଳକ କାର୍ଯ୍ୟକ୍ରମ ଅଧୀନରେ ସରକାର ଉକ୍ତ ପଦକ୍ଷେପ ନେଇଛନ୍ତି। ବ୍ୟାଙ୍କ ଅଫ୍ ବରୋଦାକୁ ବିଶ୍ୱ ସ୍ତରରେ ଋଣ ପ୍ରଦାନ କ୍ଷେତ୍ରରେ ପ୍ରତିଯୋଗିତାମୂଳକ କରିବା ଲାଗି ପ୍ରୟାସ କରାଯାଉଛି। ତେବେ ଏହି ମିଶ୍ରଣ ଯୋଗୁ କୌଣସି କର୍ମଚାରୀଙ୍କୁ ଛଟେଇ କରାଯିବ ନାହିଁ। ବରଂ ଦେନା ଓ ବିଜୟା ବ୍ୟାଙ୍କର କର୍ମଚାରୀଙ୍କୁ ବ୍ୟାଙ୍କ ଅଫ୍ ବରୋଦା ବ୍ୟାଙ୍କରେ ସାମିଲ କରାଯିବ। ଅନ୍ୟପକ୍ଷରେ ଏହି ମିଶ୍ରଣ ଯୋଗୁ ଶେୟାର ଅଦଳବଦଳ ଅନୁପାତକୁ ବିଓବି ଚୂଡାନ୍ତ ରୂପ ଦେଇଛି। ମିଶ୍ରଣ ଯୋଜନାନୁଯାୟୀ ବିଜୟା ବ୍ୟାଙ୍କର ପ୍ରତ୍ୟେକ ୧୦୦୦ ଶେୟାର ବଦଳରେ ବିଓବିର ୪୦୨ ଶେୟାର ମିଳିବ। ସେହିପରି ଦେନା ବ୍ୟାଙ୍କର ପ୍ରତ୍ୟେକ ୧୦୦୦ ଶେୟାରଧାରକଙ୍କୁ ବିଓବିର ୧୧୦ ଶେୟାର ଦିଆଯିବ। ଅନ୍ୟପକ୍ଷରେ ସରକାରଙ୍କ ଏହି ପଦକ୍ଷେପକୁ ବ୍ୟାଙ୍କ କର୍ମଚାରୀ, ଅଧିକାରୀ ବିରୋଧ କରିଛନ୍ତି। ସେମାନେ ଗତବର୍ଷ ଡିସେମ୍ବର ୨୧ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ମଧ୍ୟ ଦେଇଥିଲେ।

# ସଚିନଙ୍କ କୋଚ୍ ଆଚରେକରଙ୍କ ପରଲୋକ



ମୁମ୍ବାଇ, ୨।୧(ପି.ଟି.)

ଭାରତୀୟ କ୍ରିକେଟରେ ଦ୍ରୋଣାଚାର୍ଯ୍ୟ ଭାବେ ପରିଚିତ ତଥା ଭାରତ ରତ୍ନ ସଚିନ ତେନ୍ଦୁଲକରଙ୍କ କୋଚ୍ ରମାକାନ୍ତ ଆଚରେକରଙ୍କ ବୁଧବାର ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ କାରଣ ଯୋଗୁ ଆଚରେକର ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି ବୋଲି ତାଙ୍କ ପରିବାର ପକ୍ଷରୁ ପ୍ରକାଶ କରାଯାଇଛି। ସଚିନଙ୍କ ଆଦ୍ୟଗୁରୁ ଭାବେ ବିଶ୍ୱରେ ଖ୍ୟାତି ଅର୍ଜନ କରିଥିବା ଆଚରେକର ୧୯୯୦ରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇବା ସହ ୨୦୧୦ରେ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ ହୋଇଥିଲେ। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ବିନୋଦ କାମ୍ବଲି, ପ୍ରବୀଣ ଆମ୍ରେ, ସମୀର ଦିଘେ, ଅଜିତ୍ ଅଗରକର, ସଞ୍ଜୟ ବାଙ୍ଗର, ରମେଶ ପାଓ୍ୱାର ଓ ବଲବିନ୍ଦର ସିଂ ସାନ୍ଧୁଙ୍କ ପରି ତାଙ୍କ ଶିଷ୍ୟ ତାଲିକା ବେଶ୍ ଲମ୍ବା। ଆଚରେକରଙ୍କ ବିୟୋଗରେ କ୍ରିକେଟ ମହଲରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ବିୟୋଗରେ ସବୁଠାରୁ ଅଧିକ ବ୍ୟଥିତ ହୋଇଛନ୍ତି ବିଶ୍ୱ ରେକର୍ଡଧାରୀ ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର।

(ଅଧିକ ରିପୋର୍ଟ ଓ ଫଟୋ : ପୃଷ୍ଠା-୧୨)



"କ୍ରିକେଟର ଏବିସିଡି ମୁଁ ତାଙ୍କଠାରୁ ଶିଖିଥିଲି, ସେ ପ୍ରସ୍ତୁତ କରିଥିବା ଭିତ୍ତି ଉପରେ ମୁଁ ଆଜି ଦଣ୍ଡାୟମାନ ହୋଇ ସଫଳତା ଅର୍ଜନ କରିପାରିଛି । ଜଣେ ଶିଷ୍ୟଭାବେ ଆଚରେକରଙ୍କ ଜୀବନର ଏକ ଅଂଶବିଶେଷ ହୋଇଥିବାରୁ ମୁଁ ଗର୍ବିତ।
-ସଚିନ ତେନ୍ଦୁଲକର

# ସାବରିମାଳା ମନ୍ଦିରରେ ୨ ମହିଳାଙ୍କ ପ୍ରବେଶ

ସାବରିମାଳା/ଥିରୁଭାନନ୍ତପୁରମ୍, ୨।୧(ପି.ଟି.)

କେରଳର ଭଗବାନ ଆୟାପ୍ପାଙ୍କ ସାବରିମାଲା ମନ୍ଦିରରେ ବୁଧବାର ୫୦ ବର୍ଷରୁ କମ୍ ବୟସର ୨ ମହିଳା ପ୍ରବେଶ କରି ଇତିହାସ ରଚିଛନ୍ତି। ହିନ୍ଦୁ ସଂଗଠନଗୁଡ଼ିକର ବିରୋଧ ସତ୍ତ୍ୱେ ସେମାନେ ନିଜକୁ କଳା ପୋଷାକରେ ଆବୃତ୍ତ କରି ମନ୍ଦିରରେ ପ୍ରବେଶ କରିବା ସହ ଦୀର୍ଘଦିନର ପୁରୁଣା ପରମ୍ପରାକୁ ଭଙ୍ଗ କରିଛନ୍ତି। ତେବେ ଏହାକୁ ବିରୋଧ କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ହେବା ସହ କେତେକ ସ୍ଥାନରେ ସଂଘର୍ଷ ଦେଖାଦେଇଛି। କେରଳ ସଚିବାଳୟ ସମ୍ମୁଖରେ ଭାଜପା ଯୁବମୋର୍ଚ୍ଚା କର୍ମୀ ଏବଂ ଶାସକ ବାମଦଳ କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଉତ୍ୟକ୍ତ ଲୋକଙ୍କୁ ଘଉଡାଇବାକୁ ଯାଇ ପୋଲିସ ଷ୍ଟନ୍ ଗ୍ରେନେଡ ଏବଂ ଲୁହବୁହା ବାଷ୍ପ ପ୍ରୟୋଗ ସହ ପାଣି ମାଡ଼ କରିଥିଲା। ଉତ୍ୟକ୍ତ ଲୋକଙ୍କ ଢେଲାମାଡ଼ରେ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି।
ସାବରିମାଲା ମନ୍ଦିରରେ ସବୁ ବୟସ ବର୍ଗର ମହିଳାମାନଙ୍କ ପ୍ରବେଶ ଲାଗି ସୁପ୍ରିମକୋର୍ଟ ଅନୁମତି ଦେଇଥିଲେ ମଧ୍ୟ ସ୍ଥାନୀୟ ଲୋକ ଏବଂ ହିନ୍ଦୁ ସଂଗଠନଗୁଡିକର ବିରୋଧ ଯୋଗୁ ତିନିମାସ ହେଲା ଉକ୍ତ ମନ୍ଦିରରେ ମହିଳା ପ୍ରବେଶ କରିପାରି ନ ଥିଲେ। କନକଦୁର୍ଗା (୪୪) ଏବଂ ବିନ୍ଦୁ(୪୨) ପ୍ରଥମ ☞ପୃଷ୍ଠା-୬

**ଇତିହାସ ରଚିଲେ**



- ବିରୋଧରେ ବିକ୍ଷୋଭ ପ୍ରଦର୍ଶନ, ଉତ୍ତେଜନା
- ଭାଜପା ଓ ବାମଦଳ କର୍ମୀଙ୍କ ମଧ୍ୟରେ ସଂଘର୍ଷ

# ଆଣ୍ଡାମାନ ଉପକୂଳରେ ଘୂର୍ଣ୍ଣିବଳୟ

- ୫ରୁ ଶୀତ କମିବ
- ୯ରୁ ପୁଣି ବଢ଼ିବ
- ୧୦ ଡିଗ୍ରୀ ତଳେ ୧୭ ସହର
- ଫୁଲବାଣୀରେ ୪.୫ ଡିଗ୍ରୀ

ଭୁବନେଶ୍ୱର, ୨।୧(ବ୍ୟୁରୋ)

ଗତ କିଛିଦିନ ହେବ ପ୍ରବଳ ଶୀତ ଲହରି ସମଗ୍ର ରାଜ୍ୟକୁ କବଳିତ କରିଛି। ଶୀତ ପ୍ରକୋପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବୁଧବାର ରାଜ୍ୟର ୧୭ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଆଉ ଦୁଇଦିନ ଶୀତ ଜାରି ରହିବ। ୫ ତାରିଖରୁ ପାରଦ ଉପର ମୁହାଁ ହେବ। ପବନର ଦିଗ ବଦଳିଯିବ। ବର୍ତ୍ତମାନ ଉତ୍ତର-ପଶ୍ଚିମ ଦିଗରୁ ବାୟୁ ପ୍ରବାହ ହେଉଥିବା ବେଳେ ୫ ତାରିଖରୁ ଉତ୍ତର-ପୂର୍ବ ଦିଗରୁ ବହିବ। ଏଥିଯୋଗୁ ସର୍ବନିମ୍ନ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ଯାଏ ବୃଦ୍ଧି ଘଟିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଣ୍ଡାମାନ ନିକଟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୫ ତାରିଖରେ ଏହା ଲଘୁଚାପରେ ପରିଣତ ହେବ। ୮ ତାରିଖ ସୁଦ୍ଧା ଲଘୁଚାପ ଘୂର୍ଣ୍ଣିଝଡରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ବାଂଲାଦେଶ ଅତିକ୍ରମ କରିବା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଓଡ଼ିଶା ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ। ☞ପୃଷ୍ଠା-୬

# ତହସିଲ୍ ଅଫିସ୍ ଡାଟାଏଣ୍ଟ୍ରି ଅପରେଟର୍‌ଙ୍କୁ ମିଳିବ ଅଧିକ ୪ହଜାର

ଭୁବନେଶ୍ୱର, ୨।୧(ବ୍ୟୁରୋ)

ରାଜ୍ୟର ବିଭିନ୍ନ ତହସିଲ ଅଫିସ୍‌ରେ କାର୍ଯ୍ୟରତ ଡାଟାଏଣ୍ଟ୍ରିଅପରେଟରମାନେ ମାସିକ ପାରିଶ୍ରମିକ ରାଶି ସହିତ ଅଧିକ ୪ହଜାର ଟଙ୍କାର ପ୍ରୋତ୍ସାହନ (ଇନ୍‌ସେଣ୍ଟିଭ୍) ରାଶି ପାଇବେ । ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିବାପରେ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଉକ୍ତ ପ୍ରସ୍ତାବ ଦିଆଯାଇଥିଲା। ଡାଟାଏଣ୍ଟ୍ରି ଅପରେଟରମାନେ ପୂର୍ବରୁ ମାସିକ ପାରିଶ୍ରମିକ ରାଶି ୮,୮୮୦ ଟଙ୍କା ପାଉଥିଲେ। ସେମାନଙ୍କୁ ମିଳିବାକୁ ଥିବା ପ୍ରୋତ୍ସାହନ ରାଶି ତହସିଲ୍ ଆଦାୟ କରୁଥିବା ୟୁଜର୍ସ ଫି'ରୁ ଭରଣା କରାଯିବ।

ମେଟ୍ରୋ ଫିଜାଜ ୮

**ଆଜିର ସମ୍ପାଦକୀୟ**
ପକ୍ଷୀମାନଙ୍କ ଭାଷାଜ୍ଞାନ

**ଆଜିର ମନ୍ତବ୍ୟ**
"ଗାନ୍ଧୀ ପରିବାର କେବଳ ଟଙ୍କାକୁ ବୁଝେ, ଜାତୀୟ ସୁରକ୍ଷାକୁ ନୁହେଁ।
-ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ

# ଆଜିଠୁ ପକ୍ଷୀ ଗଣନା

- ୬ରୁ କୁମ୍ଭୀର, ୧୯ରେ ଡଲଫିନ୍ ଗଣନା

ଭୁବନେଶ୍ୱର, ୨।୧(ବ୍ୟୁରୋ)

ଗୁରୁବାରଠାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପକ୍ଷୀ ଗଣନା ଆରମ୍ଭ ହେବ। ଏଥିପାଇଁ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ୩ ତାରିଖରେ ନନ୍ଦନକାନନ ସମେତ ରାଜ୍ୟର ସମସ୍ତ ବନ୍ୟପ୍ରାଣୀ ଡିଭିଜନ୍‌ରେ ପକ୍ଷୀ ଗଣନା କରାଯିବ। ୪ତାରିଖରେ ଚିଲିକା ଓ ୬ ତାରିଖରେ ଭିତରକନିକା ଏବଂ ହୀରାକୁଦ ବନଖଣ୍ଡରେ ପକ୍ଷୀ ଗଣନା ହେବ। ଏଥିପାଇଁ ଚିଲିକା, ଭିତରକନିକା, ପୁରୀ, ଚନ୍ଦକା, ସମ୍ବଲପୁର ଆଦି ଅଞ୍ଚଳରେ ସ୍ୱତନ୍ତ୍ର ସୁରକ୍ଷା କ୍ୟାମ୍ପ ତିଆରି କରାଯାଇଛି। ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ବନ କର୍ମଚାରୀ, ପକ୍ଷୀପ୍ରେମୀ, ସାମାଜିକ କର୍ମୀ ଗଣନା କାର୍ଯ୍ୟକ୍ରମରେ ନିୟୋଜିତ ହୋଇଛନ୍ତି। ସେହିପରି ଆସନ୍ତା ୬ରୁ ୧୪ ତାରିଖ ପର୍ଯ୍ୟନ୍ତ କୁମ୍ଭୀର ଗଣନା କାର୍ଯ୍ୟକ୍ରମ ହେବ। ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ଭିତରକନିକାରେ ଗଣନା ହେବାକୁ ଥିବା ବେଳେ ୯ତାରିଖରୁ ୧୧ତାରିଖ ପର୍ଯ୍ୟନ୍ତ ମହାନଦୀ, ଘୋଡ଼ାହାଡ଼ ଓ ଶିମଳିପାଳରେ ଥିବା ବିଭିନ୍ନ ନଦୀରେ କୁମ୍ଭୀର ଗଣନା ହେବ। ଏ ସମସ୍ତ ଗଣନା ପରେ ୧୯ତାରିଖରେ ☞ପୃଷ୍ଠା-୨

# ବିଦ୍ୟୁତ୍ ଫାଶରେ ପଡ଼ି ମାଖନା ହାତୀ ମୃତ

ଢେଙ୍କାନାଳ ଅଫିସ/ସାତମାଇଲ (ଡି.ଏନ୍.ଏ.), ୨।୧

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ଦୁଦୁରକୋଟ ଗ୍ରାମ ନିକଟ କଞ୍ଚାମାଣ୍ଡିଆ ପାହାଡ଼ରେ ଜନ୍ତୁ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ଏକ ଅଣ୍ଡିରା ମାଖନା ହାତୀ (ଯାହାର ଦାନ୍ତ ନ ଥାଏ) ପ୍ରାଣ ହରାଇଛି। ବୁଧବାର ଭୋର୍ ସମୟରେ ସ୍ଥାନୀୟ ବାସିନ୍ଦା ଜଙ୍ଗଲକୁ ଶୌଚ ହେବାକୁ ଯାଇଥିବାବେଳେ ହାତୀ ମରିପଡ଼ିଥିବା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ଡିଏଫ୍‌ଓ ସୁଦର୍ଶନ ପାତ୍ର, ଏସିଏଫ୍ ଜିତେନ୍ଦ୍ରନାଥ ଦାସ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପୋତିଦିଆଯାଇଛି। ହାତୀର ଆନୁମାନିକ ବୟସ ୩୫ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ମଙ୍ଗଳବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଫାଶରେ ପଡ଼ିଯିବାପରେ ହାତୀଟି ଗର୍ଜନ କରିଥିଲା। ଭୟଭୀତ ଗ୍ରାମବାସୀ ଜଙ୍ଗଲକୁ ଯିବାକୁ ସାହସ ଜୁଟାଇ ପାରିଲେନି। ଫଳରେ ହାତୀର ମୃତ୍ୟୁ ହୋଇଯାଇଥିବା ଅଞ୍ଚଳବାସୀ କହିଛନ୍ତି। ହିନ୍ଦୋଳ ବନାଞ୍ଚଳ ଶିକାରୀଙ୍କ ଅବାଧ ଚରାଭୂଇଁ ପାଲଟିଛି। ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି ଜନ୍ତୁ ଶିକାର। ବିଦ୍ୟୁତ୍ ତାର ବିଛାଇ



**ବାର୍‌ହା ଶିକାର ଲାଗି ବିଛାଯାଇଥିଲା ତାର**

ବନ୍ୟପ୍ରାଣୀଙ୍କୁ ମାରୁଛନ୍ତି ଶିକାରୀ। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉ ନ ଥିବାରୁ ଏପରି ବେଆଇନ କାର୍ଯ୍ୟ ବଢ଼ିଚାଲିଛି। ଅପରପକ୍ଷେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଜନବସତିମୁହାଁ ହେଉଛନ୍ତି। ସୂଚନା ଦିଆଯିବା ସତ୍ତ୍ୱେ ହାତୀଙ୍କୁ ଘଉଡ଼ାଇବା ଦିଗରେ ବନ କର୍ମଚାରୀ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ଏସିଏଫ୍ କୁହନ୍ତି, ବାର୍‌ହା ଶିକାର ଉଦ୍ଦେଶ୍ୟରେ ବିଦ୍ୟୁତ୍ ତାର ବିଛା ଯାଇଥିଲା। ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜିଲାରେ ଗତ ୫ବର୍ଷରେ ୭୬ ହାତୀ ପ୍ରାଣ ହରାଇଛନ୍ତି। ☞ପୃଷ୍ଠା-୨

CBSE
Exam Mate
ପୃଷ୍ଠା-୧୩

NECC NATIONAL EGG CO-ORDINATION COMMITTEE 02.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 70 | 119 | 129 |
| DKL | 74 | 124 | 134 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 75 | 126 | 136 |

*Conditions Apply
Eggs Retail Price- 56/-Dozen
Issued in the Interest of Consumers



ଜଷ୍ଟିସ୍ ଚୋଳେନ୍ଦ୍ର ଶାମଶେର ଜେ.ବି. ରାଣା ବୁଧବାର ନେପାଳ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ ରାଣାଙ୍କୁ ଶପଥ ପାଠ କରାଇଥିଲେ। ମଙ୍ଗଳବାର ପ୍ରଧାନ ବିଚାରପତି ପଦରୁ ଓମ୍‌ପ୍ରକାଶ ମିଶ୍ର ଅବସର ନେବା ପରେ ତାଙ୍କ ସ୍ଥାନରେ ରାଣାଙ୍କୁ ନିଯୁକ୍ତ କରାଯାଇଛି।

## ସଂକ୍ଷେପରେ

### ସୋସିଆଲ ମିଡିଆରେ ରାଜ୍ୟପାଳ

**ଭୁବନେଶ୍ୱର, ୨।୧(ବ୍ୟୁରୋ):** ଇଂଲିଶ ନୂଆ ବର୍ଷ ୨୦୧୯ ଆରମ୍ଭରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଦେଖିବାକୁ ମିଳିଛି। ଟୁଇଟରରେ @GovernorOdisha ଏବଂ ଫେସ୍‌ବୁକ୍‌ରେ GovernorOdisha ମାଧମରେ ରାଜ୍ୟପାଳ ସାଧାରଣ ଜନତାଙ୍କ ସହିତ ଯୋଡ଼ିହେବେ। ଏହା ମାଧମରେ ରାଜ୍ୟପାଳଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରସଙ୍ଗରେ ସୂଚନା ମିଳିପାରିବ। ଅଧିକରୁ ଅଧିକ ଜନସାଧାରଣ ଏଇ ଦୁଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଯଥା ଫେସ୍‌ବୁକ୍ ଓ ଟୁଇଟର ମାଧମରେ ରାଜ୍ୟପାଳଙ୍କ ସହ ଯୋଡ଼ିହେବାକୁ ରାଜଭବନ ପକ୍ଷରୁ ଅନୁରୋଧ କରାଯାଇଛି।

ପୂର୍ବତନ ଲୋକପାଳଙ୍କ ପରଲୋକ

### ହାଇକୋର୍ଟରେ ଫୁଲ୍ କୋର୍ଟ ରେଫରେନ୍ସ

**କଟକ ଅଫିସ, ୨।୧:** ଶୀତ ଅବକାଶ ପରେ ବୁଧବାର ଥିଲା ହାଇକୋର୍ଟର ପ୍ରଥମ କାର୍ଯ୍ୟଦିବସ। କିନ୍ତୁ ହାଇକୋର୍ଟ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। କାରଣ ରାଜ୍ୟର ପୂର୍ବତନ ଲୋକପାଳ ଜଷ୍ଟିସ କୃଷ୍ଣପ୍ରସାଦ ମହାପାତ୍ରଙ୍କ ପରଲୋକ ଯୋଗୁ ପୂର୍ବାହ୍ନ ୧୧ଟାରେ ଫୁଲ୍ କୋର୍ଟ ରେଫରେନ୍ସ ଘୋଷଣା କରାଯାଇଥିଲା। ସୂଚନାଥାଉକି, ଗତ ଡିସେମ୍ବର ୨୮ରେ ଜଷ୍ଟିସ ମହାପାତ୍ରଙ୍କ ମୃତ୍ୟୁ ଘଟିଥିଲା। ଜଷ୍ଟିସ ମହାପାତ୍ର ୧୯୮୪ରୁ ୧୯୯୦ ମଧରେ ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ଏହା ପରେ ୧୯୯୭ରୁ ୨୦୦୨ ମଧରେ ଲୋକପାଳ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ।

ସରକାରୀ ଡାଏରୀରେ ତ୍ରୁଟି

### ଦୁଃଖ ପ୍ରକାଶ କଲା ସାଧାରଣ ପ୍ରଶାସନ ବିଭାଗ

**ଭୁବନେଶ୍ୱର,୨।୧(ବ୍ୟୁରୋ):** ଚଳିତ ବର୍ଷ ସରକାରୀ ଡାଏରୀରେ ଜାନୁୟାରୀ ଓ ଫେବୃୟାରୀ ମାସକୁ ପୃଥକ୍ କରୁଥିବା ପୃଷ୍ଠାରେ ଭୁଲକ୍ରମେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରଚିତ ବଦଳରେ କବିବର ରାଧାନାଥ ରାୟଙ୍କ ନାମ ପ୍ରକାଶିତ ହୋଇଛି। ଏହି ଭୁଲ ପାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ(ଜି.ଏ. ଆଣ୍ଡ ପି.ଜି.) ବିଭାଗ ଦୁଃଖ ପ୍ରକାଶ କରିଛି। ବିଭାଗୀୟ ଅତିରିକ୍ତ ଶାସନ ସଚିବ ଅବନୀକାନ୍ତ ପଟ୍ଟନାୟକ ବୁଧବାର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି, ଏହା ସମ୍ପୂର୍ଣ୍ଣ ଭାବେ ଅନିଚ୍ଛାକୃତ ଏବଂ ପ୍ରାକ୍ ମୁଦ୍ରଣ ସଂଶୋଧନ ଜନିତ ତ୍ରୁଟି । ଏହାଦ୍ୱାରା ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତି ଅପମାନ କରାଯିବାର କୌଣସି ଅଭିପ୍ରାୟ ନାହିଁ। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ସାଧାରଣ ପ୍ରଶାସନ ବିଭାଗ ଓ ସାଧାରଣ ଅଭିଯୋଗ ବିଭାଗ ଗଭୀର ଦୁଃଖ ପ୍ରକାଶ କରୁଛି ।

ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

### ଆନ୍ଦୋଳନରୁ କ୍ଷାନ୍ତ ରହିବାକୁ ଗୃହ ବିଭାଗର ନିବେଦନ

**ଭୁବନେଶ୍ୱର,୨।୧(ବ୍ୟୁରୋ):** ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବା ପାଇଁ ଆନ୍ଦୋଳନ ଜାରି ରହିଛି। ବିଭିନ୍ନ ସଙ୍ଗଠନ ଦ୍ୱାରା କରାଯାଉଥିବା ଏହି ଆନ୍ଦୋଳନ କାରଣରୁ ସରକାରୀ କାମ ବାଧାପ୍ରାପ୍ତ ହେଉଛି। ତେଣୁ ଲୋକଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ଆନ୍ଦୋଳନରୁ ଓହରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଛି। ଗୃହ ବିଭାଗ ପକ୍ଷରୁ ଏ ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାର ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରୁ ପ୍ରାୟ ୩ ଦଶନ୍ଧି ଧରି ଏହି ପ୍ରଚେଷ୍ଟା ଜାରି ରହିଛି। ରାଜ୍ୟ ପକ୍ଷରୁ ଏନେଇ କେନ୍ଦ୍ରକୁ ବହୁବାର ଅନୁରୋଧ କରାଯାଇଛି। ଏଥିସହିତ ସ୍ଥାୟୀ ବେଞ୍ଚ ସ୍ଥାପନା ନେଇ ଆବଶ୍ୟକ ସମସ୍ତ ଭିତ୍ତିଭୂମି ଓ ମାନବ ସମ୍ବଳ ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ମଧ ଦେଇଛନ୍ତି। ସ୍ଥାୟୀ ବେଞ୍ଚ ସ୍ଥାପନା ସମ୍ପର୍କିତ ନିଷ୍ପତ୍ତି କେନ୍ଦ୍ର ସରକାର ଓ ପାର୍ଲାମେଣ୍ଟ ନେଇଥାଏ ବୋଲି ରାଜ୍ୟ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ରାଜ୍ୟର ପଶ୍ଚିମାଞ୍ଚଳରେ ଜାରି ରହିଥିବା ଆନ୍ଦୋଳନ ଦ୍ୱାରା ବିଭିନ୍ନ ସର୍ବସାଧାରଣ ସଭା, ସରକାରୀ ଏବଂ ଅଦାଲତର ବହୁ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ଉକ୍ତ ସଙ୍ଗଠନଗୁଡ଼ିକ ଆନ୍ଦୋଳନରୁ କ୍ଷାନ୍ତ ରୁହନ୍ତୁ। ଏଥିସହିତ ସାଧାରଣ ଜନତାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିଭିନ୍ନ ଅଦାଲତ, ସରକାରୀ କାର୍ଯ୍ୟାଳୟ ଏବଂ ଜନସେବା କେନ୍ଦ୍ର କାର୍ଯ୍ୟ ପରିଚାଳନା ପାଇଁ ପୂର୍ଣ୍ଣ ସହଯୋଗ କରନ୍ତୁ ବୋଲି ଗୃହ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।




# ୧୮ ଲକ୍ଷ ସହ ଧରାପଡ଼ିଲେ ବିଦେଶୀ

**ଅନୁଗୋଳ ଅଫିସ, ୨।୧**



କଜବି ନିକୋଲାସ୍

ମେଶିନ କିଣିଦେବା ବାହାନାରେ କଟକ ଶିଶୁଭବନର ଡାକ୍ତର ମଙ୍ଗଳ ଚରଣ ମୁର୍ମୁଙ୍କଠାରୁ ୧୮ ଲକ୍ଷରୁ ଅଧିକ ଟଙ୍କା ନେଇ ଚମ୍ପଟ ମାରିବାକୁ ଉଦ୍ୟମ କରିବା ଅଭିଯୋଗରେ ଅନୁଗୋଳ ପୋଲିସ ଘାନାର ନାଗରିକ କଜବି ନିକୋଲାସ୍ (୪୪)ଙ୍କୁ ବୁଧବାର ଗିରଫ କରିଛି। ଅନୁଗୋଳ ରେଲୱେ ଷ୍ଟେଶନରୁ ତାଙ୍କୁ ଗିରଫ କରାଯାଇଥିବା ଏସ୍‌ଡିପିଓ ହରିହର ପାଣି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କଜବିଙ୍କଠାରୁ ପୋଲିସ ୧୮.୫ ଲକ୍ଷ ଟଙ୍କା ଓ ପାର୍ସପୋର୍ଟ ଜବତ କରିଛି। ଏ ସଂକ୍ରାନ୍ତରେ ନଂ. ୬/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି।

ପୋଲିସ କହିଛି, କଜବି ବ୍ୟବସାୟିକ ଭିଜାରେ ୨୦୧୮ ଅକ୍ଟୋବର ୨୩ରେ ଭାରତ ଆସିଥିଲେ। ଏହାପରେ ସେ ଶିଶୁଭବନ ଡାକ୍ତର ମୁର୍ମୁଙ୍କ ସହ ଇଣ୍ଟରନେଟ୍ ଓ ଫୋନରେ ସମ୍ପର୍କ ବଢ଼ାଇଥିଲେ। ଡାକ୍ତର ମୁର୍ମୁ କଟକସ୍ଥିତ ତଳତେଲଙ୍ଗା ବଜାରରେ ଏକ କ୍ଲିନିକ ପାଇଁ ଯନ୍ତ୍ରପାତି କିଣିବାକୁ ଚାହୁଁଥିଲେ। ବାହାରେ ଉକ୍ତ ଯନ୍ତ୍ରାଂଶର ମୂଲ୍ୟ ୨୫ରୁ ୩୦ ଲକ୍ଷ ହୋଇଥିବା ବେଳେ କଜବି ତାଙ୍କୁ ୨୦ ଲକ୍ଷ ଟଙ୍କାରେ କିଣାଇ ଦେବା ସହ ବର୍ଷକ ପାଇଁ ରକ୍ଷଣାବେକ୍ଷଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଡାକ୍ତର ମୁର୍ମୁ କଜବିଙ୍କୁ କଟକରେ ଭେଟିବା ସହ ୫ ଲକ୍ଷ ଟଙ୍କା ଆଡଭାନ୍ସ

**ଶିଶୁଭବନ ଡାକ୍ତରଙ୍କୁ ଠକେଇ**

ଦେଇଥିଲେ। କିଛିଦିନ ପରେ କଜବି ଡାକ୍ତରଙ୍କୁ ଫୋନ କରି ବାକି ଟଙ୍କା ମାଗିବାରୁ ଗତ ୨୯ ତାରିଖରେ କଟକ ଆସିବା ପାଇଁ ଡାକ୍ତର କହିଥିଲେ। ପାଖରେ ଏତେ ଟଙ୍କା ନ ଥିବାରୁ ବୌଦ୍ଧ ଯାଇ ଟଙ୍କା ଆଣିବା ପାଇଁ ଡାକ୍ତର ପ୍ରସ୍ତାବ ଦେଇଥିଲେ। ଏଥିରେ ସେ ରାଜି ହେବା ସହ ଡାକ୍ତରଙ୍କ ସହ ବୌଦ୍ଧରେ ଥିବା ସମ୍ପର୍କୀୟଙ୍କ ପାଖକୁ ଯାଇଥିଲେ। ସେଠାରେ ୧୩ ଲକ୍ଷ ୫୦ ହଜାର ଟଙ୍କା ପାଇବା ପରେ କଜବି ଟିକେ ଆସୁଛି କହି ଚମ୍ପଟ ମାରିଥିଲେ। ଡାକ୍ତର ଓ ତାଙ୍କ ସମ୍ପର୍କୀୟ ସେଠାରେ ଖୋଜାଖୋଜି କରିବା ପରେ ପାଇ ନ ଥିଲେ। ଅଟୋରେ ଜଣେ ବିଦେଶୀ ଷ୍ଟେଶନ ଯାଉଥିବା ଖବର ପାଇ ଡାକ୍ତର ମୁର୍ମୁ ଓ ସମ୍ପର୍କୀୟ ରେଢ଼ାଖୋଲ ଷ୍ଟେଶନ ଆସି ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ପରେ ଡାକ୍ତର ଏ ନେଇ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଖବରପାଇ ଅନୁଗୋଳ ପୋଲିସ ମଧ ସହରରେ କଜବିଙ୍କୁ ଖୋଜାଖୋଜି କରୁଥିଲା। ତେବେ ସନ୍ଧ୍ୟାରେ ଷ୍ଟେଶନ ନିକଟରେ ବୁଲୁଥିବା ଦେଖି ପୋଲିସ ତାଙ୍କୁ କାବୁ କରିଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି। ପଚରାଉଚରା ସମୟରେ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଡି-୨ ବଗିରେ ସେ ଅନୁଗୋଳରେ ଓହ୍ଲାଇଥିବା କହିଥିଲେ।

# କଂଗ୍ରେସର ଘୃଣ୍ୟ ଚେହେରାର ପର୍ଦ୍ଦାଫାଶ ହୋଇଛି: ବସନ୍ତ

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ସୋହରାବୁଦ୍ଦିନ ଏନ୍‌କାଉଣ୍ଟର ମାମଲାରେ ସିବିଆଇର ସ୍ୱତନ୍ତ୍ର କୋର୍ଟର ରାୟ ପରେ କଂଗ୍ରେସର କୁତ୍ସିତ ଚେହେରା ଭାରତର ୧୩୦କୋଟି ଲୋକଙ୍କ ଆଗରେ ଧରାପଡି ଯାଇଛି। ୨୦୧୦ରେ କଂଗ୍ରେସ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶରେ ସିବିଆଇ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହଙ୍କୁ ରାଜନୈତିକ ଆକ୍ରୋଶ ରଖି ଗିରଫ କରିଥିଲା ବୋଲି ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା କହିଛନ୍ତି। ଏଥିରୁ କଂଗ୍ରେସର ଘୃଣ୍ୟ ଚେହେରାର ପର୍ଦ୍ଦାଫାଶ ହୋଇଛି ବୋଲି ସେ କହିଛନ୍ତି।

ଭାଜପା ମୁଖ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବସନ୍ତ କହିଛନ୍ତି, କଂଗ୍ରେସ ଦଳ ବିଶେଷଭାବେ ଗାନ୍ଧୀ ପରିବାର ସିବିଆଇ ଓ ଅନ୍ୟାନ୍ୟ ସାମ୍ବିଧାନିକ ସଂସ୍ଥାକୁ ନିଜର ରାଜନୈତିକ ଫାଇଦା ପାଇଁ ବିଭିନ୍ନ ସମୟରେ ବ୍ୟବହାର କରି ଆସିଛନ୍ତି। ଆତଙ୍କବାଦୀଙ୍କୁ ସମର୍ଥନ କରି ସୋନିଆ ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଗୁଜରାଟର ତତ୍କାଳୀନ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସିବିଆଇ ଦ୍ୱାରା ଗିରଫ କରିବାର ଚକ୍ରାନ୍ତ କରିଥିଲେ । ମୁମ୍ବାଇ ହାଇକୋର୍ଟ, ସୁପ୍ରିମକୋର୍ଟ ଏବଂ ଏକ ସ୍ୱତନ୍ତ୍ର କୋର୍ଟଙ୍କ ରାୟ କଂଗ୍ରେସର ମୁଖା ଖୋଲିଦେଇଛି । ସ୍ୱତନ୍ତ୍ରକୋର୍ଟଙ୍କ ରାୟରୁ ଏହା ପ୍ରମାଣିତ ହୋଇଛି ଯେ, ସୋନିଆ ଗାନ୍ଧୀ ସିବିଆଇକୁ ମାଧମ କରି ଶାହଙ୍କ ବିରୋଧରେ ବିଭିନ୍ନ ପ୍ରମାଣ ସୃଷ୍ଟି କରିବା ପାଇଁ ଷଡଯନ୍ତ୍ର କରିଥିଲେ । ୨୦୧୦ ଅକ୍ଟୋବରରେ ଶାହଙ୍କୁ ମୁକ୍ତ କଲାବେଳେ ନ୍ୟାୟାଳୟ ଉଲ୍ଲେଖ କରିଥିଲେ କି, ବିନା ସାକ୍ଷ୍ୟ ପ୍ରମାଣରେ କାହା ବିରୋଧରେ ଅଭିଯୋଗ ଆଣି କୌଣସି ମାମଲାରେ କାହାକୁ ଅଭିଯୁକ୍ତ ବୋଲି କୁହାଯାଇ ପାରିବ ନାହିଁ । ସେହିପରି ୨୦୧୪ ଡିସେମ୍ବର ୩୦ରେ ସିବିଆଇର ସ୍ୱତନ୍ତ୍ର ଜଜ୍ ଶାହଙ୍କର ମୁକ୍ତି ବିରୋଧରେ ଶୁଣାଣି କରି ୨୦୧୦ରେ ଉଚ୍ଚନ୍ୟାୟାଳୟ ଦେଇଥିବା ରାୟକୁ ଦୋହରାଇବା ସହିତ ଶାହଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବସନ୍ତ କହିଛନ୍ତି ।

ପିପିଲି ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ନବୀନ ନିବାସ ଘେରାଉ ଉଦ୍ୟମ

# ଭାଜପା ମହିଳା କର୍ମୀ-ପୋଲିସ ଧସ୍ତାଧସ୍ତି

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ପିପିଲି ଗଣବଳାତ୍କାର ଏବଂ ହତ୍ୟା ମାମଲାରେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବୁଧବାର ନବୀନ ନିବାସ ଘେରାଉ ଉଦ୍ୟମ କରାଯାଇଥିଲା। ମାତ୍ର ଏୟାରପୋର୍ଟ ଟ୍ରାଫିକ ଛକରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଏବଂ ମହିଳା ମୋର୍ଚ୍ଚା କର୍ମୀଙ୍କ ମଧରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। କଡ଼ା ସୁରକ୍ଷା ବ୍ୟବସ୍ଥାକୁ କର୍ମୀମାନେ ଖାତିର ନ କରି ନବୀନ ନିବାସ ଆଡକୁ ଅଗ୍ରସର ହେବାବେଳେ ମହିଳା ପୋଲିସ କର୍ମଚାରୀମାନେ ସେମାନଙ୍କୁ ଅଟକାଇଥିଲେ। ଏହି ସମୟରେ ଭାଜପା କର୍ମୀ ଏବଂ ପୋଲିସ ମଧରେ ଠେଲାପେଲା ହୋଇଥିଲା। ସୁରକ୍ଷା ଦାୟିତ୍ୱରେ ଥିବା ପୁରୁଷ ପୋଲିସ ଅଫିସରମାନେ ମଧ ମହିଳା କର୍ମୀଙ୍କୁ ବଳପୂର୍ବକ ଅଟକାଇଥିଲେ। ପରବର୍ତ୍ତୀ ସମୟରେ ବିକ୍ଷୋଭକାରୀଙ୍କୁ ପୋଲିସ ଭ୍ୟାନରେ ଅନ୍ୟତ୍ର ନେଇଯାଇ ଅଟକ ରଖିବା ପରେ ଛାଡିଥିଲା। ଏହି ଘଟଣାକୁ ଭାଜପା ମହିଳା ମୋର୍ଚ୍ଚା ତରଫରୁ ବିରୋଧ କରାଯାଇଛି।

ଗତ ମଙ୍ଗଳବାର ମଧ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ନବୀନ ନିବାସ ଘେରାଉ ଉଦ୍ୟମ କରାଯାଇଥିଲା। ମହିଳାଙ୍କ ପ୍ରତି ଅସମ୍ମାନକୁ ବରଦାସ୍ତ କରାଯିବନି। ନବୀନ ନିବାସଠୁ ଆରମ୍ଭ କରି ସଚିବାଳୟ ପର୍ଯ୍ୟନ୍ତ ସବୁ ସ୍ଥାନରେ ରାଜ୍ୟର ମୁଖିଆଙ୍କୁ ବିରୋଧ କରାଯିବ ବୋଲି ଭାଜପା ମହିଳା ମୋର୍ଚ୍ଚା ଚେତାବନୀ ଦେଇଛି। ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କୁ ବହିଷ୍କାର ଏବଂ ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ସିବିଆଇ ତଦନ୍ତ କରିବାକୁ ଦଳ ଦାବି କରିଛି।



ଭାଜପା ମହିଳା ମୋର୍ଚ୍ଚା କର୍ମୀଙ୍କୁ ପୋଲିସ ଅଟକାଇବାକୁ ଚେଷ୍ଟା କରୁଛି।

# ମଣ୍ଡିରେ ପଡ଼ିଛି ୪ହଜାର ବସ୍ତା ଧାନ

**ନୂଆପଡା ଅଫିସ, ୨।୧**

- ସୀମାନ୍ତରୁ ଛତିଶଗଡ଼ ଧାନ ଚାଲାଣକୁ ପ୍ରୋତ୍ସାହନ
- ପ୍ରବଳ ଶୀତରେ ରାତିରେ ଜଗିଛନ୍ତି ଚାଷୀ
- ଯୋଗାଣ ବିଭାଗ କହିଲା ଆଜି ଉଠିବ ଧାନ

ରାଜ୍ୟ ସରକାର ସବୁବେଳେ ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଠିକ୍ ଭାବେ ପ୍ରଦାନ କରିବାକୁ ଆନୁଷଙ୍ଗିକ ବ୍ୟବସ୍ଥା କରିଥିବା କହୁଥିବାବେଳେ ଏହା ଛତିଶଗଡ ସୀମାନ୍ତରେ କାର୍ଯ୍ୟକାରୀ ହୋଇପାରୁନାହିଁ। ବିଭାଗୀୟ ଅଧିକାରୀମାନଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ବ୍ୟବସାୟୀ, ମିଲ ମାଲିକ ଚକ୍ରାନ୍ତ କରି ଚାଷୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି। ମଣ୍ଡିଗୁଡିକୁ ଅଧିକାରୀ, ମିଲର୍ସ ଆସୁ ନାହାନ୍ତି। ଚାଷୀମାନେ ଦିନରାତି ପ୍ରବଳ ଶୀତରେ ଧାନକୁ ମଣ୍ଡିରେ ରହି ଜଗୁଥିବାବେଳେ ଶେଷରେ ନିରୁତ୍ସାହିତ ହୋଇ କଟନୀଛଟନୀ କରି ମିଲର୍ସଙ୍କ ହାତରେ ଟେକି ଦେଉଛନ୍ତି। ଅନ୍ୟପଟେ ବ୍ୟବସାୟୀମାନେ ଘର ଘର ବୁଲି ଧାନ କିଣି ପଡୋଶୀ ଛତିଶଗଡକୁ ଚାଲାଣ କରୁଥିବା ଅଭିଯୋଗ ହେଉଛି। ଏଭଳି ଉଦାହରଣ ଓଡ଼ିଶା ଛତିଶଗଡ଼ ସୀମାନ୍ତରେ ଥିବା ଖରିଆରରୋଡ ମଣ୍ଡିରେ ଦେଖିବାକୁ ମିଳିଛି ।

ଓଡ଼ିଶାରେ କୁଇଣ୍ଟାଲ ପିଛା ଧାନ ମୂଲ୍ୟ ୧୭୫୦ଟଙ୍କା ହୋଇଥିବାବେଳେ ପଡୋଶୀ ଛତିଶଗଡରେ ୨୫୦୦ଟଙ୍କା ରହିଛି। ଏହାର ସୁଯୋଗ ନେଇ ଜିଲାର ବ୍ୟବସାୟୀ, ମିଲ ମାଲିକମାନେ ଗାଁକୁ ଗାଁ ବୁଲି ଚାଷୀଙ୍କଠାରୁ ଧାନ କିଣି ସିଧା ଛତିଶଗଡ଼କୁ ଚାଲାଣ କରି ମାଲାମାଲ ହେଉଛନ୍ତି। ଅନ୍ୟପଟେ ଚାଷୀମାନେ ମଣ୍ଡିକୁ ଧାନ ଆଣିଲେ ସେମାନଙ୍କୁ ବିଭିନ୍ନ ବାହାନା କରି କର୍ତ୍ତୃପକ୍ଷ ଏବଂ ମିଲ ମାଲିକମାନେ ଧାନ ଉଠାଉନାହାଁନ୍ତି। ଚାଷୀମାନଙ୍କୁ ଧାନଆଣିବାକୁ ମଣ୍ଡି ଅଧିକାରୀ ଟୋକନ ଦେଇଥିଲେ। ସେହି ଅନୁସାରେ ୪୯ଜଣ ଚାଷୀ ବୁଧବାର ମଣ୍ଡିକୁ ଧାନ ଆଣିଥିଲେ। ହେଲେ ଚାଷୀଙ୍କ ଅଭିଯୋଗ ଅନୁସାରେ ଅଧିକାରୀ (ସେବା ସମବାୟ ସମ୍ପାଦକ)ଆସି ନ ଥିଲେ। ଚାଷୀମାନଙ୍କ ବାରମ୍ବାର ଅନୁରୋଧ ପରେ ମଧ୍ୟ ସେ ସେଠାରେ ପହଞ୍ଚି ନ ଥିଲେ। ତେବେ ବିଭାଗୀୟ ଅଧିକାରୀଙ୍କ ତଥ୍ୟ ଅନୁସାରେ ୪୯ଜଣ ଚାଷୀ ୪ହଜାର ବସ୍ତା ଧାନ ଆଣିଥିଲେ। ସନ୍ଧ୍ୟା ଯାଏଁ କୌଣସି ଅଧିକାରୀ ନ ଆସିବାରୁ ବାଧ୍ୟହୋଇ ରାତିସାରା ଜଗିଥିଲେ। ଏହା ଅଧିକାରୀମାନଙ୍କ ଚକ୍ରାନ୍ତ ବୋଲି ସ୍ଥାନୀୟ ଖୋପେତରାର ଚାଷୀ ବୁଲୁ ସତନାମୀ, କଲ୍ୟାଣପୁରର ରାମସିଂ ମାଝି, ଆମସେନାର ରାମଲାଲ ପଟେଲ କହିଛନ୍ତି। ଚାଷୀଙ୍କୁ ଖୋଲା ବଜାରରେ ବିକ୍ରି କରିବାକୁ ବାଧ୍ୟ କରାଯାଉଛି। ଯଦ୍ୱାରା ଚାଷୀମାନଙ୍କଠାରୁ ବ୍ୟବସାୟୀମାନେ ଧାନ କିଣି ଛତିଶଗଡକୁ ଚାଲାଣ କରି ମାଲାମାଲ ହେବେ ବୋଲି କହିଛନ୍ତି। ଏହା ଉପରେ ସମବାୟ ସମ୍ପାଦକ କାନ୍ତିଲାଲ ସାହୁଙ୍କୁ ପଚାରିବାରେ ବୁଧବାର ମିଲମାଲିକ ଆସି ନ ଥିବାରୁ ଏଭଳି ସମସ୍ୟା ହୋଇଛି । ଅନ୍ୟପଟେ ଜିଲା ଯୋଗାଣ ଅଧିକାରୀ ଅଶୋକ ଦାସଙ୍କୁ ପଚାରିବାରେ ଏହା ସମବାୟ ବିଭାଗର ଦାୟିତ୍ୱ। ଏହା ଉପରେ ସେ ତୁରନ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି। ଗୁରୁବାର ସବୁ ଧାନ ଉଠାଣ କରାଯିବ ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ନୂଆପଡା ବିକାଶ ଅଭିଯାନର ସଭାପତି ରାହୁଲ ଯାଦବ ସମ୍ପୃକ୍ତ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରାଯିବ ବୋଲି କହିଛନ୍ତି।

# କେଉଁ ଦଳରେ ଯୋଗଦେବି ସ୍ଥିର କରିନି: ଦିଲୀପ

**ରାଉରକେଲା ଅଫିସ, ୨।୧**

ପୂର୍ବତନ ବିଧାୟକ ଦିଲୀପ ରାୟ ବୁଧବାର ମଧ୍ୟାହ୍ନ ୧୨ଟାରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆସି ରାଉରକେଲା ଏୟାର ଷ୍ଟ୍ରିପରେ ପହଞ୍ଚିଛନ୍ତି । ସେ ରାଉରକେଲାରେ ପହଞ୍ଚିବା ପରେ ତାଙ୍କୁ ସମର୍ଥକମାନେ ସ୍ୱାଗତ କରିଥିଲେ । ବିଧାୟକ ପଦ ଓ ଭାଜପାରୁ ଇସ୍ତଫା ପରେ କିଛିଦିନ ବିଦେଶ ଗସ୍ତରେ ଥିବା ରାୟ ରାଉରକେଲା ଫେରିବା ପରେ ତାଙ୍କ ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ସହରବାସୀଙ୍କ ମଧରେ ଉତ୍ସୁକତା ପ୍ରକାଶ ପାଇଥିଲା। ଏୟାର ଷ୍ଟ୍ରିପ ବାହାରେ ଉପସ୍ଥିତ ଖବରଦାତାଙ୍କୁ ରାୟ କହିଥିଲେ ମୁଁ କେଉଁ ପାର୍ଟିରେ ଯୋଗ ଦେବି କି ନ ଦେବି ସେ ନେଇ ମନ ସ୍ଥିର କରିନି। ମୋ ଶୁଭେଚ୍ଛୁ ଓ ସମର୍ଥକଙ୍କ ସହ ପ୍ରଥମେ ଆଲୋଚନା କରିବି, ତା'ପରେ ଯାଇ ଯାହା କିଛି ନିଷ୍ପତ୍ତି ନେବି। ଏନେଇ ବିଜୟ ମହାପାତ୍ରଙ୍କ ଟିପ୍ପଣୀ ପ୍ରସଙ୍ଗ ଉଠାଯିବାରୁ ସେ କହିଥିଲେ ତାଙ୍କ ସହ ଏଯାଏ କଥା ହୋଇନି। ଯେବେ ନିଷ୍ପତ୍ତି ନେବି ତା ପୂର୍ବରୁ ଆପଣମାନଙ୍କୁ ଜଣାଇବି ବୋଲି ରାୟ କହିଛନ୍ତି।






■ ସୁନା ବେପାରୀଙ୍କ ଘରୁ ଚୋରି ଘଟଣା: ରୋଷେୟା ଗିରଫ

# ୫୪୧.୯୮୦ ଗ୍ରାମ୍ ସୁନା, ୮.୫ ଲକ୍ଷ ଟଙ୍କା ଜବତ

**ବ୍ରହ୍ମପୁର ଅଫିସ୍,୨।୧**

ବ୍ରହ୍ମପୁର ବଡବଜାର ଥାନାଞ୍ଚଳ ପାଟରାସାହିରୁ ଜଣେ ସୁନା ବେପାରୀଙ୍କ ଘରୁ ଚୋରି ଘଟଣାରେ ପୋଲିସ ଉକ୍ତ ବେପାରୀଙ୍କ ଘରେ କାର୍ଯ୍ୟ କରୁଥିବା ରୋଷେୟାଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ହେଲେ ରାଜସ୍ଥାନ ପାଲି ଜିଲା ରୋହିତ୍ ଥାନାଅଞ୍ଚଳ ରାଣା ଗ୍ରାମର ଶ୍ରବଣ କୁମାର (୪୦)। ତାଙ୍କୁ ଆସିକା ଅଞ୍ଚଳରୁ ପୋଲିସ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଚୋରି ହୋଇଥିବା ଟଙ୍କାରୁ ୮ ଲକ୍ଷ ୫୦ ହଜାର ଟଙ୍କା ଏବଂ ସୁନାରୁ ୫୪୧.୯୮୦ ଗ୍ରାମ୍ ସୁନା ଅଳଙ୍କାର ଉଦ୍ଧାର କରାଯାଇଛି । ଏ ନେଇ ବୁଧବାର ସନ୍ଧ୍ୟାରେ ବ୍ରହ୍ମପୁର ପୋଲିସ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ଏହି ସୂଚନା ଦେଇଛନ୍ତି ।

ପ୍ରକାଶଯେ, ବଡବଜାର ଥାନାଅଞ୍ଚଳ ପାଟରାସାହିରେ ରାଜସ୍ଥାନ ସିରୋହୀ ଜିଲାର ଭରତ ଶାହ ନାମକ ଜନୈକ ସୁନା ନେପାରୀ ଭଡାରେ ରହିଆସୁଥିଲେ। ରାଜସ୍ଥାନରୁ ସୁନା ଅଳଙ୍କାର ଆଣି ପାଟରାସାହି ଘରେ ରଖିବା ସହିତ ବିଭିନ୍ନ ଅଞ୍ଚଳର ସୁନା ବେପାରୀଙ୍କ ସହିତ ବ୍ୟବସାୟ କରୁଥିଲେ । ଡିସେମ୍ବର ଆରମ୍ଭରେ ସେ କୌଣସି କାର୍ଯ୍ୟରେ ରାଜ୍ୟ ବାହାରକୁ ଯାଇଥିବା ବେଳେ ୮ ତାରିଖ ରାତିରେ ତାଙ୍କ ଘର ଆଲମିରାରୁ ୧୧୦୦ ଗ୍ରାମ୍ ସୁନା ଅଳଙ୍କାର ଏବଂ ନଗଦ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଚୋରି ହୋଇଯାଇଥିଲା । ଭରତଙ୍କ ଗୁମାସ୍ତା ଜିତେନ୍ଦ୍ର ସିଂହ ଉକ୍ତ ଦିନ ସନ୍ଧ୍ୟାରେ ଗାଧୋଇବାକୁ ଯାଇଥିବା ବେଳେ ତାର ସୁଯୋଗ ନେଇ ରୋଷେୟା ଶ୍ରବଣ କୌଶଳ କ୍ରମେ ଆଇରନ୍ ଚେଷ୍ଟର ଚାବି ନେଇଯାଇଥିଲେ। ତାଲା ଖୋଲି ଶ୍ରବଣ ସୁନା ଅଳଙ୍କାର ଓ ଟଙ୍କା ଚୋରି କରିନେଇ ଯାଇଥିବା ଜାଣିବାକୁ ପାଇବା ପରେ ଜିତେନ୍ଦ୍ର ବଡବଜାର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୨୦୪/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ।

ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ, ପ୍ରଭାତ ରାଉତରାୟ, ବଡବଜାର ଆଇଆଇସି ସୁରେଶ କୁମାର ତ୍ରିପାଠୀ ଏବଂ ଆସିକା ଥାନା ଆଇଆଇସି ସନ୍ତୋଷ କୁମାର ଜେନାଙ୍କୁ ନେଇ ଦୁଇଟି ଟିମ୍ ଗଠନ କରାଯାଇଥିଲା। ଗୋଟିଏ ଟିମ୍ ରାଜସ୍ଥାନ ଏବଂ ଅନ୍ୟ ଏକ ଟିମ୍ ଗଞ୍ଜାମ ଜିଲାରେ ରାଜସ୍ଥାନ ବେପାରୀଙ୍କ ଦ୍ୱାରା କାରବାର ଚାଲିଥିବା ସୁନା ଦେକାନୀଙ୍କ ନିକଟରେ ପହଞ୍ଚି ତଦନ୍ତର ବିଭିନ୍ନ ଦିଗକୁ ନେଇ ତଥ୍ୟ ହାସଲ କରିଥିଲା। ବୁଧବାର ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଶ୍ରବଣ କୁମାରଙ୍କୁ ଗିରଫ କରିଥିଲା।



ଉଦ୍ଧାର ହୋଇଥିବା ଟଙ୍କା ଓ ସୁନା ଅଳଙ୍କାର।

“ ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। –ଶ୍ରୀଅରବିନ୍ଦ





## ପରିବେଶ ପରିଚିନ୍ତା

# ପକ୍ଷୀମାନଙ୍କ ଭାଷାଜ୍ଞାନ

**ମାନେକା ଗାନ୍ଧୀ**

ମୋର ଜଣେ ବନ୍ଧୁ ମୁମ୍ବାଇରେ କୁଆମାନଙ୍କୁ ଖାଇବାକୁ ଦିଅନ୍ତି। ସେ ସେମାନଙ୍କୁ ନାଁ ଧରି ଡାକିଲେ ସେମାନେ ଆସି ଖାଆନ୍ତି। ସେ ଡାକିଲେ କୁଆମାନେ ତାଙ୍କ କଥା ଶୁଣନ୍ତି ଓ ବୁଝିପାରନ୍ତି କିନ୍ତୁ କୁଆମାନଙ୍କ କଥାର ଗୋଟିଏ ଶବ୍ଦ ବି ସେ ବୁଝିପାରନ୍ତି ନାହିଁ। ମୁଁ ଭାବେ ସେପରି ସିଦ୍ଧି ମୋର ଥାଆନ୍ତା କି! ପୁରାଣ ଓ ମଧ୍ୟଯୁଗୀୟ ସାହିତ୍ୟରେ ପକ୍ଷୀମାନଙ୍କର ଭାଷାକୁ ସ୍ୱର୍ଗୀୟ ବୋଲି ବିଚାର କରାଯାଏ। ପକ୍ଷୀମାନେ ପ୍ରାଣୀମାନଙ୍କ ସହ ଭାବର ଆଦାନପ୍ରଦାନ କରିପାରନ୍ତି– କୁଆମାନେ ଗଧିଆମାନଙ୍କୁ ଶିକାର କରିବା ପାଇଁ ବାଟ କଢ଼େଇ ନେଇଯାନ୍ତି। ସେମାନେ ଶିକାର କରି ଖାଇବା ପରେ ଯାହା ବଳକା ରହେ ତାକୁ କୁଆମାନେ ଖାଆନ୍ତି। ଗ୍ରେଟର ହନିଗାଇଡ୍ ପକ୍ଷୀ ଭାଲୁମାନଙ୍କୁ ଡାକି ଜଙ୍ଗଲରେ ଥିବା ମହୁଫେଣା ଆଡ଼କୁ ନେଇଯାନ୍ତି। ଭାଲୁମାନେ ଫେଣା ଭାଙ୍ଗି ମହୁ ଖାଇବା ପରେ ଯାହା ବଳେ ତାକୁ ଏହି ପକ୍ଷୀମାନେ ଖାଆନ୍ତି।

ସ୍କାଣ୍ଡିନାଭିଆ ପୁରାଣରେ ପକ୍ଷୀମାନଙ୍କ ଭାଷା ବୁଝିବା କ୍ଷମତାକୁ ଚରମ ଜ୍ଞାନ ବୋଲି ବିଚାର କରାଯାଏ। ଏହି ପୁରାଣରେ ବର୍ଣ୍ଣିତ ଦେବତା ଓଡିନଙ୍କର ଦୁଇଟି କୁଆ ଥିଲେ ଯେଉଁମାନେ ପୃଥିବୀ ସାରା ବୁଲି ମନୁଷ୍ୟ ସମାଜରେ କେଉଁଠି କ'ଣ ଘଟୁଛି ସେ ଖବର ନେଇ ଓଡିନଙ୍କୁ ଦେଉଥିଲେ। ସ୍ୱିଡେନର କିମ୍ବଦନ୍ତୀୟ ରାଜା ଡ୍ୟାଗ୍ ଦ ୱାଇଜ୍‌ଙ୍କର ଗୋଟିଏ ଘରଚଟିଆ ଥିଲା। ସେ ରାଜ୍ୟ ସାରା ବୁଲି ଖବର ସଂଗ୍ରହ କରି ରାଜାଙ୍କୁ ଦେଉଥିଲା। ପୋଏଟିକ୍ ଏଡ୍ଡା ଓ ଭଲ୍‌ସୁଙ୍ଗା ସାଗା (ବୀରଗାଥା) ଅନୁସାରେ, ନବମ ଶତାବ୍ଦୀର ସ୍କାଣ୍ଡିନାଭୀୟ ବୀର ସିଗର୍ଡ ପକ୍ଷୀମାନଙ୍କ ଭାଷା ବୁଝିପାରୁଥିଲେ। ଶତ୍ରୁମାନେ ତାଙ୍କୁ ମାରିବାକୁ ଚକ୍ରାନ୍ତ କରୁଛନ୍ତି ବୋଲି ପକ୍ଷୀମାନଙ୍କ କଥାବାର୍ତ୍ତାରୁ ବୁଝିପାରି ଏକଦା ସେ ନିଜର ଜୀବନ ରକ୍ଷା କରିପାରିଥିଲେ।

ଜାସନ ହେଉଛନ୍ତି ପ୍ରାଚୀନ ଗ୍ରୀକ୍ ପୁରାଣର ଜଣେ ବୀର, ଯେ କି ଦେବଦୂତ ହର୍ମିସଙ୍କ ଉତ୍ତରାଧିକାରୀ। ସେ ସୁବର୍ଣ୍ଣ ମେଷଚର୍ମ (ଗୋଲ୍‌ଡେନ୍ ଫ୍ଲିସ୍)ର ସନ୍ଧାନ କରିବା ବିଷୟ ଗ୍ରୀକ୍ ସାହିତ୍ୟରେ ବର୍ଣ୍ଣନା ଅଛି। ୩୦୦୦ ବର୍ଷ ତଳେ ସେ ବୀରମାନଙ୍କର ଏକ ଦଳକୁ ଏକତ୍ରିତ କରି ଆର୍ଗୋ ନାମକ ଏକ ଜାହାଜରେ ଦୁଃସାହସିକ ଯାତ୍ରା କରିଥିଲେ। ସେଥିପାଇଁ ସେମାନଙ୍କୁ ଆର୍ଗୋନଟ୍‌ସ କୁହାଯାଏ। ଜାସନଙ୍କ ଜାହାଜ ଆର୍ଗୋର ସମ୍ମୁଖଭାଗ ଡୋଡୋନା କବର ସ୍ଥଳୀରୁ ଆନୀତ ଓକ୍ କାଠରେ ତିଆରି ହୋଇଥିଲା ଏବଂ ସେ ପକ୍ଷୀମାନଙ୍କ ଭାଷା କହିପାରୁଥିଲେ। ଇହୁଦୀମାନଙ୍କ ଧାର୍ମିକ ସାହିତ୍ୟ ଟାଲ୍‌ମୁଡ ଅନୁସାରେ ରାଜା ସଲୋମନଙ୍କ ଅସାଧାରଣ ଜ୍ଞାନର ରହସ୍ୟ ହେଉଛି ଦେବତାମାନେ ତାଙ୍କୁ ପକ୍ଷୀମାନଙ୍କ ଭାଷା ବୁଝିବାର କ୍ଷମତା ଦେଇଥିଲେ। ପବିତ୍ର କୋରାନରେ ମଧ୍ୟ ସୁଲେମାନ (ସଲୋମନ) ଓ ଡାଭିଡଙ୍କ କଥା ବର୍ଣ୍ଣିତ ଅଛି, ଯେଉଁମାନେ ପକ୍ଷୀମାନଙ୍କ ଭାଷା ଜାଣିଥିଲେ।

କନ୍‌ଫରେନ୍ସ ଅଫ୍ ବାର୍ଡସ (ପକ୍ଷୀମାନଙ୍କ ସମ୍ମିଳନୀ) ହେଉଛି ଏକ ସୁଫି କବିତା, ଯାହାକୁ ଦ୍ୱାଦଶ ଶତାବ୍ଦୀର ପାରସ୍ୟ କବି ଅଟ୍ଟାର ଅଫ୍ ନିଶାପୁର ଲେଖିଥିଲେ। କବିତାର ଆରମ୍ଭରେ ବିଶ୍ୱର ପକ୍ଷୀମାନଙ୍କ ଏକ ସମ୍ମିଳନୀ ବିଷୟ ବର୍ଣ୍ଣନା କରାଯାଇଛି, ଯେଉଁଥିରେ କିଏ ସେମାନଙ୍କର ରାଜା ହେବ ସେ ବିଷୟରେ ନିଷ୍ପତ୍ତି ନିଆଯାଇଥିଲା। ସବୁଠାରୁ ବିଜ୍ଞ ପକ୍ଷୀ ହୁପୁ କହିଲେ ଯେ, ଏ ନିଷ୍ପତ୍ତି ନେବା ପାଇଁ ସିମର୍ଗ (ପୌରାଣିକ ଫିନିକ୍ସ ବଂଶର ଏକ ଦୟାଳୁ ପକ୍ଷୀ)କୁ ଦାୟିତ୍ୱ ଦିଆଯାଉ। ଏହି କବିତାରେ ପକ୍ଷୀମାନଙ୍କ ଯାତ୍ରା ଓ ଯାତ୍ରାକାଳରେ ସେମାନେ ଅର୍ଜନ କରିଥିବା ନୈତିକ ଜ୍ଞାନ ବିଷୟ ବର୍ଣ୍ଣିତ ହୋଇଛି।

ପକ୍ଷୀଭାଷା ବୁଝିବା କ୍ଷମତାରୁ ହିରୋ ବା ବୀରର ଅବଧାରଣା ଆସିଛି। ଯାଦୁକରୀ ରୂପାନ୍ତର ମାଧ୍ୟମରେ ବା କୌଣସି ଭଲକାମ କରିବାର ପୁରସ୍କାର ସ୍ୱରୂପ ସେମାନଙ୍କୁ ଏହି ଜ୍ଞାନ ମିଳିଥାଏ। ଇହୁଦୀମାନଙ୍କ ଜ୍ୟୋତିଷ, ଯାଦୁବିଦ୍ୟା ଓ ପକ୍ଷୀଭାଷା ବା ସବୁଜ ଭାଷା ବୁଝିବା କ୍ଷମତାକୁ ଗୁପ୍ତବିଦ୍ୟା ଓ ଚରମଜ୍ଞାନ ଭାବେ ବିବେଚନା କରାଯାଉଥିଲା। କୁହାଯାଏ ଏହି ଭାଷାକୁ ଇଜିପ୍ଟର ପକ୍ଷୀମୁଣ୍ଡିଆ ଦେବତା ଥୋଥ୍ ଲେଖିଥିଲେ। ଇଜିପ୍ଟୀୟମାନେ ହେରୋଗ୍ଲିଫିକ୍ ଲିପିକୁ ପକ୍ଷୀମାନଙ୍କ ଲିପି ବୋଲି ବିଶ୍ୱାସ କରନ୍ତି। ଦେଶୀ ଆମେରିକୀୟ ଭାରତୀୟ ପରମ୍ପରାରେ ଡାମରା କୁଆର ଯାଦୁଶକ୍ତି ଅଛି ଏବଂ ସେ ସ୍ୱର୍ଗର ବାର୍ତ୍ତାବହ।

ବ୍ୟାକରଣ ହେଉଛି ଭାଷାର ସାର। କେବଳ ଶବ୍ଦର ଅର୍ଥ ଜାଣିବା ଯଥେଷ୍ଟ ନୁହେଁ, ବାକ୍ୟ ଗଠନ ଓ ବାକ୍ୟରେ ଶବ୍ଦଗୁଡ଼ିକ କିପରି ବ୍ୟବହାର କରାଯାଏ ତାହା ଜାଣିବା ଆବଶ୍ୟକ। କେବଳ ମଣିଷର ଏହି କ୍ଷମତା ଅଛି ବୋଲି କୁହାଯାଏ। ବର୍ତ୍ତମାନ ବୈଜ୍ଞାନିକମାନେ ପ୍ରମାଣ କଲେଣି ଯେ, ଗାୟକ ପକ୍ଷୀମାନଙ୍କର ବି ଏହି କ୍ଷମତା ରହିଛି। ଆମ ପରି ସେମାନେ ବୟୋଜ୍ୟେଷ୍ଠମାନଙ୍କଠାରୁ ଭାଷା ଶିକ୍ଷା କରିଥାନ୍ତି। ସେମାନେ ଏହି କ୍ଷମତାର ବିକାଶ କରିବାକୁ ଅଭ୍ୟାସ କଲାବେଳେ ନୂଆ ନୂଆ ଗୀତ ଓ ସ୍ୱର ବି ବାହାର କରିଥାନ୍ତି ଏବଂ କେତେଟା ପିଢ଼ି ପରେ ତାହା ନୂଆ ଉପଭାଷା (ଡାୟାଲେକ୍ଟ) ରୂପେ ଆତ୍ମପ୍ରକାଶ କରେ।

୨୦୦୯ରୁ ଆରମ୍ଭ ହୋଇଥିବା ଏକ ପରୀକ୍ଷଣରେ ଗବେଷକ ଫେହର ଓ ତାଙ୍କ ସହଯୋଗୀମାନେ ନୂଆକରି ଅଣ୍ଡାରୁ ଛୁଆ ଫୁଟିଥିବା କିଛି ଜେବ୍ରା ଫିଞ୍ଚ୍ ପ୍ରଜାତିର ଗାୟକ ପକ୍ଷୀ ଶାବକଙ୍କୁ ନେଇ ଧ୍ୱନି–ନିରୁଦ୍ଧ (ସାଉଣ୍ଡ ପ୍ରୁଫ୍) ପ୍ରକୋଷ୍ଠରେ ରଖିଲେ। ସେମାନଙ୍କ ଭାଷା ବିକାଶର ଗୁରୁତ୍ୱପୂର୍ଣ୍ଣ ସମୟରେ ହିଁ ନେଇ ସେମାନଙ୍କୁ ଏପରି ଆବଦ୍ଧ ପ୍ରକୋଷ୍ଠରେ ରଖାଗଲା। ଅର୍ଥାତ୍ ସଂଗୀତ–ବିହୀନ ଏକ ଦୁନିଆରେ ସେମାନଙ୍କୁ ରଖାଗଲା। କିନ୍ତୁ ସେମାନଙ୍କୁ ଗୀତର ରେକର୍ଡ ବଜାଇ ନିଜର ସଂଗୀତ ନିଜେ ବିକାଶ କରିବାର ସୁଯୋଗ ଦିଆଗଲା। ଏହି ଗୀତରେ ବନ୍ୟ ପକ୍ଷୀମାନଙ୍କ ପାରମ୍ପରିକ ସଂଗୀତଠାରୁ କମ୍ ସାଙ୍ଗୀତିକତା ଥିଲା। ପାରମ୍ପରିକ ସଂଗୀତର ତାଳ, ଲୟ ଏଥିରେ କିଛି ନ ଥିଲା। କିନ୍ତୁ ସମୟକ୍ରମେ ସେହି ପକ୍ଷୀମାନେ ଅନେକାଂଶରେ ସେମାନଙ୍କ ପ୍ରଜାତିର ବନ୍ୟ ଗାୟକ ପକ୍ଷୀମାନଙ୍କ ପରି ସଂଗୀତର ବିକାଶ କରିପାରିଲେ। ଏଥିରୁ ମନେହୁଏ ସେମାନଙ୍କ ଭିତରେ ସେମାନଙ୍କ ଭାଷାର ବ୍ୟାକରଣ ଓ ଗଠନ ବୁଝିବାର କ୍ଷମତା ରହିଥିଲା।

ନେଚର ପତ୍ରିକାରେ ପ୍ରକାଶିତ କେଣ୍ଟାରୋ ଆବେ ଓ ଡାଇ ୱଟାନାବେଙ୍କ ଏକ ଅନୁଧ୍ୟାନ ପ୍ରକାଶ ପାଇଛି, ଯେଉଁଥିରେ ବେଙ୍ଗଲିଜ୍ ଫିଞ୍ଚ୍ ପ୍ରଜାତିର ଗାୟକ ପକ୍ଷୀଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି। ଏକ ଗାୟକ ପକ୍ଷୀମାନେ ନିଜ ସଂଗୀତ ସହ ଅନ୍ୟ ସଂଗୀତ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି (ଆମେ ଏହାକୁ ସଂଗୀତ କହୁଛୁ କିନ୍ତୁ ଏହା ବାସ୍ତବରେ ସାଧାରଣ ବାର୍ତ୍ତାଳାପ)। ଗବେଷକମାନେ ସେହି ଏକା ଗୀତକୁ ବାରମ୍ବାର ବଜାଇଚାଲିଲେ ଏବଂ ଦେଖାଗଲା ଯେ ପକ୍ଷୀମାନେ କିଛି ସମୟ ପରେ ଆଉ ତା' ଉପରେ କିଛି ଆଗ୍ରହ ଦେଖାଇଲେ ନାହିଁ କିମ୍ବା କିଛି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ। ତା'ପରେ ଗବେଷକମାନେ ଗୀତଟିକୁ ଟିକେ ବଦଳାଇ ବଜାଇବାରୁ ପକ୍ଷୀମାନେ ତା' ଉପରେ ପ୍ରତିକ୍ରିୟା ପ୍ରକାଶ କଲେ। ଗବେଷକମାନେ କେତେକ ବ୍ୟାକରଣର ନିୟମ ଉଦ୍ଭାବନ କରି ପକ୍ଷୀମାନଙ୍କୁ ଶିକ୍ଷା ଦେଲେ ଏବଂ ଏହି ନିୟମଗୁଡ଼ିକୁ ଅନୁସରଣ କରୁଥିବା ୫୦ଟି ଗୀତ ସୃଷ୍ଟି କଲେ। ସେମାନେ ଗୀତଗୁଡ଼ିକୁ ଏକ ଘଣ୍ଟା ଧରି ପକ୍ଷୀମାନଙ୍କ ଆଗରେ ବଜାଇଲେ, ଯେପରି ଶିକ୍ଷକ ପିଲାମାନଙ୍କୁ ଅଭ୍ୟାସ କରାନ୍ତି। ତା'ପରେ ସେମାନେ ପାଞ୍ଚ ମିନିଟ୍ ଅପେକ୍ଷା କରି ଏକ ନୂଆ ଗୀତ ବଜାଇଲେ, ଯାହା ପୂର୍ବୋକ୍ତ ବ୍ୟାକରଣର ନିୟମକୁ ଅନୁସରଣ କରୁଥିଲା କିମ୍ବା କରୁ ନ ଥିଲା। ପକ୍ଷୀମାନେ ବ୍ୟାକରଣର ନିୟମକୁ ଠିକ୍‌ଭାବେ ଅନୁସରଣ କରୁଥିବା ଗୀତ ଉପରେ ପ୍ରତିକ୍ରିୟା ପ୍ରକାଶ କଲେ ଓ ଅନ୍ୟ ଗୀତ ବଜାହେଲା ବେଳେ କେବଳ ଡେଣା ଫଡ଼ଫଡ଼ କଲେ। ସୁତରାଂ ପକ୍ଷୀମାନେ ନୂଆ ବ୍ୟାକରଣର ନିୟମକୁ ଗ୍ରହଣ କରିନେଇ ସାରିଥିଲେ।

କେଉଁ ଜୈବ ଚାଳନ ଶକ୍ତି ବଳରେ ପକ୍ଷୀମାନେ ନୂଆ ବ୍ୟାକରଣ ଶିଖିପାରିଲେ ? ଆମ ମସ୍ତିଷ୍କରେ ଏକ ସ୍ୱତନ୍ତ୍ର ସ୍ଥାନ ଅଛି, ଯାହା ଭୁଲ୍ ଶବ୍ଦ ସଂଯୋଜନା ଶୁଣିଲେ ତାହାକୁ ଗ୍ରହଣ କରିବାକୁ ଦିଏ ନାହିଁ। ବ୍ରୋକାଜ୍ ରିଜିୟନ ନାମକ ମସ୍ତିଷ୍କର ଏହି ଅଞ୍ଚଳ ହିଁ ଆମକୁ ବ୍ୟାକରଣ ବୁଝିବାର କ୍ଷମତା ଦେଇଥାଏ। ବୈଜ୍ଞାନିକମାନଙ୍କ ମତରେ ଗାୟକ ପକ୍ଷୀ ଫିଞ୍ଚ୍‌ମାନଙ୍କ ମସ୍ତିଷ୍କରେ ବି ଅନୁରୂପ ବ୍ୟବସ୍ଥା ଅଛି। ସୁତରାଂ ପକ୍ଷୀମାନଙ୍କର ସ୍ୱତନ୍ତ୍ର ଭାଷା ଅଛି। କିନ୍ତୁ ଦୁର୍ଭାଗ୍ୟ, ଆମେ ତାହା ବୁଝିପାରୁନାହୁଁ।

Email: gandhim@nic.in

# ଯେଉଁଠି ମନା ସେଇଠି ମନ



**ଅଞ୍ଜନ ଚାନ୍ଦ**

ସେଦିନର ସକାଳଟା ଖୁବ୍ ସୁନ୍ଦର ଥିଲା। କାଣିଚାଏ କୁହୁଡ଼ି ଦୂର ଦିଗ୍‌ବଳୟରେ ଦିଶୁ ନ ଥିଲା। ନୀଳ ଆକାଶରେ କେତୋଟି କୁନି ମେଘ ସୂର୍ଯ୍ୟଙ୍କ ରଙ୍ଗକୁ ମୁହଁରେ ମାଖି ଫୁଲେଇ ହେଉଥିଲେ। ଶୀତଳ କୋମଳ ପରିବେଶ। ଦୁଇବନ୍ଧୁ ପଦଚାରଣ କରି ରାଜାଙ୍କ ଉଆସ ପାଖରେ ପହଞ୍ଚିଲେ। ସେଠାରେ ପତ୍ରଗହଳ ଗଛଟିଏ ଫଳ ବିଭବରେ ମଣ୍ଡିତ ହୋଇଛି। ଗଛ ତଳେ ଗହଳ ଚହଳ। ବ୍ୟବସାୟୀମାନେ ରାଜପ୍ରତିନିଧିଙ୍କୁ ଉଚିତ ମୂଲ୍ୟ ଦେଇ ଫଳସବୁ କିଣି ନେଉଛନ୍ତି। ସେମାନଙ୍କଠାରୁ ଫଳ କିଣିବା ପାଇଁ ପ୍ରଜାମାନେ ଗହଳି କରିଛନ୍ତି। ସେତେବେଳେ ଆସୁଛି ନାଗରାବାଲା। ନାଗରା ବଜାଇ କହୁଛି– ଖାଅନା, ଏ ଫଳ ଖାଅନା। ଫଳରେ ବିଷ ଅଛି। ଯିଏ ଖାଇବ ଧୀରେ ଧୀରେ ମରିଯିବ। ପ୍ରଜାମାନେ ଶୁଣୁଛନ୍ତି। ତଥାପି ଫଳ କିଣି ଖାଇବାରେ ଲାଗିଛନ୍ତି।

ଜଣେ ବନ୍ଧୁ କହୁଛନ୍ତି, ଏ ଲୋକଗୁଡ଼ାକ କି ମୂର୍ଖ! ଆମ ରାଜା କେତେ ଭଲ। ଫଳ ବିକ୍ରି ହୋଇ ସହସ୍ର ସ୍ୱର୍ଣ୍ଣମୁଦ୍ରା ରାଜକୋଷକୁ ଯାଉଛି। ଅଥଚ ପ୍ରଜାଙ୍କ ମଙ୍ଗଳ ପାଇଁ ସେ ଫଳ ଖାଇବାକୁ ବାରଣ କରୁଛନ୍ତି। ଲୋକମାନେ ନ ଶୁଣିଲେ ସେ ଆଉ କ'ଣ କରିବେ ? ଅନ୍ୟ ବନ୍ଧୁ କହିଲେ, ରାଜା ଯଦି ସତରେ ପ୍ରଜାଙ୍କ ମଙ୍ଗଳ ଚାହୁଁଛନ୍ତି ତେବେ ବିଷ ଫଳର ଏ ଗଛଟିକୁ ମୂଳରୁ କାଟିଦେଉନାହାନ୍ତି କାହିଁକି ?

ପିଲାଦିନେ ଦେଖିଛି, ଆମ ଗାଁ ପାଖ ବସ୍ତିରେ ବିଡ଼ି ପ୍ରସ୍ତୁତି କୁଟୀରଶିଳ୍ପରେ ପରିଣତ ହୋଇଥିଲା। ଘରେ ଘରେ ବୁଢ଼ାଠାରୁ ଛୋଟ ପିଲା ଓ ସ୍ତ୍ରୀଲୋକମାନେ ଏକାଠି ବସି ବିଡ଼ି ମୋଡୁଥିଲେ। ସୂତାରେ ବଣ୍ଡଲ କରି ହାଟକୁ ବିକ୍ରି ପାଇଁ ନେଉଥିଲେ। ତା'ପରେ ପଲିଥିନ ପ୍ୟାକେଟ୍ ଆସିଲା। କେତେଜଣ ସହରରୁ କାଗଜ ଛାପି ତା' ଭିତରେ ପୂରାଇଲେ। କାଗଜରେ ବିଡ଼ିର ନାମ, ଦାମ୍ ସହିତ ଗୋଟେ ଟୋପିପିନ୍ଧା ଲୋକ କିମ୍ବା ଗୋଖର ସାପର ଛବି ଥିବା କଥା ମନେପଡୁଛି। କଲେଜକୁ ଯିବା ପରେ ସିଗାରେଟ୍ ସହିତ ପରିଚୟ। ସେତେବେଳେ ପିଲାମାନେ ମୁଣ୍ଡରେ ହିପ୍ପି, ଛିଟରଙ୍ଗର ଚିପା ଶାର୍ଟ, ଭେଲବଟମ୍ ପ୍ୟାଣ୍ଟ, ଚଉଡ଼ା ବେଲ୍ଟ, ହିଲ୍ ଜୋତା ସହିତ ମୁହଁରେ ସିଗାରେଟ୍ ଧରି ହିରୋ ସାଜୁଥିଲେ।

ବିଡ଼ି ଓ ସିଗାରେଟ୍‌ର ବହୁଦିନ ପରେ ଗୁଟ୍‌ଖାର ଆବିର୍ଭାବ। ସକାଳେ ପାନ ଦୋକାନରେ ଝୁଲୁଥିବା ପ୍ୟାକେଟ୍‌ଗୁଡ଼ିକ ସଞ୍ଜବେଳକୁ ଉଭାନ ହୋଇଯାଏ। ତମାଖୁ, ଗୁଟ୍‌ଖାର ବହୁଳ ବ୍ୟବହାରକୁ ଦେଖି ସରକାର ଚିନ୍ତାରେ ପଡ଼ିଲେ। ବୈଧାନିକ ସତର୍କତାକୁ ବଡ଼ ଅକ୍ଷରରେ ଲେଖିବା ବ୍ୟବସ୍ଥା କରାଇଲେ। ଲୋକମାନେ ଡରିଯିବା ପରି ଭୟଙ୍କର ଚିତ୍ର ଦେଖାଇଲେ। କାନ୍ଥବାଡ଼, ଗଣମାଧ୍ୟମରେ ବିଜ୍ଞାପନ ଦେଲେ। ସର୍ବସାଧାରଣ ସ୍ଥାନରେ ସିଗାରେଟ୍ ଟାଣିଲେ ଦୁଇଶହ ଟଙ୍କା ଫାଇନ କଲେ।

ଏଇ ଶେଷକଥାଟି ପାଇଁ ଗଣ୍ଡଗୋଳ ଉପୁଜିଲା। ଧୂମପାୟୀମାନେ ଆପତ୍ତି କଲେ। ସର୍ବସାଧାରଣ ଜାଗାରେ ତ ସିଗାରେଟ୍ ବିକ୍ରି ହେଉଛି। ତାକୁ କିଣି ଟାଣିବା ପାଇଁ କେଉଁ ଅସର୍ବସାଧାରଣ ଜାଗାକୁ ଯିବୁ? ଘରେ ସ୍ତ୍ରୀ, ପିଲାମାନେ ଅଛନ୍ତି। ସେଠାରେ ଟାଣି ହେବନି। 'ଏଠାରେ ସିଗାରେଟ୍ ଟାଣନ୍ତୁ' ଏମିତି କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ବି ନାହିଁ। ଆମେ କ'ଣ ସିଗାରେଟ୍ ଟାଣିବା ପାଇଁ ସହର ଛାଡ଼ି ବଣଜଙ୍ଗଲକୁ ଯିବୁ ନା ଦଶ ଟଙ୍କାର ସିଗାରେଟ୍ ପାଇଁ ହଜାରେ ଟଙ୍କାର ହୋଟେଲ ରୁମ୍ ବୁକ୍ କରିବୁ ? ଦୁଇଶହ ଟଙ୍କାର ଫାଇନ୍ କଥା ଶୁଣି କେତେଜଣ ପୋଲିସବାବୁ ଖୁସି ହୋଇଯାଇଥିଲେ। ବାଟଘାଟରେ ଦୁଇଚାରିଟା ସିଗାରେଟ୍ ପିଆଳିକୁ ଧରିପାରିଲେ ହାତଖର୍ଚ୍ଚ ଉଠିଯିବ। ଠିକ୍ ସେତିକିବେଳେ ଚତୁର ସାମ୍ବାଦିକମାନେ ପୋଲିସ ପୋଷାକରେ ଥାଇ ମହାରାଜାଙ୍କ ଠାଣିରେ ସିଗାରେଟ୍ ଟଣା ହେଉଥିବାର ଫଟୋଚିତ୍ର ଖବରକାଗଜରେ ବାହାର କଲେ। ଏବେ ପଦପଦବୀ ଭୁଲି ସମସ୍ତେ ଛକରେ ସିଗାରେଟ୍ ଟାଣୁଛନ୍ତି। ସେ ନିୟମଟି କୁଆଡ଼େ ଗଲା ତାକୁ କେହି ଖୋଜୁନାହାନ୍ତି।

ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ ସରକାରୀ ଅର୍ଥ ସାହାଯ୍ୟ ପାଇ ସ୍କୁଲଗୁଡ଼ିକରେ ଘୂରିବୁଲି ନିଶା ନିବାରଣ ସଚେତନତା ସୃଷ୍ଟି କରୁଛନ୍ତି। କୋମଳମତି ପିଲାମାନେ ଯେଉଁ ଶବ୍ଦ ଆଗରୁ କେବେ ଶୁଣି ନ ଥିଲେ, ଯେଉଁ ଦ୍ରବ୍ୟକୁ ଜାଣି ନ ଥିଲେ ତାହା ସେମାନଙ୍କଠାରୁ ଶୁଣୁଛନ୍ତି ଓ ଜାଣୁଛନ୍ତି। ସେଇଟା କ'ଣ ? କେମିତି ଲାଗେ ? ଏ ପ୍ରଶ୍ନ ସେମାନଙ୍କୁ ଉତ୍ସୁକ କରୁଛି।

ନିଷେଧ ପ୍ରତି ଆକର୍ଷିତ ହେବା ମଣିଷର ସହଜାତ ପ୍ରକୃତି। ବାରମ୍ବାର ସତର୍କ କରିବା ପରେ ମଧ୍ୟ ପିଲାମାନେ ନିଆଁ ସହିତ ଖେଳନ୍ତି। ଜଳାଶୟ ପ୍ରତି ଆକର୍ଷିତ ହୁଅନ୍ତି। ଖୋଲା ପଡ଼ିଥିବା ଘରକୁ ଛାଡ଼ି ଯେଉଁ ଘରେ ତାଲା ପଡ଼ିଛି, ସେଠାରେ କ'ଣ ଅଛି ଜାଣିବାକୁ ମନ ଉଚ୍ଛନ୍ନ ହୁଏ। ଏହି ସ୍ୱାଭାବିକ ସୂତ୍ରକୁ ହିଁ ନିଶା ବେପାରୀମାନେ ନିଜ ଦ୍ରବ୍ୟର ପ୍ରଚାର କାର୍ଯ୍ୟରେ ବିନିଯୋଗ କରୁଛନ୍ତି ଏବଂ ଆମ ସରକାର ସେମାନଙ୍କୁ ସେଥିରେ ଭୂରପୂର ସହଯୋଗ କରୁଛନ୍ତି।

ଏବେ ପଲିଥିନକୁ ନେଇ ସବୁଠି ଚର୍ଚ୍ଚା। 'ନୋ ପ୍ଲାଷ୍ଟିକ୍, ନୋ ପଲିଥିନ୍' ସ୍ଲୋଗାନ ଦିଆଯାଉଛି। ଅଥଚ ସେ ଦୁଇଟି ଆମ ଜନଜୀବନ ସହିତ ଏତେ ଜଡ଼ିତ ଯେ, ଯେଉଁଠି ଯେତେବେଳେ ଆଖିବୁଜି ହାତ ବୁଲାନ୍ତୁ ପ୍ଲାଷ୍ଟିକ କିମ୍ବା ପଲିଥିନରେ ନିଶ୍ଚୟ ବାଜିବ। ପଲିଥିନ୍‌ର ବହୁଳ ବ୍ୟବହାର ଆମ ହାତରୁ ହାଟଥଳି କାଢ଼ିନେଇଛି। ସେ ଅଭ୍ୟାସ ସହଜରେ ଫେରିବ ନାହିଁ। ବିନା ପଲିଥିନରେ ମାଛ, ମାଂସ କେମିତି ଆସିବ? ଏ ଯେମିତି ଏକ ଅସମାହିତ ପ୍ରଶ୍ନ ଏବଂ ସବୁଠାରୁ ଆଶ୍ଚର୍ଯ୍ୟଜନକ ହେଉଛି ପଲିଥିନ ମୁଣାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ପରେ ବି ତାହା ବଜାରକୁ ଏତେ ସଂଖ୍ୟାରେ କେଉଁଠୁ ଆସୁଛି?

ବନ୍ଧୁ ମଧୁ ମହାନ୍ତିଙ୍କୁ ମଧୁମେହ। ତାଙ୍କ ସ୍ତ୍ରୀ ମିଠା ଖାଇବାକୁ ଭଲ ପାଆନ୍ତି ନାହିଁ। ପିଲାମାନେ ଦୂରରେ ରହି ପାଠ ପଢ଼ୁଛନ୍ତି। ଅଥଚ ଫ୍ରିଜ୍‌ରେ ମିଠା ଅଛି ଅତିଥି ଅଭ୍ୟାଗତଙ୍କ ପାଇଁ। ସ୍ତ୍ରୀ ସ୍ୱାମୀଙ୍କ ଭଲ ଚାହାନ୍ତି। ବାରମ୍ବାର କୁହନ୍ତି, ତୁମେ ମିଠା ଖାଇବ ନାହିଁ। ସେ ଯେତେବେଳେ କୁହନ୍ତି ସେତେବେଳେ ମଧୁ ମହାନ୍ତିଙ୍କ ମନରେ ମିଠା ଖାଇବାର ଇଚ୍ଛା ପ୍ରବଳ ହୁଏ। ନିଶା ନିବାରଣ ପାଇଁ ବୈଧାନିକ ସତର୍କତା ଓ ସରକାରୀ ବିଜ୍ଞାପନଗୁଡ଼ିକ କାହିଁକି କେଜାଣି ଠିକ୍ ସେମିତି ମନେହୁଏ। **ମୋ: ୯୪୩୭୨୯୬୮୬୫**

## ଏଇ ଭାରତରେ

ପ୍ରଯୁକ୍ତିବିଦ୍ୟା ପ୍ରୟୋଗରେ ସମାଜ ଆଧୁନିକତାର ଶିଡି ଚଢ଼ି ଚାଲିଥିଲେ ମଧ୍ୟ ଅନ୍ଧବିଶ୍ୱାସ ଏବେ ବି ଅନେକଙ୍କ ଜୀବନକୁ ଜାବୁଡ଼ି ଧରିଛି। ଅନ୍ଧବିଶ୍ୱାସରେ ପଡ଼ି ମଣିଷ ବିବେକହୀନ କାର୍ଯ୍ୟ କରିବସେ, ଯାହାର ନଜିର ଅନେକ ଦେଖିବାକୁ ମିଳିଛି। ଏହିଭଳି ଘଟଣା ଏକ ଦମ୍ପତିଙ୍କ ଦ୍ୱାରା ଘଟିଛି, ଯାହା ଅନେକଙ୍କୁ ହତଚକିତ କରିଦେଇଛି। କାରଣ ସେମାନେ ତାନ୍ତ୍ରିକ କଥାରେ ବିଶ୍ୱାସ କରି ନିଜର ଏକମାସର ଶିଶୁପୁତ୍ରକୁ ରାଞ୍ଚିର ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରିଛନ୍ତି। ପଶ୍ଚିମବଙ୍ଗର ଉକ୍ତ ଦମ୍ପତିଙ୍କୁ କିଛିଦିନ ତଳେ ଜଣେ ତାନ୍ତ୍ରିକ କହିଥିଲେ, ଜନ୍ମ ହେବାକୁ ଥିବା ନୂତନ ଶିଶୁ ପରିବାର ପାଇଁ ସମସ୍ୟା ଆଣିବ। ଶିଶୁପୁତ୍ର ଜନ୍ମ ହେବା ପରେ ସେମାନଙ୍କର ବଡ଼ପୁଅ ହଠାତ୍ ଅସୁସ୍ଥ ହୋଇପଡ଼ିଲା। ତେଣୁ ତାନ୍ତ୍ରିକ କଥା ସତ ବୋଲି ବିଶ୍ୱାସ କରି ଦମ୍ପତି ଶିଶୁଟିକୁ ସିଡବ୍ଲ୍ୟୁସିକୁ ଦେଇଥିଲେ। ସିଡବ୍ଲ୍ୟୁସି ପକ୍ଷରୁ ସେମାନଙ୍କୁ ଯେତେ ବୁଝାଇଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଗତ ୧୫ ଦିନ ଧରି ଶିଶୁପୁତ୍ରକୁ ଏବେ କରୁଣା ନାମକ ଏକ ଚାଇଲ୍ଡ କେୟାର ସଂସ୍ଥାରେ ଲାଳନପାଳନ କରାଯାଉଛି। ସିଡବ୍ଲ୍ୟୁସିକୁ ଗୋଟିଏ କଥା ଆଶ୍ୱାସନା ଦେଇଛି ଯେ, ଶିଶୁପୁତ୍ରକୁ ତାଙ୍କ ମା'ବାପା ଅନ୍ୟ କେଉଁଠି ଛାଡ଼ିନାହାନ୍ତି, ନଚେତ୍ ନିଷ୍ପାପ ଶିଶୁର ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାନ୍ତା। ୨୦୧୭ ନିୟମାବଳୀ ଅନୁସାରେ ଦମ୍ପତି ଚାହିଁଲେ ସେମାନଙ୍କ ଶିଶୁପୁତ୍ରକୁ ୬୦ ଦିନ ମଧ୍ୟରେ ଫେରାଇ ନେଇ ପାରିବେ। ମାତ୍ର ଏହାପରେ ଶିଶୁ ଉପରେ ସେମାନଙ୍କର କୌଣସି ଅଧିକାର ରହିବ ନାହିଁ ବୋଲି କରୁଣା ପକ୍ଷରୁ ସୂଚନା ଦିଆଯାଇଛି।

## ଚିରନ୍ତନୀ

ଅତି ପ୍ରିୟ ପଥ ତବ ହେଲା ଯେବେ
କଣ୍ଟକେ ଆକୀର୍ଣ୍ଣ
ଦିଅ ଅନୁମତି ନିଜ ପଥ ନିଜେ
ଖୋଜୁ ହେ ନବୀନ !
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | E | 2 | | C | | | | | 6 | |
| 4 | | | | 0 | | D | | | 3 | | | | 2 | A |
| | | D | | 1 | | | 3 | | | E | 4 | | | |
| 3 | | | 2 | 7 | | | A | 5 | 6 | 0 | | C | | |
| A | 9 | | | | 6 | E | | | 2 | | 8 | 0 | | |
| | | | E | | | | 7 | | | | | | | 9 |
| E | D | | | | | | | 0 | | 4 | | 8 | | |
| | 1 | 9 | A | | | | | | | 6 | | 4 | | 7 |
| 2 | | 3 | | 4 | | | | | | | C | D | 5 | |
| C | | | | | | 6 | | 9 | | | 7 | 3 | | |
| | C | | | 8 | | | | 1 | | 3 | | A | | |
| 7 | | | | | | | D | 3 | C | | | | | 5 |
| 1 | | | B | | | | | 8 | | 9 | A | | | 2 |
| | 6 | | 0 | | | | | E | 8 | 5 | B | | | 3 |
| | | | 4 | D | | | | | | | 2 | E | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 0 | D | E | 3 | C | 2 | 4 | 1 | B | A | 9 | 8 | 5 | 6 |
| 1 | 3 | E | 5 | B | 8 | C | 9 | A | 0 | 7 | 6 | 2 | 4 | D |
| B | 4 | 5 | 1 | A | D | 6 | 3 | E | 8 | 2 | C | 0 | 7 | 9 |
| A | 9 | 6 | 2 | 4 | 7 | 8 | 0 | D | 3 | E | 5 | 1 | C | B |
| 2 | C | 8 | 6 | 0 | 9 | 5 | B | 7 | D | 1 | 4 | E | A | 3 |
| 3 | 6 | 0 | 4 | 1 | A | 7 | 5 | B | 9 | D | 8 | C | E | 2 |
| E | 2 | A | 3 | 7 | 0 | 4 | 1 | 8 | C | 6 | B | D | 9 | 5 |
| 9 | 8 | C | D | 6 | 5 | 0 | 2 | 3 | E | 4 | A | 7 | B | 1 |
| 4 | 1 | B | 8 | 9 | E | D | C | 6 | 2 | 5 | 7 | A | 3 | 0 |
| 5 | D | 7 | B | C | 2 | E | A | 9 | 1 | 3 | 0 | 4 | 6 | 8 |
| 6 | A | 3 | C | 8 | 1 | 9 | D | 2 | 4 | B | E | 5 | 0 | 7 |
| D | 5 | 2 | 0 | E | 6 | 1 | 7 | C | A | 9 | 3 | B | 8 | 4 |
| 8 | 7 | 1 | A | 5 | B | 3 | E | 4 | 6 | 0 | D | 9 | 2 | C |
| C | B | 9 | 7 | D | 4 | A | 6 | 0 | 5 | 8 | 2 | 3 | 1 | E |
| 0 | E | 4 | 9 | 2 | 3 | B | 8 | 5 | 7 | C | 1 | 6 | D | A |

ଗତକାଲିର ଉତ୍ତର

# ସୀମିତ ବଳୟର ଜୀବନ



**ଡ. ସୁବାସ ଚନ୍ଦ୍ର ପାତ୍ର**

ଆଶ୍ୱାସନା କିପରି ବିଡ଼ମ୍ବନାରେ ରୂପାନ୍ତରିତ ହୋଇପାରେ ତାହା ଅନ୍ତତଃ ବିଜ୍ଞାନର ବରଦାନକୁ ବିଶ୍ଳେଷଣ କଲେ ଜାଣିହେବ। ମଣିଷ ଯେତେବେଳେ ସବୁ କାମ ପାଇଁ ତା' ହାତ ଓ ଗୋଡ଼ ଉପରେ ନିର୍ଭର କରୁଥିଲା, ସେତେବେଳେ ସେ ଭାବୁଥିଲା କିଛି ଗୋଟାଏ ବିକଳ୍ପ ବସ୍ତୁ ବା ଯନ୍ତ୍ରପାତି ମିଳିଯାନ୍ତା କି? ଯଦ୍ୱାରା ଏ ଶାରୀରିକ ପରିଶ୍ରମ ଖାଲି କମିଯାଆନ୍ତା ନାହିଁ ଉଦ୍‌ବୃତ୍ତ ସମୟକୁ ସେ ଆଉ କିଛି ସୂକ୍ଷ୍ମକାମରେ ଲଗାଇ ଏକ ସମୃଦ୍ଧ ଜୀବନଯାପନ କରନ୍ତା। ଘଟଣାକ୍ରମେ ବିଜ୍ଞାନ ତା'ର ମନୋବାଞ୍ଛା ପୂରଣ କଲା। ନିଜର ବୁଦ୍ଧି ଓ ବୈଜ୍ଞାନିକ ଯନ୍ତ୍ରପାତି ସୌଜନ୍ୟରେ ସେ ହାତଗୋଡ଼କୁ ବ୍ୟବହାର କଲା, କିନ୍ତୁ ବିଡ଼ମ୍ବନାକ୍ରମେ ସେ ସମୃଦ୍ଧ ହେଲା ସତ, କିନ୍ତୁ ଭିନ୍ନ ଭାବରେ ଦିନକୁ ଦିନ ସେ 'ଗରିବ' ହେବାକୁ ଲାଗିଲା– ଆର୍ଥିକ ପୁଞ୍ଜି ବୃଦ୍ଧି ହେବା ସହ ଅନୁଭୂତିର ପୁଞ୍ଜି ହ୍ରାସ ପାଇଲା। ଇନ୍ଦ୍ରିୟାତୀତ ଅନୁଭୂତି ଦୂରର କଥା, ଅନେକ ସାଧାରଣ ଇନ୍ଦ୍ରିୟକୈନ୍ଦ୍ରିକ ଅନୁଭୂତିରୁ ବି ସେ ବଞ୍ଚିତ ହେଲା, ଅର୍ଥାତ୍ ତା'ର ଆଖି, କାନ, ନାକ, ଜିଭ ଅନେକ ଅନୁଭୂତିର 'ସ୍ୱାଦ' ନ ପାଇ ଦିନକୁ ଦିନ 'ଦରିଦ୍ର' ହେବାକୁ ଲାଗିଲେ।

ପ୍ରସଙ୍ଗକ୍ରମେ ମହାପାତ୍ରବାବୁଙ୍କ ପ୍ରତିବାଦର ଅବତାରଣା। ପୁଅର ଆଗ୍ରହକୁ ପ୍ରତ୍ୟାଖ୍ୟାନ କରି ନ ପାରି ଭୁବନେଶ୍ୱରରୁ ବେଙ୍ଗାଲୁରୁ ଉଡ଼ାଜାହାଜରେ ଆସି କିପରି 'ବଞ୍ଚିତ' ହେଲେ ତାହା ହିଁ ଏହି ପ୍ରତିବାଦର କେନ୍ଦ୍ରବିନ୍ଦୁ। ପୁଅକୁ କହିଲେ, ''ଏକ ଘଣ୍ଟା ପଇଁଚାଳିଶ ମିନିଟ୍‌ରେ ଭୁବନେଶ୍ୱରରୁ ବେଙ୍ଗାଲୁରୁ ଆସି ମୁଁ ପାଇଲି କ'ଣ ? ଦେଖିଲି କ'ଣ ? କ'ଣ ଲାଭ ହେଲା ? ଖାଲି କିଛି ସମୟ ବଞ୍ଚିଲା ଯାହା। ଉଡ଼ାଜାହଜ ଭିତରେ କେତେଜଣ ପରିଚାରିକା, ପାଖରେ ନିଜ ନିଜ ଇଲେକ୍ଟ୍ରୋନିକ ପୃଥିବୀରେ ହଜିଯାଇଥିବା କିଛି ସହଯାତ୍ରୀ, ଆଉ ବାହାରେ ଭାସମାନ ବାଦଲ ଓ ନୀଳ ଆକାଶ, ଯାହା ମୁଁ ପୃଥିବୀରେ ଠିଆ ହୋଇ ଅନେକବାର ଦେଖେ। ଅଥଚ ରେଳଗାଡ଼ିରେ ଆସିଥିଲେ ମୁଁ ଚିଲିକା ଦେଖିଥାନ୍ତି, ଆନ୍ଧ୍ର, ତାମିଲନାଡ଼ୁ, କର୍ଣ୍ଣାଟକ ଲୋକଙ୍କର ଘରଦ୍ୱାର, ଚାଷବାସ, ଗଛଲତା, ପୋଷାକ ପରିଚ୍ଛଦ ତଥା ବିଭିନ୍ନ କିସମର ସହଯାତ୍ରୀଙ୍କର ଭାଷା, ଖାଦ୍ୟ, କଥୋପକଥନ ସଂସ୍ପର୍ଶରେ ଆସି କିଛି ଜାଣିଥାନ୍ତି, ଶିଖିଥାନ୍ତି। ତୁ ଅଧିକ ପଇସା ଖର୍ଚ୍ଚ କଲୁ, ମୁଁ ଅନ୍ୟ ଭାବରେ 'ଦରିଦ୍ର' ହେଲି ?'' ମହାପାତ୍ରବାବୁଙ୍କ କଥା ପିଲାଳିଆ, ପୁରୁଣାକାଳିଆ ମନେହୋଇ ପାରେ। କିନ୍ତୁ ଏହା ଭିତରେ ବି ଜୀବନର ସତ୍ୟ ଲୁଚ୍ଚାୟିତ।

କହିବା ବାହୁଲ୍ୟ ଯେ ମହାପାତ୍ରବାବୁଙ୍କର ଅଭିଯୋଗ ଏକ ସଂକେତ ମାତ୍ର। ଆଜି ଆଧୁନିକ ମଣିଷ ସ୍କୁଲପିଲାଙ୍କ ୟୁନିଫର୍ମ ପରି ପ୍ରାୟତଃ ସକାଳୁ ସଞ୍ଜ ଏକା ଜିନିଷ ଦେଖେ, ଶୁଣେ, ଶୁଙ୍ଘେ ବା ସ୍ୱାଦକରେ। ଇନ୍ଦ୍ରିୟକୈନ୍ଦ୍ରିକ ଅନୁଭୂତିରେ ଭିନ୍ନତା ନାହିଁ ବା ସେ ପ୍ରକାର କିଛି ଦୃଶ୍ୟ ବା ରଙ୍ଗ ଯାହା ହଳଦୀବସନ୍ତର ହୋଇପାରେ, ଶିମୁଳି ଫୁଲର ହୋଇପାରେ ଅବା ଗାଈଟିର ବାଛୁରୀକୁ ଜନ୍ମ ଦେବାର ଦୃଶ୍ୟ ହୋଇପାରେ ଅବା ସେମିତି କିଛି ଶବ୍ଦ ଯାହା ଡାହୁକର ବା ପେଚାର ରାବ ଅବା ବାଉଁଶ ଗଛ ସହ ବାଉଁଶ ଗଛର ଘଷି ହେବାର ଶବ୍ଦ ଅବା ଖିରି ପାଇଁ ଉଦ୍ଦିଷ୍ଟ ବାସ୍ନା ଚାଉଳର ଧାନକେଣ୍ଡାର ସୁଗନ୍ଧ, ଗୋବରିଆ ପୋକର ଦୁର୍ଗନ୍ଧ ଅବା ଘରେ ତିଆରି ଖଜୁରିଗୁଡ଼ର ସ୍ୱାଦ– ଏମିତି ଅନେକ 'କଥା' ଆମ ଆଖି, କାନ, ନାକ, ଜିଭ ପାଇଁ ନିବୁଜ ବହିପରି। ଆଉ ଇନ୍ଦ୍ରିୟ ତଥା ବିଜ୍ଞାନ ଅବମାନନାକାରୀ ଘଟଣା ବା ଅନୁଭୂତି ଯାହା ଭୂତ, ପ୍ରେତ, ଡାହାଣୀ ସମ୍ପର୍କିତ ସେ ସବୁ ଅନୁଭୂତିର ଦାବିଦାର ବା ସମର୍ଥକ ହେବା ତ ଦୂରର କଥା ଅନ୍ତତଃ ତାହା ଅନ୍ୟ ତୁଣ୍ଡରୁ ଶୁଣିବାର ସୌଭାଗ୍ୟ ବି ଆଜି ଅନେକଙ୍କର ନାହିଁ। ଅବଶ୍ୟ ବିଜ୍ଞାନର ଆଶୀର୍ବାଦକ୍ରମେ ବହୁ ବିକଳ୍ପ ଦୃଶ୍ୟ ବା ଅନୁଭୂତି ଆଜି ଉପଲବ୍ଧ କିନ୍ତୁ ଦୁଃଖର କଥା ଆଜିର ଯୁବପିଢ଼ି ବାସ୍ତବ ଦୃଶ୍ୟ ବା ଅନୁଭୂତିକୁ ଅଙ୍ଗେ ନିଭେଇବା ବା ତା'ର ସାକ୍ଷୀ ହେବା ପରିବର୍ତ୍ତେ ତା'ର ଛାଇ, ତା'ର ଚିତ୍ରଜଗତରେ ଅଧିକ ମଗ୍ନ ରହି ବାସ୍ତବ ପୃଥିବୀ ପରିବର୍ତ୍ତେ ଅର୍ଦ୍ଧ–ବାସ୍ତବ ପୃଥିବୀରେ ଅଧିକ ସକ୍ରିୟ ରହୁଛନ୍ତି ଅର୍ଥାତ୍ ସତ୍ୟ ଅପେକ୍ଷା ଅର୍ଦ୍ଧସତ୍ୟର ଅନୁଧାବନକୁ ସେମାନେ ପ୍ରାଧାନ୍ୟ ଦେଇ ଜୀବନଯାପନ କରିବାକୁ ହିତକର ମଣୁଛନ୍ତି।

ବିଜ୍ଞାନ କାନ୍ଧରେ ଲାଉହୋଇ ମଣିଷ ତା'ର ସ୍ୱାଭାବିକ ଗତିଶୀଳତା, ଦୁଃସାହସିକତା, ମାଡ଼ିଯିବାପଣ ହରେଇ ଦିନକୁ ଦିନ ନିଜକୁ ଅଧିକ ଅସୁରକ୍ଷିତ ମଣି ଦୂରରେ ଥାଇ ବି କିପରି ପାଖରେ ରହିବ, ପାଖଲୋକଙ୍କ ଛାଇରେ ବଞ୍ଚିବ, ତା'ଠୁ ସାହାଯ୍ୟ ପାଇ ଅଧିକ 'ନିରାପଦ' ଜୀବନ ଯାପନ କରିବ ସେହି ଚିନ୍ତା ତାକୁ ଘାରିଛି। ଅର୍ଥାତ୍ ଶିକାଗୋ ହେଉ ଅବା ବେଙ୍ଗାଲୁରୁ ବିଜ୍ଞାନର ସୌଜନ୍ୟକ୍ରମେ ସେ ନିଜ ଘରଲୋକରୂପକ ବରଗଛର ଛାଇରେ ବଢ଼ି ନିଜକୁ ନିରାପଦ ମଣୁଛି ଏବଂ ଘରଲୋକ ବି ତାକୁ ବରଗଛତଳର ଦୂବଘାସରେ ପରିଣତ କରି ତାକୁ ଯେ ବଢ଼ିବାକୁ ଦେଉନାହାନ୍ତି, ତା'ର ସ୍ୱାଧୀନତା, ସ୍ୱାଧୀନ ଚିନ୍ତନକୁ ଲୋପକରି ସେମାନଙ୍କୁ ନିଜ ନିଜର ଗୋଟିଏ ଜେରକ୍ସ କପିରେ ପରିଣତ କରୁଛନ୍ତି, ସେ କଥା କେହି ଭାବୁନାହାନ୍ତି। ବିଜ୍ଞାନକୁ ଉପଯୋଗ କରି ଉଭୟ ବାପା ମା' ଓ ପିଲାଛୁଆ ପରସ୍ପରର ଗୋଲାମ ହୋଇ ବଞ୍ଚୁଛନ୍ତି। କେବେ ବି କୌଣସି ବାପା, ମା' ପିଲାମାନଙ୍କୁ କହୁନାହାନ୍ତି ତୁ ସ୍ୱାଧୀନ ହୋଇ ଯା, ଦୁଃସାହସୀ ହୁଅ, ଆଗକୁ ମାଡ଼ି ଯା, ସଂକଟକୁ ମୁକାବିଲା କର, ଆମେ ନାହୁଁ ବୋଲି ଭାବ, ବିପଦ ସହ ଖେଳିବା ଶିଖ। ବରଂ ଓଲଟି କହୁଛନ୍ତି, 'ତୁ କିଛି ଚିନ୍ତା କରନା, ମୁଁ ଯେ ପର୍ଯ୍ୟନ୍ତ ଅଛି ତୋ ପାଦରେ କଣ୍ଟା ଫୋଡ଼ିବନି।' କି ପ୍ରକାର ସୁରକ୍ଷାକବଚ ! କି ପ୍ରକାର ନିରାପତ୍ତାର ପ୍ରତିଶ୍ରୁତି!

ଅଥଚ ଅଭିଭାବକମାନେ ଯେତେବେଳେ ପିଲାଛୁଆଙ୍କର ଅଯଥା ସୁରକ୍ଷାକବଚ ସାଜୁ ନ ଥିଲେ, ବିଜ୍ଞାନର ଛାୟାରେ ସେମାନଙ୍କ ଉପରେ କାୟା ବିସ୍ତାର କରୁ ନ ଥିଲେ, ପିଲାମାନେ କେତେ କଥା କରି ପକାଉଥିଲେ। ବିଶିଷ୍ଟ ଐତିହାସିକ ଡ. ମନ୍ମଥନାଥ ଦାସଙ୍କ ଜୀବନୀରୁ ଏକ ଉଦାହରଣ। ୧୯୩୮ ମସିହାରେ ବାଲେଶ୍ୱର ଜିଲାସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢ଼ିଲାବେଳେ ସେ ଖବରକାଗଜରୁ ଜାଣିଲେ ଗାନ୍ଧିଜୀ ପୁରୀର ଡେଲାଙ୍ଗ ଆସୁଛନ୍ତି। ସେ ଓ ତାଙ୍କ ସହପାଠୀ ତ୍ରିଲୋଚନ ସେନାପତି ଦୁହେଁ ଟ୍ରେନରେ ଯାଇ ଡେଲାଙ୍ଗରେ ପହଞ୍ଚିଥିଲେ। ସଭାସ୍ଥଳ ଜନାକୀର୍ଣ୍ଣ। ଗାନ୍ଧୀଙ୍କୁ ପାଖରେ ଦେଖିପାରିଲେନି। ମନ ଖରାପ କରି ପଡ଼ିଆରେ ଘୂରି ବୁଲୁଛନ୍ତି, ସେହି ସମୟରେ କଂଗ୍ରେସ ଦଳର ଜଣେ ଯୁବକର୍ମୀ ତାଙ୍କ ମନସ୍ତାପର କାରଣ ଜାଣି ତା'ର ପ୍ରତିକାରର ଉପାୟ ବତାଇଲେ। କହିଲେ, ଯଦି କାଲି ଭୋର ବେଳେ ପଡ଼ିଆ ନିକଟସ୍ଥ ସେହି ପୋଖରୀକୂଳକୁ ସେ ଆସିପାରିବେ, ଯେଉଁଠି ପାଖ କୁଡ଼ିଆଘରେ ଗାନ୍ଧୀ ରହୁଛନ୍ତି ଏବଂ ଲୁଗା ସଫା କରିବାକୁ ସେ ପୋଖରୀ ତୁଠକୁ ଭୋରୁ ଆସନ୍ତି ତାହାଲେ ନିକଟରୁ ଗାନ୍ଧୀଙ୍କୁ ଦେଖିହେବ। ବାଳକ ମନ୍ମଥ ରାଜିହେଲେ। ରାତିଯାକ ଡେଲାଙ୍ଗ ଷ୍ଟେଶନରେ ପଡ଼ିରହି ଭୋର ୪ଟା ୩୦ରେ ସେଇ ପୋଖରୀ ପାଖରେ ପହଞ୍ଚିଲେ। ଭଦ୍ରଲୋକ ଜଣକ ସତକୁ ସତ ସେଇ ପୋଖରୀ ପାଖରେ ପହରା ଦେଉଥିଲେ। ପୋଖରୀ ପାଣିରେ ପଶି, ଗୋଡ଼ରେ କଣ୍ଟାବାଡ଼ର ଆଘାତ ଖାଇ ଅପେକ୍ଷାକୃତ ନିକଟରୁ ଡ. ଦାସ ଗାନ୍ଧୀଙ୍କୁ ଦର୍ଶନ କଲେ। ଆଜି ଏ କଥା କେଉଁ ପିଲା ଭାବିବ ନାହିଁ, ଆଉ ଯଦି ସେମିତି କିଛି ମହତ୍ କାମ ପାଇଁ ସେ ଯାଇଥିବ ଫେରିଲେ ପଚରାଯିବ ତୁ କାହା ଅନୁମତିରେ ଯାଇଥିଲୁ ? ଯେତିକି ପାଠ ନଷ୍ଟ ହେଲା ତାହା ଭରଣା କରିବ କିଏ ?

ମୋ– ୯୪୩୭୩ ୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### କଟକ ବନଖଣ୍ଡ ଚୁପ୍

ମହାଶୟ,

ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଅଞ୍ଜିରା ମୌଜାର କାଲୁଣିଗଡା ନିକଟରେ ଶତାଧିକ ଏକର ଜଙ୍ଗଲ ଜମିକୁ ଦୀର୍ଘ ୩୦ ବର୍ଷ ହେଲା ଜବରଦଖଲ କରି ଏକ ବେଆଇନ ଶିଳ୍ପ ଚାଲିଛି। ଏହା କଟକ ବନଖଣ୍ଡ ଡାଳିଯୋଡା ଫରେଷ୍ଟ ଅନ୍ତର୍ଗତ। ଜଙ୍ଗଲ ଜମିରେ ଚାଲିଥିବାରୁ ଏହି ଶିଳ୍ପକୁ ସରକାରୀ ସ୍ୱୀକୃତି କିମ୍ବା ପରିବେଶ ମଞ୍ଜୁରି ମିଳିନାହିଁ। ଏଥିପାଇଁ ସରକାର ଲକ୍ଷଲକ୍ଷ ଟଙ୍କାର ଟିକସ ହରାଉଥିବା ବେଳେ ଲୋକେ ମଧ୍ୟ ଏହି କାରଖାନାର ପ୍ରଦୂଷଣ କୁପ୍ରଭାବରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ଜମିର ଶାବକ ରେକର୍ଡ ଅନୁଧ୍ୟାନ କରାଯାଇ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ ପରେ କାର୍ଯ୍ୟାନୁଷ୍ଠାନ ପାଇଁ କଟକ ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଆସିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ।

ସତୀଶ କୁମାର ବିଶ୍ୱାଳ, ଯାଜପୁର

### ଲୋପପାଉଛି ଘରଚଟିଆ

ଆଗରୁ ଦେଖିବାକୁ ମିଳୁଥିଲା ଘରଚଟିଆ ପ୍ରତ୍ୟେକ ଗାଁଗହଳିରେ ରହୁଥିଲେ। ଏବେ ଆଉ ଦେଖିବାକୁ ମିଳୁନି। କାରଣ ଲୋକେ ନଡ଼ାଛପର ନ କରି ପକ୍କାଘର କରୁଛନ୍ତି। ସେମାନଙ୍କ ରହିବା ପାଇଁ ଅସୁବିଧା ହେଉଛି। କାରଣ ଘରଚଟିଆମାନେ ନଡ଼ାଛପର ଘରେ ରହିବାକୁ ବେଶି ପସନ୍ଦ କରନ୍ତି। ଆମେ ସମସ୍ତେ ଘରଚଟିଆକୁ ପୁଣିଥରେ ମନେ ପକାଇବା ଏବଂ ତାଙ୍କ ରହିବା ପାଇଁ ସୁବିଧା କରିବା ଉଚିତ।

ସାରଥି ମଲ୍ଲିକ, ଅମରପାଲି, ବୀର ମହାରାଜପୁର, ସୋନପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୩ ଜାନୁୟାରୀ ୧୯୯୪**

- ଭାରତ ଓ ସିରିଆ ମଧ୍ୟରେ ଦ୍ୱିପାକ୍ଷିକ ଶିକ୍ଷା ଏବଂ ସାଂସ୍କୃତିକ ସହଯୋଗ ଲାଗି ଏକ ରାଜିନାମା ସ୍ୱାକ୍ଷରିତ।
- ଆଫଗାନିସ୍ତାନରେ ରାଷ୍ଟ୍ରପତି ବୁର୍ହାନୁଦ୍ଦିନ ରାବାନୀଙ୍କ ସରକାରୀ ବାହିନୀ ଏବଂ ବିଦ୍ରୋହୀ ପୂର୍ବତନ କମ୍ୟୁନିଷ୍ଟ ଜେନେରାଲ ଦୋସ୍ତମ୍ ସମର୍ଥକ ଗୋଷ୍ଠୀ ମଧ୍ୟରେ ସଂଘର୍ଷରେ ୭୦ ନିହତ।



ପାକିସ୍ତାନସ୍ଥିତ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ 'ସମୁଦ୍ରୀ ଜିହାଦ୍' ପ୍ରସ୍ତୁତି ଚଳାଇଛନ୍ତି। ଏ ନେଇ ସଦସ୍ୟମାନଙ୍କୁ ଅଣ୍ଡରୱାଟର ଷ୍ଟ୍ରାଇକ୍ ତାଲିମ ଦିଆଯାଉଛି। ଏଭଳି ଗୁପ୍ତ ତଥ୍ୟ ଗୋଇନ୍ଦା ସୂତ୍ରରୁ ମିଳିଥିବା କେନ୍ଦ୍ରମନ୍ତ୍ରୀ ହଂସରାଜ ଅହିର୍ ବୁଧବାର ରାଜ୍ୟସଭାକୁ ଜଣାଇଛନ୍ତି। ଭାରତକୁ ସମୁଦ୍ର ତଟରୁ ଆକ୍ରମଣ କରିବାକୁ ଏଭଳି ଷଡ଼ଯନ୍ତ୍ର ଚାଲିଥିବା ସେ କହିଛନ୍ତି।



# ଏସ୍‌ସିବିରେ ବହୁମୂଲ୍ୟ ଚିକିତ୍ସା ମାଗଣା ହେବ

## ■ ସଚିବାଳୟରେ ଉଚ୍ଚସ୍ତରୀୟ ବୈଠକ

**କଟକ ଅଫିସ, ୨୧:** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟ ସରକାର ଆଉ ଏକ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ନିଦାନ ଓ ସହାୟ ଯୋଜନାରେ କେତେକ ଦୁରାରୋଗ୍ୟର ମାଗଣା ଚିକିତ୍ସା କରାଯାଉଛି। ଏବେ ସେଥିରେ ଯୋଡ଼ି ହେବାକୁ ଯାଉଛି ଆଉ କିଛି ବହୁମୂଲ୍ୟ ଚିକିତ୍ସା। ଏସ୍‌ସିବି ମେଡିକାଲରେ ଏହିସବୁ ଚିକିତ୍ସା ମାଗଣାରେ କରାଯିବ। ଏଥିନିମନ୍ତେ ବୁଧବାର ସଚିବାଳୟରେ ଉଚ୍ଚସ୍ତରୀୟ ବୈଠକ ବସି ନିଷ୍ପତ୍ତି ନିଆଯାଇଛି। ମାଗଣା ହେବାକୁ ଥିବା ଚିକିତ୍ସାଗୁଡ଼ିକ ମଧ୍ୟରେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗରେ ହେଉଥିବା ଡବଲ୍ ପ୍ରୋସିଜିଓର ଏଣ୍ଡୋରେସ୍କୋପି, କାର୍ଡିଓଲୋଜି ବିଭାଗରେ ହେଉଥିବା ପିଟିସିଏ ୱିଥ୍ ଷ୍ଟେଣ୍ଟିଂ, ଟ୍ରାନ୍ସଫ୍ୟୁଜନମେଡିସିନରଏସ୍‌ଡିପିଓହୃଦ୍‌ବକ୍ଷଶଲ୍ୟବିଭାଗରଓପନ୍‌ହାର୍ଟସର୍ଜରୀରହିଛି।

ଡବଲ୍ ପ୍ରୋସିଜିଓର ଏଣ୍ଡୋରେସ୍କୋପି ପରୀକ୍ଷା ପାଇଁ ରୋଗୀଙ୍କୁ ୟୁଜର୍ସ ଫି ବାବଦରେ ୧୦ ହଜାର ଟଙ୍କା ଦେବାକୁ ପଡ଼ିଥାଏ। ଏହି ଚିକିତ୍ସା ପଦ୍ଧତି ମାଧ୍ୟମରେ ରୋଗୀଙ୍କ ଅନ୍ତନଳୀରେ ଥିବା ସମସ୍ୟା ଡାକ୍ତର ଠାବ କରିଥାନ୍ତି। ୨୦୧୮ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ଏସ୍‌ସିବି ମେଡିକାଲରେ ୬୦ ଜଣ ରୋଗୀ ଡବଲ୍ ପ୍ରୋସିଜିଓର ଏଣ୍ଡୋରେସ୍କୋପି ଚିକିତ୍ସା କରାଇଛନ୍ତି। ସେହିପରି କାର୍ଡିଓଲୋଜି ବିଭାଗରେ ହେଉଥିବା ପିଟିସିଏ ୱିଥ୍ ଷ୍ଟେଣ୍ଟିଂ ଚିକିତ୍ସା ପାଇଁ ରୋଗୀଙ୍କୁ ୩୦ହଜାର ଟଙ୍କା ୟୁଜର୍ସ ଫି ଆକାରରେ ଦେବାକୁ ପଡୁଛି। ରୋଗୀଙ୍କ ହାର୍ଟ ଭିତରେ ଥିବା ଧମନୀରେ ସମସ୍ୟା ଉପୁଜିଲେ ଏହି ଚିକିତ୍ସାର ଆବଶ୍ୟକତା ପଡ଼ିଥାଏ। ଗତବର୍ଷ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ଏସ୍‌ସିବିରେ ୮୧୪ ଜଣ ରୋଗୀ ଏହି ଚିକିତ୍ସା ପାଇଛନ୍ତି। ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗରେ ଏସ୍‌ଡିପି ଚିକିତ୍ସାକୁ ମଧ୍ୟ ମାଗଣା କରାଯିବ। ରକ୍ତଦାତାଙ୍କ ରକ୍ତରୁ କେବଳ ପ୍ଲେଟ୍‌ଲେଟ୍ କାଢିବା ପାଇଁ ଏହି ଚିକିତ୍ସା ପଦ୍ଧତିର ବ୍ୟବହାର କରାଯାଇଥାଏ। ବିଶେଷକରି କ୍ୟାନସର ରୋଗୀଙ୍କ କ୍ଷେତ୍ରରେ ଏହି ଚିକିତ୍ସାର ବହୁଳ ବ୍ୟବହାର କରାଯାଇଥାଏ। ଏହି ଚିକିତ୍ସା ପଦ୍ଧତି ପାଇଁ ରୋଗୀଙ୍କୁ ୧୦ ହଜାର ଟଙ୍କା ୟୁଜର୍ସ ଫି ଆକାରରେ ଦେବାକୁ ପଡ଼ିଥାଏ। ଗତବର୍ଷ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ୨୫ ଜଣ ରୋଗୀଙ୍କ କ୍ଷେତ୍ରରେ ଏହି ଚିକିତ୍ସା କରାଯାଇଛି। ସେହିପରି ଗୁରୁତ୍ୱପୂର୍ଣ୍ଣ ଓପନ ହାର୍ଟ ସର୍ଜରୀକୁ ମଧ୍ୟ ସମ୍ପୂର୍ଣ୍ଣ ମାଗଣା କରାଯିବା ପାଇଁ ସରକାର ଯୋଜନା କରୁଛନ୍ତି। ଓପନ୍ ହାର୍ଟ ସର୍ଜରୀ ପାଇଁ ୟୁଜର୍ସ ଫି ଆକାରରେ ରୋଗୀଙ୍କୁ ୧୦ ହଜାର ଟଙ୍କା ଦେବାକୁ ପଡ଼ିଥାଏ। ଗତବର୍ଷ ଏସ୍‌ସିବିରେ ୧୫୦ ଜଣ ରୋଗୀଙ୍କ ଓପନ୍ ହାର୍ଟ ସର୍ଜରୀ କରାଯାଇଛି। ତେଣୁ ଉପରୋକ୍ତ ବହୁମୂଲ୍ୟ ଚିକିତ୍ସାଗୁଡ଼ିକୁ ସମ୍ପୂର୍ଣ୍ଣ ମାଗଣା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ପି.କେ. ଦେବତା କହିଛନ୍ତି।

### ବିଜେଡି ପୋଷ୍ଟରରେ ପୂର୍ବ ସଚିବଙ୍କ ଫଟୋ ଲାଗିବା ଘଟଣା

# ପ୍ରଶାସନକୁ ରାଜନୈତିକ କାର୍ଯ୍ୟରେ ଲଗାଉଛି ବିଜେଡି: ଭାଜପା

**ଭୁବନେଶ୍ୱର, ୨୧(ବ୍ୟୁରୋ):** ବିଜେଡିର ଏକ ପୋଷ୍ଟରରେ ରାଜ୍ୟ ସରକାରଙ୍କ ପୂର୍ବ ସଚିବ ନଳିନୀ ପ୍ରଧାନଙ୍କ ପୋଷ୍ଟର ଲାଗାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଜେଡି ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ପ୍ରଶାସନକୁ ରାଜନୈତିକ କାର୍ଯ୍ୟରେ ଲଗାଯାଉଛି। ଦଳୀୟ ସମାବେଶରେ ସରକାରୀ ସଚିବଙ୍କ ଫଟୋ ଲଗାଯିବା ଗଣତନ୍ତ୍ରର ହତ୍ୟା ବୋଲି ଭାଜପା ଅଭିଯୋଗ କରିଛି।

ବୁଧବାର ଭାଜପା ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ପୂର୍ବ ସଚିବ ଏବେ ବିଜେଡିର ଟ୍ରେଜେରର୍‌ଭାବେ କାର୍ଯ୍ୟ କରୁଛନ୍ତି। ଦକ୍ଷତା ନୁହେଁ ବରଂ ଡିଲ୍ ମାଧ୍ୟମରେ ଏବଂ କଳାପାହାଡମାନଙ୍କ ସହାୟତାରେ ୨୦୧୩ରେ ୨୨ ଜଣ ମୁଖ୍ୟଯନ୍ତ୍ରୀଙ୍କୁ ଉପେକ୍ଷା କରାଯାଇ ନଳିନୀ ପ୍ରଧାନଙ୍କୁ ପୂର୍ତ୍ତ ବିଭାଗର ସଚିବ ଭାବେ ଅବସ୍ଥାପିତ କରାଯାଇଥିଲା। ୨୦୧୮ରେ ଅବସର ନେବାପରେ ସରକାର ପୁଣିଥରେ ନଳିନୀଙ୍କ ଚାକିରି ଅବଧିକୁ ବର୍ଷେ ବଢାଇ ନିଜ ଦଳୀୟ କାର୍ଯ୍ୟରେ ଲଗାଯାଉଛନ୍ତି। ରାଜ୍ୟରେ ଅନେକ ଦକ୍ଷ ସଚିବ ଥିବା ସତ୍ତ୍ୱେ ନଳିନୀଙ୍କୁ କାହିଁକି ଏତେ ଗୁରୁତ୍ୱ ଦିଆଯାଉଛି ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ପୀତାମ୍ବର ପ୍ରଶ୍ନ କରିଛନ୍ତି। ନଳିନୀ ପୂର୍ତ୍ତ ସଚିବ ଦାୟିତ୍ୱରେ ଥିବା ବେଳେ ୮ରୁ ଅଧିକ ପୋଲ ଭୁଶୁଡି ରେକର୍ଡ ସୃଷ୍ଟି କରିଛି । ଖୋଦ୍ ରାଜଧାନୀ ଭୁବନେଶ୍ୱରର ବମିଖାଲ ଫ୍ଲାଏଓଭର ଦୁଇଥର ଭୁଶୁଡିବା ନଳିନୀଙ୍କ ଦକ୍ଷତାକୁ ସ୍ପଷ୍ଟ କରୁଛି । ବମିଖାଲ ଫ୍ଲାଏଓଭର କରୁଥିବା ପଣ୍ଡା ଇନ୍ଫ୍ରା ସହ ଶାସକ ଦଳର ନେତା ଓ ସଚିବ ମିଶି ଯୌଥ ବ୍ୟବସାୟ କରୁଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ନଳିନୀଙ୍କ ମାଧ୍ୟମରେ ନିର୍ବାଚନୀ ପାଣ୍ଠି ଆଦାୟ କରାଯାଉଛି ଏହାକୁ ରାଜ୍ୟବାସୀ ବୁଝିଲେଣି ବୋଲି ପୀତାମ୍ବର କହିଛନ୍ତି । ଏନେଇ ବିଜେଡି ମୁଖପାତ୍ର ସମୀର ଦାଶ କହିଛନ୍ତି, ଏହି କଥା ସାମ୍ନାକୁ ଆସିବାପରେ ଖୋଦ୍ ପୂର୍ବ ସଚିବ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆମେ ଭାବୁଛୁ ବିରୋଧୀ ଜାଣିଶୁଣି ଏପରି କରିଥାଇପାରନ୍ତି।

## ଖଟିରେ ଖଟିରେ...

### ନାଁ ଯାଉଛି

**କେ**ତେ ଲଡୁ ଖାଇବା କଥା ଖାଇଯାଅ, ଏଥର ଆଉ ତୁମ ଖେଳ ଚାଲିବନି। ଟିକେ କ'ଣ ହେଲାମାନେ ଫୁଲମାଳ, ତୋଡ଼ା, ଧୂପ ନେଇ କ'ଣ ଧାଇଁ ଆସୁଛ ମୁଖିଆଙ୍କୁ ବନ୍ଦେଇବ ବୋଲି! ସେସବୁ ଛାଡ଼। କାହିଁକି ନା ଆଗକୁ ଇଏ ଆଉ ତୁମ ମୁଖିଆ ଥିବେ ନା ତୁମର ରଙ୍ଗ ଦେଖିବାକୁ ପଡ଼ିବ। ଏମିତିରେ ବି ତ ଆଉ କିଛିଦିନ କଥା, ଏ ଠାଣି ଆଉ ତୁମର ନ ଥିବ। ତୁମେଗୁଡ଼ା ଏଠି ସରକାରୀ ଚାକିରି ଖଣ୍ଡେ ଖଣ୍ଡେ କରି ଫୁଲ, ଧୂପ ଧରି ଧାଇଁ ଆସୁଛ ନେତାମାନଙ୍କ ସେବା କରିବାକୁ। ଯଦି ନୂଆ ବରଷର ଶୁଭେଚ୍ଛା ଜଣାଇବାକୁ ଏତେ ମନ, ଯାଉନ ଜଗନ୍ନାଥ କି ମହାଦେବଙ୍କୁ ଫୁଲ ଦେଇ ପୂଜା କରି ଆସିବ, ତୁମ ପିଲାମାନେ ହେଲେ କିଛି ଶିଖିବେ। କଥାଟା କାନେଇବାରୁ ଜଣାପଡ଼ିଲା ଯେ, ଆମ ରାଇଜ ମୁଖିଆଳୟରେ ଜଣେ ମନ୍ତ୍ରୀ ମହାଶୟଙ୍କ କକ୍ଷ ଆଗରେ ସରକାରୀ ବାବୁମାନଙ୍କ ଲମ୍ବା ଧାଡ଼ି ଲାଗିଥାଏ। ସେଠାରେ ଥିବା ଅଧିକାଂଶଙ୍କ ହାତରେ ଖାଲି ନାଲି ଗୋଲାପ ଫୁଲ ତୋଡ଼ା। ଏତେ ଗହଳି ଯେ, ଯା' ଆସ ପାଇଁ ବି ରାସ୍ତା ନ ଥାଏ। ଏପରିକି ଜଣେ ସରକାରୀ ବାବୁ ଯିବାକୁ ଚାହିଁଲେ ମଧ୍ୟ ଯାଇପାରି ନ ଥିଲେ। ଏତିକିବେଳେ ତାଙ୍କର ଜଣେ ସହଯୋଗୀଙ୍କ ହାତରେ ଫୁଲତୋଡ଼ା ଦେଖି ତାଙ୍କୁ ଆଡୁସାଡୁ କରି ବହେ ମଧ୍ୟ ଶୁଣେଇ ଦେଲେ। ଶେଷରେ କହିଲେ, ମନ୍ତ୍ରୀଙ୍କୁ ଯଦି ଫୁଲ ତୋଡ଼ା ଖଣ୍ଡେ ଖଣ୍ଡେ ନ ଦବ ତୁମ ପିଲାମାନେ ବଡ଼ ସ୍କୁଲ, କଲେଜରେ ମାଗଣା ପାଠ ପଢ଼ିବେ କେମିତି! ତୁମ କେତେଟାଙ୍କ ପାଇଁ ଆମ ଜାତିଟାର ନାଁ ଯାଉଛି।

### ସମ୍ଭାଳିବ ତ

**ନୂ**ଆ ବରଷରୁ ରାଜନୀତି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ରାଜଧାନୀ ଭୁବନେଶ୍ୱର ଖଟିଗୁଡ଼ାକ ଏହି ଚର୍ଚ୍ଚାରୁ ବାଦ୍ ଯିବ ବା କିପରି! ମାଉସୀମା ଛକ ଓମ୍‌ଫେଡ୍ ଚା' ଦୋକାନ ଖଟିରେ ପାପୁଲି ଦଳର ଚର୍ଚ୍ଚା ବେଶି। ନୂଆ ବରଷ ସକାଳୁ ଜଣେ ଖଟି ମେମ୍ବର କହିଲେ, ପବନ କରି ପାପୁଲି ମୁଖିଆ ବର୍ଷଟାକୁ ପାରି ହୋଇଗଲେ। ଏକଥା ସହଜେ ପାପୁଲିବାଲାଙ୍କ ଦେହରେ ଯିବ କେମିତି। ସେଠାରେ ଉପସ୍ଥିତି ଥିବା ପାପୁଲି ଦଳିଆଟି କହିଲା, କ'ଣ ପବନ କଲେ କିଓ। ସେ କ'ଣ କଥା ସମ୍ରାଟଙ୍କଠାରୁ ଅଧିକ ପବନ କରନ୍ତି। ଉତ୍ତର ମିଳିଲା– କହିଥିଲେ ଆଗୁଆ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ଜୁଲାଇ, ଅଗଷ୍ଟ ସରକି ଡିସେମ୍ବର ସରିଗଲାଣି। ଆସିକି ଜାନୁୟାରୀ ମାସ ହେଲାଣି, କାହିଁକି ପ୍ରାର୍ଥୀ ତାଲିକା ଘୋଷଣା କରୁନାହାନ୍ତି। ଏକଥା ଶୁଣି ପୁନଶ୍ଚ ପାପୁଲି ଦଳିଆ କହିଲା, ଆରେ ଏମିତି ତାଲିକା କଥା କହିଲେ, ସବୁ ଆଶାୟୀ ବାନ୍ଧି ହୋଇ ରହିବେ, ଏପଟ ସେପଟ ହେବେ ନାହିଁ। ତେଣୁ ଜାଣିଶୁଣି ଘୋଷଣା କରୁନାହାନ୍ତି। ନିର୍ବାଚନ ପାଖେଇଲେ ଠିକ୍ ଲୋକକୁ ପ୍ରାର୍ଥୀ କରାଯିବ। ଏକଥା ଶୁଣି ପ୍ରଶ୍ନ ପଚାରିଥିବା ବ୍ୟକ୍ତି କହିଲେ, ଠିକ୍ ଲୋକଙ୍କୁ ବାହାଘର ବେଳେ ଟିକେଟ୍ ଦେବେ। ଆଉ ଭୁଲ୍ ଲୋକମାନେ ଯେଉଁ କାମ କରିବେ, ତାକୁ ସମ୍ଭାଳିବ ତ।

## ■ ଖଣିଜସମ୍ପଦ ଭରା ୪ ଜିଲାରେ ଉନ୍ନୟନମୂଳକ ପ୍ରକଳ୍ପ

# ୮୯୦୬ କୋଟି ଟଙ୍କା ମଞ୍ଜୁର

### ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକାର୍ଜନ ପାଇଁ ଖର୍ଚ୍ଚ ହେବ

**ଭୁବନେଶ୍ୱର,୨୧(ବ୍ୟୁରୋ)**

ଖଣିଜସମ୍ପଦଭରା କେନ୍ଦୁଝର, ଯାଜପୁର, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଆଦି ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ଆଦିବାସୀ ଶିକ୍ଷା ଇତ୍ୟାଦି କ୍ଷେତ୍ରରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ପାଇଁ ଓଡ଼ିଶା ଖଣିଜସମ୍ପଦଭରା ଅଞ୍ଚଳ ଉନ୍ନୟନ ନିଗମ(ଓମ୍‌ବାଡକ୍) ଏବଂ ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ(ଡିଏମ୍‌ଏଫ୍)ର ଓଭରସାଇଟ ଅଥରିଟି ବୁଧବାର ୮୯୦୬ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ବୁଧବାର ରାଜ୍ୟ ଅତିଥି ଭବନରେ ଓଭରସାଇଟ ଅଥରିଟି ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ଉପରେ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟ ଦାୟିତ୍ୱରେ ଥିବା ବିଭାଗଗୁଡ଼ିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସେହି ଅର୍ଥ ଖର୍ଚ୍ଚ କରାଯିବ। ଏହି ଅର୍ଥ ଖଣିଜ ଅଞ୍ଚଳଗୁଡ଼ିକରେ ମେଗା ପାଇପ ଜଳପ୍ରକଳ୍ପ, ପ୍ରତ୍ୟେକ ଘରକୁ ପାନୀୟ ଜଳ, ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟସେବା, ରୋଗ ପରୀକ୍ଷା ବ୍ୟବସ୍ଥାରେ ଉନ୍ନତି, ଜୀବନଧାରଣ ମାନରେ ଉନ୍ନତି, ଦକ୍ଷତା ଏବଂ ବୈଷୟିକ ଶିକ୍ଷା, ପ୍ରଦୂଷଣ ମାତ୍ରା କମ୍ କରିବା, ଉଚ୍ଚଶିକ୍ଷାରେ ଉନ୍ନତି ଆଣିବା କ୍ଷେତ୍ରରେ ଖର୍ଚ୍ଚ କରାଯିବ।

ଏହି ବୈଠକରେ ଓମ୍‌ବାଡକ ଅଧ୍ୟକ୍ଷ ଜଷ୍ଟିସ ଏ.କେ. ପଟ୍ଟନାୟକଙ୍କ ସୁପାରିସ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରୀ କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି। ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କିଶୋର ଶର୍ମା କହିଥିଲେ, ଯୋଡ଼ା ଓ ବଡ଼ବିଲ ସର୍କଲରେ ଖଣିଜ ପଦାର୍ଥ ପରିବହନ ଧାର୍ଯ୍ୟଲକ୍ଷ୍ୟଠାରୁ କମ୍ ରହିଛି। ୨୦୧୭–୧୮ରେ ଏନ୍‌ଇଇଆରଆଇ ଧାର୍ଯ୍ୟ କରିଥିବା ୧୨୯ ନିୟୁତ ଟନ୍ ବଦଳରେ ଓଡ଼ିଶାରେ ୧୦୨ ନିୟୁତ ଟନ୍ ଖଣିଜ ପଦାର୍ଥ ପରିବହନ କରାଯାଇଛି। ୨୦୧୮–୧୯ରେ ଏନ୍‌ଇଇଆରଆଇ ୧୫୩ ନିୟୁତ ଟନ୍ ଧାର୍ଯ୍ୟ କରିଛି। ତେବେ ଏହି ବର୍ଷ ଧାର୍ଯ୍ୟଲକ୍ଷ୍ୟଠାରୁ କମ ପରିବହନ କରାଯିବ। ଖଣି ଅଞ୍ଚଳ ଓ ପରିବହନ ଅଞ୍ଚଳରେ ହେଉଥିବା ପ୍ରଦୂଷଣକୁ ମାପିବା ପାଇଁ ଅଟୋମେଟିକ ଏୟାର କ୍ୱାଲିଟି ମନିଟରିଂ ସେଣ୍ଟର ବ୍ୟବସ୍ଥା କରାଯାଇଛି ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ଦେବିଦତ୍ତ ବିଶ୍ୱାଳ ବୈଠକରେ ସୂଚନା ଦେଇଥିଲେ। ଖଣି ଅଞ୍ଚଳରେ ବାୟୁରେ ଧୂଳିକଣା ପ୍ରତି କ୍ୟୁବିକ ମିଟରରେ ୧୦୦ ମାଇକ୍ରୋଗ୍ରାମ୍ ତଳେ ରହୁଛି। ଭଦ୍ରସାହି ଛକ ନିକଟରେ ଧୂଳିର ମାତ୍ରା ନିର୍ଦ୍ଧାରିତ ସୀମାଠାରୁ ଅଧିକ ରହୁଥିବା ସେ ସୂଚନା ଦେଇଥିଲେ। ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସଚିବ, ଅତିରିକ୍ତ ସଚିବ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ଜଙ୍ଗଲରୁ ମିଳିଲା ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

■ ୨୨ ଦିନ ହେବ ନିଖୋଜ ଥିଲେ
■ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଆର୍.ଉଦୟଗିରି,୨୧(ଡି.ଏନ୍.ଏ.)**

ଗଜପତି ଜିଲା ଆର.ଉଦୟଗିରି ଥାନା ଛେଳିଗଡ଼ରେ ରହି ପାଠ ପଢୁଥିବା ରାମଗିରି ଅଞ୍ଚଳର ଜଣେ ଛାତ୍ରୀଙ୍କ ମୃତଦେହ ପୋଲିସ ଜଙ୍ଗଲରୁ ମିଳିଛି। ନିଖୋଜର ୨୨ଦିନ ପରେ ପାତ୍ରବସା ଜଙ୍ଗଲର ଏକ ଜାମୁଗଛରୁ ତାଙ୍କର ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ଝିଅକୁ ବଳାତ୍କାର ପରେ କେହି ମାରି ଟାଙ୍ଗି ଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ସଂପୃକ୍ତ ଛାତ୍ରୀ ଅନ୍ୟ ୨ ଛାତ୍ରୀଙ୍କ ସହ ଛେଳିଗଡରେ ଘରଭଡା ନେଇ ରହୁଥିଲେ। ସେ ଗାଁ ନିକଟ ଏକ ସ୍କୁଲରେ ପଢୁଥିଲେ। ଡିସେମ୍ବର ୧୦ରେ ୨ ଛାତ୍ରୀ ସ୍କୁଲକୁ ଯାଇଥିବାବେଳେ ସଂପୃକ୍ତ ଛାତ୍ରୀ ଜଣକ କୌଣସି କାରଣରୁ ମେସ୍‌ରେ ରହିଥିଲେ। ସ୍କୁଲରୁ ଛାତ୍ରୀଦ୍ୱୟ ମେସ୍‌କୁ ଫେରି ସହପାଠିନୀଙ୍କ କୌଣସି ଖୋଜଖବର ନ ପାଇ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଛେଳିଗଡରେ ପହଞ୍ଚି ପଚରାଉଚରା କରିବା ପରେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ୨୪ ତାରିଖରେ ପରିବାର ଲୋକେ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଏନେଇ କୌଣସି ତତ୍ପରତା ଦେଖାଇ ନ ଥିଲା। ବୁଧବାର ପାତ୍ରବସା ଗ୍ରାମର ଜଣେ ମହିଳା ଆର.ଉଦୟଗିରି ଥାନାକୁ ଫୋନ କରି ନିକଟସ୍ଥ ଜଙ୍ଗଲରେ ଥିବା ଏକ ଜାମୁଗଛରେ ଜଣେ ଝିଅର ମୃତଦେହ ଝୁଲୁଥିବା ଜଣାଇଥିଲେ। ପୋଲିସ ଏବଂ ଏସ୍‌ଡିପିଓ ଅନିଲ କୁମାର ପ୍ରଧାନ ମୃତଦେହ ଜବତ କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କେସ ନଂ.୧/୨୦୧୯।

ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି ଯେ, ରାମଗିରି ଟିଆର କଲୋନୀର ଜଣେ ଯୁବକ ସହ ମୋ ଝିଅର ପ୍ରେମ ସମ୍ପର୍କ ଥିଲା। ସେ ବଳାତ୍କାର କରିବା ପରେ ମୋ ଝିଅକୁ ମାରି ଟାଙ୍ଗି ଦେଇଛନ୍ତି। ମାତ୍ର ପୋଲିସ କହିଛି ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ । ଗତ ୨୪ ତାରିଖରୁ ଏ ନେଇ ଅଭିଯୋଗ ହୋଇଥିଲା । ପୋଲିସ ତଦନ୍ତରେ ଢିଲା ଯୋଗୁ ଏପରି ଘଟିଲା ବୋଲି ନାବାଳିକାଙ୍କ ମାମୁ ଅଭିଯୋଗ କରିଛନ୍ତି।





ବାଲେଶ୍ୱର ଜିଲା ବାହାନଗା ବ୍ଲକ କରଞ୍ଜାବିନ୍ଧା ଗ୍ରାମ ନିକଟସ୍ଥ ରାସ୍ତାରେ ବୁଧବାର ଏକ ବାଲିବୋଝେଇ ଡମ୍ପର ସ୍କୁଟିକୁ ଧକ୍କା ଦେବାରୁ ଆରୁହାବାଡ ଗ୍ରାମର ଜ୍ୟୋତ୍ସ୍ନା ବେହେରା(୩୫)ଙ୍କ ମୃତ୍ୟୁ ଘଟିଛି। ସେ ତାଙ୍କ ବଡ ଝିଅ ଶୁଭଲକ୍ଷ୍ମୀଙ୍କୁ ସାଥିରେ ଧରି ନିଜ ସ୍କୁଟିରେ ଗୋପାଳପୁର ବଜାରକୁ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଛେଦ ଲାଗି ଡାକ୍ତରଖାନା ପଠାଇବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ଓ ପରିବାର ଲୋକେ କ୍ଷତିପୂରଣ ଦାବିକରି ମୃତଦେହ ଛାଡି ନ ଥିଲେ।

## ସଂକ୍ଷେପରେ

### କିଷନ କୁମାର ପୂର୍ଣ୍ଣକାଳୀନ ସମବାୟ ବିଭାଗ ସଚିବ

ଭୁବନେଶ୍ୱର,୨।୧(ବ୍ୟୁରୋ): ଆଇଏଏସ୍ ଅଧିକାରୀ କିଷନ କୁମାର ପୂର୍ଣ୍ଣକାଳୀନ ସମବାୟ ସଚିବ ଭାବେ କାର୍ଯ୍ୟ କରିବେ। କିଛିଦିନ ପୂର୍ବେ ତାଙ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପଦରୁ ଅବ୍ୟାହତି ଦିଆଯାଇଥିଲା। ପୂର୍ବ ସମବାୟ ସଚିବ ରଞ୍ଜନା ଚୋପ୍ରା ଛୁଟିରେ ଥିବାରୁ କିଛିଦିନ ପାଇଁ କୃଷି ବିଭାଗ ସଚିବ ସୌରଭ ଗର୍ଗଙ୍କୁ ଉକ୍ତ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପରେ ଏହି ଅତିରିକ୍ତ ଦାୟିତ୍ୱ କିଷନ କୁମାରଙ୍କୁ ଦିଆଯାଇଥିଲା। ଯାହାକୁ ଏବେ ପୂର୍ଣ୍ଣକାଳୀନ କରାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'କାଳିଆ' ଯୋଜନାର ସଫଳ ରୂପାୟନ ପାଇଁ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ସେହିପରି କିଷନ କୁମାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଉପାଧ୍ୟକ୍ଷ ଏବଂ ସ୍ମାର୍ଟ ସିଟି ଲିଃର ଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଚଳିତ ବର୍ଷ ମାର୍ଚ୍ଚ ୨୨ ପର୍ଯ୍ୟନ୍ତ ରଞ୍ଜନା ଛୁଟିରେ ଥିବା ଜଣାପଡିଛି। ନିକଟରେ ତାଙ୍କର ପଦୋନ୍ନତି ହୋଇଥିବାରୁ ମଙ୍ଗଳବାର ଅର୍ଥାତ ଜାନୁୟାରୀ ୧'ରେ ରଞ୍ଜନା ଦିନକ ପାଇଁ କାର୍ଯ୍ୟରେ ଯୋଗ ଦେଇଥିଲେ। ଏହା ପରେ ପୁନଶ୍ଚ ୨ରୁ ସେ ଛୁଟିରେ ରହିବେ ବୋଲି ଜଣାପଡିଛି। ସମବାୟ ବିଭାଗ ସଚିବ ପଦରୁ ଅବ୍ୟାହତି ନେବା ପରେ ରଞ୍ଜନା ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ(ଜିଏଏ)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ ବୋଲି ସାଧାରଣ ପ୍ରଶାସନ(ଜିଏ) ବିଭାଗ ସୂତ୍ରରୁ ପ୍ରକାଶ।

# କୋଟିଆରେ ପୁଣି ମୁଣ୍ଡ ଟେକିଲା ଆନ୍ଧ୍ରର 'ଜନ୍ମଭୂମି'

## ■ ସୀମାନ୍ତ ଗାଁରେ ପହଞ୍ଚିଲେ ଆନ୍ଧ୍ର ଅଧିକାରୀ, କର୍ମଚାରୀ

ପଟ୍ଟାଙ୍ଗି,୨।୧(ଡି.ଏନ୍.ଏ.)

କୋରାପୁଟ ଜିଲାର ବିବାଦୀୟ କୋଟିଆ ଗ୍ରାମପୁଞ୍ଜର ସୀମାନ୍ତ ଗାଁରେ ପୁଣି ପହଞ୍ଚିଛନ୍ତି ଆନ୍ଧ୍ର ଅଧିକାରୀ ଓ କର୍ମଚାରୀ। ଆନ୍ଧ୍ର ସରକାରଙ୍କ 'ଜନ୍ମଭୂମି କାର୍ଯ୍ୟକ୍ରମ' ଅଧୀନରେ ସେମାନେ ସୀମାନ୍ତ କୋଟିଆର ବାସିନ୍ଦାଙ୍କୁ ସଚେତନ କରୁଥିବା ବୁଧବାର ଦେଖିବାକୁ ମିଳିଛି। ଏନେଇ ପୋଷ୍ଟର ମଧ୍ୟ ମରାଯାଇଛି। ଏଭଳି ସ୍ଥିତି କୋରାପୁଟ ଜିଲା ପ୍ରଶାସନ ପାଇଁ ପୁଣି ଏକ ଆହ୍ୱାନ ସୃଷ୍ଟି କରିଛି। ଖବର ପାଇ କୋରାପୁଟ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପଟ୍ଟାଙ୍ଗି ବ୍ଲକ ପ୍ରଶାସନକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ଗଞ୍ଜେଇ ପଦର, ନେରଡିବାଲସା, ଉପରସେମ୍ଳି, ଫଗୁଣସିନେରି, ଡୋଲିଆମ୍ବା, ସଲପଗୁଡ଼ା, କନାଦୋରା, ଫାଟୁସିନେରି, ତଳସେମ୍ଳି ପରି ବିଭିନ୍ନ ସୀମାନ୍ତ ଗ୍ରାମରେ ପହଞ୍ଚିଥିଲେ ଆନ୍ଧ୍ର ସରକାରଙ୍କ କର୍ମଚାରୀ। ସେମାନଙ୍କ ମଧ୍ୟରେ ଥିଲେ ଶିକ୍ଷକ, ଅଙ୍ଗନଓ୍ୱାଡ଼ି କର୍ମୀ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟ ପଦାଧିକାରୀ। ସେମାନେ ବିଦ୍ୟାଳୟ, ଅଙ୍ଗନଓ୍ୱାଡ଼ି କେନ୍ଦ୍ରରେ ଗ୍ରାମବାସୀଙ୍କୁ ଏକାଠି କରି ଜନ୍ମଭୂମି କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରୁଥିଲେ। ସେମାନେ ଜାନୁଆରୀ ୨ରୁ ସପ୍ତାହବ୍ୟାପୀ ଏଭଳି ସଚେତନତା କାର୍ଯ୍ୟକ୍ରମ ଚଳାଇବେ। ଏନେଇ ବିଭିନ୍ନ ପୋଷ୍ଟର ମଧ୍ୟ ଲଗାଯାଇଛି। ଆନ୍ଧ୍ରର କେତେକ ସରକାରୀ ଅଧିକାରୀ ବୁଧବାର ଧୂଳିପଦର ଗାଁରେ ପହଞ୍ଚି ସେଠିକାର ବିଦ୍ୟାଳୟର ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ଆନ୍ଧ୍ର ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନ କରାଉଥିଲେ। ଏ ନେଇ ପଟ୍ଟାଙ୍ଗି ବିଡିଓ କରୁଣାକର ପ୍ରଧାନ କହିଛନ୍ତି ଯେ, ଜିଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ପଞ୍ଚାୟତ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ସହ ସମସ୍ତ ଉନ୍ନୟନ କାର୍ଯ୍ୟକ୍ରମ ଜାରି ରହିଛି। ଆନ୍ଧ୍ର ସରକାରଙ୍କ 'ଜନ୍ମଭୂମି' କାର୍ଯ୍ୟକ୍ରମ ପ୍ରତି ଆମେ ସତର୍କ ଦୃଷ୍ଟି ରଖିଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଜାନୁୟାରୀ ୮ ତାରିଖ ଆନ୍ଧ୍ରର ବିଜୟନଗରମ ଜିଲାପାଳ ବିବେକ ଯାଦବଙ୍କ ସମେତ ସେଠିକାର ଡିଆର୍‌ଡିଏ ପିଡି, ପୂର୍ବତନ ବିଧାୟକ ରାଜନ ଦୋରା କୋଟିଆ ଗ୍ରାମପୁଞ୍ଜର ତଳ ଗଞ୍ଜେଇପଦରରେ ପହଞ୍ଚିଥିଲେ। ସେଠାରେ ଆନ୍ଧ୍ର ସରକାରଙ୍କ 'ଜନ୍ମଭୂମି' କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଶୀତବସ୍ତ୍ର, ସୋଲାର ଲାଇଟ୍ ଓ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଥିଲା। ଏହି ବିବାଦୀୟ ଅଞ୍ଚଳରେ ୧୨ କିଲୋମିଟର ରାସ୍ତା ପାଇଁ ଆନ୍ଧ୍ରପ୍ରଦେଶ ଦୁଇ କୋଟି ଅନୁଦାନ ମଧ୍ୟ ଘୋଷଣା କରିଥିଲା।



ଧୂଳିପଦରର ଏକ ବିଦ୍ୟାଳୟରେ ଆନ୍ଧ୍ର ଅଧିକାରୀ 'ଜନ୍ମଭୂମି' କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରୁଛନ୍ତି।

## ସିସିଟିଭି ନଜରରେ ରହିବେ ଭିମ୍‌ସାର ପିଜି ପରୀକ୍ଷାର୍ଥୀ

ଚିପିଲିମା,୨।୧(ଡି.ଏନ.ଏ.)

ସମ୍ବଲପୁର ଜିଲା ବୁର୍ଲା ମେଡିକାଲ (ଭିମ୍‌ସାର) କଲେଜରେ ପିଜି ପରୀକ୍ଷା ଦେବାକୁ ଥିବା ଡାକ୍ତରୀ ଛାତ୍ରୀଛାତ୍ର ପରୀକ୍ଷା ସମୟରେ ସିସିଟିଭି ନଜରରେ ରହିବେ। ଆସନ୍ତା ଏପ୍ରିଲ/ମେ ମାସରେ ଭିମ୍‌ସାରରେ ଏହି ଡାକ୍ତରୀ ପିଜି ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାକୁ ବ୍ୟବସ୍ଥିତ କରିବାକୁ ହଲ୍‌ରେ ସିସିଟିଭି ବ୍ୟବସ୍ଥା କରାଯିବ। ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର) ପରୀକ୍ଷା ପରିଚାଳନା ତଥା ତଦାରଖ କରିବ ବୋଲି ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ବୈଠକରେ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧନ ବା ଆଫିଲିଏଶନ ପାଇଁ ଭିମ୍‌ସାର କର୍ତ୍ତୃପକ୍ଷ ବିଶ୍ୱବିଦ୍ୟାଳୟକୁ ପ୍ରଥମେ ୭ ଲକ୍ଷ ଓ ପରେ ୪୧ ଲକ୍ଷ ଟଙ୍କାକୁ ମିଶାଇ ମୋଟ ୪୮ ଲକ୍ଷ ଟଙ୍କା ପଇଠ କରିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହା ଜଣାପଡିଛି।

## ଡ୍ୟୁଟି ବେଳେ ଘରୋଇ ଚିକିତ୍ସା କରିପାରିବେନି ଡାକ୍ତର

ଚିପିଲିମା,୨।୧(ଡି.ଏନ.ଏ.)

ସମ୍ବଲପୁର ଜିଲା ବୁର୍ଲା ମେଡିକାଲ (ଭିମ୍‌ସାର)ରେ ଏମ୍‌ଆର୍‌ମାନଙ୍କ ଅବାଧ ପ୍ରବେଶ ଉପରେ ରୋକ୍ ଲାଗିବା ପରେ ଡାକ୍ତରମାନଙ୍କ ଉପରେ ମଧ୍ୟ କଟକଣା ଲାଗିଛି। ଏଠାରେ କାର୍ଯ୍ୟରତ କେତେକ ଡାକ୍ତର ଡ୍ୟୁଟି ସମୟରେ ବାହାରର ଘରୋଇ ମେଡିକାଲକୁ ଯାଇ ଟଙ୍କା ରୋଜଗାର କରୁଛନ୍ତି। ଏଣୁ ଡ୍ୟୁଟି ସମୟରେ କୌଣସି ଡାକ୍ତର ଏଣିକି ଆଉ ପ୍ରାଇଭେଟ ପ୍ରାକ୍ଟିସ କରିପାରିବେ ନାହିଁ।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ସମାରୋହ

## ମନୋଜ ଦାସଙ୍କୁ ଜାତୀୟ ସମ୍ମାନ




ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ପ୍ରଫେସର ମନୋଜ ଦାସ ଉଦ୍‌ବୋଧନ ହେଉଛନ୍ତି।

ବ୍ରହ୍ମପୁର ଅଫିସ,୨।୧

ମନୁଷ୍ୟ ନିଜର ମନ ଓ ଆବେଗ ମଧ୍ୟରେ ଚିନ୍ତାଗ୍ରସ୍ତ ହୋଇ ନିଜ ମଧ୍ୟରେ ଥିବା ଚେତନାର ନିର୍ଜନତାକୁ ହଜାଇ ଦେଉଛି। ଫଳରେ ଚିନ୍ତା ପରିସର ମନୁଷ୍ୟର ଆୟତ୍ତରେ ରହୁନାହିଁ। ଏହି ମାନସିକ ସୀମାବଦ୍ଧତାରୁ ମୁକ୍ତି ପାଇଁ ଆତ୍ମଶକ୍ତିକୁ ଜାଗ୍ରତ କରିବାକୁ ହେବ। ବୁଧବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୫୩ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟଅତିଥି ତଥା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ କଥାକାର ପଦ୍ମଶ୍ରୀ ପ୍ରଫେସର ମନୋଜ ଦାସ ଏହା କହିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜାତୀୟ ସମ୍ମାନ ପ୍ରଫେସର ମନୋଜ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଦକ୍ଷିଣ ଓଡିଶା ସଂସ୍କୃତି ସମ୍ମାନ ବିଶିଷ୍ଟ ଲୋକନୃତ୍ୟ ଗୁରୁ ନବଘନ ପରିଡାଙ୍କୁ ପ୍ରଦାନ କରାଯାଇଥିଲା। ୧୪ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ ଏବଂ ୨୫ ଛାତ୍ରୀଛାତ୍ରଙ୍କ କୃତିତ୍ୱ ପାଇଁ ପୁରସ୍କୃତ କରାଯାଇଥିଲା। କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ ସମାରୋହରେ ଅଧ୍ୟକ୍ଷତା କରିଥିଲେ।

# 'ଦମନ'କୁ ଅନୁକରଣ କରିବ କେନ୍ଦ୍ର

ନୂଆଦିଲ୍ଲୀ,୨।୧

ମ୍ୟାଲେରିଆ ନିରାକରଣରେ ଓଡ଼ିଶାର ସଫଳତାକୁ ଜାତୀୟ ସ୍ତରରେ ପ୍ରଶଂସା କରାଯାଉଛି। ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ(ଦମନ) ଯୋଜନା ଅନୁରୂପ ଏକ ଯୋଜନା ଜାତୀୟ ସ୍ତରରେ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦିଆଯାଇଛି। ଭାରତୀୟ ମେଡିକାଲ୍ କାଉନ୍ସିଲ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ଏବଂ ଜାତୀୟ ରୋଗବାହକ ନିୟନ୍ତ୍ରଣ କାର୍ଯ୍ୟକ୍ରମ(ଏନ୍‌ଭିବିଡିସିପି)ର ବିଶେଷଜ୍ଞମାନେ ସାରା ଦେଶରେ 'ଦମନ' ମଡେଲ ଆପଣାଇବା ପାଇଁ କହିଛନ୍ତି। କାରଣ ଏହି ଯୋଜନାରେ ବର୍ଷକ ମଧ୍ୟରେ ୮୫% ମ୍ୟାଲେରିଆ ସଂକ୍ରମଣକୁ ହ୍ରାସ କରାଯାଇ ପାରିଛି।

ମ୍ୟାଲେରିଆ ନିୟନ୍ତ୍ରଣ ପ୍ରକଳ୍ପ କମ୍ପ୍ରେହେନ୍‌ସିଭ୍ କେସ୍ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ୍ (ସିସିଏମ୍‌ପି) ପ୍ରାରମ୍ଭିକ ଭାବେ ଓଡ଼ିଶାର ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ ଓ ବଲାଙ୍ଗୀରରେ କାର୍ଯ୍ୟକାରୀ କରାଯାଇଥିଲା। ଏଥିଯୋଗୁ ୪ ଜିଲାରେ ୨୦୧୫ରୁ ୨୦୧୭ ମଧ୍ୟରେ ୪୭% ମ୍ୟାଲେରିଆ ସଂକ୍ରମଣ କମିଥିଲା। ଓଡ଼ିଶାରେ ମ୍ୟାଲେରିଆ ଚିହ୍ନଟ ଓ ଚିକିତ୍ସା ସମ୍ପର୍କିତ ଏକ ଗବେଷଣା ନିବନ୍ଧ ବୁଧବାର 'ପ୍ଲୋସ୍ ୱାନ୍' ଜର୍ନାଲରେ ପ୍ରକାଶ ପାଇଛି। ଏହି ପ୍ରକଳ୍ପ ଆଇସିଏମ୍‌ଆର୍, ଜାତୀୟ ମ୍ୟାଲେରିଆ ଗବେଷଣା ସଂସ୍ଥା (ଏନ୍‌ଆଇଏମ୍‌ଆର୍) ଏବଂ ଏନ୍‌ଭିବିଡିସିପି, ଓଡ଼ିଶାର ସହଭାଗିତାରେ କରାଯାଇଥିଲା। ଜେନେଭାସ୍ଥିତ ମେଡିସିନ୍ ଫର୍ ମ୍ୟାଲେରିଆ ଭେଞ୍ଚର୍ ପକ୍ଷରୁ ଏହି ପ୍ରକଳ୍ପକୁ ପାଣ୍ଠି ଯୋଗାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପକୁ ରାଜ୍ୟର ୨୨ ଜିଲାରେ କାର୍ଯ୍ୟକାରୀ କରାଯାଇ ଏହାର ନାମ ରଖାଯାଇଥିଲା 'ଦମନ'। ଆଇସିଏମ୍‌ଆର୍‌-ଏନ୍‌ଆଇଏମ୍‌ଆର୍‌ର ଗବେଷକ ଡକ୍ଟର ଅନୁପ ଅନ୍‌ଭିକର୍ କହିଛନ୍ତି, ୨୦୧୭ରୁ ୨୦୧୮ ମଧ୍ୟରେ ଓଡ଼ିଶାରେ ୮୫% ମ୍ୟଲେରିଆ ହ୍ରାସ ପାଇଛି। ଏଥିଯୋଗୁ ଦେଶରେ ମ୍ୟାଲେରିଆ ରୋଗ ବୋଝ ୫୦% କମିଛି।



ମ୍ୟାଲେରିଆ ନିରାକରଣରେ ଓଡ଼ିଶା ସଫଳ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆ ଲୋ ମୁତୁରି ଶୋଇବା**
**ସକାଳ ହୋଇଲେ ଧୋଇବା ।**

ଯେଉଁଠାରେ ଉଭୟପକ୍ଷ ଦୋଷଯୁକ୍ତ ହୋଇଥାନ୍ତି, ସେଠାରେ କେହି କାହାର ଦୋଷ ଦୁର୍ବଳତା ଦେଖିବାକୁ ଉଚିତ ମଣି ନ ଥାନ୍ତି। ଦୁଇ ସମଭାବାପନ୍ନ ବା ସମସ୍ୱଭାବ ବିଶିଷ୍ଟ ବ୍ୟକ୍ତି ପରସ୍ପର ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆରେ ଲଣ୍ଡା,**
**ମୋ ଭାତ ଖାଇ ମତେ ଖଣ୍ଡା ?**

ଯିଏ ଯାହାକୁ ପାଳିପୋଷି ମଣିଷ କରିଥାଏ ତା'ପ୍ରତି ମନରେ ଏକପ୍ରକାର ଦରଦଭାବ ରହିଥାଏ। ଏପରିସ୍ଥଳେ ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଉଚିତ ହୋଇ ନ ଥାଏ। ପାଳିପୋଷି ମଣିଷ କରିଥିବା ବ୍ୟକ୍ତିଙ୍କ ପ୍ରତି କୃତଘ୍ନତା ପ୍ରକାଶ କରିବା ସମାଜ ଆଖିରେ ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

ପ୍ରଥମ ପୃଷ୍ଠାରୁ...

## ସାବରିମାଳା ମନ୍ଦିରରେ ...

ମହିଳା ଯେଉଁମାନେ ବୁଧବାର ଭୋର ୩ଟା ୩୮ ମିନିଟ ସମୟରେ ମନ୍ଦିରରେ ପ୍ରବେଶ କରିଛନ୍ତି। ମନ୍ଦିରରେ ଦର୍ଶନ କରିସାରିବା ପରେ ପୋଲିସ ସେମାନଙ୍କୁ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏକ ଅଜ୍ଞାତ ସ୍ଥାନକୁ ନେଇଯାଇଥିଲା। ଏହା ଜଣାପଡିବା ପରେ ମନ୍ଦିର କର୍ତ୍ତୃପକ୍ଷ ଓ ମୁଖ୍ୟ ପୂଜକ ଭକ୍ତମାନଙ୍କୁ ବାହାର କରି ମନ୍ଦିର ଶୋଧ କରିଥିଲେ। ମହିଳାଙ୍କ ପ୍ରବେଶ ଖବର ପ୍ରଚାରିତ ହୋଇଯିବା ପରେ ବିଭିନ୍ନ ସ୍ଥାନରେ ବିକ୍ଷୋଭ, ରାସ୍ତାରୋକୋ କରାଯାଇଥିଲା। ସାବରିମାଳା କର୍ମ ସମିତି ପକ୍ଷରୁ ଗୁରୁବାର ରାଜ୍ୟବ୍ୟାପୀ ବନ୍ଦ ଡାକରା ଦିଆଯାଇଛି।

ଅନ୍ୟପକ୍ଷରେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଉଭୟ କଂଗ୍ରେସ ଏବଂ ଭାଜପା ସିପିଏମ୍ ନେତୃତ୍ୱାଧୀନ ଏଲଡିଏଫ ସରକାର ଏବଂ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କୁ କଡା ସମାଲୋଚନା କରିଛନ୍ତି। ମହିଳାଙ୍କ ପ୍ରବେଶ ଯୋଗୁ ଲକ୍ଷ ଲକ୍ଷ ଭକ୍ତଙ୍କ ଭାବାବେଗକୁ ଆଘାତ ଲାଗିଛି ବୋଲି ବିରୋଧୀ ଦଳ ନେତା ରମେଶ ଚେନ୍ନିଥାଲା କହିଛନ୍ତି। ମନ୍ଦିରରେ ପ୍ରବେଶ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପୋଲିସ ଉକ୍ତ ମହିଳାଙ୍କୁ ସୁରକ୍ଷା ଦେଇଥିବା ଚେନ୍ନିଥାଲା ଅଭିଯୋଗ କରିଛନ୍ତି। କେରଳ ସରକାର ଭଗବାନ ଆୟାପ୍ପାଙ୍କ କୋପର ଶିକାର ହେବେ ବୋଲି ଭାଜପା ରାଜ୍ୟ ସଭାପତି ପି.ଏସ. ଶ୍ରୀଧରନ୍ ପିଲାଇ କହିଛନ୍ତି। ଲିଙ୍ଗଗତ ସମାନତା ଦାବିରେ ମଙ୍ଗଳବାର ୩୫ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା କେରଳରେ ୬୨୦ କିଲୋମିଟର ଦୀର୍ଘ ମାନବ ପ୍ରାଚୀର କରିଥିଲେ।

## ଆଣ୍ଡାମାନ ଉପକୂଳରେ...

ତେବେ ଲଘୁଚାପ ଯୋଗୁ ଜଳୀୟ ଅଂଶ ରାଜ୍ୟ ଭିତରକୁ ପ୍ରବେଶ କରିବ। ଏଥିଯୋଗୁ ପାଗ ମେଘୁଆ ରହିବା ସହ ସର୍ବନିମ୍ନ ତାପମାତ୍ରାରେ ବୃଦ୍ଧି ଘଟିବ। ତେବେ ୯ ତାରିଖ ବେଳକୁ ପାରଦ ପୁଣି ତଳମୁହାଁ ହେବ।ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୪.୫ ଡିଗ୍ରୀ ସେଲସିୟସ ତଳକୁ ଖସିଯାଇଛି। ସେହିପରି ଦାରିଙ୍ଗବାଡିରେ ୫ ଡିଗ୍ରୀ, ବାଲେଶ୍ୱର ୯.୩, ଭୁବନେଶ୍ୱର ୯.୮, ଅନୁଗୋଳ ୭.୬, ବାରିପଦା ୯.୪, ଝାରସୁଗୁଡା ୮.୬, ସୁନ୍ଦରଗଡ ୮, ହୀରାକୁଦ ୯.୫, ତାଳଚେର ୯.୩, ଭବାନୀପାଟଣା ୭.୫, ବଲାଙ୍ଗୀର ୮.୭, କୋରାପୁଟ ୮.୨, ଟିଟିଲାଗଡ ୮ ଏବଂ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୬.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଶୀତର ପ୍ରକୋପ ହ୍ରାସ ପାଇବ। ପାରଦ ୨ରୁ ୪ ଡିଗ୍ରୀ ଉପରକୁ ଉଠିବ ବୋଲି ଅନୁମାନ କରାଯାଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

ସତ୍ୟମ ବିଜନେସ୍
ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ବ୍ୟବସାୟ, ପ୍ରେମବିବାହ, ମନ ବାନ୍ଧିଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଳେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟର ରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ନବବର୍ଷ ଧମାକା
ଗଣପତି ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
8126592819
8126568293
SCO-106, Second Floor, Vishal Tower, Connaught Place, Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା । ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ। ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 1800120002563
Ansal Bhavan, Connaught Place, New Delhi

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

SMS JOB
ବେରୋଜଗାର ଯୁବକ, ଯୁବତୀ ଏବଂ ବେଟି ବଚାଓ, ବେଟି ପଢାଓ ଘରେ ବସି SMS JOB (Part/Full Time) କରି ମାସକୁ ୧୫୦୦୦/-ରୁ ୩୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+ Laptop+ Medical Exp. FREE
CALL/SMS କରନ୍ତୁ
7352180541
7673881573

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଆକର୍ଷଣୀୟ ବାଇକ୍ ଶୁଭାରମ୍ଭ ଅଫର୍
ମାସିକ 9765/-ର ରୋଜଗାର ଡ୍ରାଇଭର, ଇନ୍ଧନ, ରକ୍ଷଣାବେକ୍ଷଣ ସବୁ ସୁବିଧା କମ୍ପାନୀ ତରଫରୁ
ଜିଆଇପିଏଲ୍ ବାଇକ୍ ବଟ୍ କନ୍‌ସେପ୍ଟ ବାଇକ୍ ଭଡ଼ାରେ ଘରେ ନିଶ୍ଚିନ୍ତରେ ବସି ଟ.62100, ମାସିକ ରୋଜଗାର 9765 କିମ୍ବା ସର୍ବାଧିକ 1 ଲକ୍ଷ
ଠିକଣା: ସେକ୍ଟର 3, ନୋଏଡା ଉତ୍ତରପ୍ରଦେଶ
ମୋ. 8445085978

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗତବର୍ଷ ପ୍ରକାଶିତ ପୁସ୍ତକ 'ଦି ବେଷ୍ଟ ମିଷ୍ଟେକ୍ ଅଫ୍ ମାଇ ଲାଇଫ୍' ହିଟ୍ ହୋଇଥିଲା। ଚଳିତ ବର୍ଷ ଦ୍ୱିତୀୟ ପୁସ୍ତକ 'ଅସାଲୱାଲିକମ୍ ୱତନ' ମୋ ଜନ୍ମଦିନରେ ଆନୁଷ୍ଠାନିକ ଭାବେ ଘୋଷଣା କରିବି।

-ଅଭିନେତା ତଥା ଚଳଚ୍ଚିତ୍ର ନିର୍ମାତା ସଞ୍ଜୟ ଖାନ୍

# ସ୍ମୃତି ବିସ୍ମୟ ଧ୍ରୁବ



**ସିଙ୍ଗାପୁର:** ହଂକଂରେ ଡିସେମ୍ବର ୨୦ରୁ ୨୨ ତିନି ଦିନ ଧରି ଅନୁଷ୍ଠିତ ୱାର୍ଲ୍ଡ ମେମୋରି ଚାମ୍ପିୟନଶିପ୍ (ବିଶ୍ୱସ୍ତରୀୟ ସ୍ମୃତି ପ୍ରତିଯୋଗିତା)ର କିଡ୍ସ କ୍ୟାଟେଗୋରୀ (ଜୁନିୟର ବିଭାଗ)ରେ ସିଙ୍ଗାପୁରର ଭାରତୀୟ ବଂଶୋଦ୍ଭବ ଧ୍ରୁବ ମନୋଜ (୧୨) ସ୍ୱର୍ଣ୍ଣପଦକ ବିଜେତା ହୋଇଛନ୍ତି। ସେ ନାମ, ମୁହଁ ଏବଂ ମିଶ୍ରିତ ଶବ୍ଦଗୁଡ଼ିକୁ ସ୍ମରଣ କରିବା କ୍ଷେତ୍ରରେ ୫୬ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ଏହି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ନିକଟରେ ପ୍ରାଥମିକ ଶିକ୍ଷା ଶେଷ କରିଥିବା ଧ୍ରୁବ ଘଣ୍ଟାଏ ସମୟ ମଧ୍ୟରେ ୭ରୁ ଅଧିକ ଡେକ୍‌ର ଅଦଳବଦଳ କାର୍ଡ, ଅଧଘଣ୍ଟାରେ ୧,୫୫୫ ବାଇନାରୀ ନମ୍ବର ଏବଂ ୧୫ ମିନିଟ୍‌ରେ ୮୭ଟି ନାମ ଏବଂ ମୁହଁକୁ ସ୍ମରଣ କରି ସିଙ୍ଗାପୁରର ଜଣେ ମାତ୍ର ପ୍ରତିଯୋଗୀ ଭାବେ ଚାଇନା, ରୁଷିଆ, ଭାରତ, ତାଇୱାନ ଏବଂ ମାଲେସିଆର ୨୬୦ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ମରଣଶକ୍ତି ପ୍ରତିଭା ଭାବେ କୀର୍ତ୍ତିମାନ୍ ସ୍ଥାପନ କରିଛନ୍ତି। ବିଶେଷକରି ରୋମାନ୍ ମେମୋରି ଟେକ୍‌ନିକ୍ ଅନ୍ତର୍ଗତ ଏକ ପରିଚିତ ସ୍ଥାନର ବିଭିନ୍ନ ଦୃଶ୍ୟ (ମେମୋରି ପ୍ୟାଲେସ୍)କୁ ମନେରଖିବାରେ ସେ ମାଷ୍ଟର ବିବେଚିତ ହୋଇଛନ୍ତି।

ଧ୍ରୁବ୍ କହିଛନ୍ତି ଯେ, ସେ ଏହି ମେଗା ସ୍ମୃତି ଚ୍ୟାଲେଞ୍ଜ' ପ୍ରତିଯୋଗିତା ପାଇଁ ପ୍ରାଇମେରୀ ସ୍କୁଲ୍ ଲିଭିଙ୍ଗ୍ ପରୀକ୍ଷା ପରେ ଅକ୍ଟୋବରରୁ ପୂର୍ଣ୍ଣମାତ୍ରାରେ ନିଜର ପ୍ରସ୍ତୁତି ଆରମ୍ଭ କରିଥିଲେ। ଦୈନିକ ୬ ଘଣ୍ଟା କାର୍ଡ ଏବଂ ବାଇନାରୀ ନମ୍ବରକୁ ମନେରଖିବାକୁ ଅଭ୍ୟାସ କରୁଥିଲେ। ଏଥିରେ ତାଙ୍କୁ ତାଙ୍କ ବାପା (ତୈଳ ଏବଂ ଗ୍ୟାସ ଉଦ୍ୟୋଗର ପରିଚାଳନା ପରାମର୍ଶଦାତା) ମନୋଜ ପ୍ରଭାକର ଉତ୍ସାହିତ କରିଥିଲେ।

# 'ତାନାଜୀ' ଭୂମିକାରେ ଦେବଗନ

**ମୁମ୍ବାଇ:** ନୂଆବର୍ଷରେ ମହାପ୍ରତାପୀ ମରାଠା ଯୋଦ୍ଧା (ଛତ୍ରପତି ଶିବାଜୀଙ୍କ କମାଣ୍ଡର-ଇନ୍-ଚିଫ୍) ତାନାଜୀ ମାଲୁସାରେଙ୍କ ଭୟଙ୍କର ଲୁକ୍‌ରେ ସିନେମା ପରଦାରେ ଆବିର୍ଭାବ ହେବେ ବଲିଉଡ୍‌ର ଖ୍ୟାତନାମା ଅଭିନେତା ଅଜୟ ଦେବଗନ। ୧୬୭୦ ଖ୍ରୀଷ୍ଟାବ୍ଦ ସିଂହଗଡ଼ ଯୁଦ୍ଧ ସମୟରେ ତାନାଜୀଙ୍କ ବୀରତ୍ୱ ଓ ପରାକ୍ରମ ଉପରେ ଆଧାରିତ ଏହି ଐତିହାସିକ ଚଳଚ୍ଚିତ୍ରରେ ଅଣ୍ଟା ପର୍ଯ୍ୟନ୍ତ ଧଳା ଧୋତି, ମୁଣ୍ଡରେ ପଗଡ଼ି, ଅର୍ଦ୍ଧମୁଖା ମୁହଁରେ ଦେବଗନ ଦଉଡ଼ି ସାହାଯ୍ୟରେ ହାତରେ ଖଣ୍ଡା ଧରି ପାହାଡ଼ ମଧ୍ୟରେ ଯୁଦ୍ଧ କରୁଥିବା ଦେଖାଯାଇଛି। କଙ୍ଗନା ରନାୱତ ଅଭିନୀତ ଝାନ୍ସୀର ରାଣୀ ଲକ୍ଷ୍ମୀବାଈଙ୍କ ଜୀବନ କାହାଣୀ ଉପରେ ନିର୍ମିତ ମଣିକର୍ଣ୍ଣିକା ଏବଂ ଓମ୍ ରାଉତ୍‌ଙ୍କ ନିର୍ଦ୍ଦେଶିତ ଅଜୟ ଦେବଗନଙ୍କ 'ତାନାଜୀ' ଦୁଇ ବିଗ୍ ବଜେଟ୍ ମୁଭି ୨୦୧୯ରେ ଏକସଙ୍ଗେ ରିଲିଜ୍ ହେବ ବୋଲି ଜଣାଯାଇଛି।



## [ ଇତିହାସର ଆଇନାରେ ]

## ଜାନୁୟାରୀ ୩ର ପ୍ରମୁଖ ଘଟଣା




୧୭୭୭ ଜାନୁୟାରୀ ୩ରେ ନ୍ୟୁଜର୍ସିର ପ୍ରିନ୍ସଟନଠାରେ ଆମେରିକା ବୈପ୍ଳବିକ ଯୁଦ୍ଧ ହୋଇଥିଲା। ଏହାକୁ 'ବ୍ୟାଟଲ୍ ଅଫ ପ୍ରିନ୍ସଟନ' କୁହାଯାଏ। ଜେନେରାଲ ଲର୍ଡ କର୍ନୱାଲିସ ୧୪୦୦ ବ୍ରିଟିଶ ସୈନ୍ୟଙ୍କୁ ଲ୍ୟୁଟ୍‌ନାଣ୍ଟ କଲୋନେଲ ଚାର୍ଲସ ମାଓହୁଡଙ୍କ ନେତୃତ୍ୱରେ ମୁତୟନ କରିଥିଲେ। ୧୯୭୬ ଡିସେମ୍ବର ୨୬ରେ ଟ୍ରେଣ୍ଟନ ଆକ୍ରମଣ ପରେ କଣ୍ଟିନେଣ୍ଟାଲ ଆର୍ମିର ଜେନେରାଲ ଜର୍ଜ ୱାଶିଂଟନ ନ୍ୟୁଜର୍ସିରେ ବ୍ରିଟିଶଙ୍କ ଉପରେ ଆକ୍ରମଣ ଲାଗି ନିଷ୍ପତ୍ତି ନେଇଥିଲେ।

୧୯୧୧ ଜାନୁୟାରୀ ୩ ତାରିଖରେ ରୁଷିୟାର ତୁର୍କିସ୍ତାନରେ ୭.୭ ତୀବ୍ରତାର ଭୂକମ୍ପ ହୋଇଥିଲା। ଏଥିରେ ଅଲମାଟିରେ ୪୫୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭୭୦ରୁ ଊର୍ଦ୍ଧ୍ୱ କୋଠା ଧ୍ୱସ୍ତ ହୋଇଥିଲା।

# ଭାଜପାରେ ମୌସୁମୀ ଚାଟାର୍ଜୀ



**ନୂଆଦିଲ୍ଲୀ,୨।୧:** ବର୍ଷୀୟାନ ଅଭିନେତ୍ରୀ ମୌସୁମୀ ଚାଟାର୍ଜୀ ବୁଧବାର ଭାଜପାରେ ସାମିଲ ହୋଇଛନ୍ତି। ସେ ଆଗାମୀ ଲୋକ ସଭା ନିର୍ବାଚନ ଲଢ଼ିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ୨୦୦୪ରେ ସେ ପଶ୍ଚିମବଙ୍ଗରୁ କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ି ହାରିଯାଇଥିଲେ। ଏହା ପରେ ସେ ସକ୍ରିୟ ରାଜନୀତିରୁ ଦୂରେଇ ଯାଇଥିଲେ। ମଙ୍ଗଳବାର ମୌସୁମୀ ଦିଲ୍ଲୀରେ ଭାଜପାର ଶୀର୍ଷ ନେତାଙ୍କୁ ଭେଟିଥିଲେ। ବୁଧବାର ପଶ୍ଚିମବଙ୍ଗ ଦାୟିତ୍ୱରେ ଥିବା ବରିଷ୍ଠ ଭାଜପା ନେତା କୈଳାସ ବିଜୟଭର୍ଗୀୟଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେଇଛନ୍ତି। ମୌସୁମୀ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକାଳର ଆକାଶ କୁହୁଡିଆ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୨ | ୯.୩ |
| ଚାନ୍ଦବାଲି | ୨୫.୩ | ୧୦.୮ |
| କଟକ | ୨୬.୦ | ୧୦.୦ |
| ପାରାଦ୍ୱୀପ | ୨୬.୬ | ୧୨.୮ |
| ଭୁବନେଶ୍ୱର | ୨୭.୬ | ୯.୮ |
| ଗୋପାଳପୁର | ୨୭.୨ | ୧୩.୩ |
| ପୁରୀ | ୨୬.୬ | ୧୪.୦ |
| ଅନୁଗୋଳ | ୨୫.୧ | ୭.୬ |
| ବାରିପଦା | ୨୪.୪ | ୯.୪ |
| ଝାରସୁଗୁଡ଼ା | ୨୬.୮ | ୮.୫ |
| କେନ୍ଦୁଝର | ୨୪.୩ | ୮.୦ |
| ସମ୍ବଲପୁର | ୨୭.୬ | ୮.୪ |
| ସୁନ୍ଦରଗଡ଼ | ୨୫.୦ | ୮.୦ |
| ହୀରାକୁଦ | ୨୬.୪ | ୯.୫ |
| ତାଳଚେର | ୨୯.୫ | ୯.୩ |
| ଭବାନୀପାଟଣା | ୨୮.୦ | ୭.୫ |
| ବଲାଙ୍ଗୀର | --- | ୮.୭ |
| କୋରାପୁଟ | ୨୬.୦ | ୮.୨ |
| ଫୁଲବାଣୀ | --- | ୪.୫ |
| ଟିଟିଲାଗଡ଼ | --- | ୮.୦ |
| ମାଲକାନଗିରି | ୩୦.୫ | ୧୦.୦ |
| ସୋନପୁର | ୨୭.୨ | ୬.୬ |
| ଦାରିଙ୍ଗିବାଡ଼ି | ୨୧.୪ | ୫.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍







# ନିଜେ ନିଜର ହିରୋ 'ଜୁଲି'



'ମୁଁ ନିଜେ ନିଜର ହିରୋ। ନିଜେ ନିଜ ପାଇଁ ଆଦର୍ଶ ଓ ନିଜ ପାଇଁ ପ୍ରେରଣା। ଯଦି ମୁଁ ଚାହିଁ ନ ଥାଆନ୍ତି, ତା' ହେଲେ ଆଜି କିଛି ପାରି ନ ଥାଆନ୍ତି। ଆଜି ଯାଏ ଜୀବନକୁ ଚ୍ୟାଲେଞ୍ଜ ଭାବେ ନେଇଛି ଓ ଆଗକୁ ବି ନେବି। ଯାହା ମୋର ନାହିଁ, ତାକୁ କେବେ ଦୁର୍ବଳତା ବୋଲି ଭାବିନି। ବରଂ ନିଜର ବଡ଼ ଶକ୍ତି ଭାବେ ଗ୍ରହଣ କରି ଦୃଢ଼ମନା ହୋଇ ଆଗକୁ ବଢ଼ିଛି। ଗୋଡ଼ ନ ଥାଇ ବି ମନଖୋଲି ନାଚୁଛି। ଦିବ୍ୟାଙ୍ଗ ହୋଇ ବି ଡ୍ୟାନ୍ସକୁ ନିଶା ଓ ପେସା ଭାବେ ଗ୍ରହଣ କରିଛି। ଯେଉଁମାନେ ଦିବ୍ୟାଙ୍ଗଙ୍କୁ ଅଛୁଆଁ ବୋଲି ଭାବନ୍ତି, ପାଖରୁ ଆଡ଼େଇ ଦିଅନ୍ତି ସେମାନଙ୍କ ପାଇଁ ଉଦାହରଣ ହେବାକୁ ଦିନରାତି ପରିଶ୍ରମ କରୁଛି। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ କିଛି ବି କରିବାକୁ ପ୍ରସ୍ତୁତ ଅଛି।' ଏଭଳି କହିଛନ୍ତି ରାଉରକେଲାର ୨୦ ବର୍ଷୀୟା ଦିବ୍ୟାଙ୍ଗ ବଲିଉଡ୍ ଡ୍ୟାନ୍ସର ଜୁଲି କର। ତାଙ୍କ କାହାଣୀ କୌଣସି ଫିଲ୍ମର କାହାଣୀଠାରୁ କମ୍ ନୁହେଁ। ବାସ୍ତବ ଜୀବନରେ ଜଣେ ହିରୋ ଭଳି ସଂଘର୍ଷ କରି ଆଜି ନିଜେ ନିଜ ଜୀବନ କାହାଣୀର ନାୟିକା ହୋଇଛନ୍ତି। ଜନ୍ମରୁ ଦୁଇ ଗୋଡ଼ ହରାଇଥିବା ଜୁଲି ବର୍ତ୍ତମାନ ସମୟରେ କେବଳ ଡ୍ୟାନ୍ସର ନୁହେଁ, ବରଂ ଜଣେ ଫିଲ୍ମ ଅଭିନେତ୍ରୀ ହେବାର ପରିଚୟ ମଧ୍ୟ ହାସଲ କରିଛନ୍ତି। ୭୦ ପ୍ରତିଶତ ଲୋକୋମୋଟର ଡିଜାବିଲିଟି ସହ ଜନ୍ମ ହୋଇଥିବା ଏହି ପ୍ରତିଭା କେବଳ ଶାଠରେ ନୁହେଁ, ପାଠରେ ବି ନିଜର ପାରଦର୍ଶିତା ଦେଖାଇଛନ୍ତି। ଜଣେ ମେଧାବୀ ଛାତ୍ରୀ ଭାବେ ସେ ଯୁକ୍ତ ୩ ବାଣିଜ୍ୟ ଦ୍ୱିତୀୟ ବର୍ଷରେ ପାଠ ପଢ଼ୁଛନ୍ତି। ସେହିଭଳି ପ୍ରଥମ ଦିବ୍ୟାଙ୍ଗ ଭାବେ ଏକ ଡ୍ୟାନ୍ସ ରିଆଲିଟି ଶୋ'ର ବିଜେତା ହେବାର ସୌଭାଗ୍ୟ ମଧ୍ୟ ଅର୍ଜନ କରିଛନ୍ତି। ଏକ ମ୍ୟୁଜିକ୍ ଭିଡିଓ ସହ ଫିଲ୍ମରେ ଅଭିନୟ କରିବାର ବି ସୁଯୋଗ ପାଇଛନ୍ତି।

ସୃଷ୍ଟିରେ ଈଶ୍ୱର ଜୁଲିଙ୍କୁ ଭିନ୍ନ କରି ଗଢ଼ିଥିଲେ ମଧ୍ୟ ଏହା ତାଙ୍କ ସଫଳତାର ରାସ୍ତା ଅବରୋଧ କରିନି। ନିଜର ଆତ୍ମବିଶ୍ୱାସ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ନିଜକୁ ସ୍ୱାବଲମ୍ବୀ କରି ଦିବ୍ୟାଙ୍ଗମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ରାଉରକେଲାରେ ଜନ୍ମଗ୍ରହଣ କରିଥିବା ଜୁଲି ପିଲାବେଳୁ ନିଜ ମା'ଙ୍କୁ ହରାଇଥିବା ବେଳେ ବାପା ପରକରି ଛାଡ଼ି ଚାଲିଯାଇଥିଲେ। ଯୌତୁକ ଜୁଇରେ ମା' ପ୍ରାଣ ହରାଇବା ପରେ ବାପା ଦ୍ୱିତୀୟ ବିବାହ କରି ଅଲଗା ରହିଥିଲେ। ତେଣୁ ମା', ବାପାଙ୍କ ବିନା ସାହାରାରେ ମାମୁଘରେ ରହି ନିଜେ ନିଜର ଭାଗ୍ୟ ଗଢ଼ିଥିଲେ। ୧୦ମ ଶ୍ରେଣୀ ପାଠପଢ଼ା ସରିବା ପରଠାରୁ ମାମୁଘର ଉପରେ ନିର୍ଭର ନ କରି କେତେଜଣ ପିଲାଙ୍କୁ ନେଇ କୋଚିଂ କ୍ଲାସ୍ ଆରମ୍ଭ କରିଥିଲେ। ତେବେ ଯୁକ୍ତ ୨ ପରେ ନୃତ୍ୟ ପାଇଁ ମନ ବଳାଇଥିଲେ। ଦିନେ ଟେଲିଭିଜନରେ ଗୋଟିଏ ଗୋଡ଼ରେ ବିନୋଦ ଠାକୁରଙ୍କ ହିପ୍‌ହପ୍ ଡ୍ୟାନ୍ସ ଦେଖି ସେ ମଧ୍ୟ ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିବେ ବୋଲି ସ୍ଥିର କରିଥିଲେ, ଯାହା ତାଙ୍କ ଜୀବନରେ ଟର୍ନିଂ ପଏଣ୍ଟ ଆଣିଥିଲା। ଗୋଡ଼ ନ ଥାଇ ସେ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ ଓ ରିଆଲିଟି ଶୋ' 'ଝୁମ୍'ର ବିଜେତା ମଧ୍ୟ ହୋଇଥିଲେ। ବାସ୍ ଏହାପରେ ସଫଳତାର ଗୋଟିଏ ପରେ ଗୋଟିଏ ଶିଢ଼ି ଚଢ଼ି ଆଜି ଏକାଧିକ ରିଆଲିଟି ଶୋ'ର ଅଂଶହେବା ସହ ମ୍ୟୁଜିକ୍ ଭିଡିଓ 'ରୋଡ୍ ରୋମିଓ'ର ନାୟିକା ସାଜିଛନ୍ତି। କେବଳ ସେତିକି ନୁହେଁ, ନିର୍ମାଣାଧୀନ ତ୍ରୟୋଭାଷୀ ଫିଲ୍ମ 'ମାଲ୍ ମୁହୁ ଜୀବନ ମାଟି'ରେ ସେ ଅଭିନେତା ସବ୍ୟସାଚୀ ଓ ଅଭିନେତ୍ରୀ ଏଲିନାଙ୍କ ସହ ନଜର ଆସିବାକୁ ଯାଉଛନ୍ତି। ଏହାବ୍ୟତୀତ ବହୁ ଜାତୀୟସ୍ତରୀୟ ପୁରସ୍କାର ସହ ରାଜ୍ୟସ୍ତରୀୟ ପୁରସ୍କାର ମଧ୍ୟ ପାଇଛନ୍ତି। ଆଗକୁ ଯାଇ ଡ୍ୟାନ୍ସିଂ ଓ ଆକ୍ଟିଂକୁ ନିଜର କ୍ୟାରିୟର କରିବାକୁ ଚାହୁଁଥିବା ଜୁଲି ଜାତୀୟସ୍ତରୀୟ ଡ୍ୟାନ୍ସ ରିଆଲିଟି ଶୋ'ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବାକୁ ଲକ୍ଷ୍ୟ ରଖିଛନ୍ତି।

– ରିପୋର୍ଟ: ସସ୍ମିତା ପାଇକରାୟ

# ର୍‍ୟାଗିଂ ଯୋଗୁ ଇଞ୍ଜିନିୟରିଂ ପାଠ ଛାଡ଼ିଥିଲି



ପ୍ରଫେସର ସାରଦା ପ୍ରସନ୍ନ ସ୍ୱାଇଁ

## ଧରିତ୍ରୀ ଆଳାପ

ପିଲାଟି ଦିନୁ ଇଞ୍ଜିନିୟର ହେବାକୁ ବହୁତ ଇଚ୍ଛା ଥିଲା। ୧୯୯୦ରେ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ଇଞ୍ଜିନିୟରିଂ ପଢ଼ିବା ପାଇଁ ସୁଯୋଗ ପାଇଥିଲି। ଏନ୍‌ଆଇଟି ରାଉରକେଲାରେ ନାମ ଲେଖାଇଥିଲି। ହେଲେ ସେଠି ମୋତେ ଭୟଙ୍କର ର୍‍ୟାଗିଂର ଶିକାର ହେବାକୁ ପଡ଼ିଲା, ଯେଉଁଥିପାଇଁ ଅଧାରୁ ପାଠପଢ଼ାରେ ଡୋରି ବାନ୍ଧି ଘରକୁ ଆସିବା ପାଇଁ ବାଧ ହେଲି। ଏହାପରେ ମେଡିକାଲ ପଢ଼ିବା ପାଇଁ ମନ ବଳାଇଲି। ହୁଏତ ବିଧିର ବିଧାନ ଥିଲା ମୁଁ ଡାକ୍ତର ହୁଏ ବୋଲି। ଏହି କଥା କହିଛନ୍ତି ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ସାରଦା ପ୍ରସନ୍ନ ସ୍ୱାଇଁ। ୧୯୭୦ ମାର୍ଚ୍ଚ ୧୧ ତାରିଖରେ ଜଗତ୍‌ସିଂହପୁର ଜିଲ୍ଲା ଜଗନ୍ନାଥପୁର ଗ୍ରାମରେ ଡାକ୍ତର ସ୍ୱାଇଁଙ୍କର ଜନ୍ମ। ଜଣେ ଯୁବ ପ୍ରଫେସର ଓ ନିର୍ଦ୍ଦେଶକ ଭାବେ ମଧ ସେ ଆଉ ଏକ ରେକର୍ଡର ଅଧିକାରୀ। ଭାରତର ୧୮ଟି ସେଣ୍ଟର ଅଫ ଏକ୍ସଲେନ୍ସରେ କାର୍ଯ୍ୟରତ ନିର୍ଦ୍ଦେଶକଙ୍କ ମଧ୍ୟରେ ପ୍ରଫେସର ସ୍ୱାଇଁ ସର୍ବକନିଷ୍ଠ। ପ୍ରଫେସର ସ୍ୱାଇଁଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ତାଙ୍କୁ ପଚରାଯାଇଥିବା କେତୋଟି ପ୍ରଶ୍ନ।

**ପ୍ରଥମ ଦରମା କ'ଣ କରିଥିଲେ?**

–୨୦୦୧ରେ କୋରାପୁଟ ଜିଲାର କଲ୍ୟାଣସିଂପୁର ମେଡିକାଲରେ ଡାକ୍ତର ଭାବେ ଯୋଗ ଦେଇଥିଲି। ପ୍ରଥମ ମାସ ଦରମାରେ ମା' ଶାରଳାଙ୍କ ମନ୍ଦିରକୁ ଯାଇ ପୂଜା ଅର୍ଚ୍ଚନା କରିବା ସହିତ ମୋ ମା ପାଇଁ ଶାଢ଼ି ଓ ବାପାଙ୍କ ପାଇଁ ପ୍ୟାଣ୍ଟ ଶାର୍ଟ କିଣିଥିଲି।

**କେଉଁ ରଙ୍ଗକୁ ଆପଣ ଭଲ ପାଆନ୍ତି?**

ଧଳା ରଙ୍ଗ ମୋର ପସନ୍ଦ। କାରଣ ଧଳ ରଙ୍ଗରେ ହିଁ ଶାନ୍ତି ଓ ସଦ୍‌ଭାବନା ମୋ ଭିତରେ ଆସିଥାଏ।

**ରୋଷେଇ ଜାଣିଛନ୍ତି?**

–ଆଜିପର୍ଯ୍ୟନ୍ତ ମୋ ଚା' ମୁଁ ନିଜେ ହିଁ ପ୍ରସ୍ତୁତ କରେ। ଏହାବାଦ ଟିଫିନ ପ୍ରସ୍ତୁତ କରିବାଠାରୁ ଆରମ୍ଭ କରି ଅଳ୍ପବହୁତେ ରୋଷେଇ ଜାଣିଛି।

**ସିନେମା ଦେଖନ୍ତି?**

–ସିନେମା ଦେଖିବାକୁ ବହୁତ ଇଚ୍ଛା। କିନ୍ତୁ ସମୟ ପାଏନା। ଶେଷଥର ପାଇଁ ସ୍ତ୍ରୀ ଓ ପିଲାଙ୍କ ସହିତ ମିଶି ହଲ୍‌ରେ ୩ ଇଡିୟଟ୍ସ ଦେଖିଥିଲି। ରାଜେଶ ଖାନ୍ନା ଓ ମାଧୁରୀ ଦୀକ୍ଷିତ୍ ମୋ ପସନ୍ଦର ନାୟକ ଓ ନାୟିକା।

**ଗୀତ ଶୁଣନ୍ତି ?**

–ଗୀତ ପ୍ରତି ମୋର ବହୁତ ଆଗ୍ରହ। ସମୟ ପାଇବା ମାତ୍ରେ ମୁଁ ଗୀତ ହିଁ ଶୁଣିଥାଏ। କିଶୋର କୁମାର, ଲତା ମଙ୍ଗେସକର ଆଉ ଅକ୍ଷୟ ମହାନ୍ତିଙ୍କ ଗୀତ ମୋତେ ବହୁତ ଭଲ ଲାଗିଥାଏ।

**ଲଭ ନା ଆରେଞ୍ଜ ମ୍ୟାରେଜ?**

–ସମ୍ପୂର୍ଣ୍ଣ ଆରେଞ୍ଜ ମ୍ୟାରେଜ। ବାପାଙ୍କ ଇଚ୍ଛାରେ ୨୦୦୨ରେ ମୁଁ ନିବେଦିତାଙ୍କୁ ବିବାହ କରିଥିଲି।

**ସ୍ତ୍ରୀଙ୍କ କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ?**

–ସେ ମୋତେ ଭଲ ଭାବେ ବୁଝିପାରନ୍ତି। କୌଣସି ପରିସ୍ଥିତିରେ ସେ ମୋତେ ଛାଡ଼ି ଯିବେନି ସେ ନେଇ ମୁଁ ଦୃଢ ନିଶ୍ଚିତ।

**ଜୀବନର କିଛି ସ୍ମରଣୀୟ ଘଟଣା?**

–୨୦୧୭ ମୋ ପାଇଁ ସୁଖ ଆଉ ଦୁଃଖ ଦୁଇଟିଯାକ ସାଙ୍ଗରେ ଧରି ଆସିଥିଲା। ୨୦୧୭ ଡିସେମ୍ବର ୨୪ରେ ମୁଁ ସହଯୋଗୀ ପ୍ରଫେସରରୁ ପ୍ରଫେସର ପଦବୀକୁ ଉନ୍ନୀତ ହୋଇଥିଲି। ଏତେ କମ୍ ବୟସରେ ପ୍ରଫେସର ପଦବୀ ପାଇଥିବାରୁ ଶୁଭେଚ୍ଛାର ବାର୍ତ୍ତା ଛୁଟିଥିଲା। କିନ୍ତୁ ଏହି ସମୟରେ ମୋ ବାପା ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ୨୦୧୮ ଜାନୁୟାରୀରେ ମୁଁ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାବେ ନିଯୁକ୍ତ ପାଇଥିଲି। ସେତେବେଳକୁ ବାପା ଶଯ୍ୟାଶାୟୀ ହୋଇଗଲେଣି। ମୁଁ ପ୍ରଫେସର ହେବା କଥା ସେ ଭଲ ଭାବେ ଶୁଣିଥିଲେ। କିନ୍ତୁ ନିର୍ଦ୍ଦେଶକ ହେବା ପରେ ମୁଁ ଯେତେବେଳେ ତାଙ୍କୁ ଆଇସିୟୁ ଭିତରେ କହିଥିଲି ସେ କିଛି ବୁଝିପାରି ନ ଥିଲେ। ଜାନୁୟାରୀ ୨୭ରେ ସେ ମୋତେ ସବୁଦିନ ପାଇଁ ପରକରି ଚାଲି ଯାଇଥିଲେ।

ସାକ୍ଷାତ୍– ନିର୍ମଳ ପଣ୍ଡା

# ଲେଟ୍ ମି କାଇ

କଥାରେ ଅଛି, ଯେଉଁଠି ସୁଆଦିଆ ଖାଦ୍ୟ ମିଳେ ସେଠାରେ ଗ୍ରାହକଙ୍କ ଭିଡ଼ ଜମେ। ତେଣୁ ଆଜିକାଲି ହୋଟେଲ, ରେଷ୍ଟୁରାଣ୍ଟରେ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତି ଉପରେ ଫୋକସ ଦିଆଯାଉଛି। ପୁରୀ ସହରର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟରେ ମଧ୍ୟ ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଖାଦ୍ୟ ରନ୍ଧା ଯାଉଛି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ମାଲିକମାନେ ନୂଆ ନୂଆ ଡିସ୍ ପ୍ରସ୍ତୁତ କରୁଛନ୍ତି। ଏମିତି ନୂଆ ନୂଆ ଡିସ୍ ଉପରେ ଗୁରୁତ୍ୱ ଦେଇଆସିଛି ପୁରୀ ବେଳାଭୂମି ମାର୍ଗ କଡ଼ରେ ଥିବା ହୋଟେଲ ଗୋଲ୍ଡେନ ଟ୍ରି। ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପରଷା ଯାଉଥିବା ଏହି ହୋଟେଲର ଅନ୍ୟତମ ଚାହିଦା ଡିସ୍ ହେଉଛି 'ଲେଟ୍ ମି କାଇ'। ଏହି ଥାଇ ଡିସ୍‌ର ଗୋଟିଏ ପ୍ଲେଟ୍ ଦାମ୍ ରହୁଛି ୨୪୦ ଟଙ୍କା। ଲେଟ ମି କାଇର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ସେଫ୍ ଦୋଳଗୋବିନ୍ଦ ବାରିକଙ୍କ ମୁହଁରୁ...

## ଆବଶ୍ୟକ ସାମଗ୍ରୀ



ଚିକେନ- ୩୦୦ ଗ୍ରାମ୍
ଅଣ୍ଡା-୧ଟା
ରିଫାଇନ ତେଲ-୨୫୦ ଗ୍ରାମ୍
କଟା ରସୁଣ-୨୦ ଗ୍ରାମ୍
କଟା ଅଦା-୨୦ ଗ୍ରାମ୍
ନଡ଼ିଆ ରସ-ଅଧ କପ୍
ଲେମ୍ବୁ ପତ୍ର-୩ଟି
ମକା ପାଉଡର-୫୦ ଗ୍ରାମ୍
ଲେମ୍ବୁ ରସ-୫ ଗ୍ରାମ୍
ଧନିଆପତ୍ର-୫ ଗ୍ରାମ୍
ଲଙ୍କା ପାଉଡର-୫ ଗ୍ରାମ୍
ରେଡ୍ କରି ପେଷ୍ଟ-୧ ଚାମଚ
ଲୁଣ-ସ୍ୱାଦ ଅନୁଯାୟୀ

ଖାଦ୍ୟ ରୁଚି

## ପ୍ରସ୍ତୁତି ପ୍ରଣାଳୀ



ପ୍ରଥମେ ଚିକେନକୁ ଭଲ ଭାବେ ଧୋଇଦେବେ। ଏଥିରେ ଅଣ୍ଡା, କଟା ଅଦା,ରସୁଣ ଓ ରେଡ୍ କରି ପେଷ୍ଟ ଅଧା ପକାଇବେ। ଏଥିସହ ଲୁଣ, ଲେମ୍ବୁ ରସ ଓ ମକା ପାଉଡର ପକାଇ ଭଲ ଭାବେ ଗୋଳାଇ ଦେବେ। ଏହାକୁ ୧୫ ମିନିଟ୍ ରଖିଦେବେ। ପରେ ନିଆଁରେ କଡ଼େଇ ବସାଇ ରିଫାଇନ ତେଲରେ ଚିକେନକୁ ଛାଣିବେ। ଏହାକୁ ଏକ ପାତ୍ରରେ ରଖିବେ। ଅନ୍ୟ ଏକ କଡ଼େଇରେ ୧୦ ଗ୍ରାମ୍ ତେଲ ପକାଇ ଗରମ କରିବେ। ବଳକା ରସୁଣ ଓ ଅଦାକୁ ତେଲରେ କିଛି ସମୟ ଭାଜିବେ। ସାମାନ୍ୟ ବ୍ରାଉନ କଲର ହୋଇଯିବା ପରେ ବଳକା ରେଡ କରି ପେଷ୍ଟ, ଲଙ୍କା ପାଉଡର ପକାଇ ଅଳ୍ପ ସମୟ ଭାଜିବେ। ଏହାପରେ ସେଥିରେ ନଡ଼ିଆ ରସ ଓ ଲେମ୍ବୁ ରସ ପକାଇବେ। ପୂର୍ବରୁ ଛଣା ଯାଇଥିବା ଚିକେନକୁ ଏଥିରେ ଭଲ ଭାବେ କଷିଦେବେ। ମାତ୍ର ୩/୪ ମିନିଟ ପରେ ଏହାକୁ ଏକ ପାତ୍ରକୁ କାଢିଦେବେ। ପାତ୍ର ଉପରେ ଧନିଆପତ୍ର ଏବଂ ଲେମ୍ବୁ ପତ୍ର ସଜାଇ ଗରମ ଗରମ ପରଷିବେ।

– ରିପୋର୍ଟ: ହେମନ୍ତ ନାୟକ



ଜ୍ୟୋତିର୍ମୟୀ



ବିଦ୍ୟୁତ






ଦେବରାଜ



ନଳିନୀକାନ୍ତ



ରାମଚନ୍ଦ୍ର



ବଣ୍ଟି



ପ୍ରିନ୍ସ



ମନୀଷା



ସନ୍ତୋଷ




ଆସାମ ଏବଂ ଆନ୍ଧ୍ରପ୍ରଦେଶରେ ମୁତୟନ ଥିବା ସେନାଙ୍କୁ ରାଶନ ସାମଗ୍ରୀ ଯୋଗାଣରେ ୧୮ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ଘଟଣାରେ ସିବିଆଇ ଜଣେ କର୍ଣ୍ଣେଲଙ୍କ ସମେତ ୫ ସେନା ଅଧିକାରୀଙ୍କ ନାମରେ ଦୁର୍ନୀତି ନିବାରଣ ଆକ୍ଟରେ ମାମଲା ଦାଏର କରିଛି। ଅରୁଣାଚଳ ପ୍ରଦେଶର ତାୱାଂ ଅଞ୍ଚଳର ସିଭିଲ୍ କଣ୍ଟ୍ରାକ୍ଟର ୟାଙ୍ଗ୍ଫୋ ସେନାଙ୍କୁ ରାଶନ ସାମଗ୍ରୀ ଯୋଗାଇ ଆସୁଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି।



# କାଳିଆ ବାର୍ତ୍ତାରେ ୨୦,୦୦୦ ଚାଷୀ ସାମିଲ

ଭୁବନେଶ୍ୱର,୨।୧(ବ୍ୟୁରୋ)

କାଳିଆ ଯୋଜନା କାର୍ଯ୍ୟକାରୀ କରିବା ସହ ଏହି ଯୋଜନାରେ କୃଷକମାନଙ୍କୁ ଯୋଡିବା ପାଇଁ ରାଜ୍ୟ ସରକାର କାଳିଆ ବାର୍ତ୍ତା ଆରମ୍ଭ କରିଛନ୍ତି। ଯୋଜନା କାର୍ଯ୍ୟକାରୀ ହେବାର ୩ ଦିନ ମଧ୍ୟରେ କାଳିଆ ବାର୍ତ୍ତାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ସାମିଲ ହୋଇ ସାରିଛନ୍ତି। କାଳିଆ ବାର୍ତ୍ତା ଏକ ଅଭିନବ ସୂଚନା ସେବା ବ୍ୟବସ୍ଥା । ସମବାୟ ବିଭାଗ ଆନୁକୂଲ୍ୟରେ ଏହା ଆରମ୍ଭ କରାଯାଇଛି। କାଳିଆ ଯୋଜନା ସମ୍ପର୍କରେ ସୂଚନା ପାଇବାକୁ ଆଗ୍ରହୀ ଯେ କୌଣସି ଚାଷୀ ଟେଲିଫୋନ ନଂ ୦୮୦୬୧୧୭୪୨୨୨ କୁ ମିସ୍ଡ କଲ୍ ଦେଇ କାଳିଆ ବାର୍ତ୍ତା ପାଇବା ନିମନ୍ତେ ନିଜର ନାମ ପଞ୍ଜୀକରଣ କରିପାରିବେ। ଏହାଦ୍ୱାରା ଚାଷୀ ଜଣକ ଆପେ ଆପେ ସରକାରୀ ଡାଟାବେସ୍ରେ ପଞ୍ଜୀକୃତ ହୋଇଯିବେ। ଯୋଜନା ସମ୍ପର୍କରେ ସମସ୍ତ ସୂଚନା ତାଙ୍କ ଫୋନ ନମ୍ବରକୁ ଏସ୍.ଏମ.ଏସ୍ ଏବଂ ଭଏସ୍ କଲ ଜରିଆରେ ପଠାଇ ଦିଆଯିବ।



କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ବୁଧବାର ବିଦେଶୀ ପର୍ଯ୍ୟଟକମାନେ ନୌକାଯାତ୍ରା କରୁଛନ୍ତି।

# 'ପୁରୀରୁ ମୋଦି ପ୍ରାର୍ଥୀ ହେବାର ୯୦% ସମ୍ଭାବନା'

ଭୁବନେଶ୍ୱର,୨।୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ଷ ଆରମ୍ଭରୁ ଏକ ଖବର ସରବରାହ ସଂସ୍ଥାକୁ ଦେଇଥିବା ସାକ୍ଷାତ୍କାରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଆସନ୍ତା ସାଧାରଣ ନିର୍ବାଚନରେ ମୋଦି ପୁରୀ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ପୁଣି ଆଲୋଚନା ଆରମ୍ଭ ହୋଇଛି। ଉକ୍ତ ସାକ୍ଷାତ୍କାରରେ ମୋଦି ପୁରୀରୁ ପ୍ରାର୍ଥୀ ହେବା ନେଇ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ହେଲେ ଭାଜପା ବିଧାୟକ ପ୍ରଦୀପ ପୁରୋହିତ ବୁଧବାର ଦେଇଥିବା ମନ୍ତବ୍ୟ ଉକ୍ତ ଘଟଣାକୁ ଆହୁରି ରୋଚକ କରିଛି।

ପ୍ରଦୀପ କହିଛନ୍ତି ଯେ, ଭାଜପା ଦ୍ୱାରା ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷିତ ହେବା ପରେ ମୋଦି ପୁରୀ ଆସି ଜଗନ୍ନାଥଙ୍କ ଆଶୀର୍ବାଦ ନେଇଥିଲେ। ବିଜୟୀ ହେବା ପରେ ମଧ୍ୟ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ରେଲୱେଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ମୋଦି ଓଡ଼ିଶାକୁ ଯଥେଷ୍ଟ ପ୍ରାଧାନ୍ୟ ଦେଇଥିଲେ। ତାଙ୍କ ଲୁକ୍ ଇଷ୍ଟ କାର୍ଯ୍ୟସୂଚୀରେ ଓଡ଼ିଶା ସର୍ବାଗ୍ରେ ରହିଛି। ୨୦୧୪ରେ ବାରାଣସୀ ଭଳି ଏକ ପବିତ୍ର ସ୍ଥାନରୁ ମୋଦି ପ୍ରାର୍ଥୀ ହୋଇଥିଲେ। ପୁରୀ ମଧ୍ୟ ସେହିପରି ଏକ ପବିତ୍ର ସ୍ଥାନ, ଯାହାକୁ ମୋଦି ବହୁତ ଭଲ ପାଇଥାନ୍ତି। ତେଣୁ ପୁରୀରେ ମୋଦି ଲଢ଼ିବା ୯୦% ସମ୍ଭାବନା ରହିଥିବା ପୁରୋହିତ କହିଛନ୍ତି।

## ପ୍ରତିଦିନ ରିପୋର୍ଟ ଦେଉଛୁ: ପୁରୀ ଭାଜପା ସଭାପତି

ଭୁବନେଶ୍ୱର,୨।୧(ବ୍ୟୁରୋ)

'ପୁରୀ ଜିଲାରେ ଭାଜପାର କାର୍ଯ୍ୟକଳାପ ନେଇ କେନ୍ଦ୍ରୀୟ କାର୍ଯ୍ୟାଳୟକୁ ପ୍ରତିଦିନ ରାତି ୧୦ଟା ପରେ ରିପୋର୍ଟ ପଠାଉଛୁ। ବିଶେଷ କରି ପୁରୀ ଲୋକ ସଭା ଅଧୀନରେ ଆସୁଥିବା ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଏବଂ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ କି କାର୍ଯ୍ୟ ଚାଲିଛି, ତାହାର ରିପୋର୍ଟ ପ୍ରଦାନ କରାଯାଉଛି। ଏହି ସବୁକୁ ଅନୁଧ୍ୟାନ କଲେ ପ୍ରଧାନମନ୍ତ୍ରୀ ମୋଦି ପୁରୀରୁ ଲଢ଼ିବା ଏକ ପ୍ରକାର ଫାଇନାଲ ଲାଗୁଛି'। ଏହି କଥା କହିଛନ୍ତି ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର। ଯାହାକୁ ନେଇ ପୁରୀ ଏବଂ ରାଜ୍ୟ ରାଜନୀତିରେ ବିଭିନ୍ନ ଆଲୋଚନା ଆରମ୍ଭ ହୋଇଛି।

ପୁରୀର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀକୁ ବାଦ୍ ଦେଇ ନୟାଗଡ, ରଣପୁର ଏବଂ ଚିଲିକା ମଧ୍ୟ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀରେ ଆସୁଛି। ଚିଲିକାରେ ଭାଜପାର ବିଧାୟକ ଥିବାବେଳେ ରଣପୁରରେ ଭାଜପା ଦ୍ୱିତୀୟ ସ୍ଥାନରେ ରହିଥିଲା। ସେହିପରି ନୟାଗଡରେ ୨୦୧୪ରେ ଦ୍ୱିତୀୟ ସ୍ଥାନରେ ଥିବା କଂଗ୍ରେସ ନେତା ଲାଲା ମନୋଜ ରାୟ ବର୍ତ୍ତମାନ ଭାଜପାରେ ଅଛନ୍ତି। ତେଣୁ ଏହି ସବୁ ସିଟ୍ରେ ଭାଜପା ଉତ୍ତମ ପ୍ରଦର୍ଶନ କରିବ ବୋଲି ଦଳୀୟ ନେତୃତ୍ୱ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ପ୍ରଦୀପଙ୍କ ଏହି ବକ୍ତବ୍ୟକୁ ସମାଲୋଚନା କରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଭାଜପାର ପାଦ ତଳୁ ଚାରିଆଡ଼େ ମାଟି ଖସୁଛି। ତେଣୁ ଭୟଭୀତ ହୋଇ ମୋଦି ବାରାଣସୀ ଛାଡି ପୁରୀରେ ଲଢ଼ିବା କଥା ଚିନ୍ତା କରୁଛନ୍ତି। ଓଡ଼ିଶାରେ ତାଙ୍କର ପାଦତଳେ ମାଟି ନାହିଁ। ହେଲେ କାଳେ ସେ ଲଢିଲେ ଦଳ କିଛି ସିଟ୍ ପାଇବ, ସେଥିପାଇଁ ମୋଦି ଏପରି ଚେଷ୍ଟା କରୁଥିବା ନିରଞ୍ଜନ କହିଛନ୍ତି। ବିଜେଡି ପକ୍ଷରୁ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦଳର ମୁଖପାତ୍ର ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ଗଣତନ୍ତ୍ରରେ କିଏ କେଉଁଠି ଲଢିବେ, ସେ ଅଧିକାର ସମସ୍ତଙ୍କର ରହିଛି। ମୋଦି କେଉଁଠାରୁ ବି ପ୍ରାର୍ଥୀ ହୁଅନ୍ତୁ, କୌଣସି ଅସୁବିଧା ନାହିଁ। ବିଜୁ ଜନତା ଦଳ ବିକାଶର ବାର୍ତ୍ତା ନେଇ ନିର୍ବାଚନ ଜିତି ଆସିଛି। ଚଳିତ ବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନରେ ମଧ୍ୟ ବିକାଶକୁ ଆୟୁଧ କରି ନିର୍ବାଚନ ଲଢାଯିବ। ତେଣୁ ବିଜେଡି ଉପରେ କାହାର ଲଢିବା, ନ ଲଢିବା ପ୍ରସଙ୍ଗ ପ୍ରଭାବ ପକାଇବ ନାହିଁ।

# ଭାଜପା ଛାଡ଼ିଲେ ଭୁବନେଶ୍ୱର ଜିଲା ଉପସଭାପତି

ଭୁବନେଶ୍ୱର, ୨।୧(ବ୍ୟୁରୋ)

ଭାଜପାରେ କେତେଜଣ କାର୍ଯ୍ୟକର୍ତ୍ତା ଦଳ ବିରୋଧରେ ଅଭିଯୋଗ ଆଣି ଗୁରୁବାର ଇସ୍ତଫା ଦେଇଛନ୍ତି। ସ୍ଥାନୀୟ ଏକ ହୋଟେଲରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଜିଲାର ଭାଜପା ଉପସଭାପତି ପୁରଞ୍ଜନ ପାଢୀଙ୍କ ସମେତ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ପୂର୍ବତନ ଜିଲା ସଭାନେତ୍ରୀ ମୀନାକ୍ଷୀ ପ୍ରିୟଦର୍ଶିନୀ, ଜିଲା ସମ୍ପାଦକ ସଦାଶିବ ଜେନା ପ୍ରମୁଖ ଦଳରୁ ଇସ୍ତଫା ଦେଉଥିବା ଘୋଷଣା କରିଛନ୍ତି। ପୁରଞ୍ଜନ କହିଛନ୍ତି ଯେ, ଦଳ ନୀତି, ଆଦର୍ଶରୁ ଦୂରେଇ ଯାଇଛି। କିଛି ସ୍ୱାର୍ଥବାଦୀଙ୍କ ଦ୍ୱାରା ଦଳ କୁପରିଚାଳିତ ହେଉଛି। ମୀନାକ୍ଷୀ କହିଛନ୍ତି, ସମାଜରେ ମହିଳାମାନେ ଅସୁରକ୍ଷିତ। ଦଳ ଭିତରେ ମହିଳା କାର୍ଯ୍ୟକର୍ତ୍ତା ଅସମ୍ମାନିତ, ଅପମାନିତ ଓ ଅବହେଳିତ ବୋଲି ସେ କହିଛନ୍ତି। ସେହିପରି ସଦାଶିବ ଜେନା ମଧ୍ୟ ଦଳ ବିରୋଧରେ ଅଭିଯୋଗ ଆଣି ଇସ୍ତଫା ପ୍ରଦାନ କରିଛନ୍ତି।

# ନୂଆବର୍ଷ ଭୋଜି ବେଳେ ହତ୍ୟା

ପାରଳାଖେମୁଣ୍ଡି/ରାୟଗଡ, ୨।୧(ସ୍ୱ.ପ୍ର./ଡି.ଏନ.ଏ.)

ରାୟଗଡ଼ ଥାନା କରଡ଼ାସିଂ ପଞ୍ଚାୟତ ଅଧୀନ ଏସ୍.କୃଷ୍ଣପୁର ଗ୍ରାମର ବାସିନ୍ଦା ହେଉଛନ୍ତି ରବି ଶବର। ମଙ୍ଗଳବାର ନୂଆବର୍ଷ ଅବସରରେ ଗାଁ ପାହାଡ଼ ନିକଟରେ ଏକ ବଣଭୋଜିର ଆୟୋଜନ କରାଯାଇଥିଲା । ଭୋଜି ରନ୍ଧା ସରିବା ପରେ ରବିଙ୍କୁ ଡାକିବାକୁ ତାଙ୍କ ପୁଅ ପାହାଡ଼ ଉପର ବଗଡ଼ (ପୋଡୁ ଚାଷ ସ୍ଥାନ)କୁ ଯାଇଥିଲେ। ସେଠାରୁ ବାପ ପୁଅ ଦୁହେଁ ପାହାଡ଼ ତଳକୁ ଆସୁଥିବାବେଳେ ହଠାତ କେହି ବ୍ୟକ୍ତି ରବିଙ୍କ ଗୋଡ଼କୁ କାତିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ରବି ଗୁରୁତର ଆହତ ହୋଇ ତଳେ ପଡ଼ିଯିବା ପରେ ତାଙ୍କୁ ପରିବାରବର୍ଗ ତୁରନ୍ତ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଆସିଥିଲେ। ରାତି ୮ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଜିଏମ୍ୟୁ ସମାବର୍ତ୍ତନ ଉତ୍ସବରେ ଗାଉନକୁ ନା

ସମ୍ବଲପୁର,୨।୧(ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ) ପ୍ରଥମ ସମାବର୍ତ୍ତନ ଉତ୍ସବ ଚଳିତ ମାସ ୫ ତାରିଖ ଅମୃତ ବିହାର ପରିସରରେ ଅନୁଷ୍ଠିତ ହେବ। ହେଲେ ଅତିଥିମାନେ ପାରମ୍ପରିକ ଗାଉନ ପିନ୍ଧିବେନି ବୋଲି ନିଷ୍ପତ୍ତି ନିଆଯାଇଛି। ଗାଉନର ଜାଗା ନେବ ସମ୍ବଲପୁରୀ ଗାମୁଛା ଓ ସମ୍ବଲପୁରୀ ଜ୍ୟାକେଟ୍। ୨୦୧୬ରୁ ୨୦୧୮ ମସିହାର ଶ୍ରେଷ୍ଠ ଗ୍ରାଜୁଏଟ୍, ପୋଷ୍ଟ ଗ୍ରାଜୁଏଟ୍, ଏମଫିଲ୍ର ୧୦୩ ଜଣ ଛାତ୍ରୀଛାତ୍ରଙ୍କୁ ମେଡାଲ ପ୍ରଦାନ କରାଯିବ । ଏଥି ମଧ୍ୟରୁ ୨୧ ଜଣଙ୍କୁ ଜିଏମ୍ୟୁ ସ୍ୱତନ୍ତ୍ର ମେଡାଲ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି । ବୁଧବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅତନୁ କୁମାର ପତି ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ।

ଅମୃତ ବିହାର ପରିସରସ୍ଥ ଅଧ୍ୟାପନା ପ୍ରକୋଷ୍ଠ-୧ରେ ସେ ଖବରଦାତାଙ୍କୁ ସୂଚନା ଦେଇ କହିଥିଲେ ଯେ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ ନିଆରା ଢଙ୍ଗରେ ପାଳନ କରାଯିବ । ଅତିଥି ଓ ଛାତ୍ରୀଛାତ୍ରଙ୍କୁ ଚିରାଚରିତ ଗାଉନ୍ ଓ ଟୋପି ପିନ୍ଧିବାକୁ ପଡିବ ନାହିଁ । ଗାଉନ୍ ବଦଳରେ ଛାତ୍ରମାନେ ଧଳା ସାର୍ଟ, ପ୍ୟାଣ୍ଟ ପିନ୍ଧିବେ। ବେକରେ ପଡିବ ସମ୍ବଲପୁରୀ ଗାମୁଛା। ଛାତ୍ରୀମାନେ ମଧ୍ୟ କ୍ରିମ୍ ରଙ୍ଗର ଶାଢ଼ି ପିନ୍ଧି ବେକରେ ଗାମୁଛା ପରିଧାନ କରିବେ । ସେହିପରି ଅତିଥିମାନେ ମଧ୍ୟ ଧଳା ରଙ୍ଗର ପୋଷାକ ସହ ସମ୍ବଲପୁରୀ ଜ୍ୟାକେଟ୍ ପିନ୍ଧିବାକୁ ସ୍ଥିର କରାଯାଇଛି। ଏହି ଅବସରରେ ସ୍ୱଭାବ କବିଙ୍କ ଜନ୍ମମାଟି ବରପାଲିର କୃତୀ ସନ୍ତାନ ବାନ୍ଧଶିଳ୍ପୀ ସୁରେନ୍ଦ୍ର ମେହେରଙ୍କୁ ସମ୍ମାନସୂଚକ ଡିଲିଟ୍ ପ୍ରଦାନ କରାଯିବ । ୫ ତାରିଖ ସାଢ଼େ ୩ଟାରେ ଉତ୍ସବ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପ୍ରମୋଦ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ସେହିପରି ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରିବେ ବୋଲି କୁଳପତି ସୂଚନା ଦେଇଛନ୍ତି । କୁଳସଚିବ ଗିରୀଶ ଚନ୍ଦ୍ର ସିଂ, ଉପକୁଳସଚିବ ଉମାଚରଣ ପତି, ପିଜି କାଉନସିଲ ଅଧ୍ୟକ୍ଷ ଡ. ସଦନ ପଲ୍, ପରୀକ୍ଷା ନିୟନ୍ତ୍ରକ ହେମ କୁମାର ନାୟକ, ବିତ୍ତୀୟ ନିୟନ୍ତ୍ରକ ଡ. ଶ୍ୟାମଚରଣ ଆଚାର୍ଯ୍ୟ ଖବରଦାତା ସମ୍ମିଳନୀରେ ସମାବର୍ତ୍ତନ ଉତ୍ସବର ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ ।




ବୁଧବାର ସମ୍ବଲପୁର ଜିଏମ୍ୟୁ ସମାବର୍ତ୍ତନ ଉତ୍ସବର ମେଡାଲ ଓ ସାର୍ଟିଫିକେଟ ଉନ୍ମୋଚନ କରାଯାଉଛି।

- ଛାତ୍ରୀଛାତ୍ର ପକାଇବେ ସମ୍ବଲପୁରୀ ଗାମୁଛା
- ଅତିଥି ପିନ୍ଧିବେ ସମ୍ବଲପୁରୀ ଜ୍ୟାକେଟ
- ୧୦୩ ଜଣ ପାଇବେ ମେଡାଲ
- ବାନ୍ଧଶିଳ୍ପୀ ସୁରେନ୍ଦ୍ର ମେହେରଙ୍କୁ ଡିଲିଟ୍

# ସରକାରୀ ଡାଏରୀରେ ଗୋଟେ ନୁହେଁ ଏକାଧିକ ତ୍ରୁଟି

## ତ୍ରୁଟିକୁ ଅନିଚ୍ଛାକୃତ କହିଲେ ସଚିବ

ଭୁବନେଶ୍ୱର, ୨।୧(ବ୍ୟୁରୋ):

୨୦୧୯ ଇଂଲିଶ ନବବର୍ଷପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସରକାରୀ ଡାଏରୀରେ ଗୋଟିଏ ନୁହେଁ, ଏକାଧିକ ତ୍ରୁଟି ପରିଲକ୍ଷିତ ହୋଇଛି। ପ୍ରଥମେ ଜାନୁୟାରୀ ଓ ଫେବୃୟାରୀ ମାସକୁ ପୃଥକ କରୁଥିବା ପୃଷ୍ଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରଚିତ ଏକ ପଂକ୍ତିକୁ କବିବର ରାଧାନାଥ ରାୟଙ୍କ ନାମରେ ପ୍ରକାଶିତ କରାଯାଇଥିବା ଜଣାପଡ଼ିଥିଲା। ଆଉ ଏହା ଗଣମାଧ୍ୟମରେ ପ୍ରକାଶ ପାଇବାର ଦୁଇଦିନ ପରେ ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ନିଜ ବିଭାଗ ପକ୍ଷରୁ ହୋଇଥିବା ଭୁଲକୁ ବୁଧବାର ସ୍ୱୀକାର କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ଶାସନ ସଚିବ ଅବନୀକାନ୍ତ ପଟ୍ଟନାୟକ କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ଭାବରେ ଅନିଚ୍ଛାକୃତ, ଦ୍ୱେଷରହିତ ଏବଂ ଏକ ପ୍ରାକ ମୁଦ୍ରଣ ସଂଶୋଧନଜନିତ ତ୍ରୁଟି। ଏହାଦ୍ୱାରା ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତି ଅପମାନ କରାଯିବାର କୌଣସି ଅଭିପ୍ରାୟ ନାହିଁ। ଏହି ଅନିଚ୍ଛାକୃତ ତ୍ରୁଟି ନିମନ୍ତେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଗଭୀର ଦୁଃଖପ୍ରକାଶ କରୁଛି ବୋଲି ଅବନୀକାନ୍ତ କହିଛନ୍ତି। ସଚିବଙ୍କ ଏହି ଉକ୍ତି ପରେ ସରକାରୀ ଡାଏରୀରେ ଏହା ଏକ ମାତ୍ର ତ୍ରୁଟି ବୋଲି ମନେ ହେଉଥିଲା। ମାତ୍ର ଡାଏରୀ ଭିତରେ ଏକାଧିକ ଭୁଲ୍ ଥିବା ଦେଖିବାକୁ ମିଳିଛି। ଡାଏରୀର ଅନ୍ୟ ଏକ ପୃଷ୍ଠରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପଂକ୍ତିରେ ମଧ୍ୟ ଭୁଲ୍ ଛପା ଯାଇଛି। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଏକ ପଂକ୍ତିରେ ମଧ୍ୟ ଦୁଇଟି ଭୁଲ୍ ରହିଛି। ଅନ୍ୟପଟେ ଓଡ଼ିଆ ଭାଗବତ ବାଣୀରେ ବିରାଟ ତ୍ରୁଟି ଲକ୍ଷ୍ୟ କରାଯାଇଛି। ଏହାକୁ ନେଇ ବରିଷ୍ଠଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ଓଡିଆ ଭାଷାକୁ ନେଇ ସରକାରଙ୍କ ଏତେ ମାତ୍ରାରେ ବେପରୁଆ ମନୋଭାବ ଥିବା ଦେଖି ବହୁ ସରକାରୀ କର୍ମଚାରୀ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଭିନ୍ନ ବିଭାଗର ଅଧିକାରୀମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ସରକାରୀ ତ୍ରୁଟିକୁ ସାମ୍ନାକୁ ଆଣିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏଭଳି ଭୁଲ୍ ଆଗାମୀ ଦିନରେ ଯୁବପିଢ଼ିଙ୍କ ଉପରେ ପ୍ରଭାବ ପକାଇବାର ଯଥେଷ୍ଟ ସମ୍ଭାବନା ରହିଥିବା ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି। ଏ ନେଇ ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂହ କହିଛନ୍ତି ଯେ, "ଗୋଇଠା ମାରି ବିଷ୍ଣୁ କହିବା" ରାଜ୍ୟ ସରକାରଙ୍କ ଅଭ୍ୟାସରେ ପରିଣତ ହୋଇସାରିଛି। ଭୁଲ ଥରଟିଏ ହେଲେ କ୍ଷମଣୀୟ। ମାତ୍ର ସେହି ଭୁଲଟି ବାରମ୍ବାର ହେଲେ ତାହା ଅକ୍ଷମଣୀୟ । ମାତ୍ର ଏହି ପ୍ରସଙ୍ଗରେ ଏହା ଯେ କେବଳ ଅକ୍ଷମଣୀୟ ନୁହେଁ ବରଂ ଧର୍ତ୍ତବ୍ୟ ଅପରାଧ। ସରକାରୀ ଡାଏରୀରେ ଗୋଟିଏ ନୁହେଁ ଏକାଧିକ ଭୁଲ୍ ଥିବା ରମାରଞ୍ଜନ କହିଛନ୍ତି।


# ପୂର୍ବ ତଟ ରେଳପଥ

ଚୁକ୍ତି ଭିତ୍ତିରେ ଅବୈତନିକ (HONORARY) ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟ (HVS) ନିଯୁକ୍ତି କରିବା ନିମନ୍ତେ ଅଧିସୂଚନା

ଅଧିସୂଚନା ସଂ.: ECoR/Pers/Gaz/Med/HVS/HQ/2018, ତା. 28.12.2018 ରିଖ

ପୂର୍ବ ତଟ ରେଳପଥର **ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଚିକିତ୍ସାଳୟରେ ରେଡ଼ିଓଲୋଜିଷ୍ଟ (ସ୍ପେସିଆଲିଷ୍ଟ) ଭାବେ ଏକ ଗୋଟି ଅବୈତନିକ ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟ** ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି ନିଯୁକ୍ତି ପ୍ରାରମ୍ଭିକ ଭାବେ ଏକ ବର୍ଷ ଅବଧି ନିମନ୍ତେ ଉଦ୍ଦିଷ୍ଟ, ଯାହାକି ସଂପୃକ୍ତ ଅବୈତନିକ ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟଙ୍କ ସମ୍ମତି, ପ୍ରଦର୍ଶନ ଏବଂ ପ୍ରଶାସନିକ ଆବଶ୍ୟକତା ଅନୁଯାୟୀ ପୁନର୍ବାର ବର୍ଷକୁ ବର୍ଷ ସାନି ଚୁକ୍ତି ମାଧ୍ୟମରେ ନବୀକରଣ କରାଯାଇପାରେ । ସବିଶେଷ ବିବରଣୀ ନିମ୍ନବତ୍ ଅଟେ :

| ନିଯୁକ୍ତି ସ୍ଥାନ | ପଦବୀ ସଂଖ୍ୟା | ଶୃଙ୍ଖଳା | ପ୍ରସ୍ତାବିତ ଡ୍ୟୁଟି ସମୟ | ମାସିକ ପାରିଶ୍ରମିକ |
|---|---|---|---|---|
| କେନ୍ଦ୍ରୀୟ ଚିକିତ୍ସାଳୟ/ ପୂର୍ବ ତଟ ରେଳପଥ, ଭୁବନେଶ୍ୱର | 01 | ରେଡିଓଲୋଜିଷ୍ଟ (ସ୍ପେଶିଆଲିଷ୍ଟ) | ଦୈନିକ 2 ଘଣ୍ଟା ପାଇଁ ସପ୍ତାହରେ 6 ଦିନ | ଟ. 52,000/- |

**ଯୋଗ୍ୟତା ଏବଂ ଅଭିଜ୍ଞତା :** (I) ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ, ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିବା ପରେ ସଂପୃକ୍ତ ସ୍ପେଶିଆଲିଟି ସମ୍ପର୍କିତ ବୃତ୍ତିଗତ କାର୍ଯ୍ୟରେ ସର୍ବନିମ୍ନ 03 ବର୍ଷର ଅଭିଜ୍ଞତା । (II) ପୋଷ୍ଟ୍ ଗ୍ରାଜୁଏଟ୍ ଡିଗ୍ରୀ ସହିତ ଉପଯୁକ୍ତ ପ୍ରାର୍ଥୀ ଉପଲବ୍ଧ ନ ହେବା ସ୍ଥଳେ ପୋଷ୍ଟ୍ ଗ୍ରାଜୁଏଟ୍ ଡିପ୍ଲୋମା ହାସଲ କରିବା ପରେ ସଂପୃକ୍ତ ସ୍ପେଶିଆଲିଟି ସମ୍ପର୍କିତ ବୃତ୍ତିଗତ କାର୍ଯ୍ୟରେ ସର୍ବନିମ୍ନ 05 ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ ।

**ବୟସ ସୀମା :** (କ) ପ୍ରଥମ ଥର ନିଯୁକ୍ତି ସମୟରେ 30 ବର୍ଷ ବୟସରୁ 64 ବର୍ଷ ବୟସ ଗ୍ରହଣୀୟ । (ଖ) ଚାଲୁ ରଖାଯାଇଥିବା ନିଯୁକ୍ତି ନିମନ୍ତେ ଉଚ୍ଚତର ବୟସ ସୀମା 65 ବର୍ଷ ।

**ଆବେଦନ କିପରି କରିବେ :** ଅବୈତନିକ ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟ୍ ଭାବେ ନିଯୁକ୍ତି ନିମନ୍ତେ ଇଚ୍ଛୁକ ଡାକ୍ତରମାନେ ଜନ୍ମ ତାରିଖ ପ୍ରମାଣପତ୍ର, ଯୋଗ୍ୟତା ପ୍ରମାଣପତ୍ର, କାର୍ଯ୍ୟ ଅଭିଜ୍ଞତାର ପ୍ରମାଣପତ୍ର, ମେଡିକାଲ କାଉନସିଲରେ ପଞ୍ଜିକରଣ ହୋଇଥିବା ପ୍ରମାଣପତ୍ର, ଯୋଗାଯୋଗ ସମ୍ପର୍କିତ ସବିଶେଷ ବିବରଣୀ ଇତ୍ୟାଦି ସହିତ ସେମାନଙ୍କ ବାୟୋଡାଟା ଏହି ନିଯୁକ୍ତି ପ୍ରକାଶନର **15(ପନ୍ଦର)** ଦିନ ମଧ୍ୟରେ **ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର-751017**ଙ୍କ ନିକଟରେ ଦାଖଲ କରିପାରିବେ ।

ସଂପୂର୍ଣ୍ଣ ବିବରଣୀ ନିମନ୍ତେ **www.eastcoastrail.indianrailways.gov.in** ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ଭୁବନେଶ୍ୱର

PR-419/J/18-19








# ୟୁକୋ ବ୍ୟାଙ୍କ

ବ୍ରଜରାଜନଗର ଶାଖା
ରେଳ ଷ୍ଟେସନ୍ ସମ୍ମୁଖ, ପୋ : ବ୍ରଜରାଜନଗର
ଜିଲ୍ଲା : ଝାରସୁଗୁଡ଼ା - ୭୬୮୨୧୬ (ଓଡିଶା)

# ଦଖଲ ନୋଟିସ

(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା (ମାନ)ଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା (ମାନେ) ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲ ନେଇଛନ୍ତି ।

ତେଣୁ ବିଶେଷତଃ ଋଣଗ୍ରହୀତା ଓ ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

## ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ

| ଋଣଗ୍ରହୀତା/ଜାମିନ୍ଦାରମାନଙ୍କ ନାମ ଓ ଠିକଣା | ନୋଟିସ ଅନୁଯାୟୀ ବକେୟାରାଶିର ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ : ଶ୍ରୀ କରୁଣାକର ଦାସ,** ପିତା : କାର୍ତ୍ତିକ ଚରଣ ଦାସ ଏବଂ **ଶ୍ରୀ ସୁଧାଂଶୁ ଶେଖର ଦାସ,** ପିତା : କାର୍ତ୍ତିକ ଚରଣ ଦାସ, ଉଭୟଙ୍କ ଠିକଣା ସା: ଗୁମାଡେରା (ମେନ୍ ରୋଡ୍), ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ / **ଜାମିନଦାରମାନେ : (୧) ଶ୍ରୀ କାର୍ତ୍ତିକ ଚରଣ ଦାସ,** ପିତା : ଶ୍ରୀ ନରହରି ଦାସ, ସା : ଗୁମାଡେରା, ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭, **(୨) ଶ୍ରୀ ବସନ୍ତ କୁମାର ବିଶ୍ୱାଳ,** ପିତା : ଶ୍ରୀ ହରି ବିଶ୍ୱାଳ, ସା : ଗୁମାଡେରା (ଗୌଡିଆପଡା), ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ । | ୩୧.୦୫.୨୦୧୮ ସୁଦ୍ଧା ଟ.୨,୮୧,୪୧୮/- + ତତ୍ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୧୨.୧୦.୨୦୧୮ / ୨୮.୧୨.୨୦୧୮ | **ଶ୍ରୀ କାର୍ତ୍ତିକ ଚରଣ ଦାସ,** ପିତା : ଶ୍ରୀ ନରହରି ଦାସଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୧୩୨, ପ୍ଲଟ ନଂ.: ୪୩୧୨/୮୨୩୦, କ୍ଷେତ୍ର: ଏକର ୦.୦୪୦ଡିସିମିଲି, ଏବଂ ପ୍ଲଟ ନଂ.: ୮୨୩୧/୮୭୭୬, କ୍ଷେତ୍ର: ଏକର ୦.୦୧୦ଡିସିମିଲି, **ମୋଟ କ୍ଷେତ୍ର : ଏକର୦.୦୫୦ ଡିସିମିଲି ।** |
| **ଋଣଗ୍ରହୀତା : ଶ୍ରୀ ବାବୁଲି କୁମାର ଶିଶୁ, ଠିକଣା (୧) :** ପ୍ଲଟ ନଂ. ଏ/୧୦୬, ପ୍ରଥମ ମହଲା, ନୀଓ ହାଇଟ୍ ଆର୍ପାଟମେଣ୍ଟ, ହୋଟେଲ୍ କଣ୍ଟିନେଣ୍ଟାଲ ପଛପଟ, ସରବାହାଲ, ଝାରସୁଗୁଡା, **ଠିକଣା (୨) :** ବିବେକ ବିହାର, ବରପଣ୍ଡା ସମ୍ମୁଖ, (ସିଏ) ବମ୍ବେ ଛକ ନିକଟ, ଜିଲ୍ଲା : ଝାରସୁଗୁଡା, **ଠିକଣା (୩) :** ମାଲିପଡା, ଗୁମାଡେରା, ବେଲପାହାଡ, ଝାରସୁଗୁଡା, **ଠିକଣା (୪) :** ତାରାପଡା, ପୋ : ବାଙ୍ଗୁରୀଗାଁ, ଥାନା : କାକଟପୁର, ଜିଲ୍ଲା : ପୁରୀ, ପିନ୍-୭୫୨୧୧୮ / **ଜାମିନଦାରମାନେ : (୧) ଶ୍ରୀ ରମେଶ ଚନ୍ଦ୍ର ସା,** ପିତା : ୰ ପୂର୍ଣ୍ଣ ଚନ୍ଦ୍ର ସା, **(୨) ଶ୍ରୀ ଜିତେନ୍ଦ୍ର ସା, (୩) ଶ୍ରୀ ମୋତିରାମ ସା, (୪) ଶ୍ରୀ ଥଣ୍ଡାରାମ ସା,** ସମସ୍ତେ ଶ୍ରୀ କୃଷ୍ଣ ଚନ୍ଦ୍ର ସାଙ୍କ ଉତ୍ତରାଧିକାରୀମାନେ, ସମସ୍ତଙ୍କ ବାସସ୍ଥାନ ଜଗନ୍ନାଥ ମନ୍ଦିର ନିକଟ, ସରଣ୍ଡାମାଲ, ଲଖନ୍ପୁର, ଝାରସୁଗୁଡା । | ୨୮.୦୨.୨୦୧୮ ସୁଦ୍ଧା ଟ.୬୫,୭୧,୮୬୬.୭୩ + ତତ୍ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୧୭.୦୯.୨୦୧୮ / ୨୮.୧୨.୨୦୧୮ | **ଶ୍ରୀ କୃଷ୍ଣ ଚନ୍ଦ୍ର ସା ଓ ଶ୍ରୀ ରମେଶ ଚନ୍ଦ୍ର ସା,** ପିତା : ୰ ପୂର୍ଣ୍ଣ ଚନ୍ଦ୍ର ସାଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ସରଣ୍ଡାମାଲ, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୧୧୯, ପ୍ଲଟ ନଂ.: ୧୦୯୬, କ୍ଷେତ୍ର: ଏକର ୦.୧୦୦ଡିସିମିଲି । |
| **ଋଣଗ୍ରହୀତାମାନେ : ଶ୍ରୀମତୀ ବିଷ୍ଣୁ ପ୍ରିୟା ପଟ୍ଟନାୟକ,** ସ୍ୱାମୀ : ରଞ୍ଜନ କୁମାର ପଟ୍ଟନାୟକ ଓ **ଶ୍ରୀ ରଞ୍ଜନ କୁମାର ପଟ୍ଟନାୟକ,** ପିତା : ଶୁକ ପଟ୍ଟନାୟକ, ଉଭୟଙ୍କ ଠିକଣା ସା : ଗୁମାଡେରା (ମହୁଲପଡା), ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ / **ଜାମିନଦାରମାନେ : (୧) ଶ୍ରୀ ପ୍ରିୟବ୍ରତ ଦତ୍ତ,** ପିତା : ଶ୍ରୀ ଅମ୍ବିକା ପ୍ରସାଦ ଦତ୍ତ, ସା : ଗୁମାଡେରା, ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭, **(୨) ଶ୍ରୀ ସୁଶାନ୍ତ ପ୍ରମାଣିକ,** ପିତା : ଶ୍ରୀ କହ୍ନାଇଁଲାଲ ପ୍ରମାଣିକ, ସା : ଗୁମାଡେରା (ମଲିପଡା), ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ । | ୩୦.୦୧.୨୦୧୮ ସୁଦ୍ଧା ଟ.୭,୩୧,୪୯୭/- + ତତ୍ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୧୦.୨୦୧୮ / ୨୮.୧୨.୨୦୧୮ | **ଶ୍ରୀମତୀ ବିଷ୍ଣୁପ୍ରିୟା ପଟ୍ଟନାୟକ,** ସ୍ୱାମୀ : ଶ୍ରୀ ରଞ୍ଜନ କୁମାର ପଟ୍ଟନାୟକଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୧୨୬୧/୩୪୭୮, ପ୍ଲଟ ନଂ.: ୩୭୯୭/୯୮୮୯, କ୍ଷେତ୍ର: ଏକର ୦.୦୯୫ଡିସିମିଲି । |
| **ଋଣଗ୍ରହୀତା : ଶ୍ରୀ ରାମ ପ୍ରସାଦ ବାଗ୍,** ପିତା : ୰ ନରେନ ବାଗ୍, ସା : ସହଜବାହାଲ, ପୋ : ଚାରପାଲି-ବରପାଲି, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୧ / **ଜାମିନଦାରମାନେ : (୧) ଶ୍ରୀ ନିରଞ୍ଜନ ବାଗ୍,** ପିତା : ଶ୍ରୀ ଦୈତାରୀ ବାଗ୍, ସା : ସହଜବାହାଲ, ପୋ : ଚାରପାଲି-ବରପାଲି, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୧, **(୨) ଶ୍ରୀ ହେମସାଗର ସେଠ,** ପିତା : ଶ୍ରୀ ଦୋଳମଣି ସେଠ, ସା : ଗୌରପଡା, ପୋ : ଆର.କୁଦୋପାଲି, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ । | ୩୧.୦୮.୨୦୧୮ ସୁଦ୍ଧା ଟ.୨୬,୨୨,୧୭୮/- + ତତ୍ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୧୦.୨୦୧୮ / ୨୮.୧୨.୨୦୧୮ | **ଶ୍ରୀ ରାମ ପ୍ରସାଦ ବାଗ୍,** ପିତା : ୰ ନରେନ ବାଗ୍ଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବରପାଲି, ପୋ : ଚାରପାଲି-ବରପାଲି, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୧୮୦/୨୪୬, ପ୍ଲଟ ନଂ.: ୮୯, କ୍ଷେତ୍ର: ଏକର ୦.୨୦୦ଡିସିମିଲି । |
| **ଋଣଗ୍ରହୀତାମାନେ : ମହମଦ୍ ଜମାଲୁଦ୍ଦିନ୍,** ପିତା : ୰ ମହମଦ୍ ଅଲିହୁସେନ୍ ଏବଂ **ମହମଦ୍ ଗୁଲାମ ରବ୍ବାନି,** ପିତା : ମହମଦ୍ ଜମାଲୁଦ୍ଦିନ୍, ସା : ବିଟିସି ଟାୟାର ସପ୍, ଜୁନାଡିହି, ରୋଲୱେ ଫାଟକ ନିକଟ, ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ / **ଜାମିନଦାରମାନେ : (୧) ଶ୍ରୀ ଉମା ଶଙ୍କର ନାଥ,** ପିତା : କୃଷ୍ଣ ଚନ୍ଦ୍ର ନାଥ, **(୨) ଶ୍ରୀ ନିରଞ୍ଜନ କୁମାର ନାଥ,** ପିତା : କୃଷ୍ଣ ଚନ୍ଦ୍ର ନାଥ, ଉଭୟଙ୍କ ଠିକଣା: ଗୁମାଡେରା, ମାଉସୀ ମା ମନ୍ଦିର ନିକଟ, ବେଲପାହାଡ, ଜିଲ୍ଲା : ଝାରସୁଗୁଡା - ୭୬୮୨୧୭, **(୩) ମହମଦ୍ ଅଜିଜୁଲ୍ ଅଲିମ୍,** ପିତା : ଅବୁଦୁଲ୍ ଲତିଫ୍, **(୪) ମହମଦ୍ ଇଷାକି,** ପିତା : ମହମଦ୍ ଅଜିଜୁଲ୍ ଅଲିମ୍, ଉଭୟଙ୍କ ଠିକଣା: ମିର୍ଦ୍ଧାଡେରା, ୨ୟ ରୋଲୱେ ଫାଟକ ନିକଟ, ଗୁମାଡେରା, ବେଲପାହାଡ, ଜିଲ୍ଲା : ଝାରସୁଗୁଡା-୭୬୮୨୧୭ । | ୩୧.୦୮.୨୦୧୮ ସୁଦ୍ଧା ଟ.୩୦,୭୪,୮୫୬.୭୫ + ତତ୍ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୧୦.୨୦୧୮ / ୨୮.୧୨.୨୦୧୮ | **ମହମଦ୍ ଜାମୁଲଉଦ୍ଦିନ୍,** ପିତା : ୰ ମହମଦ୍ ଅଲିହୁସେନ୍ଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୧୨୬୧/୩୫୩୨, ପ୍ଲଟ ନଂ.: ୨୦୪୫/୧୭୩୩୪, କ୍ଷେତ୍ର: ଏକର ୦.୧୩୫ଡିସିମିଲି । |

ସ୍ଥାନ: ବ୍ରଜରାଜନଗର
ତାରିଖ : ୦୨.୦୧.୨୦୧୯

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ


# ଏମ୍ଏସ୍ଏମ୍ଇଙ୍କ ଲାଗି କମିଟି ଗଠନ କଲା ଆର୍ବିଆଇ

ମୁମ୍ବାଇ,୨।୧:

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍ବିଆଇ) ବୁଧବାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ)ଙ୍କ ସମସ୍ୟାର ସମାଧାନ ଲାଗି ଏକ କମିଟି ଗଠନ କରିଛି। ପୂର୍ବତନ ସେବି ଅଧ୍ୟକ୍ଷ ୟୁ.କେ.ସିହ୍ନା ଏହାର ଅଧ୍ୟକ୍ଷ ରହିବେ। ଏମ୍ଏସ୍ଏମ୍ଇ କ୍ଷେତ୍ରରେ ଦେଖାଦେଇଥିବା ଦୀର୍ଘମିଆଦି ଅର୍ଥ ସଙ୍କଟର ସମାଧାନ ତଥା ଆର୍ଥିକ ସ୍ଥିରତା ବଜାୟ ରହିବା ନେଇ ଏହି କମିଟି ସୁପାରିସ କରିବ। ସାଧାରଣ ସମ୍ପତ୍ତି ହୋଇଥିବ ଅଥଚ ଋଣଖିଲାପ କ୍ଷେତ୍ରରେ ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଋଣର ଗୋଟିଏ ଥର ପୁନର୍ଗଠନ ଲାଗି ରିଜର୍ଭ ବ୍ୟାଙ୍କ ଦିନକ ପୂର୍ବରୁ ଘୋଷଣା କରିଥିଲେ। ଆର୍ବିଆଇ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଏମ୍ଏସ୍ଏମ୍ଇ ସେକ୍ଟରରେ ପର୍ଯ୍ୟାପ୍ତ ଅର୍ଥ ଆସିବାରେ କେଉଁ କାରଣଗୁଡିକ ବାଧକ ସାଜୁଛି, ୮ ଜଣିଆ କମିଟି ସେ ସମ୍ପର୍କରେ ମଧ୍ୟ ସୁପାରିସ କରିବେ।

■ ଆରଏସ୍ବିୱାଇ ବଦଳରେ ବିକେକେୱାଇ ଷ୍ଟ୍ରିମ୍ -୨ କାର୍ଡ

# ୧କୋଟି ୮୦ଲକ୍ଷ ଉପକୃତ କହିଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୧(ବ୍ୟୁରୋ):

ଜାନୁୟାରୀ ପହିଲାରୁ ରାଜ୍ୟରେ ଥିବା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (ଆରଏସ୍ବିୱାଇ)ର ସମସ୍ତ ୪୪,୦୮,୦୭୦ ହିତାଧିକାରୀ ବିଜୁ କୃଷକ କଲ୍ୟାଣ ଯୋଜନା (ବିକେକେୱାଇ)ରେ ସାମିଲ ହେବେ। ସମସ୍ତ ହିତାଧିକାରୀ ବିକେକେୱାଇ ଷ୍ଟ୍ରିମ୍ -୨ କାର୍ଡ ପାଇବା ସହିତ ପୂର୍ବଭଳି ଏକ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ମଧ୍ୟ ପାଇବେ। କେନ୍ଦ୍ର ସରକାର ଆର୍ଏସ୍ବିୱାଇ କାର୍ଡ ବନ୍ଦ କରିଦେବା ପରେ ହିତାଧିକାରୀମାନଙ୍କ ସୁବିଧା ଲାଗି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି।

ସଚିବାଳୟରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ନିଜ ପ୍ରକୋଷ୍ଠରେ ବୁଧବାର ଖବରଦାତାମାନଙ୍କୁ ଡକାଇ ଏହି ସୂଚନା ଦେବା ସହ ଆହୁରି କହିଛନ୍ତି, ହିତାଧିକାରୀମାନେ ନିକଟସ୍ଥ ବିକେକେୱାଇ କିଓସ୍କରୁ ପୁରୁଣା ଆରଏସ୍ବିୱାଇ କାର୍ଡ ବଦଳରେ ନୂତନ ବିକେକେୱାଇ (ଷ୍ଟ୍ରିମ୍-୨) କାର୍ଡ ସଂଗ୍ରହ କରିବେ। ନୂଆ ଯୋଜନାରେ ସାମିଲ ହିତାଧିକାରୀମାନେ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ, କୃଷି ଉପନିର୍ଦ୍ଦେଶକ, ଅନୁବନ୍ଧିତ ଘରୋଇ ଡାକ୍ତରଖାନାଗୁଡ଼ିକ ସହିତ ବୈଠକ କରି ରାଜ୍ୟ ଚିକିତ୍ସା ପାଣ୍ଠି (ଓଏସ୍ଟିଏଫ୍)ର ନୂତନ ମାର୍ଗଦର୍ଶିକା ଆଧାରରେ ବିକେକେୱାଇ କାର୍ଡଧାରୀମାନେ ଯେଭଳି ନିରବଚ୍ଛିନ୍ନ ସେବା ପାଇବେ ସେଥିପାଇଁ ପରାମର୍ଶ ଦିଆଯାଇଛି । ଏ ସମ୍ପର୍କିତ ଅଧିକ ବିବରଣୀ ପାଇଁ ଦେୟମୁକ୍ତ ନମ୍ବର ୧୫୫୩୬୯ରେ ଯୋଗାଯୋଗ ପାଇଁ ପରାମର୍ଶ ଦିଆଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଦ୍ୱାରା ୧କୋଟି ୮୦ଲକ୍ଷ ଲୋକ ଉପକୃତ ହୋଇଛନ୍ତି ବୋଲି ପ୍ରତାପ କହିଛନ୍ତି। ଏମାନଙ୍କ ମଧ୍ୟରୁ ୪ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ମାଗଣାରେ ଅପରେଶନ ହୋଇଛି। ୭୧,୦୯,୬୭୪ଜଣଙ୍କ ରୋଗ ନିରୂପଣ ଲାଗି ନିଦାନ ଯୋଜନାରେ ମାଗଣା ପରୀକ୍ଷାନିରୀକ୍ଷା ହୋଇଛି। ୪୩,୫୧୯ଜଣଙ୍କର ସିଟିସ୍କାନ, ୨,୫୮,୭୭୩ଜଣଙ୍କର ଏକ୍ସରେ, ୬୨,୭୮୪ଜଣଙ୍କର ଅଲଟ୍ରାସାଉଣ୍ଡ, ୧୨,୯୭୩ଜଣଙ୍କର ଏମ୍ଆର୍ଆଇ ହୋଇଛି। କିଡ୍ନୀ ରୋଗରେ ଆକ୍ରାନ୍ତ ୧୯,୬୮୯ ରୋଗୀଙ୍କୁ ମାଗଣା ଡାଏଲିସିସ୍ ସେବା ସହାୟ ଯୋଜନାରେ ଯୋଗାଇ ଦିଆଯାଇଛି। ୧୬,୮୯୨ଜଣ କର୍କଟ ରୋଗୀଙ୍କୁ ବ୍ୟୟବହୁଳ କେମୋଥେରାପି ପ୍ରଦାନ କରାଯାଇଥିବା ବେଳେ ୨୪,୭୫୩ଜଣ ଗୁରୁତର ରୋଗୀଙ୍କୁ ଆଇସିୟୁ ସେବା ଯୋଗାଯାଇଛି ବୋଲି ପ୍ରତାପ କହିଛନ୍ତି।



ନିଜର ସ୍ୱାର୍ଥକୁ ପୋଡ଼ି ନ ପକାଇଲେ ଜଗତରେ
ଶାନ୍ତି ଦର୍ଶନ ହୋଇପାରିବ ନାହିଁ।
- ସନ୍ଥକବି ଭୀମଭୋଇ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଏକକ ଚିତ୍ରକଳା ପ୍ରଦର୍ଶନୀ 'ମୋମେଣ୍ଟ୍ସ', ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର, ଖାରବେଳ ନଗର, ପୂର୍ବାହ୍ନ ୧୧ଟା।
- ୧୩ଶ ତୋଷାଳି ଜାତୀୟ କ୍ରାଫ୍ଟସ୍ ମେଳା, ଜନତା ମଇଦାନ, ଅପରାହ୍ନ ୨ଟା।
- ନୃତ୍ୟ ବିଳାସ ପକ୍ଷରୁ ସଙ୍ଗୀତ ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ସୁରସାଗର ସଙ୍ଗୀତ ପ୍ରତିଷ୍ଠାନ ପକ୍ଷରୁ ସୁନାମଧନ୍ୟ କଣ୍ଠଶିଳ୍ପୀ ସ୍ୱର୍ଗତ ମହମ୍ମଦ ଅଜିଜ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଉଦ୍ଦେଶ୍ୟରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

**କଟକ**

- ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ପଣ୍ଡିତଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ଟାଉନ ହଲ୍, ପୂର୍ବାହ୍ନ ୧୧ଟା।

**ଖୋର୍ଦ୍ଧା**

- ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ, ଭୁବନେଶ୍ୱର ଓ ଶ୍ରୀଜଗନ୍ନାଥ ମହୋତ୍ସବ କମିଟି, ଚିଲିକା ପକ୍ଷରୁ 'ଶ୍ରୀଜଗନ୍ନାଥ ମହୋତ୍ସବ', କାଙ୍କଣଶିଖରୀ, ନଈରୀ(ଚିଲିକା), ସକାଳ ୭ଟାରୁ ରାତି ୭ଟା।

# ସୁଧୁରୁନାହାନ୍ତି ଆଇଆର୍‌ବି ଯବାନ

**ପୁରୀ ଅଫିସ,୨ା୧**

ଶ୍ରୀମନ୍ଦିରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ଆଇଆର୍‌ବି ଏବଂ ଓଏସ୍ଏପି ଯବାନଙ୍କର ରହିଛି ଗୁରୁଦାୟିତ୍ୱ। ଏମାନେ ସିଂହଦ୍ୱାରଠୁ ଆରମ୍ଭ କରି ନାଟମଣ୍ଡପ ବିଭିନ୍ନ ସ୍ଥାନରେ ରହୁଛନ୍ତି। ଏଥିସହ ବେଢ଼ା ପରିସର ବିଭିନ୍ନ ପାର୍ଶ୍ୱ ଦେବଦେବୀ ମନ୍ଦିରରେ ମଧ୍ୟ ଡ୍ୟୁଟି କରୁଛନ୍ତି। ହେଲେ ନିକଟରେ କେତେକ ଘଟଣାକୁ ଦେଖିଲେ ବିବାଦରେ ରହିଛନ୍ତି ଏହି ଯବାନ। ସେମାନଙ୍କୁ ନେଇ ଗୋଟିଏ ପରେ ଗୋଟିଏ ଅପ୍ରୀତିକର ପରିସ୍ଥିତି ଉପୁଜୁଥିବା ଅଭିଯୋଗ ସତ୍ତ୍ୱେ ଅନେକ ସଚେତନ ହେଉନାହାନ୍ତି କି ଆଚରଣରେ ସୁଧାର ଆଣୁନାହାନ୍ତି। ଏମାନଙ୍କ ପାଇଁ ବିଭିନ୍ନ ସମୟରେ ପୁରୀ ପୋଲିସ ନିନ୍ଦିତ ହେଉଥିବା ବେଳେ ବଦ୍‌ନାମ ହେଉଛି ଶ୍ରୀମନ୍ଦିର।

ଶ୍ରୀମନ୍ଦିରରେ ଦୈନନ୍ଦିନ ସୁରକ୍ଷାରେ ଜେଟିପି, ଓଏସ୍ଏପି, ଆଇଆରବି ଏବଂ ଓଡ଼ିଶା ପୋଲିସ ରହୁଛନ୍ତି। ଜେଟିପିଙ୍କ ଉପରେ ଶ୍ରୀମନ୍ଦିର ପ୍ରଶାସନର କର୍ତ୍ତୃତ୍ୱ ରହିଥିବା ବେଳେ ଓଡ଼ିଶା ପୋଲିସ ଉପରେ ଜିଲା ପୋଲିସର କର୍ତ୍ତୃତ୍ୱ ରହୁଛି। କିନ୍ତୁ ଓଏସ୍ଏପି ଏବଂ ଆଇଆରବି ଯବାନଙ୍କ ଉପରେ ପ୍ରତ୍ୟକ୍ଷ ଭାବେ

**ବଦ୍‌ନାମ ହେଉଛି ଶ୍ରୀମନ୍ଦିର**



କାହାର କର୍ତ୍ତୃତ୍ୱ ରହୁନାହିଁ। ଏଠାରେ ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ତତ୍ତ୍ୱାବଧାନରେ ଏମାନେ ଡ୍ୟୁଟି କରୁଛନ୍ତି। କିନ୍ତୁ ଏମାନଙ୍କ ମଧ୍ୟରୁ କାହା ବିରୋଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେଲେ ସେମାନଙ୍କ କମାଣ୍ଡାଣ୍ଟଙ୍କୁ ଅବଗତ କରାଇବାକୁ ପଡେ। ନିକଟରେ ୪ଟି ଅପ୍ରୀତିକର ଘଟଣା ଏହି ଆଇଆର୍‌ବି ଯବାନଙ୍କୁ ନେଇ ଘଟିଛି।

ଗତ ୨୭ ତାରିଖରେ ଦର୍ଶନାର୍ଥୀଙ୍କ ପ୍ରବେଶକୁ ନେଇ ସିଂହଦ୍ୱାରରେ ଡ୍ୟୁଟିରେ ଥିବା ଆଇଆରବି କନଷ୍ଟେବଳ ବିଶ୍ୱଜିତ ପରିଜା ଏବଂ ଭିତରଚ୍ଛ ଭବାନୀ ଶଙ୍କର ମହାପାତ୍ରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଉଭୟେ ପରସ୍ପରକୁ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହେଲା। ଏହାପରେ ବିଶ୍ୱଜିତଙ୍କୁ ଶ୍ରୀମନ୍ଦିର ଡ୍ୟୁଟିରୁ କାଢ଼ି ନିଆଗଲା। ଏହାକୁ ନେଇ ୨୮ ତାରିଖରେ ସେବାୟତମାନେ ଧାରଣା ଦେଇଥିଲେ। ମହାପ୍ରଭୁ ୧୪ ଘଣ୍ଟା ଅଖିଆ, ଅପିଆ ରହିଲେ। ଭକ୍ତ ଦର୍ଶନ ନ ପାଇ ଫେରିଲେ। ଏହାକୁ ନେଇ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହାସତ୍ତ୍ୱେ କେତେଜଣ ଆଇଆରବି ଯବାନ ଚେତି ନ ଥିଲେ। ସେହିଦିନ ସନ୍ଧ୍ୟାରେ ଆଇଆରବି ହାବିଲଦାର ସୁବର୍ଣ୍ଣ କିଷାନ ମଦ୍ୟପାନ କରି ଜୟବିଜୟ ଦ୍ୱାର ନିକଟରେ ଡ୍ୟୁଟି କରୁଥିଲେ। ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ନଜରରେ ଆସିବାରୁ ତାଙ୍କୁ ତୁରନ୍ତ ବାହାରକୁ ବାହାର କରାଯାଇଥିଲା। ଏ ନେଇ ସିଂହଦ୍ୱାର ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ଏହାର ପରଦିନ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। କେବଳ ସେତିକି ନୁହେଁ, ଗତ ୨୯ ତାରିଖ ଘଟଣାରେ କେବଳ ଆଇଆରବି ଯବାନ ନୁହନ୍ତି, ସମଗ୍ର ପୋଲିସ ବିଭାଗ ବଦ୍‌ନାମ ହୋଇଛି। ଆଇଆରବି କନଷ୍ଟେବଳ ସୁକେଶ ମେହେର ଶ୍ରୀମନ୍ଦିର ଭିତରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଘଟଣା ସବୁଠୁ ବଳିଯାଇଛି। ନାବାଳିକାଙ୍କ ପରିବାର ପକ୍ଷରୁ ସିଂହଦ୍ୱାର ଥାନାରେ ଅଭିଯୋଗ ହେବା ପରେ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ସିଂହଦ୍ୱାର ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଅଭିଯୋଗର ସତ୍ୟତା ଥିବା ଜାଣିବା ପରେ ଅଭିଯୁକ୍ତ ସୁକେଶଙ୍କୁ ପ୍ରଥମେ ନିଲମ୍ବନ ଏବଂ ପରେ ଗିରଫ କରାଯାଇଥିଲା। ଏହାଛଡ଼ା ମଙ୍ଗଳବାର ୪ ଆଇଆରବି ଯବାନ ଶ୍ରୀମନ୍ଦିର ଭିତରେ ମୋବାଇଲରେ ସେଲ୍‌ଫି ନେବା ବେଳେ ଧରାପଡ଼ି ୪ ହଜାର ଟଙ୍କା ଜରିମାନା ଦେଇଥିବା ଜଣାପଡ଼ିଥିଲା।

ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ସନାତନ ପରମ୍ପରାର ମହାନ୍ ପବିତ୍ର ପୀଠ ଶ୍ରୀମନ୍ଦିର ସହ ସମ୍ପୃକ୍ତ ସମସ୍ତ ପ୍ରଶାସନିକ ଅଧିକାରୀ, ସେବାୟତ, କର୍ମଚାରୀ ଏବଂ ସୁରକ୍ଷା କର୍ମୀଙ୍କୁ ନିଜ ଆଚରଣ ଏବଂ ଉଚ୍ଚାରଣରେ ସଂଯମତା ରକ୍ଷା କରିବାକୁ ପଡିବ। ମହାପ୍ରଭୁଙ୍କ ପ୍ରତି ସମର୍ପଣ ଓ ସେବା ମନୋବୃତ୍ତି ନେଇ କାମ କରିବାକୁ ପଡ଼ିବ। ନଚେତ ସେମାନଙ୍କ ଛୋଟ ଛୋଟ ଭୁଲ୍ ପାଇଁ ବଦନାମ୍ ମୁଣ୍ଡାଇବ ବଡ଼ଦେଉଳ।

■ ଶ୍ରୀମନ୍ଦିରରେ ବିଭ୍ରାଟ ପ୍ରସଙ୍ଗ

# ସିସିଟିଭିରୁ ଚିହ୍ନଟ ହେବେ ବିଶୃଙ୍ଖଳାକାରୀ

**ପୁରୀ ଅଫିସ,୨ା୧**

ଶ୍ରୀମନ୍ଦିରରେ ଗତ ୨୮ ତାରିଖରେ ହୋଇଥିବା ବିଶୃଙ୍ଖଳାକୁ ଗୁରୁତର ସହ ନେଇଛନ୍ତି ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ। କାହିଁକି ଏବଂ କେଉଁ ପରିସ୍ଥିତିରେ ମହାପ୍ରଭୁଙ୍କ ନୀତିକାନ୍ତିରେ ବିଭ୍ରାଟ ହେଲା। ବିଶୃଙ୍ଖଳା ପାଇଁ କେଉଁମାନେ ଦାୟୀ ଏ ସବୁର ଖୋଳତାଡ଼ ହେବ। ସିସିଟିଭି ଫୁଟେଜରୁ ବିଶୃଙ୍ଖଳାକାରୀଙ୍କୁ ଚିହ୍ନଟ କରାଯିବ। ଏହି ଅପ୍ରୀତିକର ପରିସ୍ଥିତି ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

ଗତ ୨୭ ତାରିଖ ରାତିରେ ସିଂହଦ୍ୱାରରେ ପୋଲିସ ଏବଂ ଭିତରଚ୍ଛଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉଭୟେ ସିଂହଦ୍ୱାର ଥାନାରେ ପରସ୍ପର ବିରୋଧରେ ମାଡ଼ ମରାଯାଇଥିବା ଅଭିଯୋଗ କରିଥିଲେ। ଭୁବନେଶ୍ୱରରେ ଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଟେଲିଫୋନ ଯୋଗେ ଘଟଣାର ସମାଧାନ ପାଇଁ ଯଥାସାଧ୍ୟ ଚେଷ୍ଟା କରିଥିଲେ। ୨୮ ତାରିଖରେ ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ପ୍ରକାର ବିଶୃଙ୍ଖଳା ହେବ ନାହିଁ ବୋଲି ତାଙ୍କୁ କୁହାଯାଇଥିଲା। ହେଲେ ସକାଳୁ ଘଟିଥିଲା ବିଶୃଙ୍ଖଳା। ମହାପ୍ରଭୁ ୧୪ ଘଣ୍ଟା ଅଖିଆଅପିଆ ରହିଲେ। ଏଥିପାଇଁ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲାଗିଥିବା ସେହି ଦିନର ସିସିଟିଭି ଫୁଟେଜ ଯାଞ୍ଚ ହେବ। ବର୍ତ୍ତମାନ ନୂଆବର୍ଷ ଯୋଗୁ ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ମହାପ୍ରଭୁଙ୍କ ନୀତିକାନ୍ତି କିପରି ଠିକ୍ ସମୟରେ ହେବ ତାହା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛି ମନ୍ଦିର ପ୍ରଶାସନ। ମକର ସଂକ୍ରାନ୍ତି ପରେ ବିଶୃଙ୍ଖଳାର କାରଣ ଏବଂ ବିଶୃଙ୍ଖଳାକାରୀଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଖୋଜିବ ବୋଲି ଜଣାପଡିଛି।

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ତୈଳଚିତ୍ର ଉନ୍ମୋଚନ

**କଟକ ଅଫିସ, ୨ା୧:** ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସାହିତ୍ୟିକ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ତୈଳଚିତ୍ର ବୁଧବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଛି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସ୍ଥାନୀୟ ଶତାବ୍ଦୀଭବନ ପରିସରରେ ଏହି ଉପଲକ୍ଷେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ତୈଳଚିତ୍ରକୁ ଉନ୍ମୋଚନ କରି ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ପଟ୍ଟନାୟକଙ୍କ ଅବଦାନ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ଏମ୍‌ପି ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଉତ୍ସବରେ ଉତ୍କଳ ସାହିତ୍ୟ ସମାଜର ସଭାପତି ବିଜୟାନନ୍ଦ ସିଂ ସଭାପତିତ୍ୱ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କୁ ସ୍ମୃତିସ୍ମାରକୀ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ଉପସଭାପତି ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ, ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରାରମ୍ଭିକ ସୂଚନା ଓ ଉପସଭାପତି ମନୋଜ ପଟ୍ଟନାୟକ ମାନପତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ରାଜ୍ୟପାଳ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ବୁଲି ଦେଖିଥିଲେ।

## ଶାଳିଆପତନି ଉଦ୍ଧାର

**ବାରଙ୍ଗ,୨ା୧(ଡି.ଏନ୍.ଏ.):** ଦାଦାଗ୍ରାମରେ ବୁଧବାର ଅପରାହ୍ନରେ ଏକ ଶାଳିଆପତନି ଜଣଙ୍କ ବାଡିପଟ ପାଣିନଳାପାଖରେ ଲୁଚି ରହିଥିବା ଗ୍ରାମର କେତେକ ପିଲା ଦେଖିଥିଲେ। ଶାଳିଆପତାନିକୁ ତଡ଼ିବାକୁ ଚେଷ୍ଟାକରିବାରୁ ସେ ସେହି ଜାଗାଛାଡି ଯାଇ ନ ଥିଲା। ଗ୍ରାମର ଯୁବକମାନେ ସିଟିଫରେଷ୍ଟଙ୍କୁ ଖବର ଦେବାପରେ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ଶାଳିଆପତନିକୁ ଉଦ୍ଧାର କରିଥିଲେ। ତେବେ ଏହି ଶାଳିଆପତନିଟି ଅସୁସ୍ଥ ଥିବାର ବନ ବିଭାଗ କର୍ମଚାରୀମାନେ କହିଛନ୍ତି।

# ତ୍ରୁଟିପୂର୍ଣ୍ଣ ଚିକିତ୍ସା, ଦୃଷ୍ଟିଶକ୍ତି ହରାଇଲେ ମହିଳା
## ସାହାରା ନର୍ସିଂହୋମ ବିରୋଧରେ ମାମଲା

**କଟକ ଅଫିସ,୨ା୧**

ଆଖି ଅପରେଶନ ପରେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ହରାଇଛନ୍ତି ଜଣେ ମହିଳା। ସେ ହେଲେ କଟକ ଜିଲା ଆଠଗଡ଼ ଧାଇଁପୁରର ସୁଲୋଚନା ମହାରଣା। ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ସୁଲୋଚନାଙ୍କ ଆଖି ନଷ୍ଟ ହୋଇଯାଇଥିବା ତାଙ୍କ ସ୍ୱାମୀ ଅଲେଖ ରାଉତ କହିଛନ୍ତି। ଏ ନେଇ ସୁଲୋଚନା ଚିକିତ୍ସିତ ହୋଇଥିବା ସାହାରା ନର୍ସିଂହୋମ ବିରୋଧରେ ଅଲେଖ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ନର୍ସିଂହୋମ ନାମରେ ମାମଲା (ନଂ.୪/୧୮) ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁସାରେ, ପୂର୍ବରୁ ସୁଲୋଚନାଙ୍କ ବାମ ଆଖି ଖରାପ ହୋଇଯାଇଥିଲା। ଉକ୍ତ ଆଖିରେ ସେ କିଛି ଦେଖିପାରୁ ନ ଥିଲେ। ପରବର୍ତ୍ତୀ ସମୟରେ ଡାହାଣ ଆଖିର ଦୃଷ୍ଟିଶକ୍ତି କ୍ରମଶଃ ହ୍ରାସ ପାଇବାରୁ ଭୁବନେଶ୍ୱର ଏଲ୍‌ଭି ପ୍ରସାଦ ଆଇ ହସ୍ପିଟାଲ ଯାଇ ଡାକ୍ତରଙ୍କୁ ଦେଖାଇଥିଲେ। ଚିକିତ୍ସା ପରେ ଠିକ୍ ଦେଖାଯାଉଥିଲା। ଗତ ମାସରେ ସୁଲୋଚନା ତାଙ୍କ ଡାହାଣ ଆଖିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଡିସେମ୍ବର ୧୯ ତାରିଖରେ ସ୍ୱାମୀ ଅଲେଖ ତାଙ୍କୁ କଟକ ମଙ୍ଗଳାବାଗସ୍ଥିତ ସାହାରା ନର୍ସିଂହୋମ୍‌ରେ ଭର୍ତ୍ତି କରିଥିଲେ। ୨୭ ତାରିଖରେ ତାଙ୍କ ଆଖିର ଅପରେଶନ ହୋଇଥିଲା। ପଟି ଖୋଲାଯିବା ପରେ ସୁଲୋଚନାଙ୍କ ଆଖିକୁ କିଛି ଦେଖାଯାଇ ନ ଥିଲା ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏନେଇ ସାହାରା ନର୍ସିଂହୋମ ମ୍ୟାନେଜର କୃଷ୍ଣ ଚନ୍ଦ୍ର ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ସେ ନର୍ସିଂହୋମ ଆସିବା ପୂର୍ବରୁ ତାଙ୍କ ଆଖିକୁ ଦେଖାଯାଉ ନ ଥିଲା। ଅପରେଶନ କଲେ ଠିକ୍ ହୋଇ ପାରେ, ନଚେତ୍ ଆଖି ପୂରା ନଷ୍ଟ ହୋଇଯାଇପାରେ ବୋଲି ଆମେ ତାଙ୍କୁ କହିଥିଲୁ। ଏଥିପାଇଁ ନର୍ସିଂହୋମ ଦାୟୀ ରହିବ ନାହିଁ ବୋଲି ମଧ୍ୟ ସର୍ତ୍ତ ରଖିଥିଲୁ। ଏହି ସର୍ତ୍ତରେ ସୁଲୋଚନାଙ୍କ ପୁଅ ଗଙ୍ଗାଧର ରାଉତ ଦସ୍ତଖତ ଦେବା ପରେ ଆମେ ଅପରେଶନ କରିଥିଲୁ ବୋଲି ସେ କହିଛନ୍ତି।





ବିଭିନ୍ନ ଦାବି ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବୁଧବାର ଓଡ଼ିଶା ପାରା ପ୍ଲେୟାର୍ସ ଫୋରମ ପକ୍ଷରୁ ଦିଆଯାଇଥିବା ଧାରଣା।

## କେନାଲରେ ପଶିଗଲା ଦମକଳ ଗାଡ଼ି

**ବାଲିଅନ୍ତା,୨ା୧(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର-ବାଲିପାଟଣା ରାସ୍ତାର ଖମଙ୍ଗ ଛକ ନିକଟରେ ବୁଧବାର ଅପରାହ୍ନରେ ଏକ ଦମକଳ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଏକ କେନାଲ ଭିତରକୁ ପଶିଯାଇଥିଲା। ଏଥିରେ ଜଣେ କର୍ମଚାରୀ ଆହତ ହୋଇଛନ୍ତି। ବାଲିପାଟଣାରୁ ଏହି ଗାଡ଼ିଟି କାକରୁଦ୍ରପୁର ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରେ ଆସୁଥିବା ଏକ ଅଟୋକୁ ରକ୍ଷା କରିବାକୁ ଯାଇ ଡ୍ରାଇଭର ବ୍ରେକ ମାରିବାରୁ ଏହା ଭାରସାମ୍ୟ ହରାଇ କେନାଲ ଭିତରକୁ ପଶିଯାଇଥିଲା।

## ରାଜ୍ୟପାଳଙ୍କ ବେଗୁନିଆ ଗସ୍ତ ଆଜି

**ବେଗୁନିଆ,୨ା୧ (ଡି.ଏନ.ଏ.)**

ବେଗୁନିଆ ସଦର ମହକୁମାରେ ଥିବା ଗୋପବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ୭୫ ବର୍ଷ ପୂରିଛି। ଏହି ପୂର୍ତ୍ତୀ ଅବସରରେ ଗୁରୁବାର ବିଦ୍ୟାଳୟ ପରିସରରେ ହୀରକ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ସେଥିପାଇଁ ପ୍ରଶାସନ, ଶିକ୍ଷା ବିଭାଗ, ଜୟନ୍ତୀ କମିଟି ଓ ପୋଲିସ ବିଭାଗ ସଜାଗ ହୋଇପଡିଛନ୍ତି। କାରଣ ଉତ୍ସବକୁ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଉଦ୍‌ଘାଟନ କରିବେ। ଏଥିସହ ବହୁ ମନ୍ତ୍ରୀ, ଜିଲାପାଳ ଓ ଶିକ୍ଷା ଜିଲା ଅଧିକାରୀ ଉପସ୍ଥିତ ରହିବେ। ସେହିପରି ବିଭିନ୍ନ କାର୍ଯ୍ୟକ୍ରମ ସହ ପାଠଚକ୍ର ୩ ଦିନ ଧରି ଚାଲିବ। ଉକ୍ତ କାର୍ଯ୍ୟକ୍ରମରେ ଦୈନିକ ମନ୍ତ୍ରୀ, ବିଧାୟକ ଓ ଶିକ୍ଷା ବିଭାଗ ଅଧିକାରୀମାନେ ଯୋଗ ଦେବେ। ପ୍ରତ୍ୟେକ ସନ୍ଧ୍ୟାରେ ଦର୍ଶକମାନଙ୍କର ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ଯୋଜନା ରହିଛି ବୋଲି ଜୟନ୍ତୀ କମିଟି ସଭାପତି ଡ. ହରିପ୍ରସାଦ ଦାଶ ସୂଚନା ଦେଇଛନ୍ତି।



ନବବର୍ଷ ଉପଲକ୍ଷେ ପୁରୀ ବେଳାଭୂମିରେ ପଡ଼ିଥିବା ମିନାବଜାର।

■ କୋର୍ଟରେ ହାଜର ହେଲେ ଧଳସାମନ୍ତ ଭ୍ରାତା

# ଫାରୁକ ହତ୍ୟା ସମେତ ୪ ମାମଲାରେ ସାକ୍ଷ୍ୟ ଗ୍ରହଣ

**କଟକ ଅଫିସ,୨ା୧**

ଗ୍ୟାଙ୍ଗଷ୍ଟର ସୁଶୀଲ ଓ ସୁଶାନ୍ତ ଧଳସାମନ୍ତ ବୁଧବାର କଟକ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ହାଜର ହୋଇଥିଲେ। ସେମାନଙ୍କ ବିରୋଧରେ ଥିବା ୪ଟି ମାମଲାରେ ସାକ୍ଷ୍ୟଗ୍ରହଣ ହୋଇଥିଲା। ମାମଲାଗୁଡ଼ିକ ମଧ୍ୟରେ ମାଲ୍‌ଗୋଦାମ ଡାଲି ବ୍ୟବସାୟୀ ମହମ୍ମଦ ଫାରୁକ ତୟାବ ହତ୍ୟା ମାମଲା ପ୍ରମୁଖ ଥିଲା। ଉକ୍ତ ହତ୍ୟାକାଣ୍ଡରେ ସାକ୍ଷୀ ଥିବା ମହମ୍ମଦ ସାଜିଦ୍ କୋର୍ଟରେ ହାଜର ହୋଇ କହିଥିଲେ, ଶବ ବ୍ୟବଚ୍ଛେଦ ସମୟରେ ସେ ମେଡିକାଲରେ ଉପସ୍ଥିତ ଥିଲେ। ପୋଲିସ କହିବା ମୁତାବକ

**୪ରେ ଦୀପୁ ଓ ଓମ୍ ହତ୍ୟା ମାମଲାର ଶୁଣାଣି**

ସେ ଗୋଟିଏ କାଗଜରେ ଦସ୍ତଖତ କରିଥିଲେ। ସେହିପରି ଡାଣ୍ଡିଆ ଭୋଲ୍‌ଟାସ୍ ଗଣ୍ଡଗୋଳ ମାମଲାରେ ସାକ୍ଷୀ ଦେଇଥିଲେ ଜିତେନ୍ଦ୍ର ତ୍ରିପାଠୀ। ତାଣ୍ଡିଆ ଭୋଲଟାସ୍‌ର ଷ୍ଟୋର୍ କିପର ଥିଲେ ତ୍ରିପାଠୀ। ୨୦୧୪ ଜାନୁୟାରୀରେ ଅଫିସ ଆଗରେ କାମକୁ ନେଇ ଗଣ୍ଡଗୋଳ ହୋଇଥିଲା। ମାତ୍ର ତ୍ରିପାଠୀ ମାର୍ଚ୍ଚରେ ଉକ୍ତ କମ୍ପାନୀରେ ଯୋଗ ଦେଇଥିବାରୁ ଗଣ୍ଡଗୋଳ ସମ୍ପର୍କରେ ସେ କିଛି ଜାଣି ନ ଥିବା କହିଥିଲେ। ଟେଣ୍ଡର ଫିକ୍ସିଂ ମାମଲାରେ ଚାଉଳିଆଗଞ୍ଜ ଥାନା ଏଏସ୍‌ଆଇ ପ୍ରମୋଦ କୁମାର ନାୟକ ହାଜର ହୋଇ ସାକ୍ଷ୍ୟ ଦେଇଥିଲେ। ସେହିପରି ଜଣେ ଠିକାଦାରଙ୍କ ଉପରକୁ ଗୁଳିକାଣ୍ଡ ଘଟଣାରେ ରାଜକିଶୋର ମହାନ୍ତି ସାକ୍ଷ୍ୟ ପ୍ରଦାନ କରିଥିଲେ। ଏହି ମାମଲାଗୁଡ଼ିକର ପରବର୍ତ୍ତୀ ସାକ୍ଷ୍ୟଗ୍ରହଣ ଫେବୃୟାରୀ ୪ରେ କରାଯିବ। ଅନ୍ୟପକ୍ଷରେ ଦୀପୁ ଓ ଓମ୍ ହତ୍ୟା ମାମଲାରେ ଜାନୁୟାରୀ ୪ରେ ଶୁଣାଣି ଥିବାରୁ ସୁଶୀଲଙ୍କୁ ଚୌଦ୍ୱାର ମଣ୍ଡଳ କାରାଗାର ଓ ସୁଶାନ୍ତଙ୍କୁ ଭୁବନେଶ୍ୱରର ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି।



ଭୁବନେଶ୍ୱର ଜନତା ମୈଦାନରେ ଚାଲିଥିବା ତୋଷାଳି କ୍ରାଫ୍ଟସ୍ ମେଳାରେ ଦର୍ଶକ ବିଭିନ୍ନ ଘରସଜା ସାମଗ୍ରୀ ଦେଖୁଛନ୍ତି।

# ମେଳା, ମହୋତ୍ସବ ଋତୁ

**ଭୁବନେଶ୍ୱର,୨ା୧(ବ୍ୟୁରୋ)**

ବିଶ୍ୱପ୍ରସିଦ୍ଧ କୋଣାର୍କ ମହୋତ୍ସବ ଏବଂ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ଶେଷ ହେବା ପରେ ରାଜଧାନୀରେ ଆରମ୍ଭ ହୋଇଯାଇଛି ମେଳା, ମହୋତ୍ସବର ଋତୁ। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଡିସେମ୍ବର ୨୮ରୁ ଜନତା ମଇଦାନଠାରେ ତୋଷାଳି ଜାତୀୟ କ୍ରାଫ୍ଟସ୍ ମେଳା ଚାଲିଥିବା ବେଳେ ଏପଟେ ପର୍ଯ୍ୟଟନ, ସଂସ୍କୃତି, ପଞ୍ଚାୟତିରାଜ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମଧ୍ୟ ନିଜ ନିଜ ବିଭାଗୀୟ ଉତ୍ସବ, ମହୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଶିଶିର ସରସ ଓ ଆଦିବାସୀ ମେଳା ସହ ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ ଏବଂ ରାଜାରାଣୀ ସଙ୍ଗୀତ ମହୋତ୍ସବ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଭଲ ବ୍ୟବସାୟ ସହ କିଭଳି ଅଧିକ ଦର୍ଶକଙ୍କୁ ଆକୃଷ୍ଟ କରିହେବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ଶିଶିର ସରସ ମେଳା

ପଞ୍ଚାୟତିରାଜ ବିଭାଗ ଏବଂ ଓର୍‌ମାସର ମିଳିତ ଆନୁକୂଲ୍ୟରେ ଜାନୁୟାରୀ ୪ରୁ ୧୪ ତାରିଖ ପର୍ଯ୍ୟନ୍ତ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଶିଶିର ସରସ ମେଳା ଆୟୋଜନ ହେବ। ଓଡ଼ିଶାର ହସ୍ତଶିଳ୍ପ, ହସ୍ତକଳା ଓ ବୟନ ଶିଳ୍ପ ସାଙ୍ଗକୁ ଘରକରଣା ଓ ବନଜାତ ଦ୍ରବ୍ୟ ଏଠାରେ ଉପଲବ୍ଧ ହେବ। ସେହିପରି ଆଦିବାସୀ ଅଳଙ୍କାର, ଡୋକ୍ରା, କେନ୍ଦୁଝର ଫୁଲବଡ଼ି, ମସଲା ସହ ରାଜ୍ୟ ବାହାରୁ ଛତିଶଗଡ଼ର ଟସର, ଆସାମ ଓ ତ୍ରିପୁରାର ବାଉଁଶ ସାମଗ୍ରୀ, ତାମିଲନାଡୁର ରଙ୍ଗିନ ମହମବତି, କଶ୍ମୀର ଶୀତବସ୍ତ୍ର, ଉତ୍ତରପ୍ରଦେଶ ସିଲ୍କ ଏହାର ପ୍ରମୁଖ ଆକର୍ଷଣ ରହିବ।

### ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ

ପର୍ଯ୍ୟଟନ ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସହଯୋଗରେ ଜାନୁୟାରୀ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ଅନେକ ଖ୍ୟାତନାମା କଳାକାର ସେମାନଙ୍କ କଳା ପରିବେଷଣ କରିବେ। ଓଡ଼ିଶୀ ନୃତ୍ୟ ଏହାର ପ୍ରମୁଖ ଆକର୍ଷଣ ସାଜିବା ସହ ଏକକ, ଦ୍ୱୈତ ଏବଂ ସମବେତ ପରିବେଷଣ ନୃତ୍ୟପ୍ରେମୀଙ୍କୁ ଆକୃଷ୍ଟ କରିବ। ସେହିଭଳି ସମବେତ ସଙ୍ଗୀତ ମଧ୍ୟ ପରିବେଷଣ କରାଯିବ।

### ଆଦିବାସୀ ମେଳା

ରାଜଧାନୀର ବହୁ ପ୍ରତୀକ୍ଷିତ ଲୋକପ୍ରିୟ ମେଳା ମଧ୍ୟରୁ ଆଦିବାସୀ ମେଳା ଅନ୍ୟତମ। ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆଠାରେ ଏହି ମେଳା ଜାନୁୟାରୀ ୨୬ରୁ ଆରମ୍ଭ ହେବ। ଓଡ଼ିଶାର ବିଭିନ୍ନ ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଏଠାରେ ବିକ୍ରି କରାଯିବ। ବିଶେଷକରି ଆଦିବାସୀ ଖାଦ୍ୟ ସାଙ୍ଗକୁ ଘରକରଣା ସାମଗ୍ରୀ ମେଳାର ଆକର୍ଷଣ ରହିବ। ଏହାବ୍ୟତୀତ ମେଳାମଞ୍ଚରେ ପ୍ରତି ସନ୍ଧ୍ୟାରେ ଆଦିବାସୀ ପରମ୍ପରା ସହ ଜଡ଼ିତ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯିବ।

### ଧଉଳି-କଳିଙ୍ଗ ମହୋତ୍ସବ

ପର୍ଯ୍ୟଟନ ବିଭାଗ ସହଯୋଗରେ ଫେବୃୟାରୀ ପ୍ରଥମ ସପ୍ତାହରେ ଦୟାନଦୀ କୂଳରେ ଧଉଳି ପାଦଦେଶରେ ଆୟୋଜନ ହେବ ଧଉଳି-କଳିଙ୍ଗ ମହୋତ୍ସବ। ଅହିଂସା ଉପରେ ଶାନ୍ତିର ବିଜୟକୁ ପାଳନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆୟୋଜିତ ହେଉଥିବା ଏହି ମହୋତ୍ସବରେ ଏଥର ବିଭିନ୍ନ ଲୋକନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ ଏବଂ ସାମରିକ ନୃତ୍ୟ ମୁଖ୍ୟ ଆକର୍ଷଣ ରହିବ। ଏହାବ୍ୟତୀତ ଜାନୁୟାରୀ ଶେଷ ସପ୍ତାହ ଆଡ଼କୁ ଖଣ୍ଡଗିରି ଉଦୟଗିରି ମହୋତ୍ସବ, ପର୍ଯ୍ୟଟନ ବିଭାଗ ପକ୍ଷରୁ ଚିଲିକା ବାର୍ଡ ଫେଷ୍ଟିଭାଲ ଆୟୋଜନ ହେବ। ସେହିଭଳି ବିଭିନ୍ନ ବେସରକାରୀ ସଂସ୍ଥା ପକ୍ଷରୁ ଆଗାମୀ ଦିନରେ ଟ୍ରେଡ୍ ଫେୟାର, ପୁସ୍ତକମେଳା, ଖଦି ମେଳା ଆଦିର ଆୟୋଜନ କରାଯିବ।

### ରାଜାରାଣୀ ସଙ୍ଗୀତ ଉତ୍ସବ

ଜାନୁୟାରୀ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ରାଜାରାଣୀ ମନ୍ଦିର ପରିସରରେ ଆୟୋଜନ ହେବ ରାଜାରାଣୀ ସଙ୍ଗୀତ ଉତ୍ସବ। ଓଡ଼ିଶୀ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତ ସହ ଅନ୍ୟ ରାଜ୍ୟର ଶାସ୍ତ୍ରୀୟ ସଙ୍ଗୀତ ଉତ୍ସବର ସ୍ୱତନ୍ତ୍ରତା ରହିବ। ଦେଶର ପ୍ରସିଦ୍ଧ ବାଦ୍ୟଶିଳ୍ପୀଙ୍କ ଦ୍ୱାରା ଯନ୍ତ୍ରସଙ୍ଗୀତ ପରିବେଷଣ କରାଯିବ। ମନମୁଗ୍ଧକର ସଙ୍ଗୀତ ଏଥର ମଧ୍ୟ ଅଧିକ ସଂଖ୍ୟାରେ ବିଦେଶୀ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ପର୍ଯ୍ୟଟନ ବିଭାଗ ଆଶା ରଖିଛି।



ନିଜ ଦୋଷକୁ ସ୍ୱୀକାର କଲେ ମନ ଶାନ୍ତ ଓ ପବିତ୍ର ହୋଇଥାଏ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବିଲ୍ ମଞ୍ଜୁର ପାଇଁ ସରପଞ୍ଚଙ୍କ ସ୍ୱାମୀଙ୍କୁ ବିଧାୟକଙ୍କ ଧମକ

**ଖୋର୍ଦ୍ଧା ଅଫିସ,୨।୧:** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ରାଜୀବ ଭବନ ପରିସରରେ ବେଗୁନିଆ ସରପଞ୍ଚ କୁମୁଦିନି ସ୍ୱାଇଁଙ୍କ ସ୍ୱାମୀ ନବକିଶୋରଙ୍କୁ କଲ୍ୟାଣମଣ୍ଡପ ବିଲ୍ ମଞ୍ଜୁର କରାଇବା ଘଟଣାରେ ହତ୍ୟା ଧମକ ଦିଆଯାଇଛି। ଜଣେ ବିଧାୟକ ଏପରି ଧମକ ୩୧ ତାରିଖରେ କେତେଜଣ ସରକାରୀ ଅଧିକାରୀଙ୍କ ସମ୍ମୁଖରେ ଦେଇଥିବା ମୁଖ୍ୟମନ୍ତ୍ରୀ, ଖୋର୍ଦ୍ଧା ଏସ୍‌ପି, ଜିଲାପାଳ ଓ ବେଗୁନିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ବୁଧବାର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ହେଲେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ କରାଯାଇନାହିଁ। ଅନ୍ୟପକ୍ଷେ ଆଇଆଇସି ରଶ୍ମି ରଞ୍ଜନ ସାହୁ କୁହନ୍ତି, ଘଟଣାର ତଦନ୍ତ ଚାଲିଛି।

### ଚୋରିଗାଡ଼ି ଜବତ, ଜଣେ କୋର୍ଟ ଚାଲାଣ

**ବାରଙ୍ଗ,୨।୧(ଡି.ଏନ୍.ଏ.):** ଗତ ଫେବୃୟାରୀ ୧୭ତାରିଖରେ ନନ୍ଦନକାନନ ଥାନା ରଘୁନାଥପୁର ଗ୍ରାମରେ ଜଣେବ୍ୟକ୍ତିଙ୍କ ବାଇକ ଚୋରି ଅଭିଯୋଗରେ ଫେରାର ଥିବା ଚୋରକୁ ପୋଲିସ ମଙ୍ଗଳବାର ରାତିରେ ଧରିବା ସହ ବାଇକକୁ ଜବତକରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାରଙ୍ଗ ଥାନା ଅଧୀନ ଗଦେଇକୁଦର ରବୀନ୍ଦ୍ର ରାଉତ ପ୍ରକାଶ ଯେ, ଢେଙ୍କାନାଳ ପରଜଙ୍ଗ ଗ୍ରାମର ପ୍ରସନ୍ନ କୁମାର ପାଣି ରଘୁନାଥପୁରରେ ଘରଭଡା ନେଇ ରହୁଥିଲେ। ଫେବୃୟାରୀ ୧୭ତାରିଖ ରାତିରେ ପ୍ରସନ୍ନ ଘରେ ନ ଥିବାବେଳେ ତାଙ୍କର ଓଡି୦୬-ଏ-୮୨୩୯ନମ୍ବର ବାଇକଟି ଘର ଆଗରେ ତାଲାପଡି ରହିଥିଲା। ସକାଳେ ଦେଖିବା ବେଳେ ବାଇକଟି ନଥିବାରୁ ସେ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୭/୧୮ନଂରେ ଏକ ମାମଲା ରୁଜୁକରି ସିସିକ୍ୟାମେରା ଦ୍ୱାରା ଚୋରକୁ ଧରିବାରେ ସକ୍ଷମ ହୋଇଥିଲେ। ରବୀନ୍ଦ୍ରଙ୍କୁ ଧରିବା ପରେ ଚୋରି କଥା ମାନିବାରୁ ଗିରଫ କରି କୋର୍ଟଚାଲାଣ କରିଛି।

### ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଅଧିବେଶନ

**ପୁରୁଣା ଭୁବନେଶ୍ୱର,୨।୧(ଡି.ଏନ୍.ଏ.):** ସ୍ଥାନୀୟ ବତ୍ରିଶ ସିଂହାସନ ବରିଷ୍ଠ ନାଗରିକ ମଞ୍ଚର ୮ମ ସାଧାରଣ ଅଧିବେଶନ ଭୀମଟାଙ୍ଗି ଉନ୍ନୟନ ପରିଷଦ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ମଦନମୋହନଙ୍କ ସଭାପତିତ୍ୱରେ ଏଥିରେ ୨୦୧୭-୧୮ବର୍ଷର ଅଡିଟ୍ ରିପୋର୍ଟ, ୨୦୧୮-୧୯ ଆର୍ଥିକ ବର୍ଷର ବଜେଟ ଅଟକଳକୁ ଗ୍ରହଣ କରାଯିବା ସହ ୭୫ବର୍ଷରୁ ଉର୍ଦ୍ଧ୍ୱ ଥିବା ୮ଜଣ ସଭ୍ୟଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଉପସଭାପତି ବଂଶୀଧର ପଣ୍ଡା, ସମ୍ପାଦକ ବାଇଧର ପାତ୍ର, ଉପସମ୍ପାଦକ ସଦାନନ୍ଦ ପଣ୍ଡା, କୋଷାଧ୍ୟକ୍ଷ ଚିତ୍ରସେନ ବିଶୋୟୀ ଓ ସାଧୁଚରଣ ସେଠୀ ସମେତ ପ୍ରମୁଖ ୯୫ଜଣ ସଭ୍ୟ ଯୋଗଦେଇଥିଲେ। ଏହାସହ ଲିଙ୍ଗରାଜ ଷ୍ଟେଶନକୁ ଆଧୁନିକୀକରଣ ଓ ଏକ୍ସପ୍ରେସ ରହଣି ପାଇଁ ବିଭାଗୀୟ ମୁଖ୍ୟଙ୍କୁ ନୋଟିସ ଦେଇ ଧାରଣା, ଦାବି ଉପସ୍ଥାପନା କରାଯାଇଥିଲା। ଭୀମଟାଙ୍ଗିରେ ଏକ ଡେ କେୟାର ସେଣ୍ଟର ନିମନ୍ତେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ମେୟର ଅନନ୍ତ ନାରାୟଣ ଜେନାଙ୍କୁ ସାକ୍ଷାତ ପାଇଁ ସ୍ଥିର କରାଯାଇଥିଲା।

■ ଶିଶୁ ଯତ୍ନ ଅନୁଷ୍ଠାନରେ ଅବ୍ୟବସ୍ଥା

# ୩୦ ଅନ୍ତେବାସୀ ସ୍ଥାନାନ୍ତର

**ପୁରୀ ଅଫିସ,୨।୧**

**ଅନୁଷ୍ଠାନ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ**

ପୁରୀ ଜିଲା ଡେଲାଙ୍ଗ ସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନରେ ଅବ୍ୟବସ୍ଥା। ଅସ୍ୱାସ୍ଥ୍ୟକର ପରିବେଶ, ଅନ୍ତେବାସୀଙ୍କୁ ନିମ୍ନମାନର ଖାଦ୍ୟ, ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁ ସେଠାରେ ରହୁଥିବା ୩୦ ଅନ୍ତେବାସୀଙ୍କୁ ଡିସେମ୍ବର ୩୧ରେ ପୁରୀର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଛି।

ଢେଙ୍କାନାଳ ଜିଲା ବେଲଟିକିରି ସ୍ଥିତ ଗୁଡ୍ ନ୍ୟୁଜ ଇଣ୍ଡିଆ ଡ୍ରିମ୍ ସେଣ୍ଟରରେ ଯୌନଶୋଷଣ ଅଭିଯୋଗ ଆସିବା ପରେ ଗତ ଡିସେମ୍ବରରେ ଜାତୀୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗ (ଏନ୍‌ସିପିସିଆର)ର ଏକ ପ୍ରତିନିଧି ଦଳ ପୁରୀ ଗସ୍ତରେ ଆସି ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ଡେଲାଙ୍ଗ ସ୍ଥିତ ଆଭା ଅନୁଷ୍ଠାନ ପରିଦର୍ଶନ ବେଳେ ସେଠାରେ ବ୍ୟାପକ ଅବ୍ୟବସ୍ଥା ଦେଖିଥିଲେ। ଏନେଇ ପ୍ରତିନିଧି ଦଳ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ ପୁରୀ ଜିଲା ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ଗତ ଡିସେମ୍ବର ୩୦ରେ ଆଭା ଅନୁଷ୍ଠାନକୁ ତଦନ୍ତ କରିବାକୁ ଯାଇଥିଲେ। ଏ ସମ୍ପର୍କରେ ସିଡବ୍ଲ୍ୟୁସି ଚେୟାରମ୍ୟାନ ରୁଦ୍ର ନାରାୟଣ ମହାବୀର ସାହୁ କୁହନ୍ତି, ଏନସିପିସିଆରଙ୍କ ନିର୍ଦ୍ଦେଶ କ୍ରମେ ଆଭା ଅନୁଷ୍ଠାନ ତଦନ୍ତ କରିବାକୁ ଟିମ୍ ଯାଇଥିଲା। ତଦନ୍ତ ବେଳେ ଅସ୍ୱାସ୍ଥ୍ୟକର ପରିବେଶ ଏବଂ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଅନ୍ତେବାସୀମାନେ ଅଭିଯୋଗ କରିଥିଲେ। ଏ ନେଇ ଜିଲାପାଳଙ୍କୁ ରିପୋର୍ଟ ଦିଆଯାଇଛି। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଘଟଣା ସମ୍ପର୍କରେ ପୁରୀ ସିଡବ୍ଲ୍ୟୁସି ସହିତ ଆଲୋଚନା କରିବେ ବୋଲି କହିଥିଲେ।

ଅନ୍ୟପଟେ ଅନୁଷ୍ଠାନର ସଭାପତି ବିଜୟ କୁମାର ସାହୁଙ୍କ ମୋବାଇଲ ନମ୍ବର ୯୪୩୭୦୪୨୪୮୨ ଏବଂ ଯୁଗ୍ମ ସମ୍ପାଦକ ଗଙ୍ଗାଧର ପ୍ରଧାନଙ୍କ ମୋବାଇଲ ନମ୍ବର ୯୪୩୭୪୧୭୪୪୩କୁ ଯୋଗାଯୋଗ କରାଯାଇଥିବା ବେଳେ କୌଣସି ଉତ୍ତର ମିଳି ନ ଥିଲା। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କୁହନ୍ତି, ସିଡବ୍ଲ୍ୟୁସି ରିପୋର୍ଟକୁ ଆଧାର କରି ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଅନ୍ତେବାସୀଙ୍କୁ ସେଠାରୁ ଅନ୍ୟ ଶିଶୁ ଯତ୍ନ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଛି। ଅନୁଷ୍ଠାନ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ମତାମତ ମିଳିପାରି ନାହିଁ।



ଭୁବନେଶ୍ୱର ଲଳିତକଳା ଏକାଡେମୀଠାରେ ବୁଧବାର ଆୟୋଜିତ ଏକକ ଚିତ୍ରକଳା ପ୍ରଦର୍ଶନୀ 'ମୋମେଣ୍ଟ୍ସ' କୁ ଦର୍ଶକ ବୁଲି ଦେଖୁଛନ୍ତି।

## ନାଟ୍ୟଧାରାର ନାଟକ 'ଅନନ୍ୟ ଶଶିକଳା'

**ଭୁବନେଶ୍ୱର,୨।୧(ବ୍ୟୁରୋ)**

ଓଡ଼ିଆ ଜାତିର ଇତିହାସ ଖାରବେଳଙ୍କଠାରୁ ଆରମ୍ଭ କରି କପିଳେନ୍ଦ୍ରଦେବଙ୍କ ପର୍ଯ୍ୟନ୍ତ ରହିଛି। ଉତ୍କଳର ଇତିହାସ ବିଶ୍ୱବିଦିତ ହୋଇଥିବା ବେଳେ ଏଥିରେ ସ୍ୱତନ୍ତ୍ର ପୃଷ୍ଠାମଣ୍ଡନ କରିଛି ଗଜପତି ପୁରୁଷୋତ୍ତମଦେବଙ୍କ ରାଜତ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ପ୍ରେମର ପୃଷ୍ଠଭୂମିକୁ ନେଇ ହୋଇଥିବା ଅଧ୍ୟାୟର ଦୁଇ ପ୍ରମୁଖ ଚରିତ୍ର ଥିଲେ ଭାନୁମତୀ ଓ ଶଶିକଳା। ଗଜପତିଙ୍କ ଭଉଣୀ ଭାନୁମତୀଙ୍କ ପ୍ରେମକାହାଣୀ କେବଳ ଗଜପତିଙ୍କ ଗରିମାକୁ ନଷ୍ଟ କରି ନ ଥିଲା, ବରଂ ଓଡ଼ିଆ ଜାତିର ସ୍ୱାଭିମାନକୁ ଭୂ-ଲୁଣ୍ଠିତ କରିଦେଇଥିଲା। ଏଭଳିସ୍ଥଳେ ଗଜପତିଙ୍କ କନ୍ୟା ମୁକ୍ତାଦେଈଙ୍କର ଘନିଷ୍ଠ ସହଚରୀ ଥିବା ପାଇକ ଝିଅ ଶଶିକଳା ଏ ଜାତିର ସ୍ୱାଭିମାନ ସାଜିଥିଲା। ଜଗନ୍ନାଥଙ୍କ ସୁରକ୍ଷା, ଉତ୍କଳର ଗୌରବ ଓ ସର୍ବୋପରି ପୁରୁଷୋତ୍ତମଦେବଙ୍କ ବଂଶ ସମ୍ମାନକୁ ଅକ୍ଷୁଣ୍ଣ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଶଶିକଳା। ଦିଲ୍ଲୀ ସମ୍ରାଟ ଜାହାଙ୍ଗୀରଙ୍କ ପାଖରେ ନିଜକୁ ସମର୍ପଣ କରି ଇତିହାସକୁ ସ୍ତବ୍ଧ କରିଦେଇଥିଲେ ଏହି ମହୀୟସୀ ମହିଳା। ତାଙ୍କ ସ୍ମୃତିକୁ ତାଜା କରି ବୁଧବାର ଭଞ୍ଜ କଳାମଣ୍ଡପରେ ପରିବେଷିତ ହୋଇଥିଲା ନାଟକ 'ଅନନ୍ୟ ଶଶିକଳା'। ଜଗତସିଂହପୁରର ମଞ୍ଚମଣିଷ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ କୈଳାସ ମଲ୍ଲିକ। ବିଭିନ୍ନ ଭୂମିକାରେ ମାତୃପ୍ରସାଦ ଦାଶ, ଦିଲୀପ ଗୋଛାୟତ, ସୂର୍ଯ୍ୟନାରାୟଣ ରାଉତ, ଜ୍ଞାନେନ୍ଦ୍ର ପାଲ, ଅଣାକାର ରାଉତ ପ୍ରମୁଖ ଅଭିନୟ କରିଥିଲେ।

ସଂସ୍କୃତି ବିଭାଗର ମାସିକ ନାଟକ ପରିକ୍ରମା 'ନାଟ୍ୟଧାରା'ର ଦ୍ୱିତୀୟ ସନ୍ଧ୍ୟାରେ 'ଅନନ୍ୟ ଶଶିକଳା' ମଞ୍ଚସ୍ଥ ହୋଇଥିବା ବେଳେ ମଙ୍ଗଳବାର ପ୍ରଥମ ସନ୍ଧ୍ୟାରେ ଡ. ରଜତ କୁମାର କରଙ୍କ ରଚିତ ଐତିହାସିକ ନାଟକ 'ବାଇଶି ପାବଚ୍ଛ' ମଞ୍ଚସ୍ଥ ହୋଇଥିଲା।

## କାଳିଆ ପାଇଁ ଭୋଟବାକ୍ସ ବ୍ୟବହାର

**ପୁରୁଣା ଭୁବନେଶ୍ୱର, ୨।୧(ଡି.ଏନ.ଏ.)**

ଆଗକୁ ସାଧାରଣ ନିର୍ବାଚନ ଆସୁଛି। ତେବେ ଭୋଟବାକ୍ସ ପ୍ରସ୍ତୁତିର ସମୟ ହୋଇନି। ମାତ୍ର କାଳିଆ ପାଇଁ ଭୋଟବାକ୍ସ ପ୍ରସ୍ତୁତି ଜୋର ସୋର ଆରମ୍ଭ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ କାଳିଆ ଯୋଜନାରେ ଉପଯୁକ୍ତ ଚାଷୀମାନଙ୍କୁ ପଞ୍ଜୀକୃତ କରାଯିବ। ଯେଭଳି କୌଣସି ପ୍ରକାର ଦୁର୍ନୀତି ପିସି କାରବାର ନ ହେବ ତାହାକୁ ଦୃଷ୍ଟି ଆଗରେ ରଖି ଭୋଟବାକ୍ସକୁ ଫର୍ମବାକ୍ସ ଭାବେ ବ୍ୟବହାର କରାଯାଉଛି। ଚାଷୀମାନେ ସେମାନଙ୍କ ଆବେଦନ ଫର୍ମ ଭୋଟବାକ୍ସରେ ପକାଇବେ। ଏଣୁ ବୁଧବାର ଭୁବନେଶ୍ୱର ବ୍ଲକ ପକ୍ଷରୁ ଷ୍ଟୋର ରୁମ୍‌ରେ ଥିବା ପ୍ରାୟ ୩୦ଟି ଭୋଟବାକ୍ସକୁ ଯାଞ୍ଚ କରାଯାଇ ସେଗୁଡ଼ିକୁ ବିଭିନ୍ନ ପଞ୍ଚାୟତକୁ ପ୍ରେରଣ କରାଯାଇଥିଲା। ବିଡ଼ିଓ ଶାନ୍ତନୁ ମହାନ୍ତି ପ୍ରତ୍ୟକ୍ଷ ଭାବେ ସେଗୁଡିକୁ ଯାଞ୍ଚ କରିଥିଲେ। ସୂଚନାଯୋଗ୍ୟ ଭୁବନେଶ୍ୱର ବ୍ଲକ ଅଧୀନ ବାସୁଆଘାଇ, କଳାରାହାଙ୍ଗ ଟିକରପଡ଼ା, ଲିଙ୍ଗିପୁର ଭଳି ୨୦ଟି ପଞ୍ଚାୟତକୁ ଏଗୁଡିକୁ ପ୍ରେରଣ କରାଯିବ ବୋଲି ଖବର ମିଳିଛି।




ବିଭିନ୍ନ ପଞ୍ଚାୟତକୁ କାଳିଆ ଯୋଜନା ପାଇଁ ଭୋଟ ବାକ୍ସ ପଠାଯାଉଛି।

ପୂର୍ବ ଶତ୍ରୁତାରୁ ବୋମାମାଡ଼ ଘଟଣା

## ମୁଖ୍ୟ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ଶହୀଦନଗର ଥାନା ଅଧୀନ ପଥରବନ୍ଧ ବସ୍ତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୋମାମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରକାଶ ବିଶୋଇଙ୍କୁ ପୋଲିସ ବୁଧବାର ଗିରଫ କରିଛି। ପ୍ରକାଶଙ୍କ ଘର ଉକ୍ତ ବସ୍ତିରେ। ସୂଚନା ମୁତାବକ, ପ୍ରକାଶ ଦାଦାଗିରି କରିବା ସହ ଲୋକମାନଙ୍କୁ ମାରପିଟ କରି ବଟି ଆଦାୟ କରିବା ଏବଂ ଲୁଟ୍, ଛିନତାଇ ପରି ଅନେକ ଆପରାଧିକ ମାମଲାରେ ସମ୍ପୃକ୍ତ ରହିଛନ୍ତି। ଗତ ଜୁନରେ ପ୍ରକାଶ ବସ୍ତିରେ ମାରପିଟ କରୁଥିବାବେଳେ ମୁନା ବେହେରା ଏବଂ ଅନ୍ୟ ବସ୍ତିବାସିନ୍ଦା ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏହି ଘଟଣାରେ ପ୍ରକାଶଙ୍କୁ ଜେଲ ଯିବାକୁ ପଡିଥିଲା। ଗତ ୧୫ ତାରିଖରେ ପ୍ରକାଶ ଜେଲରୁ ବାହାରି କ୍ଷମା ମାଗିବା ଲାଗି ମୁନାଙ୍କ ଘରକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ପ୍ରକାଶ ଚାଲିଯାଇଥିଲେ। ପରେ ୧୮ ତାରିଖ ଦିନ ପ୍ରାୟ ସାଢେ ୧୧ଟା ବେଳକୁ ପ୍ରକାଶ ତାଙ୍କ ସହଯୋଗୀଙ୍କ ସହ ବସ୍ତିରେ ପହଞ୍ଚି ମୁନାଙ୍କ ଘର ନିକଟକୁ ୩ଟି ବୋମା ମାଡ କରି ଫେରାର ହୋଇଯାଇଥିଲେ। ମୁନାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(୫୪୬/୧୮) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ବୁଧବାର ପୋଲିସ ତାଙ୍କୁ ରସୁଲଗଡ ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

**ବାଲିଅନ୍ତା,୨।୧(ଡି.ଏନ୍.ଏ.)**

ବାଲିଅନ୍ତା ଜବାହର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୭ଦିନ ଧରି ଚାଲିଥିବା ଜାତୀୟ ସେବା ଶିବିର(ଏନ୍‌ଏସ୍‌ଏସ୍) ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ କ୍ଷତିନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଡ.ଦୀପକ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହିଶିବିରରେ ୩୦ଜଣ ଛାତ୍ରୀ ଯୋଗଦେଇଥିବାବେଳେ ବିଦ୍ୟାଳୟ ପରିସର ସଫେଇ ସହ ବିଭିନ୍ନ ସେବାମୂଳକ କାର୍ଯ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ଧରଣୀଧର ସ୍ୱାଇଁ, ପୀତାମ୍ବର ପାତ୍ର, ମମତା ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରକୁ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଜୟନ୍ତୀବାଳା ମହାନ୍ତି ପରିଚାଳନା କରିଥିଲେ।

## ଏମ୍‌ଏସ୍‌ଏମ୍‌ଇ ପାଇଁ ନାଲ୍‌କୋ ଆଣିବ କ୍ୟାଶଲେସ ମଡେଲ




**ଭୁବନେଶ୍ୱର,୨।୧**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ(ନାଲ୍‌କୋ) ଚଳିତ ବର୍ଷ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ପାଇଁ କ୍ୟାଶଲେସ ମଡେଲ ଆଣିବ। ଏହା ଦ୍ୱାରା ସଂସ୍ଥାଗୁଡ଼ିକୁ କଞ୍ଚାମାଲ ଯୋଗାଣ ଏବଂ ଉତ୍ପାଦ ବିକ୍ରୟ ପାଇଁ ମାର୍କେଟିଂ ସହଯୋଗ ପ୍ରଦାନ କରାଯିବ। ଉଦ୍ୟୋଗଗୁଡ଼ିକର ବିକାଶ ଲାଗି ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ବର୍ତ୍ତମାନ ନାଲ୍‌କୋ କାର୍ଯ୍ୟ କରୁଛି। ଏହା ଦ୍ୱାରା ୨୦୦ ଏମ୍‌ଏସ୍‌ଏମ୍‌ଇରେ ୨୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ନାଲ୍‌କୋ ସିଏସ୍‌ଆର୍ କ୍ଷେତ୍ରରେ ବେଶ୍ ପ୍ରଭାବଶାଳୀ କାର୍ଯ୍ୟ କରୁଥିବା ଏହାର ଅଧ୍ୟକ୍ଷ ଡଃ ତପନ କୁମାର ଚାନ୍ଦ ସୂଚନା ଦେଇଛନ୍ତି। ଡଃ ଚାନ୍ଦଙ୍କ ଅଧ୍ୟକ୍ଷତାରେ କମ୍ପାନୀର ବରିଷ୍ଠ ପରିଚାଳକ,ୟୁନିୟନ ପ୍ରତିନିଧି,ୟୁନିଟ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀଙ୍କୁ ନେଇ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାଲ୍‌କୋ ପକ୍ଷରୁ କର୍ମଚାରୀ ଦାୟିତ୍ୱବୋଧ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ୨୦୧୯କୁ ଯତ୍ନ ଓ ସହଭାଗିତା ବର୍ଷ ଭାବେ ଘୋଷଣା କରାଯାଇଛି। କମ୍ପାନୀର ଅଲିଅଳି ଝିଅ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ଉଦ୍ଦେଶ୍ୟରେ କର୍ମଚାରୀଙ୍କ ସ୍ୱତଃସ୍ଫୂର୍ତ୍ତ ଭାଗୀଦାରି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କମ୍ପାନୀର ଉଚ୍ଚସ୍ତରୀୟ ବୈଠକରେ ଚଳିତ ବର୍ଷ ଲାଗି ବ୍ୟବସାୟିକ ଯୋଜନା ସମ୍ପର୍କରେ କମ୍ପାନୀ ପଦକ୍ଷେପ ନେଇଥିବା ସୂଚନା ଦେଇଛି।

## କଳିଙ୍ଗ ଯୁଦ୍ଧ ହୋଇଥିବା ରଣ ଗୋହିରୀକୁ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଦାବି

**ପୁରୁଣା ଭୁବନେଶ୍ୱର, ୨।୧(ଡି.ଏନ.ଏ.)**

ରାଜଧାନୀ ଉପକଣ୍ଠରେ ରହିଛି ଶାନ୍ତିସ୍ତୁପ ଧଉଳି ପାହାଡ଼। ଏହି ପାହାଡର ପାଦଦେଶରେ ପ୍ରବାହିତ ହେଉଛି ଦୟାନଦୀ। ଯେଉଁଠି ସମ୍ରାଟ ଅଶୋକ ଯୁଦ୍ଧ କରିଥିଲେ। ପରିବର୍ତ୍ତୀ ସମୟରେ ଚଣ୍ଡାଶୋକରୁ ସମ୍ରାଟ ଅଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ। ଏହା କେବଳ ଦୟାନଦୀରେ ରକ୍ତ ପ୍ରବାହିତ ଜଳ ସ୍ରୋତରୁ ଅନୁଭୂତ ହୋଇଥିଲା। ତେବେ ଏହି ଯୁଦ୍ଧରେ ମୂକସାକ୍ଷୀ ଧଉଳି ପାହାଡ ଏବଂ ଦୟାନଦୀର ଉପକୂଳ ବସ୍ତି ହିଁ ଅଟେ। ଏଠାକାର ଜନବସତିରେ ଏବେ ବି ଇତିହାସର କିମ୍ବଦନ୍ତୀ ପରିସ୍ଫୁଟନ ହୁଏ। ଦୟାନଦୀର ଦକ୍ଷିଣପାର୍ଶ୍ୱ ବନ୍ଧରେ ଅବସ୍ଥିତ ଇଟିପୁର ଗ୍ରାମରେ ଥିବା ରଣଗୋହିରୀ ଅନ୍ୟତମ ମୁକସାକ୍ଷୀ। ଯେଉଁଠାରେ ଏବେ ବି ଅନେକ କିମ୍ବଦନ୍ତୀ ପ୍ରସ୍ତର ଶିଳାଲିପିକୁ ସ୍ଥାନୀୟ ଲୋକ ପର୍ଯ୍ୟଟନ ମାନ୍ୟତା ଦାବି କରିଛନ୍ତି। ଏହା ବୁଦ୍ଧିଷ୍ଟ ଷ୍ଟ୍ରକ୍ଚରରେ ଗଠନ ହୋଇଥିବା ଅନୁମେୟ କରାଯାଏ। ଗ୍ରାମବାସୀ ଏହି ଏକ ଏକର ବିଶିଷ୍ଟ ରଣଗୋହିରୀ ନାମିତ ଅଞ୍ଚଳକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦାବି ନେଇ ବୁଧବାର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ସ୍ୱତନ୍ତ୍ର ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଗ୍ରାମର ସମସ୍ତ ଜନପ୍ରତିନିଧି ଦଳଗତ ନିର୍ବିଶେଷରେ ସମସ୍ତ ବାସିନ୍ଦା ସହମତି ପ୍ରକାଶ କରିଛନ୍ତି। ତୁରନ୍ତ ଏହି କ୍ଷେତ୍ରକୁ ପର୍ଯ୍ୟଟନ ମାନ୍ୟତା ପ୍ରଦାନ କରାଗଲେ ଅଞ୍ଚଳ ଲୋକାଭିମୁଖୀ ହେବା ସହ ଜାତୀୟସ୍ତରରେ ମାନ୍ୟତା ପାଇ ପାରିବ ବୋଲି ଲୋକମାନେ ଦାବି କରିଛନ୍ତି। ଏଥିରେ ଦୀନବନ୍ଧୁ ସାହୁ, ରବୀନ୍ଦ୍ର ସ୍ୱାଇଁ, କାଳନ୍ଦି ସ୍ୱାଇଁ, ରାମଚନ୍ଦ୍ର ଓଝା, ବସନ୍ତ ମହାରଣା, ଆଲୋକ ରଞ୍ଜନ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ଗ୍ରାମବାସୀଙ୍କ ପକ୍ଷରୁ ଦସ୍ତଖତ ସମ୍ବଳିତ ଦାବିପତ୍ର ଦେଇଥିଲେ। ସେହିଭଳି ଅନ୍ୟପକ୍ଷେ ଦୟାନଦୀ କୂଳ ଏହି ଐତିହ୍ୟ ରଣଗୋହିରୀକୁ ପର୍ଯ୍ୟଟନ ମାନ୍ୟତା ଦାବି କରିଛନ୍ତି ଭୁବନେଶ୍ୱର ଭାଜପା ପୂର୍ବତନ ସଭାପତି ଅମୀୟ ଦାସ। ସେ କହିଛନ୍ତି ଧଉଳି ପାହାଡ ନିକଟ ଇଟିପୁର ପଞ୍ଚାୟତ ପରିସରରେ ଥିବା ଏହି କ୍ଷେତ୍ରଟିରେ କଳିଙ୍ଗ ଯୁଦ୍ଧ ଶେଷ ହୋଇଥିଲା। ତେଣୁ ଏହା ବିଶ୍ୱ ପ୍ରସିଦ୍ଧ ହୋଇଥିବାରୁ ରାଜ୍ୟ ସରକାର ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କଲେ ସ୍ଥାନଟିର ମହତ୍ତ୍ୱ ସୁଦୂର ପ୍ରସାରୀ ହୋଇପାରିବ।

## ଜୟଦେବ ବିଦ୍ୟାମନ୍ଦିର ୧୯୯୯ ବ୍ୟାଚ୍‌ର ବନ୍ଧୁମିଳନ



ବନ୍ଧୁମିଳନରେ ଯୋଗ ଦେଇଥିବା ପୁରାତନ ଛାତ୍ରୀଛାତ୍ର।

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ଜୟଦେବ ବିଦ୍ୟାମନ୍ଦିର ୧୯୯୯ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜୟଦେବ ବାଟିକାରେ ଆୟୋଜିତ ଏହି ବନ୍ଧୁମିଳନରେ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଭବିଷ୍ୟତରେ ଅଧିକ ସଂଗଠିତ ହେବା ନେଇ ଆଲୋଚନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରତିବର୍ଷ ଡିସେମ୍ବରରେ ବନ୍ଧୁମିଳନ ଆୟୋଜନ କରିବା ସହ ସାମାଜିକ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଥିଲା।




ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବୁଧବାର ଅଙ୍ଗନୱାଡ଼ି ଲେଡିଜ୍ ୱାର୍କରସ୍ ଆସୋସିଏଶନ୍ ପକ୍ଷରୁ ଦିଆଯାଇଥିବା ଧାରଣା।

## ସେଲିବ୍ରିଟିଙ୍କ ସହ ନୂଆବର୍ଷ ପାଳିଲେ ନିରାଶ୍ରୟ

**ଭୁବନେଶ୍ୱର,୨।୧(ବ୍ୟୁରୋ)**

ଓଲିଉଡ୍ ସେଲିବ୍ରିଟି କଳାକାରଙ୍କ ସହ ନୂଆବର୍ଷ ପାଳନ କରିବାର ସୁଯୋଗ ପାଇଲେ ନିରାଶ୍ରୟ। ପ୍ରତିଦିନ ଟିଭି ପରଦାରେ ଦେଖୁଥିବା କଳାକାରମାନଙ୍କୁ ଆଖିଆଗରେ ଦେଖିଲେ। ସେମାନଙ୍କ ସହ ସୁଖଦୁଃଖ ହେଲେ ଓ ମନକଥା କହିଲେ। କେବଳ ସେତିକି ନୁହେଁ, ଭୋଜିଭାତ ସହ ନାଚ, ଗୀତ ଓ ମଉଜ ମସ୍ତିରେ ନୂଆବର୍ଷର ନୂଆଦିନକୁ ସ୍ୱାଗତ କଲେ। ଗଙ୍ଗନଗରସ୍ଥିତ ନିରାଶ୍ରୟ ଆଶ୍ରୟସ୍ଥଳୀର ବେସାହାରାମାନଙ୍କୁ ଏଭଳି ଭାବେ ନୂଆବର୍ଷ ପାଳନ କରିବାର ଅବସର ମିଳିଥିଲା। ଅନ୍ୟମାନଙ୍କ ଭଳି ସେମାନେ ବି ଖୁସିରେ ଆତ୍ମହରା ହୋଇ ୨୦୧୯କୁ ନିଆରା ଢଙ୍ଗରେ ପାଳନ କରିଥିଲେ।

ଓଡ଼ିଶା ପତିତା ଉଦ୍ଧାର ସମିତି ପକ୍ଷରୁ ଆଶ୍ରୟସ୍ଥଳୀ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଓଲିଉଡ୍ ଅଭିନେତା ଜ୍ୟୋତି ଯୋଗଦେଇ 'ତୁ ମୋ ହିରୋ' ଗୀତରେ କେତେଜଣ ବୃଦ୍ଧ ବ୍ୟକ୍ତିଙ୍କୁ ବେଶ୍ କିଛି ସମୟ ଧରି ନଚାଇଥିଲେ। ସେହିଭଳି ପ୍ରଜ୍ଞାରଞ୍ଜନ ଖଟୁଆଙ୍କ କମେଡିରେ ସେମାନଙ୍କ ମନଖୋଲା ହସ ଏକ ଭିନ୍ନ ପରିବେଶ ସୃଷ୍ଟି କରିଥିଲା। ତାଙ୍କ ସହ ଅଭିନେତା ଗୁଣ୍ଡ ଓ କାଉ ମଧ୍ୟ କମେଡି ପରିବେଷଣ କରିଥିଲେ। ଇତିଶ୍ରୀ ଦୀକ୍ଷିତଙ୍କ କଣ୍ଠରୁ କିଛି ମନଛୁଆଁ ଗୀତ ଶୁଣିବାର ଅବସର ମଧ୍ୟ ମିଳିଥିଲା। ମେୟର ଅନନ୍ତ ନାରାୟଣ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କେକ୍ କାଟିବା ସହ ନିରାଶ୍ରୟଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇବାର ଅବକାଶ ଆଣିଥିବାରୁ ସମିତିକୁ ସାଧୁବାଦ ଜଣାଇଥିଲେ। ବିଏମ୍‌ସି ଉପକମିଶନର ଲଲାଟେନ୍ଦୁ ସାହୁ, ନୀହାର ରଞ୍ଜନ ପାତ୍ର ଅତିଥି ଭାବେ ଯୋଗଦେଇଥିବା ବେଳେ ସମିତି ସମ୍ପାଦିକା ଆଭାରାଣୀ ଚୌଧୁରୀ ଉପସ୍ଥିତ ଥିଲେ। ଏହି ଅବସରରେ ନିରାଶ୍ରୟମାନଙ୍କୁ କମ୍ବଳ ଓ ଫଳ ବଣ୍ଟାଯାଇଥିଲା। ମାତୃମୟୀ ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ୱାଗତିକା, ଲୋପା, ସୌମ୍ୟ, ଅନନ୍ତ, ସୁବ୍ରତ, ରାହୁଲ ଓ ଜୟ ଏଥିରେ ସହଯୋଗ କରିଥିଲେ।

## ପଞ୍ଚାନନ ସୁର୍‌ଙ୍କୁ 'ଗୁରୁ ସମ୍ମାନ'

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

'ବି. କେ. ଆର୍ଟିଷ୍ଟ ୧୯୯୧'ର ସଦସ୍ୟମାନଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପୀମାନେ ଏକତ୍ରିତ ହୋଇ ସଙ୍ଗୀତ, ନୃତ୍ୟ, କବିତା ଓ ସ୍ମୃତି ସବୁକୁ ମନେ ପକାଇଥିଲେ। ଏହି ଅବସରରେ ଚିତ୍ରଶିଳ୍ପୀ ଅଧ୍ୟାପକ ପଞ୍ଚାନନ ସୁର୍‌ଙ୍କୁ 'ଗୁରୁ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସମ୍ପ୍ରତି ଚିତ୍ରକଳାର ସମସ୍ୟା ଉପରେ ଆଲୋଚନା କରାଯାଇ ଆଗାମୀ ଦିନରେ ଚିତ୍ରକଳା ସମ୍ପର୍କିତ କର୍ମଶାଳା ଏବଂ ପ୍ରଦର୍ଶନୀ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଦର୍ଶନୀର ଛବି ବିକ୍ରୟ ଲବ୍ଧ ଅର୍ଥରାଶିକୁ ଅର୍ଥରାଶିକୁ ଅନାଥାଶ୍ରମକୁ ଦାନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରିର ସମ୍ପାଦକ ତାରାକାନ୍ତ ପରିଡ଼ା, ସଂଯୋଜକ ବିରଞ୍ଚି ନାରାୟଣ ଷେଣ୍ଡ, ଧନେଶ୍ୱର ସାହୁ, ଅପର୍ଣ୍ଣା ରାୟ, ମନୋଜ ଦାସ ପ୍ରମୁଖ ଚିତ୍ରଶିଳ୍ପୀମାନେ ଯୋଗଦେଇଥିଲେ।

# କ୍ରିକେଟର ଦ୍ରୋଣାଚାର୍ଯ୍ୟ



ଦୁଇ ଶିଷ୍ୟ ସଚିନ ତେନ୍ଦୁଲକର ଓ ବିନୋଦ କାମ୍ବଲିଙ୍କ ସହ ରମାକାନ୍ତ ଆଚରେକର।

**ମୁମ୍ବାଇ, ୨।୧(ପି.ଟି.)**

ମାଷ୍ଟରବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ଜଣେ ମହାନ୍ କ୍ରିକେଟର ଭାବେ ଗଢ଼ି ତୋଳିବାରେ ଗୁରୁଦାୟିତ୍ୱ ତୁଲାଇଥିବା କିମ୍ବଦନ୍ତୀ କ୍ରିକେଟ୍ କୋଚ୍ ତଥା ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ରମାକାନ୍ତ ଆଚରେକରଙ୍କ ବିୟୋଗ ଘଟିଛି। ବାର୍ଦ୍ଧକ୍ୟଜନିତ କାରଣ ଯୋଗୁ ବୁଧବାର ସନ୍ଧ୍ୟାରେ ମୁମ୍ବାଇରେ ୮୭ ବର୍ଷ ବୟସରେ ଆଚରେକର ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି ବୋଲି ତାଙ୍କ ପରିବାର ସଦସ୍ୟ ରଶ୍ମି ଡଲ୍‌ଭି କହିଛନ୍ତି। ସଚିନଙ୍କ ପିଲାଦିନର କୋଚ୍ ଭାବେ ସାରା ବିଶ୍ୱରେ ଖ୍ୟାତି ଅର୍ଜନ କରିଥିବା ଆଚରେକର ଭାରତୀୟ କ୍ରିକେଟକୁ ଅତୁଳନୀୟ ଅବଦାନ ଲାଗି ୧୯୯୦ରେ ସମ୍ମାନଜନକ ଦ୍ରୋଣାଚାର୍ଯ୍ୟ ପୁରସ୍କାର ମଧ୍ୟ ଜିତିଛନ୍ତି। ସେହିଭଳି ୨୦୧୦ରେ ସେ ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର 'ପଦ୍ମଶ୍ରୀ' ହାସଲ କରିଥିଲେ। ସଚିନ୍‌ଙ୍କ ବ୍ୟତୀତ ଆଚରେକର ଜଣାଶୁଣା କ୍ରିକେଟର ବିନୋଦ କାମ୍ବଲୀ, ପ୍ରବୀଣ ଆମ୍ରେ, ସମୀର ଦିଘେ, ଅଜିତ୍ ଅଗରକର, ସଞ୍ଜୟ ବାଙ୍ଗର, ରମେଶ ପାୱାର ଓ ବଲବିନ୍ଦର ସିଂ ସାନ୍ଧୁଙ୍କ ମଧ୍ୟ କୋଚ୍ ରହିଥିଲେ।


ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ ଅବସରରେ।

୧୯୩୨ରେ ଜନ୍ମଗ୍ରହଣ କରିଥିବା ଆଚରେକର ମୁମ୍ବାଇ ଦାଦରସ୍ଥିତ ଶିବାଜୀ ପାର୍କ କମଥ ମେମୋରିଆଲ କ୍ରିକେଟ କ୍ଲବରେ ଯୁବ କ୍ରିକେଟରଙ୍କୁ କୋଚିଂ ପ୍ରଦାନ କରିଥାନ୍ତି। ସେ କୋଚିଂ ପ୍ରଦାନ କରିଥିବା ଛାତ୍ରମାନଙ୍କ ମଧ୍ୟରୁ ସଚିନ କ୍ରିକେଟ ଇତିହାସରେ ଜଣେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଭାବେ ପରିଚୟ ସୃଷ୍ଟି କରିପାରିଥିଲେ। ସଚିନଙ୍କ ପିଲାଦିନର କ୍ୟାରିୟରକୁ ଗଢ଼ି ତୋଳିବାରେ ଆଚରେକର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୧୯୮୯ରେ ପଦାର୍ପଣ କରିଥିବା ସଚିନ ପ୍ରଥମ କ୍ରିକେଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୧୦୦ ଶତକ, ଦିନିକିଆରେ ପ୍ରଥମ ଦ୍ୱିଶତକ ହାସଲ କରିଥିଲେ। ସେହିଭଳି ବିଶ୍ୱର ଏକମାତ୍ର କ୍ରିକେଟର ଭାବେ ସଚିନ ୨୦୦ ଟେଷ୍ଟ ମ୍ୟାଚ୍ ଖେଳିବାର ବିରଳ କୃତିତ୍ୱ ହାସଲ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ୍ (୩୪, ୩୫୭) ସଂଗ୍ରହ କରିଥିବା ସଚିନ କ୍ରିକେଟରେ ହାସଲ କରିଥିବା ସମସ୍ତ ସଫଳତାର ଶ୍ରେୟ ଆଚରେକରଙ୍କୁ ପ୍ରଦାନ କରିଛନ୍ତି। ଆଚରେକରଙ୍କୁ ଗୁରୁ ଭାବେ ଅଭିହିତ କରିଥିବା ସଚିନ ପ୍ରତିବର୍ଷ ଗୁରୁଦିବସରେ ତାଙ୍କ ଘରକୁ ଯାଇ ଆଶୀର୍ବାଦ ଗ୍ରହଣ କରିଥାନ୍ତି।

## କ୍ରିକେଟର ଏବିସିଡି ତାଙ୍କଠାରୁ ଶିଖିଥିଲି: ସଚିନ

ମୁମ୍ବାଇ, ୨।୧(ପି.ଟି.)- ମୋ ଜୀବନ ତଥା କ୍ୟାରିୟରରେ ଆର୍ଚେକର ସାର୍‌ଙ୍କ ଅବଦାନ ଅତୁଳନୀୟ ବୋଲି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର କହିଛନ୍ତି। ପିଲାବେଳର କୋଚ୍ ଆର୍ଚେକରଙ୍କ ଦେହାନ୍ତ ପରେ ଭାବପ୍ରବଣ ହୋଇ ସଚିନ ଏହି କଥା କହିଛନ୍ତି। ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟଗତ କାରଣରୁ ଆର୍ଚେକର ୮୭ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି। କ୍ରିକେଟର ଏବିସିଡି ମୁଁ ତାଙ୍କଠାରୁ ହିଁ ଶିକ୍ଷା କରିଥିଲି। ମୋ ଜୀବନ ପ୍ରତି ତାଙ୍କ ଅବଦାନ ଭାଷାରେ ବ୍ୟାଖ୍ୟା କରିହେବ ନାହିଁ। ସେ ତିଆରି କରିଥିବା ଆଧାର ଉପରେ ମୁଁ ଆଜି ଠିଆ ହେବା ସହ ସଫଳତା ହାସଲ କରିଛି।

ଗତମାସ ମୁଁ ତାଙ୍କୁ ଭେଟିଥିଲି। ସାର ଓ କେତେଜଣ ଛାତ୍ରଙ୍କ ସହ ମୁଁ କିଛି ସମୟ ବିତାଇଥିଲି। ପୁରୁଣା କଥା ମନେପକାଇ ଆମେ ବେଶ୍ ହସିବା ସହ ମଜା କରିଥିଲୁ। ସିଧାସଳଖ ଖେଳିବା ସହ ଜୀବନ ବିତାଇବାକୁ ସେ ଶିକ୍ଷା ଦେଇଥିଲେ। ଆମକୁ ତାଙ୍କ ଜୀବନର ଅଂଶବିଶେଷ ବନାଇଥିବାରୁ ତାଙ୍କ ନିକଟରେ ମୁଁ ଚିରକୃତଜ୍ଞ ବୋଲି ସଚିନ କହିଛନ୍ତି। ୱେଲ୍ ପ୍ଲେଡ ସାର୍, ଯେଉଁଠାରେ ରୁହନ୍ତୁ ପଛେ ଆପଣ ଏମିତି ପ୍ରଶିକ୍ଷଣ ଦିଅନ୍ତୁ ବୋଲି ସଚିନ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ କହିଛନ୍ତି।


ସଚିନଙ୍କୁ ବ୍ୟାଟିଂ ଟିପ୍ସ ପ୍ରଦାନ କରିବା ଅବସରରେ ଆଚରେକର।

## ଆଚରେକରଙ୍କ ସହ ସଚିନଙ୍କୁ ଭାଇ ଅଜିତ୍ ପରିଚିତ କରିଥିଲେ

ସ୍କୁଲ ସମୟରେ ସଚିନଙ୍କୁ ରମାକାନ୍ତ ଆଚରେକରଙ୍କ ସହ ତାଙ୍କ ଭାଇ ଅଜିତ୍ ତେନ୍ଦୁଲକର ପରିଚିତ କରାଇଥିଲେ। ସଚିନଙ୍କ ଟ୍ୟାଲେଣ୍ଟକୁ ଚିହ୍ନିପାରି ଆଚରେକର ନ୍ୟୁ ଇଂଲିଶ ସ୍କୁଲରୁ ଶ୍ରଦ୍ଧାଶ୍ରମ ବିଦ୍ୟାମନ୍ଦିର ହାଇସ୍କୁଲକୁ ପରିବର୍ତ୍ତନ ପାଇଁ ସଚିନଙ୍କୁ ପରାମର୍ଶ ଦେଇଥିଲେ। ଶ୍ରଦ୍ଧାଶ୍ରମ ବିଦ୍ୟାମନ୍ଦିର ହାଇସ୍କୁଲ କ୍ରିକେଟ ପାଇଁ ବେଶ୍ ପରିଚିତ ଥିଲା। ୧୯୮୮ ହାରିସ ସିଲ୍‌ଡ ଟ୍ରଫିରେ ଏହି ଶ୍ରଦ୍ଧାଶ୍ରମ ବିଦ୍ୟାମନ୍ଦିର ସ୍କୁଲ ତରଫରୁ ପ୍ରତିନିଧିତ୍ୱ କରି ସେଣ୍ଟ ଜାଭିୟର ବିପକ୍ଷରେ ସଚିନ ସାଥୀ ଖେଳାଳି ବିନୋଦ କାମ୍ବଲୀଙ୍କ ସହ ମିଶି ୬୬୪ ରନ୍‌ର ବିଶ୍ୱରେକର୍ଡ ପାର୍ଟନରଶିପ୍ କରିଥିଲେ। ଏହାର ଗୋଟିଏ ବର୍ଷ ପରେ ସଚିନ ଭାରତ ପକ୍ଷରୁ ପାକିସ୍ତାନ ବିପକ୍ଷରେ କରାଚୀ ଟେଷ୍ଟରେ ପଦାର୍ପଣ କରିଥିଲେ। ଆଚରେକର ନିଜ ସ୍କୁଟରରେ ସଚିନଙ୍କୁ ବସାଇ ମୁମ୍ବାଇର ବିଭିନ୍ନ ସ୍ଥାନରେ ମ୍ୟାଚ୍ ଖେଳିବାକୁ ସାଥିରେ ନେଇ ଯାଉଥିଲେ। ସଚିନଙ୍କ ଉପରେ ଆଧାରିତ ଚଳଚ୍ଚିତ୍ର 'ସଚିନ: ଏ ବିଲିୟନ ଡ୍ରିମ୍ସ'ରେ ଗୁରୁ ଆଚରେକରଙ୍କ ଭୂମିକାକୁ ମଧ୍ୟ ଦର୍ଶାଯାଇଛି।

## କ୍ରିକେଟ ଜଗତରେ ଶୋକ

**ନୂଆଦିଲ୍ଲୀ, ୨।୧ (ପି.ଟି.)**

ରମାକାନ୍ତ ଆଚରେକରଙ୍କ ଦେହାନ୍ତ ପରେ କ୍ରିକେଟ ଜଗତରେ ଶୋକର ଛାୟା ଖେଳିଯାଇଛି। ବହୁ ନାମୀଦାମୀ ତଥା ପୂର୍ବତନ କ୍ରିକେଟର ତାଙ୍କ ପାଇଁ ଶୋକବ୍ୟକ୍ତ କରିଛନ୍ତି। ଆଚରେକର ଭାରତୀୟ କ୍ରିକେଟକୁ ରତ୍ନ ପ୍ରଦାନ କରିଛନ୍ତି ବୋଲି ପୂର୍ବତନ ବ୍ୟାଟ୍ସମ୍ୟାନ ଭି.ଭି.ଏସ୍. ଲକ୍ଷ୍ମଣ ତାଙ୍କୁ ସମ୍ମାନ ଜଣାଇ କହିଛନ୍ତି। ତାଙ୍କ ଦେହାନ୍ତରେ ମୁଁ ମର୍ମାହତ ବୋଲି ସେ ଟୁଇଟରରେ ଉଲ୍ଲେଖ କରିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ଶୋକ ଜାହିର କରିଛି। ଆଚରେକର କେବଳ ମହାନ କ୍ରିକେଟର ସୃଷ୍ଟି କରିନାହାନ୍ତି, ସେ ମଧ୍ୟ ସେମାନଙ୍କୁ ଭଲ ମଣିଷ ଭାବେ ଗଢିତୋଳିଛନ୍ତି। ଭାରତୀୟ କ୍ରିକେଟ ପ୍ରତି ତାଙ୍କ ଅବଦାନ ଅତୁଳନୀୟ ବୋଲି ବିସିସିଆଇ ତରଫରୁ କୁହାଯାଇଛି। ପୂର୍ବତନ ଭାରତୀୟ ଦ୍ରୁତ ବୋଲର


ଭି.ଭି.ଏସ୍. ଲକ୍ଷ୍ମଣ


ଆର.ପି. ସିଂ

ଆର.ପି. ସିଂ ମଧ୍ୟ ଶୋକ ଜାହିର କରିଛନ୍ତି। ତାଙ୍କ ଦେହାନ୍ତ ଖବର ଶୁଣି ମୁଁ ଦୁଃଖିତ। ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛି ବୋଲି ଆର.ପି. ଟୁଇଟରରେ ଉଲ୍ଲେଖ କରିଛନ୍ତି।

ଆଚରେକର ମାତ୍ର ଗୋଟିଏ ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ ଖେଳିଥିଲେ। ତେବେ ଏହା ସତ୍ତ୍ୱେ ସେ ସାର ଡନ୍ ବ୍ରାଡମ୍ୟାନଙ୍କ ପରେ ସଚିନଙ୍କ ରୂପରେ ଆଉ ଜଣେ ମହାନ୍ ବ୍ୟାଟ୍ସମ୍ୟାନ ସୃଷ୍ଟି କରିଥିଲେ। ବ୍ୟାଟିଂରେ ପ୍ରାୟ ସବୁ ରେକର୍ଡ ସୃଷ୍ଟି କରିଥିବା ସଚିନ ଏବେ ଅବଶ୍ୟ ଅବସର ନେଇ ସାରିଛନ୍ତି। ସେ ଟେଷ୍ଟରେ ୧୫,୯୨୧ ଓ ଦିନିକିଆରେ ୧୮, ୪୨୬ ରନ ସଂଗ୍ରହ କରିଛନ୍ତି। ମୁମ୍ବାଇର ଶିବାଜୀ ପାର୍କରେ ଆଚରେକର ସଚିନଙ୍କୁ ପ୍ରଶିକ୍ଷଣ ଦେଉଥିଲେ। ସଚିନଙ୍କୁ ବାଦ ଦେଲେ ଆଚରେକର ବିନୋଦ କାମ୍ବଲୀ, ପ୍ରବୀଣ ଆମ୍ରେ, ସମୀର ଦିଘେ ଓ ବଲବିନ୍ଦର ସିଂ ସାନ୍ଧୁଙ୍କ ଭଳି ଆନ୍ତର୍ଜାତିକ କ୍ରିକେଟରଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## କୋଚ୍ ବ୍ୟତୀତ ସେ ଆହୁରି ଅଧିକ କିଛି ଥିଲେ

**ନୂଆଦିଲ୍ଲୀ, ୨।୧(ପି.ଟି.)**

କ୍ରିକେଟରେ ବହୁତ କୋଚ୍ ରହିଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରେ ରମାକାନ୍ତ ଆଚରେକର ସ୍ୱତନ୍ତ୍ର ଥିଲେ। ସଚିନ ତେନ୍ଦୁଲକରଙ୍କ ଭଳି ଜଣେ 'କୋହିନୂର' ହୀରାକୁ ସେ ଭାରତକୁ ପ୍ରଦାନ କରିଥିଲେ। ସଚିନଙ୍କ ଭଳି ଜଣେ ସାଧାରଣ ମଧ୍ୟବିତ୍ତ ପରିବାରର ପିଲାକୁ ଜଣେ ସଫଳ କ୍ରିକେଟର କରାଇବା ସହ ସାରା ବିଶ୍ୱରେ ପରିଚିତ କରାଇପାରିଥିଲେ।

୮୦ ଦଶକରେ ହାଫ୍ କଟନ ଶାର୍ଟ, ସାଧାରଣ ଟ୍ରାଉଜର ସହ ବହୁଚର୍ଚ୍ଚିତ ଦେବାନନ୍ଦଙ୍କ 'ଜୁଏଲ ଥିଫ୍' ମୁଭିର ଟୋପି ପରିଧାନ କରି ସେ ୧୪ ବର୍ଷୀୟ ସଚିନଙ୍କୁ ଶିବାଜୀ ପାର୍କ ଜିମ୍‌ଖାନାରେ ପ୍ରଶିକ୍ଷଣ ଦେଉଥିବାର ଫଟୋ ସମସ୍ତ ପାଇଁ ବେଶ୍ ପରିଚିତ। ୧୯୮୩ ବିଶ୍ୱକପ୍ ବିଜୟ ପରେ ସେତେବେଳେ କ୍ରିକେଟ କୋଚିଂ ସେଣ୍ଟର ଦେଶରେ ଛତୁ ଫୁଟିବା ଭଳି ଖୋଲୁଥିଲା। କିନ୍ତୁ ଆଚରେକର ଓ ଅନ୍ୟ କୋଚ୍‌ମାନଙ୍କ ମଧ୍ୟରେ ବହୁତ ଫରକ ଥିଲା।

ଷ୍ଟମ୍ପ ଉପରେ ଟଙ୍କିକିଆ ମୁଦ୍ରା ଥୋଇ ସଚିନଙ୍କୁ ଆଚରେକର ଚ୍ୟାଲେଞ୍ଜ ଦେବାର କାହାଣୀ ଅବଶ୍ୟ ସମସ୍ତଙ୍କୁ ବେଶ୍ ଜଣା। ଏବେ ମଧ୍ୟ ସଚିନ ସେ କଏନଗୁଡିକୁ ପାଖରେ ରଖିଛନ୍ତି। ଏହି କଏନଗୁଡିକ ମୋ ପାଇଁ ଅମୂଲ୍ୟ ବୋଲି ସଚିନ କୁହନ୍ତି। ଥରେ ଏକ ସିନିୟର ସ୍କୁଲ ଟିମ୍‌ର ମ୍ୟାଚ ଦେଖିବା ପାଇଁ ସଚିନ୍ ଏକ ମ୍ୟାଚ ଖେଳି ନ ଥିଲେ। ଫଳରେ ତାଙ୍କୁ ଏକ ଶକ୍ତ ଚାପୁଡା ଖାଇବାକୁ ପଡିଥିଲା। ତମେ ଅନ୍ୟର ଖେଳ ଦେଖି ତାଳି ମାରିବା ଅପେକ୍ଷା, ତୁମର ଖେଳ ଦେଖିବାକୁ ଲୋକେ ଆସିବା ଉଚିତ୍ ବୋଲି ଆଚରେକର ତାଙ୍କୁ କହିଥିଲେ ଓ ଏହି ଘଟଣାକୁ ସଚିନ ଏବେ ମଧ୍ୟ ମନେ ରଖିଛନ୍ତି।

ସଚିନଙ୍କ ଭଳି ଚନ୍ଦ୍ରକାନ୍ତ ପଣ୍ଡିତ୍, ଅନମୋଲ ମଜୁମ୍‌ଦାର, ପ୍ରବୀନ ଆମ୍ରେ, ଅଜିତ୍ ଅଗରକର, ଲାଲଚାନ୍ଦ ରାଜପୁତ ମଧ୍ୟ ତାଙ୍କର ଶିଷ୍ୟ ରହିଛନ୍ତି ଓ ସେମାନଙ୍କର ମଧ୍ୟ ଏହିଭଳି ଅନେକ କାହାଣୀ ରହିଛି।

ଆଚରେକରଙ୍କ ସବୁ ଶିଷ୍ୟ ତାଙ୍କୁ ଗୁରୁପୂର୍ଣ୍ଣିମାରେ ଭେଟିଥାନ୍ତି। ଆଚରେକରଙ୍କ ସ୍କୁଟର ପଛ ସିଟ୍‌ରେ ବସି ସଚିନ ମୁମ୍ବାଇର ବିଭିନ୍ନ ପଡିଆରେ ବହୁ ସଂଖ୍ୟକ ମ୍ୟାଚ୍ ଖେଳିଛନ୍ତି। ଆଚରେକରଙ୍କ ପରେ ବହୁ କୋଚ୍ ଦେଶରେ ସୃଷ୍ଟି ହୋଇଥିଲେ। ଦିଲ୍ଲୀ ତରକ ସିହ୍ନା ଅବଶ୍ୟ କେତେଜଣ ଟେଷ୍ଟ କ୍ରିକେଟର ସୃଷ୍ଟି କରିଥିଲେ ମଧ୍ୟ ତାଙ୍କ ସହ ସମକକ୍ଷ ନୁହନ୍ତି। ତୃଣମୂଳସ୍ତରରେ ପେସାଦାର କୋଚିଂରେ ଆଚରେକର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ୨୦୧୩ରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ମଧ୍ୟ ସଚିନ୍ ତାଙ୍କ ବିଦାୟକାଳୀନ ଭାଷଣରେ ଆଚରେକରଙ୍କ କଥା କହିଥିଲେ। ସାର ମୋତେ କେବେବି ଭଲ ଖେଳିଛ ବୋଲି କହିନାହାନ୍ତି। କାରଣ ମୋର ଆତ୍ମସନ୍ତୁଷ୍ଟି ଆସିଯିବ ବୋଲି ସେ ଭାବୁଥିଲେ ଓ ୨୦୦ତମ ଟେଷ୍ଟ ଖେଳିବା ପରେ ସଚିନ କହିଥିଲେ। ଆଚରେକର ସାର କେବଳ ଜଣେ ଗୁରୁ କିମ୍ବା କୋଚ୍ ନ ଥିଲେ, ସେ ମୋ ପାଇଁ ସବୁକିଛି ଥିଲେ ବୋଲି ସଚିନ କହିଛନ୍ତି।

## ମିଲିନ୍ଦଙ୍କ ଶତକ: ସିକ୍କିମ-ମେଘାଳୟ ମ୍ୟାଚ୍ ଡ୍ର


ମ୍ୟାଚ୍ ପରେ ଖେଳାଳିମାନେ କିଟ୍ କର୍ମକର୍ତ୍ତାଙ୍କ ସହ।

**ଭୁବନେଶ୍ୱର, ୨।୧(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମରେ ସିକ୍କିମ ଓ ମେଘାଳୟ ମଧ୍ୟରେ ଅନୁଷ୍ଠିତ ପ୍ଲେଟ୍ ଗ୍ରୁପ୍ ରଣଜୀ ଟ୍ରଫି ମ୍ୟାଚ୍ ଡ୍ର ଭାବେ ଶେଷ ହୋଇଛି। ସିକ୍କିମ୍‌ର ମିଲିନ୍ଦ କୁମାର ପ୍ରଥମ ଇନିଂସରେ ୧୧୭ ଓ ଦ୍ୱିତୀୟ ଇନିଂସରେ ଅପରାଜିତ ୧୨୭ ରନର ଇନିଂସ ଖେଳି ଦଳକୁ ଇନିଂସ ପରାଜୟରୁ ରକ୍ଷା କରିଛନ୍ତି। ପ୍ରଥମ ଇନିଂସରେ ସିକ୍କିମ ୨୧୯ ଓ ମେଘାଳୟ ପ୍ରଥମ ଇନିଂସରେ ୮୨୬/୭ ପାଳି ଘୋଷଣା କରିଥିଲା। ଫଳରେ ସିକ୍କିମ ୬୦୭ ରନରେ ପଛରେ ପଡିଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ସିକ୍କିମ ଚତୁର୍ଥ ତଥା ଅନ୍ତିମ ଦିନ ଖେଳ ଶେଷ ସୁଦ୍ଧା ୧୦୮ ଓଭରରେ ୪ ଉଇକେଟ ହରାଇ ୩୦୪ ରନ ସଂଗ୍ରହ କରି ମ୍ୟାଚ୍ ଡ୍ର ରଖିବାକୁ ସକ୍ଷମ ହୋଇଛି।

**ସଂକ୍ଷିପ୍ତ ସ୍କୋର:** ସିକ୍କିମ ପ୍ରଥମ ଇନିଂସ- ୨୧୯। ମେଘାଳୟ ପ୍ରଥମ ଇନିଂସ- ୮୨୬/୭ (ଇନିଂସ ଘୋଷଣା)। ସିକ୍କିମ ଦ୍ୱିତୀୟ ଇନିଂସ- ୧୦୮ ଓଭରରେ ୩୦୪/୪ (ମିଲିନ୍ଦ- ୧୨୭*, ନିଲେଶ- ୭୦, ଥାପ୍ପା- ୪୩, ଗୁରିନ୍ଦର ସିଂ- ୩/୮୪)

■ ଗଡ଼େଶ୍ୱର ଜୁନିୟର କ୍ରିକେଟ

## ସହିଦ-ପାରାମାଉଣ୍ଟ ଫାଇନାଲ

**ଭୁବନେଶ୍ୱର, ୨।୧(କ୍ରୀଡ଼ା ପ୍ରତିନିଧି)**

ଗାଡ଼କଣରେ ଚାଲିଥିବା ଜୁନିୟର କ୍ରିକେଟ ଲିଗ୍‌ର ଫାଇନାଲ ସହିଦ ସ୍ପୋର୍ଟିଂ ଓ ପାରାମାଉଣ୍ଟ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ। ଆସନ୍ତା ୬ ତାରିଖରେ ଏହା ଅନୁଷ୍ଠିତ ହେବ।

ବୁଧବାର ପ୍ରଥମ ସେମିଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂକୁ ହରାଇଥିଲା ପାରାମାଉଣ୍ଟ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୧୦୯ ରନ କରିଥିଲା। ଦଳ ପକ୍ଷରୁ ତନୟ ବିଶ୍ୱାଳ ସର୍ବାଧିକ ୭୩ ରନ କରି ଅପରାଜିତ ରହିଥିଲେ। ପ୍ରତିପକ୍ଷ ଦଳର ପ୍ରତ୍ୟୁଷ ପ୍ରକାଶ ସାହୁ ୫ ଓଭରରେ ୧୦ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଜବାବରେ ପାରାମାଉଣ୍ଟ ୨୧.୪ ଓଭରରେ ୨ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରି ନେଇଥିଲା। ପ୍ରତ୍ୟୁଷ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲରେ ଗ୍ରୀନ୍ସ ଏକାଡେମୀକୁ ସହିଦ ସ୍ପୋର୍ଟିଂ ହରାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ୨୫ ଓଭରରେ ୭ ଉଇକେଟ ହରାଇ ୯୧ ରନ କରିଥିଲା। ବିଭାଂଶୁ ଶେଖର ରାୟ ସର୍ବାଧିକ ୩୪ ରନ କରିଥିଲେ। ସହିଦ ସ୍ପୋର୍ଟିଂ ୧୯.୩ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ସୌମିତ୍ର ବିଶ୍ୱାଳ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।


ସୌମିତ୍ର ବିଶ୍ୱାଳ ଅତିଥିଙ୍କଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

## MOCK TEST PAPER # 5

### CLASS-X (SOCIAL SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

1. ***The question paper has 27 questions in all. All questions are compulsory.***
2. ***Questions from serial number 1 to 7 are very short answer questions. Each question carries one mark.***
3. ***Questions from serial number 8 to 18 are 3 marks questions. Answer of these questions should not exceed 80 words each.***
4. ***Questions from serial number 19 to 25 are 5 marks questions. Answer of these questions should not exceed 100 words each.***
5. ***Questions 26 and 27 are map questions of 2 and 3 marks from History and Geography.***
6. ***After completion, attach the maps inside your answer book.***

**1.** Explain Nation State.

**Or**

Why did the French think colonies were necessary ? Explain one reason.

**2.** What was 'Young Italy' ?

**Or**

Explain one effect of increase in the rice cultivation in Vietnam.

**3.** Explain one characteristic of black soil.

**4.** Explain international trade.

**5.** Name the river on which Hirakud dam is constructed.

**6.** Explain the term 'Ethnic'.

**7.** Give an example of right to choose.

**8.** Describe the contribution of Giuseppe Mazzini in spreading revolutionary idea in Europe.

**Or**

Describe the role of women as warriors in Vietnam during the 1960s.

**9.** Describe the understanding of plantation workers regarding the idea of "Swaraj".

**10.** Explain the geographical conditions required for the tea farming.

**11.** Explain any three steps to be taken to conserve the energy resources.

**12.** Examine the contribution of manufacturing industry to national economy.

**13.** Explain the characteristics of Democracy.

**14.** Explain the role of judiciary in the Indian constitution.

**15.** How cast inequalities still continuing in India ?

**16.** Why is the issue of sustanability important for development ? Explain any three reasons.

**17.** Distinguish between 'open unemployment' and 'disguised unemployment'.

**18.** Why rules and regulations necessary in market place ?

**19.** Explain the lessons learned by the economists and the politicians from the economic experience of the World War Second.

**Or**

"The first world war created dramatically a new situation for Indian industries". Justify the statement.

**Or**

Explain the causes of air pollution in Calcutta in 19th century and early 20th century. Explain the efforts made to control this air pollution.

**20.** Describe how the work of Premchand reflected the social condition of Indian society.

**Or**

Explain the beginning and growth of novels in Bengal.

**21.** Describe the importance of railways as a means of transport in India.

**22.** "The challenge of deepening of democracy is faced by every democracy in one form or another". Support the statement with suitable arguments.

**23.** How does democracy lead to peaceful and harmonious life amongst citizens ? Explain with examples.

**24.** Analyze the impacts of globalization in India.

**25.** How does public sector contribute to the economic development of a nation ? Explain.

**26.** Two features 1 and 2 are marked in the given outline political map of India. Identify these features with the help of the following information and write their correct names on the lines marked on the map.

i. The place where Civil Disobedient Movement was started.

ii. The place where Indian National Congress Session was held.




**27.** Locate and label the following items on the given political outline map of India with appropriта esymbols.

i. Bhilai - Iron and Steel Plant.

ii. Kalpakkam - Nuclear Power Plant.

iii. Kochio- Major Sea Port.




Vidyamandir Classes
GURUKUL FOR IITJEE AND MEDICAL PREPARATION
ADMISSION TEST ON 13th & 20th JANUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ଐଶ୍ୱର୍ଯ୍ୟାଙ୍କ ପ୍ରଶଂସାରେ ସାରା

ଷ୍ଟାର କିଡ୍ ସାରା ଅଲ୍ଲୀ ଖାଁଙ୍କ ଖୁସି କହିଲେ ନ ସରେ। ନିକଟରେ ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ 'କେଦାରନାଥ' ଏବଂ 'ଶିମ୍ବା' ରିଲିଜ ହୋଇଛି ଏବଂ ଫିଲ୍ମଦ୍ୱୟ ଭଲ ବିଜ୍‌ନେସ୍ କରିଛି। ଏବେ ସେ ଯୁଆଡ଼େ ଗଲେ ଐଶ୍ୱର୍ଯ୍ୟା ରାୟବଚ୍ଚନଙ୍କ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି। ହେଲେ କାରଣ କ'ଣ ? ଅସଲ କଥା ହେଲା ଅଭିନୟ ଜଗତରେ ପ୍ରବେଶ କରିବା ପୂର୍ବରୁ ସେ ଐଶ୍ୱର୍ଯ୍ୟାଙ୍କ ଆକ୍ଟିଂ ଦ୍ୱାରା ପ୍ରଭାବିତ ହୋଇଥିଲେ। ଏ ବିଷୟରେ ସାରା କହନ୍ତି, ''ପିଲାଦିନରୁ ମୁଁ ଐଶ୍ୱର୍ଯ୍ୟା ରାୟଙ୍କ ବଡ଼ ପ୍ରଶଂସକ। ଏପରିକି ଥରେ ଶିକାଗୋରେ ଏକ ଷ୍ଟେଜ୍ ଶୋ'ରେ ଐଶ୍ୱର୍ଯ୍ୟାଙ୍କ ଡ୍ୟାନ୍ସ ଦେଖି ମୁଁ ଆତ୍ମହରା ହୋଇପଡ଼ିଥିଲି। ଆକ୍ଟିଂରେ ସେ ମୋର ରୋଲ୍ ମଡେଲ ବୋଲି କହିପାରନ୍ତି।'' ପ୍ରଥମରୁ ଦୁଇଟି ସିନେମାର ସଫଳତା ପରେ ଏବେ କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ଭଲ ଭାବରେ ଚିନ୍ତା କରୁଛନ୍ତି ସେ। ଏପରି କି କାହାଣୀ ପସନ୍ଦ ନ ହେବାରୁ ନିକଟରେ ସେ ଦୁଇଟି ଅଫରକୁ ହାତଛଡ଼ା କରିଛନ୍ତି।


ସାରା

# ବଲିଉଡ୍ ହାଲ୍‌ଚାଲ୍


ଆଲିଆ-ରଣବୀର

❖ସଞ୍ଜୟ ଲୀଲା ଭଁସାଲୀଙ୍କ ଆଗାମୀ ଫିଲ୍ମରେ ଶାହରୁଖ-ସଲମାନ ଏକାଠି ଅଭିନୟ କରିବାକୁ ଯାଉଛନ୍ତି। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମର ସ୍କ୍ରିପ୍ଟିଂ କାମ ଚାଲୁ ରହିଛି। ସୂଚନାଯୋଗ୍ୟ ୨୦୦୨ରେ ନିର୍ମିତ 'ହମ୍ ତୁମ୍ହାରେ ହେ ସନମ'ରେ ଶାହରୁଖ-ସଲମାନ ଏକାଠି ଅଭିନୟ କରିଥିଲେ।

❖ଜୋୟା ଅଖତରଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଗଲି ବୟ' ଚଳିତବର୍ଷ ଫେବୃୟାରୀ ୧୪ରେ ରିଲିଜ ହେବାକୁ ଯାଉଛି। ଫିଲ୍ମର ମୁଖ୍ୟ ଭୂମିକାରେ ରଣବୀର ସିଂ ଏବଂ ଆଲିଆ ଭଟ୍ଟ ଅଭିନୟ କରିଛନ୍ତି।

❖ରୋହିତ ସେଟ୍ଟିଙ୍କ 'ଶିମ୍ବା' ପ୍ରାରମ୍ଭରୁ ଭଲ ବିଜ୍‌ନେସ କରିଛି। ପ୍ରଥମ ସପ୍ତାହରେ ହିଁ ଫିଲ୍ମଟି ୧୦୦କୋଟି କ୍ଲବରେ ପ୍ରବେଶ କରିବାକୁ ଯାଉଛି।

❖ଆଗାମୀ ଫିଲ୍ମ 'ଅଫିସ ଖାଁ'ରେ ଜନ୍ ଆବ୍ରାହମ ପୋଲିସ ଅଫିସର ଭୂମିକାରେ ଅଭିନୟ କରିବେ।

❖ଦୀପିକା ପାଦୁକୋନ୍ ଏବଂ ପ୍ରିୟଙ୍କା ଚୋପ୍ରାଙ୍କ ପରେ ଆମ୍ମି ଜ୍ୟାକସନ ହାତକୁ ଦି' ହାତ ହେବାକୁ ଯାଉଛନ୍ତି। ଜାମ୍ବିଆର ବିଜନେସମ୍ୟାନ ଜର୍ଜ ପାନାୟିଯୋଟୁଙ୍କ ସହ ତାଙ୍କ ରିଂ ସେରିମନି ନିକଟରେ ଶେଷ ହୋଇଛି। ଆମ୍ମି ପିନ୍ଧିଥିବା ଡାଇମଣ୍ଡ ରିଂକୁ ତାଙ୍କର ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

# ଆଉ ଜଣେ ନବାଗତ

ଆଉ ଜଣେ ନବାଗତ ଓଡ଼ିଆ ସିନେମାରେ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ସେ ହେଲେ ମଞ୍ଚ ଅଭିନେତା ସୁଶାନ୍ତ। ପ୍ରଯୋଜକ ଅତୀଶ କୁମାର ରାଉତ ତାଙ୍କୁ ବଡ ପରଦାରେ ବ୍ରେକ୍ ଦେଇଛନ୍ତି। ସାମ୍ପ୍ରତିକ ଘଟଣାବଳୀକୁ ନେଇ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ଭୋଟ୍'ରେ ସେ ନାୟକ ସାଜିଛନ୍ତି। ଏ ସମ୍ପର୍କରେ ପ୍ରଯୋଜକ କହନ୍ତି, ''ଏହି ଫିଲ୍ମର କାହାଣୀରେ ଭିନ୍ନତା ରହିଛି। ୨୦୧୯ରେ ସାଧାରଣ


ସୁଶାନ୍ତ

ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ତେଣୁ ସେଭଳି ଏକ ବିଷୟବସ୍ତୁକୁ ଆଧାରକରି ଉକ୍ତ ଫିଲ୍ମ ପ୍ରସ୍ତୁତ ହୋଇଛି। ଏଭଳି ଏକ ପାରିବାରିକ, ପ୍ରେମଜନିତ ତଥା ରାଜନୈତିକ କାହାଣୀ ଚୟନ ସମୟରେ ଆମକୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଏଭଳି ଏକ କାହାଣୀ ଯେପରି ସବୁ ଦୃଷ୍ଟିରୁ ଦର୍ଶକଙ୍କୁ ପ୍ରଭାବିତ କରିବ ସେ ନେଇ ଯଥା ସମ୍ଭବ ଗୁରୁତ୍ୱ ଦିଆଯାଇଛି। ଏହି ଫିଲ୍ମର ସମସ୍ତ କାମ ସିଙ୍କ୍ ସାଉଣ୍ଡରେ କରାଯାଇଛି।'' 'ମୁଁ ରାଜା ତୁ ରାଣୀ' ଏବଂ 'ଭଉଁରୀ' ପରେ ରିତୁପ୍ରିୟା ପ୍ରଡକ୍ସନ ପ୍ରା.ଲି. ବ୍ୟାନରରେ ଅତୀଶଙ୍କ ନିର୍ମିତ ଏହା ହେଉଛି ତୃତୀୟ ଫିଲ୍ମ। ଖାସ୍ କଥା ହେଲା ନବାଗତ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଗୀତଗୁଡ଼ିକୁ ବିକାଶ ଦାସ ସ୍ୱର ଦେଇଥିବା ବେଳେ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ପ୍ରଶାନ୍ତନୁ ମହାପାତ୍ର। ଚଳିତବର୍ଷ ମଧ୍ୟ ଭାଗରେ ଅଜିତ ମହାପାତ୍ରଙ୍କ ରଚିତ ଏହି କାହାଣୀ 'ଭୋଟ' ଟାଇଟଲରେ ମଞ୍ଚ ନାଟକ ଭାବରେ ପରିବେଶିତ ହୋଇ ପ୍ରଶଂସିତ ହୋଇଛି। ସୁଶାନ୍ତଙ୍କ ବ୍ୟତୀତ ନବାଗତ ସୌମ୍ୟ, ଶୀତାଂଶୁ, ନାୟିକା ଶ୍ରେୟାଙ୍କ ବ୍ୟତୀତ ପିଙ୍କି ପ୍ରିୟଦର୍ଶିନୀ, ହର ରଥ, ସୂର୍ଯ୍ୟ ମହାନ୍ତି, ଚକ୍ରଧର ଜେନା, ଉଷସୀ ମିଶ୍ର, ରାନୁ ପାଢ଼ୀ, ଦେବୀ ବାରିକ, ସତ୍ୟବ୍ରତ ପାଣିଗ୍ରାହୀ, ମନୋରଞ୍ଜନ ଦାସ ଓ ଟେଲି ଅଭିନେତ୍ରୀ ପ୍ରିୟା 'ଭୋଟ୍' ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# ଡବଲ ହ୍ୟାଟ୍ରିକ

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନାକଳସ ଢାଳିବା। ଦେଖୁନାହାନ୍ତି, କିପରି ପଛକୁ ପଛ ଛଅଟି ସିନେମାରେ ଅଭିନୟ କରୁଛନ୍ତି ବଜ୍ଜୁ ବଡ଼ଜେନା। ସଂଗ୍ରାମ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ 'ମହାସଂଗ୍ରାମ'ରୁ ଆରମ୍ଭ ହୋଇଥିଲା ତାଙ୍କର ବଡ଼ ପରଦା କ୍ୟାରିୟର। ନିକଟରେ ସେ ଅଭିନୟ କରିଥିବା ସିନେମାଗୁଡ଼ିକ ମଧ୍ୟରୁ 'ପ୍ରେମ ପାଇଁ ମହାଭାରତ'ରେ ଶକୁନି ଚରିତ୍ରକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ସେ। ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ ନିର୍ମିତ ଦୁଇଟି ସିନେମା 'ପ୍ରେମରେ ରଖିଛି ଶହେରୁ ଶହେ' ଏବଂ 'ଆସିବି ଫେରି ମୁଁ ବସୁଧା ଚିରି'ରେ ତାଙ୍କୁ ମିଳିଛି ମନଲାଖି ଭୂମିକା। ଏହାବ୍ୟତୀତ ଏନ୍. ପାଢ଼ୀଙ୍କ 'ତୋ ଇସ୍କରେ' ଏବଂ ଜିତେନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶନାରେ 'ରଙ୍ଗ ବରସେ ଟୁପୁରୁ ଟୁପୁରୁ'ରେ ଓଡ଼ିଆ-ଛତିଶଗଡ଼ୀ ଫିଲ୍ମ 'ମାଲ୍ ମହୁ ଜୀବନ ମାଟି-ଭାଗ୍ୟର ନୋ ଗ୍ୟାରେଣ୍ଟି'ରେ ବିଜ୍ଜୁ ଅଭିନୟ କରୁଛନ୍ତି। ଏ ସମ୍ପର୍କରେ ସେ କହନ୍ତି, ''ଏହି


ବିଜ୍ଜୁ ବଡ଼ଜେନା

ଫିଲ୍ମଗୁଡିକରେ ମୋତେ ମିଳିଥିବା ଭୂମିକାଗୁଡିକ ଭିନ୍ନ ଧରଣର। ନିଜ ଦାୟିତ୍ୱ ସମ୍ପାଦନ କରିଛି, ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। କେବଳ ସେତିକି ନୁହେଁ, ଉକ୍ତ ଫିଲ୍ମଗୁଡିକର କାହାଣୀ ମଧ୍ୟ ମୋତେ ପ୍ରଭାବିତ କରିଛି।''

# ଅଙ୍କିତାଙ୍କ ସଜବାଜ

ଅଙ୍କିତା ଲୋଖାଣ୍ଡେ ଏବେ ଠାରୁ ଗୋଡ ଟେକି ବସିଲେଣି। କ'ଣ ପାଇଁ ଜାଣନ୍ତି ? ବାହା ହେବାକୁ। ଅର୍ଥାତ୍, ୨୦୧୯ରେ ସେ ହାତକୁ ଦି' ହାତ ହେବେ ବୋଲି କୁଆଡେ ମାଇଣ୍ଡ ମେକଅପ କରିସାରିଲେଣି। ଯଦିଓ ଏ ନେଇ ନିର୍ଦ୍ଦିଷ୍ଟ ତାରିଖ ଜଣାପଡିନାହିଁ, ହେଲେ ତାଙ୍କର କଥାବାର୍ତ୍ତାରୁ ଯାହା ଜଣାପଡୁଛି ମ୍ୟାରେଜ ପାଇଁ ସେ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ସୁଶାନ୍ତ ସିଂହ ରାଜପୁତଙ୍କ ସହ ବ୍ରେକ୍ ଅପ୍ ପରେ ଏବେ ଭିକି ଜୈନଙ୍କ ସହ ତାଙ୍କର ଆଫେୟାର୍ସ ଚାଲିଛି। କେବଳ ସେତିକି ନୁହେଁ, ତାଙ୍କୁ ହିଁ ସେ ମ୍ୟାରେଜ କରିବେ ବୋଲି ତାଙ୍କର ଜଣେ ସାଙ୍ଗ ପ୍ରକାଶ କରିଛନ୍ତି। ତେବେ ଏଭଳି କଥା ଶୁଣିବା ପରେ ଅଙ୍କିତା କହନ୍ତି, '୨୦୧୯ରେ ମ୍ୟାରେଜ କରିବାକୁ ପ୍ଲାନିଂ କରିଛି। ହେଲେ କାହା ସହ ବାହାଘର ହେବ ତାହା ଠିକ୍ ସମୟରେ ଜଣାଇଦେବି।'

# ଓଡ଼ିଆ ସିନେମା-୨୦୧୯

ଗତବର୍ଷ ୩୦ଟି ଓଡ଼ିଆ ସିନେମା ପରଦା ଉପରକୁ ଆସିଥିଲା। ନୂଆବର୍ଷରେ କେବଳ ଜାନୁୟାରୀରେ ୩-୪ଟି ସିନେମା ରିଲିଜ ହେବା ଯୋଜନା ରହିଛି। ବିନି ସାମଲ-ନିହାର ସାମଲଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଅଜବ ସଞ୍ଜୁର ଗଜବ ଲଭ୍'। ଏହି ସିନେମାରେ ପୁଣି ଥରେ ବାବୁସାନ୍ ଏବଂ ନିର୍ଦ୍ଦେଶକ ଅଶୋକ ପତିଙ୍କ କେମେଷ୍ଟ୍ରି ଦେଖିବାକୁ ମିଳିବ। ଏଥିରେ ବାବୁସାନ୍‌ଙ୍କ ନାୟିକା ସାଜିଛନ୍ତି ଅର୍ଚ୍ଚିତା। ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଅପରପକ୍ଷରେ ଅର୍ଚ୍ଚିତାଙ୍କ ଅଭିନୀତ ତଥା କେ. ମୁରଲୀକ୍ରିଷ୍ଣାଙ୍କ ନିର୍ଦ୍ଦେଶିତ 'ଚାମ୍ପିୟନ' ଜାନୁୟାରୀରେ ମୁକ୍ତିଲାଭ କରିବା ଯୋଜନା ରହିଛି। ଏଥିରେ ସେ ଜଣେ ବକ୍ସର ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ରମେଶ ରାଉତ। ଏହି ଦୁଇଟି ଫିଲ୍ମ ବ୍ୟତୀତ ଆଉ ଏକ ଫିଲ୍ମ (ପ୍ରେମ ପାଇଁ ମହାଭାରତ) ରିଲିଜ ଅପେକ୍ଷାରେ ରହିଛି। ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନାରେ ଉକ୍ତ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ସମ୍ମିତ, ରିୟା, ସମରେଶ, ଶ୍ରୀତମ ଦାସ, ବିଜ୍ଜୁ ବଡ଼ଜେନା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ରିୟାନା-ବିଭାସ ଅଭିନୀତ 'ଏ ଦିଲ୍ ତତେ ଦେଲି' ମଧ୍ୟ ଜାନୁୟାରୀରେ ମୁକ୍ତିଲାଭ କରିବା ଯୋଜନା ରହିଛି। ଏସ୍. ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ତୁ ମୋ ସୁନା ଚଢ଼େଇ' ମଧ୍ୟ ଏହି ମାସରେ ପରଦା ଉପରକୁ ଆସିବା ଯୋଜନା ରହିଛି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଜ୍ୟୋତି ନାୟକ ଏବଂ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଏଲସା ଘୋଷ। ଦୀପକ-ପିଙ୍କି ପ୍ରିୟଦର୍ଶୀନୀଙ୍କ ଅଭିନୀତ 'ଜୋର୍ କା ଝଟକା' ରିଲିଜ ଅପେକ୍ଷାରେ ରହିଛି। ଅନ୍ୟପକ୍ଷରେ ଅତୀଶ କୁମାର ରାଉତଙ୍କ ପ୍ରଯୋଜିତ ତଥା ନବାଗତ ଦେବାଶିଷ ପାତ୍ରଙ୍କ ନିର୍ଦ୍ଦେଶନାରେ 'ଭୋଟ'ର ଶୁଟିଂ ଶେଷ ହୋଇଛି। ଏଗୁଡ଼ିକ ବ୍ୟତୀତ କେତୋଟି ସିନେମାର ଶୁଟିଂ ଏବେ ଚାଲୁ ରହିଛି। ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜନାରେ ତଥା ପପୁ ପମ୍‌ପମ୍‌ଙ୍କ ନିର୍ଦ୍ଦେଶନା(ପ୍ରଥମ ଥର)ରେ ଓଡ଼ିଆ ସିନେମା 'ଚିରକୁଟ୍'ର ଶୁଟିଂ ଚାଲୁ ରହିଛି। ଏହାବ୍ୟତୀତ ଚଣ୍ଡୀ ପରିଜାଙ୍କ ନିର୍ଦ୍ଦେଶନାରେ 'ଏ ଦିଲ୍ ମାନେନା' (ସ୍ୱରାଜ, ଶିବାନୀ), ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ 'ଆସିବି ଫେରି ମୁଁ ବସୁଧା ଚିରି', ରାଜୀବ ମହାନ୍ତିଙ୍କ 'ତୁ ମୋର ନିହାତି ଦରକାର', ଜ୍ୟୋତି ନାୟକ-ରିୟା ଅଭିନୀତ 'ପ୍ରେମରେ ରଖିଛି ଶହେରୁ ଶହେ', ଏନ୍. ପାଢ଼ୀଙ୍କ 'ତୋ ଇସ୍କ ରେ' ଏବଂ ତାପସ ସରଘରିଆଙ୍କ ନିର୍ଦ୍ଦେଶନାରେ ତଥା ନବାଗତ ଯୋଡ଼ି ରିସାନ-ସାୟଲ-ମହିମାଙ୍କୁ ନେଇ 'ଚାଲ ଟିକେ ଦୁଷ୍ଟ ହେବା' ର ଶୁଟିଂ ଚାଲୁ ରହିଛି।


'ଅଜବ ସଞ୍ଜୁର ଗଜବ ଲଭ୍' ଚଳଚ୍ଚିତ୍ରରେ ଅର୍ଚ୍ଚିତା-ବାବୁସାନ୍

ଅପେରା ହାଲ୍‌ଚାଲ୍

# ଏମିତି ସ୍ତ୍ରୀକୁ ଶହେ ସଲାମ

ନିର୍ଦ୍ଦେଶକ ପ୍ରଦୀପ ବେହେରା ପୁଣି ଥରେ ଅପେରା ଦର୍ଶକଙ୍କୁ ଆଉ ଏକ ଭିନ୍ନ ଧରଣର ନାଟକ ଭେଟି ଦେବାକୁ ଯାଉଛନ୍ତି। ତାଙ୍କ ନିର୍ଦ୍ଦେଶନାରେ ବର୍ତ୍ତମାନ ଶ୍ରୀକ୍ଷେତ୍ର ଗଣନାଟ୍ୟରେ ଏକ ନାଟକର ରିହରସାଲ ପୂରା ଦମ୍‌ରେ ଚାଲୁ ରହିଛି। ନାଟକଟିର ଟାଇଟଲ ରହିଛି 'ଏମିତି ସ୍ତ୍ରୀକୁ ଶହେ ସଲାମ', ଯାହାକୁ ରଚନା କରିଛନ୍ତି ସିଦ୍ଧାର୍ଥ ମିଶ୍ର। ଏହାର ସଙ୍ଗୀତ ଦାୟିତ୍ୱ ମିହିର ମହାନ୍ତି ତୁଲାଇଛନ୍ତି ଏବଂ ନୃତ୍ୟ ନିର୍ଦ୍ଦେଶନା ଦେଉଛନ୍ତି କୁମାର ବାପି। ଏହି ନାଟକରେ ଉକ୍ତ ପାର୍ଟିର ଖଳନାୟକ ଶାରଦା ପ୍ରସାଦ ଦାସଙ୍କୁ ଚରିତ୍ର ଅଭିନେତା ଭାବରେ ଦେଖିବାକୁ ମିଳିବ। ଏ ସମ୍ପର୍କରେ ସେ କହନ୍ତି, ''ପୂର୍ବରୁ ପ୍ରଦୀପ ବେହେରାଙ୍କ ନିର୍ଦ୍ଦେଶନାରେ ମୁଁ କେତୋଟି ନାଟକରେ ଅଭିନୟ କରିଛି। ଅପେରା ଜଗତରେ ମୋର ୨୫ବର୍ଷ ହୋଇଗଲା, ଆଉ


ଶାରଦା ପ୍ରସାଦ ଦାସ

ଆରମ୍ଭରୁ ମୋ ଚେହେରାକୁ ନେଇ ମୋତେ ଖଳନାୟକ ଭୂମିକା ଦିଆଯାଇଛି। ହେଲେ ଏଥର 'ଏମିତି ସ୍ତ୍ରୀକୁ ଶହେ ସଲାମ'ରେ ମୁଁ ଜଣେ ବାପା ଭୂମିକାରେ ଅଭିନୟ କରୁଛି, ଯାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଆଶା ରଖିଛି।''



ଶନିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଏସିଆନ୍ କପ୍‌ରେ ଭାରତକୁ ପରାସ୍ତ କରିବା ଅନ୍ୟ ଦଳଗୁଡ଼ିକ ପାଇଁ କଷ୍ଟସାଧ ହେବ ।
– ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଅଧିନାୟକ



ମୋ କ୍ରିକେଟ କ୍ୟାରିୟର ଗଢିଥିବା ରମାକାନ୍ତ ଆଚରେକର ସାର୍ ଆମର ସବୁଦିନ ପାଇଁ ମନେ ରହିବେ।
– ବିନୋଦ କାମ୍ବଲୀ, ପ୍ରାକ୍ତନ ଭାରତୀୟ କ୍ରିକେଟର

# ଇତିହାସ ସୃଷ୍ଟି ଲକ୍ଷ୍ୟରେ ଭାରତ

ସିଡ୍‌ନୀ, ୨।୧(ପି.ଟି.)

ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାରଠାରୁ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଥିବାରୁ ଉଭୟ ଦଳ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱ ବହନ କରୁଛି। ଭାରତ ଅତିକମ୍‌ରେ ଏହି ମ୍ୟାଚ୍ ଡ୍ର ରଖିପାରିଲେ କିମ୍ବା ଜିତିଲେ ସିରିଜ ବିଜୟୀ ହୋଇ ଇତିହାସ ସୃଷ୍ଟି କରିବ। ଅନ୍ୟପଟେ ସିରିଜ ନ ହାରିବା ପାଇଁ ଅଷ୍ଟ୍ରେଲିଆକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡ଼ିଛି।

ଅଷ୍ଟ୍ରେଲିଆ ମାଟିରେ ଭାରତ ୧୯୪୭-୪୮ରୁ ଟେଷ୍ଟ ସିରିଜ ଖେଳିଆସୁଛି। ୩ଥର ଭାରତ ସିରିଜ୍‌କୁ ଡ୍ର ରଖିବାକୁ ସକ୍ଷମ ହୋଇଥିବା ବେଳେ ବାକି ସିରିଜଗୁଡ଼ିକରେ ପରାଜୟ ବରଣ କରିଛି। ଭାରତ ୧୯୮୦-୮୧, ୧୯୮୫-୮୬, ୨୦୦୩-୦୪ରେ ସିରିଜ ଆମୀମାଂସିତ ରଖିଥିଲା। ତେବେ ୧୯୬୭-୬୮, ୧୯୭୭-୭୮, ୧୯୯୧-୯୨, ୧୯୯୯-୨୦୦୦, ୨୦୦୭-୦୮, ୨୦୧୧-୧୨ ଓ ୨୦୧୪-୧୫ରେ ଭାରତ ଅଷ୍ଟ୍ରେଲିଆରେ ସିରିଜ ପରାଜୟ ବରଣ କରିଥିଲା।

ଏଭଳି ସ୍ଥିତିରେ ବିରାଟ କୋହଲି ଏକମାତ୍ର ଭାରତୀୟ ଅଧିନାୟକ ଭାବେ ଅଷ୍ଟ୍ରେଲିଆରେ ଅନ୍ତିମ ଟେଷ୍ଟ ପୂର୍ବରୁ ସିରିଜ ଅଗ୍ରଣୀ ହାସଲ କରିବାର ଗୌରବମୟ ସ୍ଥିତିରେ ରହିଛନ୍ତି। ତେଣୁ ଭାରତ ଏହି ସିରିଜରେ ବିଜୟ ହାସଲ କଲେ କୋହଲି ରେକର୍ଡ ବହିରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବେ। ସେ ଏକମାତ୍ର ଭାରତୀୟ ଅଧିନାୟକ ଭାବେ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ସିରିଜ ଜିତିବାର ଅସାଧାରଣ ସଫଳତା ଅର୍ଜନ କରିବେ। ଯଦିଓ ବଲ୍ ଟ୍ୟାମ୍ପରିଂ ଘଟଣା ଓ ଏ ନେଇ ବାସନ୍ଦାଦେଶ ଯୋଗୁ ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍, ଉପଅଧିନାୟକ ଡେଭିଡ ୱାର୍ନରଙ୍କ ଅନୁପସ୍ଥିତି ଅଷ୍ଟ୍ରେଲିଆ ବ୍ୟାଟିଂ ଲାଇନକୁ ଦୁର୍ବଳ କରିଦେଇଛି। ଏହି ଦୁଇ ଖେଳାଳିଙ୍କ ଅନୁପସ୍ଥିତି ଭାରତ ପାଇଁ ସୁଯୋଗ ସୃଷ୍ଟି କରିଛି। ତେଣୁ ଭାରତ ଏହି ସୁଯୋଗ ହାତଛଡ଼ା କରିବ ନାହିଁ।

ଚତୁର୍ଥ ଟେଷ୍ଟରେ ଫେଭରାଇଟ୍ ବିବେଚିତ ହେଉଥିଲେ ହେଁ ଭାରତ ପାଇଁ ଏକାଧିକ ସମସ୍ୟା ରହିଛି। ଇଞ୍ଜୁରି ଯୋଗୁ ଦୁଇ ଅଭିଜ୍ଞ ଦ୍ରୁତ ବୋଲର ଭାରତୀୟ ଦଳରୁ ବାଦ୍ ପଡିଛନ୍ତି। ତାରକା ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ବରିଷ୍ଠ ଦ୍ରୁତ ବୋଲର ଇଶାନ୍ତ ଶର୍ମା ଇଞ୍ଜୁରି କାରଣରୁ ୧୩ ଜଣିଆ ଭାରତୀୟ ଦଳରୁ ବାଦ୍ ପଡିଛନ୍ତି। ତେଣୁ ଟିମ୍ କମ୍ବିନେଶନ ନେଇ କୋହଲି ଦ୍ୱନ୍ଦ୍ୱରେ ରହିଛନ୍ତି। ଇଞ୍ଜୁରି ସମସ୍ୟାରୁ ଅଶ୍ୱିନ ସମ୍ପୂର୍ଣ୍ଣ ମୁକୁଳି ପାରିନାହାନ୍ତି।

ସିଡ୍‌ନୀରେ ସ୍ପିନରମାନେ ପାରମ୍ପରିକ ଭାବେ ବିଶେଷ ସହାୟତା ଲାଭ କରିଥାନ୍ତି। ତେଣୁ ଅଶ୍ୱିନଙ୍କ ଆଘାତ ସମସ୍ୟା ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି। ତଳିପେଟ ଯନ୍ତ୍ରଣାରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିନାହାନ୍ତି। ସେ ଆଡିଲେଡ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଆହତ ହୋଇଥିଲେ। ବାମ ପଞ୍ଜରାରେ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ତେଣୁ ଅନ୍ତିମ ଟେଷ୍ଟରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ରିସ୍କ ନେବାକୁ ଚାହୁଁନାହିଁ।

ଅଶ୍ୱିନ ପର୍ଥ ଓ ମେଲବୋର୍ନ ଟେଷ୍ଟ ଖେଳି ନ ଥିଲେ। ଇଞ୍ଜୁରି ସତ୍ତ୍ୱେ ସେ ଇଂଲଣ୍ଡରେ ନଟିଂହାମ ଓ ସାଉଥାମ୍ପଟନ ଖେଳିଥିଲେ। ଦୁଇଟି ବିଦେଶ ଗସ୍ତରେ ଅଶ୍ୱିନ ଆହତ ହେବା ଦୁର୍ଭାଗ୍ୟଜନକ ବୋଲି କୋହଲି କହିଛନ୍ତି। ଟେଷ୍ଟ ପାଇଁ ସେ ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ସେ ୧୦୦ ପ୍ରତିଶତ ଫିଟ୍ ହେବା ନିହାତି ଜରୁରୀ। ଠିକଣା ସମୟରେ ଫିଟ୍‌ନେସ ହାସଲ କରିପାରି ନ ଥିବାରୁ ଅଶ୍ୱିନ ମଧ୍ୟ ଦୁଃଖିତ ବୋଲି କୋହଲି କହିଛନ୍ତି। ତେବେ ପ୍ରଥମେ ଅଶ୍ୱିନଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ତେବେ ପରେ ଆଶ୍ଚର୍ଯ୍ୟଜନକ ଭାବେ ଚତୁର୍ଥ ଟେଷ୍ଟ ପାଇଁ ଅଶ୍ୱିନଙ୍କୁ ୧୩ ଜଣିଆ ଦଳରେ ସାମିଲ କରାଯାଇଛି। ଟସ୍ ପଡିବା ବେଳେ ସେ ଖେଳିବେ କି ନା ସେନେଇ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି। ଭାରତ ମଧ୍ୟ ବାମହାତୀ ସ୍ପିନର କୁଲଦୀପ ଯାଦବଙ୍କୁ ଦଳରେ ସାମିଲ କରିଛି। ଯଦି ଦୁଇଜଣ ସ୍ପିନରଙ୍କୁ ନେଇ ଭାରତ ପଡିଆକୁ ଓହ୍ଲାଏ, ତେବେ କୁଲଦୀପଙ୍କୁ ବିକଳ୍ପ ଭାବେ ବ୍ୟବହାର କରାଯାଇପାରିବ।

ପୁଣି ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ଖରାପ ଫର୍ମ ଦେଇ ଗତି କରୁଥିବା ଲୋକେଶ ରାହୁଲ ଦଳରେ ସାମିଲ ହେବାର ସମ୍ଭାବନା ରହିଛି। ଏପରି ହେଲେ ହନୁମା ବିହାରୀ ୬ ନମ୍ବରରେ ବ୍ୟାଟିଂ କରିବେ। ଭାରତ ୪ ବୋଲରଙ୍କୁ ନେଇ ପଡିଆକୁ ଓହ୍ଲାଇବା ଆଶା କରାଯାଉଛି। ୨ ସ୍ପିନର-୨ ଦ୍ରୁତ କିମ୍ବା ୩ ଦ୍ରୁତ ବୋଲର- ୧ ସ୍ପିନର କମ୍ବିନେଶନ ନେଇ ଭାରତ ପଡ଼ିଆକୁ ଓହ୍ଲାଇବ।

ଅଲ୍‌ରାଉଣ୍ଡର ହାର୍ଦ୍ଦିକ୍ ପାଣ୍ଡ୍ୟା ଖେଳିବାର ସମ୍ଭାବନା ପ୍ରାୟ ନାହିଁ। ଅବଶ୍ୟ ନେଟ୍ସରେ ପାଣ୍ଡ୍ୟା ବ୍ୟାଟ୍ ଓ ବଲ୍‌ରେ ବେଶ୍ ଝାଳ ବୁହାଇଛନ୍ତି। ବିହାରୀ ଜଣେ ଉଚ୍ଚକୋଟୀର ସ୍ପିନର ଓ ସେ ଦ୍ୱିତୀୟ ପସନ୍ଦର ସ୍ପିନର ଭାବେ ସାମିଲ ହୋଇପାରନ୍ତି ବୋଲି କୋହଲି ସୂଚନା ଦେଇଛନ୍ତି। ଅନ୍ୟପଟେ ଅଷ୍ଟ୍ରେଲିଆକୁ ଦ୍ୱନ୍ଦ୍ୱରେ ରଖିବା ପାଇଁ ଭାରତ ଅନ୍ତିମ ଏକାଦଶ ଘୋଷଣା କରୁନାହିଁ ବୋଲି ଅନୁମାନ କରାଯାଉଛି।

ଅଷ୍ଟ୍ରେଲିଆ ସ୍ପିନର ମଧ୍ୟ ସମାନ ନୀତି ଆପଣାଇଛନ୍ତି। ଭାରତ ଦୁଇ ଫୁଲ ଟାଇମ୍ ସ୍ପିନର ଖେଳାଇବା ନେଇ ସ୍ପଷ୍ଟ କଲେ ଆମେ ଅନ୍ତିମ ଏକାଦଶ ଘୋଷଣା କରିବୁ ବୋଲି (ସେ ??) କହିଛନ୍ତି। ଚତୁର୍ଥ ଟେଷ୍ଟର ଫଳାଫଳ ଯାହା ହେଉନା କାହିଁକି, ଭାରତ ବର୍ଡର- ଗାଭାସ୍କର ଟ୍ରଫି ବଜାୟ ରଖିଛି। କୋହଲିଙ୍କ ପୂର୍ବରୁ ଏକମାତ୍ର ଭାରତୀୟ ଅଧିନାୟକ ଭାବେ ସୌରଭ ଗାଙ୍ଗୁଲି ଏହି ଟ୍ରଫି ବଜାୟ ରଖିବାରେ ସକ୍ଷମ ହୋଇଥିଲେ। ପୁଣି ଚତୁର୍ଥ ଟେଷ୍ଟରେ ବିଜୟୀ ହେଲେ କୋହଲି ଗାଙ୍ଗୁଲିଙ୍କୁ ଅତିକ୍ରମ କରି ବିଦେଶରେ ୧୨ଟି ଟେଷ୍ଟ ବିଜୟ ହାସଲ କରିବେ। ଏପର୍ଯ୍ୟନ୍ତ ବିଦେଶରେ ୨୪ଟି ଟେଷ୍ଟ ଖେଳି କୋହଲି ଗାଙ୍ଗୁଲିଙ୍କ ସମକକ୍ଷ ହୋଇପାରିଛନ୍ତି। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଦଳକୁ ପିଟର ହ୍ୟାଣ୍ଡ୍ସକମ୍ବ ପ୍ରତ୍ୟାବର୍ତ୍ତନ କରିବେ। ମେଲବୋର୍ନରେ ଖରାପ ଶଟ୍ ଚୟନ ପାଇଁ ସମାଲୋଚନାର ଶିକାର ହୋଇଥିବା ମିଚେଲ ମାର୍ଶଙ୍କ ବଦଳରେ ସେ ଖେଳିବେ। ସେହିପରି ଓପ୍‌ନର ଆରୋନ ଫିଞ୍ଚ୍ ଓ ଲେଗ୍ ସ୍ପିନର ମାର୍ନସ ଲାବୁସ୍‌ଚାଗ୍ନେଙ୍କ ମଧ୍ୟରୁ ଜଣେ ଖେଳିବେ। ଫିଞ୍ଚ୍ ବାଦ୍ ପଡିଲେ ଉସ୍‌ମାନ ଖ୍ୱାଜା ମାର୍କସ ହାରିସଙ୍କ ସହ ଇନିଂସ ଓପନ କରିବେ। ଏପରିସ୍ଥଳେ ଲାବୁଶେନ୍ ମିଡଲ ଅର୍ଡରରେ ବ୍ୟାଟିଂ କରିବାକୁ ଆସିବେ।



ଅଭ୍ୟାସ ଅବସରରେ ବିରାଟ କୋହଲି।

## ଆଜିଠାରୁ ଚତୁର୍ଥ ଟେଷ୍ଟ

| ଭାରତୀୟ ଦଳ (ଅନ୍ତିମ ୧୩) | ଅଷ୍ଟ୍ରେଲିଆ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ମୟଙ୍କ ଅଗ୍ରୱାଲ, ହନୁମା ବିହାରୀ, ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ରିଷଭ ପନ୍ତ (ଉଇକେଟ କିପର), ରବୀନ୍ଦ୍ର ଜାଡେଜା, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ଉମେଶ ଯାଦବ, କୁଲଦୀପ ଯାଦବ, ରବିଚନ୍ଦ୍ରନ ଅଶ୍ୱିନ। | ଟିମ୍ ପେନ୍ (ଅଧିନାୟକ ଓ ଉଇକେଟକିପର), ମାର୍କସ ହାରିସ୍, ଆରୋନ ଫିଞ୍ଚ୍, ଉସ୍‌ମାନ ଖ୍ୱାଜା, ଟ୍ରାଭିସ ହେଡ୍, ଶନ୍ ମାର୍ଶ, ମିଚେଲ ମାର୍ଶ, ନାଥନ ଲିୟନ, ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ, ଜୋଶ ହାଜେଲଉଡ୍, ମାର୍ନସ ଲାବୁଶେନ, ପିଟର ହ୍ୟାଣ୍ଡ୍ସକମ୍ବ ଓ ପିଟର ସିଡଲ। |

ସମୟ: ସକାଳ ୫ଟା, ସ୍ଥାନ: ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ, ପ୍ରସାରଣ: ସୋନୀ ନେଟ୍‌ୱର୍କ

## ସଂକ୍ଷେପରେ

### ଗୁରୁକୁଳ ୫୦କେ ର୍ୟାଙ୍କିଙ୍ଗ୍ ଟେନିସ୍: ଅଂଶୁ ସେମିରେ

ଭୁବନେଶ୍ୱର, ୨।୧(କ୍ରୀଡ଼ା ପ୍ରତିନିଧି)

ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଏଆଇଟିଏ-ଓଟିଏ ପୁରୁଷ ୫୦କେ ର୍ୟାଙ୍କିଙ୍ଗ ଟେନିସ୍ ଟୁର୍ନାମେଣ୍ଟର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଅଂଶୁ କୁମାର ଭୂୟାଁ। ଦ୍ୱିତୀୟ ସିଡ୍ ଅଂଶୁ ବୁଧବାର କ୍ୱାର୍ଟର ଫାଇନାଲରେ ତେଲେଙ୍ଗାନାର ସାଇ କାର୍ତ୍ତିକ ଆର. ଗନ୍ତାଙ୍କୁ ୬-୨, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ତେବେ ଅନ୍ୟ ୩ ଓଡ଼ିଆ ଖେଳାଳି ଟପ୍ ସିଡ୍ ଚିନ୍ମୟ ପ୍ରଧାନ, ୪ର୍ଥ ସିଡ୍ ଆଦିତ୍ୟ ଶତପଥୀ ଓ ୮ମ ସିଡ୍ ଅମୃତଜୟ ମହାନ୍ତିଙ୍କ ଅଭିଯାନ କ୍ୱାର୍ଟରରୁ ଶେଷ ହୋଇଛି। ଚିନ୍ମୟ ପଶ୍ଚିମବଙ୍ଗର ଅନୁରାଗ ଅଗ୍ରୱାଲଙ୍କଠାରୁ ୨-୬, ୩-୬ ସେଟ୍‌ରେ ହାରିଥିବାବେଳେ ଆଦିତ୍ୟ ଦିଲ୍ଲୀର ରିତ୍‌ଭିକ୍ କାଶ୍ୟପଙ୍କଠାରୁ ୪-୬, ୦-୬ ଏବଂ ଅମୃତଜୟ ପଶ୍ଚିମବଙ୍ଗର ଆଦିତ୍ୟ ବର୍ଦ୍ଧନ ଆର. ଚୌଧୁରୀଙ୍କଠାରୁ ୪-୬, ୨-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଡବଲ୍ସରେ ଅଂଶୁ-ଚିନ୍ମୟ ଯୋଡ଼ି ଅନ୍ୟତମ ଓଡ଼ିଶା ଯୋଡ଼ି ସଂଗ୍ରାମ କୁମାର ପାତ୍ର ଓ ବିବେକ ମହାନନ୍ଦଙ୍କୁ ୬-୧, ୬-୨ ସେଟ୍‌ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଓଡ଼ିଶାର ଆଶୁତୋଷ ଦାସ ଓ ସତୀର୍ଥ ପଟ୍ଟନାୟକ ଯୋଡ଼ି ମଧ୍ୟ ମହାରାଷ୍ଟ୍ରର ପୁନିତ ଧୋକେ ଓ ତାମିଲନାଡୁର ଭି. ରୋହିତ ଯୋଡ଼ିଙ୍କୁ ୭-୫, ୬-୧ ସେଟ୍‌ରେ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ଅନ୍ୟତମ ଓଡ଼ିଶା ଯୋଡ଼ି ଆଦିତ୍ୟ ଶତପଥୀ-ସ୍ୱସ୍ତିକ ଏସ. ପ୍ରଧାନ ଏବଂ ସନ୍ତୋଷ ମଲିକ-ଅଭିଜିତ ପ୍ରଧାନଙ୍କ ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଯାଇଛି।

## ଜାତୀୟ ସିନିୟର ବାସ୍କେଟବଲରେ ଭାଗନେବ ଓଡ଼ିଶା



ଓଡ଼ିଶା ମହିଳା ବାସ୍କେଟବଲ ଦଳ।

ଭୁବନେଶ୍ୱର, ୨।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଗୁଜରାଟର ଭବନଗରଠାରେ ଚଳିତ ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଜାତୀୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ୍‌ର ୬୯ତମ ସଂସ୍କରଣ (ମହିଳା ଓ ପୁରୁଷ) ଅନୁଷ୍ଠିତ ହେବ। ବାସ୍କେଟବଲ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ଓ ଗୁଜରାଟ ଷ୍ଟେଟ୍ ବାସ୍କେଟବଲ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ବୁଧବାର କଟକରୁ ଟ୍ରେନ ଯୋଗେ ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ଦଳ ଗୁଜରାଟ ଅଭିମୁଖେ ଗସ୍ତ କରିଛି। ପ୍ରଶାନ୍ତ କୁମାର ନାୟକ ଓ ସ୍ମରିକା ସାମନ୍ତରାୟ ଯଥାକ୍ରମେ ପୁରୁଷ ଓ ମହିଳା ଦଳର କୋଚ୍ ରହିଛନ୍ତି।

**ଓଡ଼ିଶା ପୁରୁଷ ଦଳ:** ପ୍ରକାଶ ଜେନା, ପି. ସୁରେଶ କୁମାର, ଲଗ୍ନଜିତ୍ ବାରିକ, ସେକ୍ ରାଜା, ରୁଦ୍ରକାନ୍ତ ସାହୁ, ଜତିନ୍ କୁମାର ସେଠୀ, ଅଶୋକ ନାୟକ, ଜି, ସାଇ ରୋଶନ, ଶଶିକାନ୍ତ ମହାନ୍ତି, ଶାହିଦ୍ ଖାଁ ଓ ସୁମନ ସାହୁ।

**ଓଡ଼ିଶା ମହିଳା ଦଳ:** ଶୁଭାଙ୍କି ସାହୁ, ସୋନାଲି କିସପୋଟ୍ଟା, ସୋନାଲି ଦାସ, ଶୁଭଶ୍ରୀ ସାହୁ, ଅର୍ପିତା ସାହୁ, ପ୍ରଗତୀ ରାୟ, ଅର୍ଚ୍ଚନା ଦାସ, ଉର୍ବଶୀ ମଲ୍ଲିକ, ପୂଜା ବିଶ୍ୱାଳ, ସରସ୍ୱତୀ ବେହେରା, ପୁଷ୍ପାଞ୍ଜଳୀ ପ୍ରଧାନ ଓ ସୁଶ୍ରୀ ସଙ୍ଗୀତା ରାଉତ।

## ଟି୨୦ ଇତିହାସର ୩ୟ ଶ୍ରେଷ୍ଠ ବୋଲିଂ

ଅକ୍‌ଲାଣ୍ଡ,୨।୧- କେଣ୍ଟରବରି ପକ୍ଷରୁ ଖେଳୁଥିବା କାଏଲ ଜାମିସନ ଟି୨୦ ଇତିହାସର ୩ୟ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଛନ୍ତି। ଇଡେନ ପାର୍କଠାରେ ଅକ୍‌ଲାଣ୍ଡ ବିପକ୍ଷରେ ଖେଳାଯାଇଥିବା 'ସୁପର ସ୍ମାଶ' ମ୍ୟାଚ୍‌ରେ ସେ ୭ ରନ୍ ବ୍ୟୟ କରି ୬ ଉଇକେଟ ନେଇଛନ୍ତି। ଜାମିସନ ପ୍ରଥମ ସ୍ପେଲରେ ଇଂଲଣ୍ଡ ପକ୍ଷରୁ ଅନ୍ତର୍ଜାତୀୟ ସ୍ତରରେ ଖେଳୁଥିବା ଜେମ୍ସ ଭିନ୍ସ, ସିନ ସୋଲି ଓ ମାର୍କ ଚାପମ୍ୟାନଙ୍କ ଆଉଟ୍ କରିଥିଲେ। ପରବର୍ତ୍ତୀ ସ୍ପେଲରେ ରୋନି ହିରା, ମିଚେଲ ମ୍ୟାକଲେଘାନ ଓ ବେନ ଲିଷ୍ଟରଙ୍କ ଉଇକେଟ ନେଇଥିଲେ। ତାଙ୍କର ଏଭଳି ପ୍ରଦର୍ଶନ ଯୋଗୁ ଅକ୍‌ଲାଣ୍ଡ ୧୧୦ ରନ୍‌ରେ ସୀମିତ ରହିଥିଲା। ଟି୨୦ ଇତିହାସର ସର୍ବଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ବାମହାତୀ ସ୍ପିନର ଅରୁଲ ସୁପିଙ୍କ ନାମରେ ରହିଛି। ସେ ୨୦୧୧ରେ ୫ ରନ୍ ବ୍ୟୟରେ ୬ ଉଇକେଟ ନେଇଥିଲେ। ତାଙ୍କ ପଛକୁ ରହିଛନ୍ତି ୬ ରନ୍ ଦେଇ ୬ ଉଇକେଟ ନେଇଥିବା ବାଂଲାଦେଶ ଅଲରାଉଣ୍ଡର ଶାକିବ ଅଲ ହାସନ।


ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o the DGM, E.H.T. (O&M) Division, Balasore, Dist: Balasore-19. CIN: U40102OR2004SGC007553

NOTICE INVITING TENDER - 12/2018-19

Sealed tenders are invited from **Vehicle owners/Travel agencies having GST registration certificate and IT PAN Card** for hiring of diesel run commercial registered light vehicles (Bolero or Equivalent) on monthly contract basis at **EHT (O&M) Sub-division, Jaleswar & 220KV Line Sub-division, Balasore** under EHT (O&M) Division, Balasore. **The vehicle to be provided should not be manufactured before 01.04.2017. Cost of Tender Paper** : Rs 2,240/-, **EMD** : Rs.2,400/- for each tender is to be submitted in shape of Cash/DD drawn in favour of **DGM, EHT (O&M) Division, OPTCL, Balasore** payable at **Balasore** without which the tender shall be rejected. **Sale of tender documents** : from Dt.04.01.2019 to Dt. 14.01.2019. **The tenders shall be received** : up to 1 P.M. on Dt.15.01.2019 and will be opened at 3.00P.M on same date.
For details, please visit our website **www.optcl.co.in.** Sd/-
**Corrigendum, if any, will be published in the website only.** Dy. General Manager
Please connect us: optcl.odisha optcl_odisha energyodisha



DIRECTORATE OF MEDICAL EDUCATION & TRAINING ODISHA
NOTICE FOR SELECTION OF JR/SR/TUTORS

**No.12** **Dt. 01.01.2019**
**No.725-E:-** Applications are invited from eligible candidates for engagement for the Posts of Junior Residents/ Senior Residents/ Tutors in Govt. Medical Colleges on contractual/ deployment basis. The details of Posts, mode of recruitment, Remuneration, Qualifications, etc. is available in the website of DMET, Odisha i.e. www.dmetodisha.gov.in in recruitment of Govt. Medical College section.
**10016/11/0049/1819** **Sd./- Jt. DMET, Odisha**



GOVERNMENT OF ODISHA
OFFICE OF THE SUPERINTENDING ENGINEER
EASTERN MINOR IRRIGATION CIRCLE, KEONJHAR.
Tel No. (06766) 255453, e-Mail ID seemickeonjhar@yahoo.com
"e" Procurement Notice
Identification No-07 EMIC (KJR/2018-19)

No. 1049-A: The Superintending Engineer, E.M.I. Circle, Keonjhar on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1. | Name of the works: | Civil Construction work |
| 2. | Total No. of works: | 02 (Two) |
| 3. | Estimated Cost: | Varies from 220.87 to 369.60 Lakh (Detail list of work annexed) |
| 4. | Class of Contractor: | As mentioned against work |
| 5. | Period of completion: | As mentioned against work |
| 6. | Date & time of Availability of Bid Document in the Portal: | 04.01.2019 at 10.00 AM to 15.01.2019 up to 5.00 PM. |
| 7. | Last date/Time for receipt of Bid in the Portal: | 15.01.2019 up to 5.00 PM. |
| 8. | Date/Time of Opening of Technical Bid | 16.01.2019 at 10.30 AM. at Office of the S.E., E.M.I.C. Keonjhar. |
| 9. | Date/Time of Opening of Financial Bid | 19.01.2019 at 10.30 AM |
| 10. | Name & Address of the Officer Inviting the Bid: | Superintending Engineer., E.M.I. Circle, Keonjhar |
| 11. | Mode of Payment of Bid Cost & Bid Security | Online |
| 12. | Further details can be seen from the "e" Procurement Portal https://tendersorissa.gov.in | |

Sd/- SUPERINTENDING ENGINEER
EASTERN MINOR IRRIGATION CIRCLE,
32270/11/0010/1819 KEONJHAR



OFFICE OF THE EXECUTIVE ENGINEER,
M.I. DIVISION, SUNDARGARH
No. 3056 Dated. 27.12.2018

**1st Corrigendum Notice to**
**BID ID No. Online 07/ MID SNG/ 2018-19**

No. 1044-A: The Date and Time of availability of bid documents in BID ID No. Online 07/ MID SNG/ 2018-19 may be read as from 01.01.2019(10 AM) to 12.01.2019(5.00 PM) instead of 01.01.2019(10 AM) to 13.01.2019(5.00 PM) & last date/time of receipt of bids in the portal may be read as 12.01.2019(5.00 PM) instead of 13.01.2019 (5.00 PM). All other terms and conditions will remain unaltered.

**Sd/-27.12.2018**
**Executive Engineer**
32124/11/0008/1819 **M.I. Division, Sundargarh**



Government of Odisha "e" procurement Notice.
OFFICE OF THE EXECUTIVE ENGINEER
DHENKANAL (R&B) DIVISION DHENKANAL.
Bid Identification No. – 37 of 2018-2019
No. 1081-B

| | | | |
|---|---|---|---|
| 1. | Name of the work | : | Road works – 01 No & Building Works – 3 Nos. |
| 2. | Estimate cost | : | Rs. 17,84,179.00 to Rs. 38,80, 771.00 |
| 3. | Period of completion | : | 04 (Four Calandar Months) |
| 4. | Date & time of availability of the Bid documents in the portal | : | 10.00 AM of 5.01.2019 to 5.00 PM of 15.01.2019 |
| 5. | Last date / Time of receipt of the bid in Portal. | : | 15.01.2019 up to 5.00 PM. |
| 6. | Date of Opening | : | 16.01.2019 at 11.00 AM. |
| 7. | Name and Address of the Office | : | Office of the Executive Engineer Dhenkanal (R&B) Division, Dhenkanal. |

Further details can be seen from the e – procurement Portal "https:// tendersorissa.gov.in

Executive Engineer
34016/11/0031/1819 Dhenkanal (R&B) Division.



GOVERNMENT OF ODISHA
"e"-PROCUREMENT NOTICE
WORKS DEPARTMENT
E-mail: pwdoff_khd@yahoo.com
**No.1082-B:- Tender Call Notice No. 28/2018-19**

| | | | |
|---|---|---|---|
| 1. | The Executive Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in Double cover system in ONLINE MODE form eligible contractors for ROAD works Civil as detailed below: | | |
| 2. | Nature of Work | : | Road works |
| 3. | No of Work | : | 01 No. |
| 4. | Tender Cost | : | Rs.10000.00/Each (Online) |
| 5. | Class of Contractor | : | "B" & "A" Class Contractor |
| 6. | Available of Bid documents in the web site. | : | From Dt 03.1.2019 10.30 AM to Dt 18.1.2019 at 5.00 PM |
| 7. | Date of opening of Bids | : | Dt 19.1.2019 at 11.30 AM |
| 8. | Bidders have to participate in ONLINE bidding only. Further details can be seen from the Website: https:// tenderodisha.gov.in . Any information regarding Addendum / Corrigendum / Cancellation of tender can be available in the said website. | | |

Sd./- Executive Engineer,
34095/11/0020/1819 Khurda (R&B) Division, Khurda



କେନ୍ଦ୍ରୀୟ ପଣ୍ୟାଗାର ନିଗମ
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ଇନ୍ଦ୍ରଧନୁ ମାର୍କେଟ୍ କମ୍ପ୍ଲେକ୍ସ
ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-15,
ଫୋନ୍ ନଂ. 0674-2360189/2360542, ଫାକ୍ସ : 0674-2360990
ଇ-ମେଲ : rmbbsr@cewacor.nic.in | ୱେବ୍‌ସାଇଟ : www.cewacor.nic.in

ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା ସଂ. 02/18-19
ନିମ୍ନୋକ୍ତ କାର୍ଯ୍ୟ ପାଇଁ କେନ୍ଦ୍ରୀୟ ପଣ୍ୟାଗାର ନିଗମ ଠିକାଦାରଙ୍କ ଠାରୁ ଅନ୍‌ଲାଇନ୍ ଟେଣ୍ଡର ଆମନ୍ତ୍ରଣ କରୁଛି :

| କ୍ର. ସଂ. | କାର୍ଯ୍ୟର ନାମ | ଆକଳିତ ମୂଲ୍ୟ ଟଙ୍କାରେ (ଲକ୍ଷରେ) | ଟେଣ୍ଡର ଅନ୍‌ଲାଇନ୍ ଦାଖଲ କରିବାର ଅନ୍ତିମ ତାରିଖ |
|---|---|---|---|
| 1 | କେନ୍ଦ୍ରୀୟ ପଣ୍ୟାଗାର-ଯାଜପୁର ରୋଡ଼ (ଓଡ଼ିଶା)ର ଉନ୍ନତିମୂଳକ କାର୍ଯ୍ୟ । | 41,95,586.75/- | ତା. 02.02.2019 ରିଖ 15.00 ଘଟିକା ପର୍ଯ୍ୟନ୍ତ |

ବିସ୍ତୃତ ଟେଣ୍ଡରର ଚୁକ୍ତିର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆମନ୍ତ୍ରଣ ସୂଚନାର ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.tenderwizard.com/CWC କିମ୍ବା http://eprocure.gov.in/epublish/app ରେ ଦୃଶ୍ୟମାନ ଏବଂ ଡ୍ରାଉନ୍‌ଲୋଡ୍ କରାଯାଇପାରିବ ।
ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ



INTEGRATED TRIBAL DEVELOPMENT AGENCY, NABARANGPUR
**No.: 9442/2018** **Date: 31.12.2018**
**SHORT TENDER CALL NOTICE No. 04/17-18**

Sealed tenders in plain paper are invited from the authorized dealers/manufacturers/reputed suppliers/ specific manufacturer/EPM rate contract holders for the supply of "10 Nos. of Sugarcane Crusher (Power Driven) Roller Size - 9" X 6" X 6" along with Accessories and 10 Nos. of 14 HP Diesel Engineer" as per the specification given on website. The details of the Tender Call Notice are available in the district website **http://nabarangpur.nic.in** from 4.00 P.M. of 01.01.2019 to 17.01.2019 upto 5.00 P.M. The bids shall be received in Regd. Post/ Speed Post only during office hours by 17.01.2019 and will be opened on 19.01.2019 at 11.00 A.M. in this office in the presence of the bidders or their authorized agents.
**Sd./- P.A. ITDA, Nabarangpur**



GOVERNMENT OF ODISHA
RURAL WATER SUPPLY & SANITATION ORGANISATION
OFFICE OF THE EXECUTIVE ENGINEER
RWS&S DIVISION, ANGUL
At-Talcher, At: Baghuabole, PO: Hatatota, Talcher, Dist: Angul, Pin: 759100, (Ph. No./Fax: 06760-240762, E-mail: eerwssang@gmail.com
National Competitive Bidding through e-procurement
Bid Identification No. 18/EE/RWSS/ANGUL/2018-19
Dt. 26.12.2018 (DMF)

**No.1291-O:-** The Executive Engineer, RWS&S Division, Angul, At-Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.
Nature of Work: Rural Piped Water Supply Schemes.

| | | | |
|---|---|---|---|
| 1. | No. of Tenders | : | 13 Nos. |
| 2. | Tender Paper Cost | : | Rs. 6,000 to Rs. 10,000.00 |
| 3. | Value of work | : | Rs. 94.79 Lakhs to Rs. 15.66 Lakhs |
| 4. | Class of Contractor | : | "D", "C", "B" & "A" Class |
| 5. | Date & time of availability of bid document in portal | : | 05.01.2019 at 17.00 hours to 15.01.2018 upto 17.00 hours |
| 6. | Date & time of seeking tender clarification | : | 11.01.2019 upto 17.00 hours |
| 7. | Date & time of opening of tender & verification of original document | : | 16.01.2019 at 15.00 hours in the office of the Executive Engineer, RWS&S Division, Angul, At-Talcher |
| 8. | Time of completion | : | 2 (Two) to 6 (Six) Calendar Months |
| 9. | The bidders have to participate in online bidding only. Further details can be seen from the website https://www.tendersodisha.gov.in. | | |
| 10. | Corrigendum if any shall be published in the above website only. | | |

Sd./- Executive Engineer,
25019/11/0027/1819 RWS&S Division, Angul, At-Talcher



❝ ଏହି ଗ୍ରାଉଣ୍ଡରେ ମୋ ଅଧିନାୟକତ୍ୱରେ ଟିମ୍‌ରେ ପରିବର୍ତ୍ତନର ଧାରା ଆରମ୍ଭ ହୋଇଥିବାରୁ ସିଡ୍‌ନୀରେ ସିରିଜ ଜିତିବା ବଡ଼ ସଫଳତା ହେବ ।
– ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



❝ ଆମେ ଯେତୋଟି ଟେଷ୍ଟ ଖେଳିଥାଉ, ପ୍ରତ୍ୟେକରେ ଜିତିବାକୁ ଲକ୍ଷ୍ୟ ରଖିଥାଉ। ବର୍ତ୍ତମାନ ଆମେ ବିଶ୍ୱର ଶ୍ରେଷ୍ଠ ଟିମ୍ ବିପକ୍ଷରେ ଖେଳୁଛୁ, ତେଣୁ ଏହା ସମ୍ଭବ ନୁହେଁ ।
– ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### 'ଆଫ୍ରିଦୀ ମୋତେ ଜାତୀୟ ଦଳକୁ ଫେରିବାକୁ ଦେଇ ନ ଥିଲେ'

କରାଚୀ,୨।୧- ପାକିସ୍ତାନ ଦଳର ପୂର୍ବତନ ଅଧିନାୟକ ସଲମାନ ବଟ୍ଟ ଦାବି କରିଛନ୍ତି ଯେ, ବାସନ୍ଦାଦେଶ ଭୋଗି ସାରିଥିଲେ ମଧ ଶାହିଦ ଆଫ୍ରିଦୀଙ୍କ ଯୋଗୁ ସେ ଜାତୀୟ ଦଳକୁ ଫେରିପାରି ନ ଥିଲେ। ୨୦୧୦ ସ୍ପଟ୍ ଫିକ୍ସିଂ ସ୍କାଣ୍ଡଲ ଯୋଗୁ ବଟ୍ଟଙ୍କୁ ୫ ବର୍ଷ ପାଇଁ ବାସନ୍ଦ କରାଯାଇଥିଲା। ବାସନ୍ଦାଦେଶ ସମୟ ଅତିକ୍ରମ କରିବା ପରେ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଥିଲେ। ଏଥିଯୋଗୁ ସେ ଭାରତରେ ଖେଳାଯାଇଥିବା ୨୦୧୬ ଟି୨୦ ବିଶ୍ୱକପ୍ ଲାଗି ଜାତୀୟ ଦଳରେ ସ୍ଥାନ ପାଇବାର ନିକଟତର ହୋଇଥିଲେ। ମାତ୍ର ବଟ୍ଟଙ୍କ ଚୟନକୁ ଆଫ୍ରିଦୀ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ମୋତେ ନ୍ୟାଶନାଲ କ୍ରିକେଟ ଏକାଡେମୀ ମୁଖ୍ୟ କୋଚ୍ ୱାକର ୟୁନିସ ଓ ବ୍ୟାଟିଂ କୋଚ୍ ଗ୍ରାଣ୍ଟ ଫ୍ଲାୱର ଡକାଇଥିଲେ। ସେଠାରେ ମୁଁ ନେଟ୍ସରେ ବ୍ୟାଟିଂ କରିବା ସହ ଫିଟ୍‌ନେସ ଟେଷ୍ଟ ଦେଇଥିଲି। ମାତ୍ର ଆଫ୍ରିଦୀ ମନା କରିବା ପରେ ମୋତେ ଦଳରେ ସ୍ଥାନ ମିଳି ନ ଥିଲା। କେଉଁ କାରଣରୁ ଜାତୀୟ ଦଳକୁ ମୋ ଫେରିବା ପଥ ଅଟକାଇଲେ ସେ ସମ୍ପର୍କରେ ମୋତେ କିଛି ଜଣାନାହିଁ।

### ବ୍ରିସ୍‌ବେନ ଇଣ୍ଟରନ୍ୟାଶନାଲରୁ ଓହରିଲେ ନାଡାଲ

ବ୍ରିସ୍‌ବେନ,୨।୧- ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ପୁରୁଷ ସିଙ୍ଗଲ୍ସ ଖେଳାଳି ରାଫାଲ ନାଡାଲ ବ୍ରିସବେନ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। ଥାଇ ଜନିତ ସମସ୍ୟା ଯୋଗୁ ସ୍ପାନିଶ କିମ୍ବଦନ୍ତୀ ଖେଳାଳି ଏଭଳି ନିଷ୍ପତ୍ତି ନେଇଛନ୍ତି। ଚଳିତ ମାସର ପରବର୍ତ୍ତୀ ଭାଗରେ ସିଜନର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆ ଓପନ ଖେଳାଯିବ। ତେଣୁ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ପୂର୍ବରୁ ନାଡାଲ ରିସ୍କ ନେବାକୁ ଚାହୁଁ ନ ଥିବା କହିଛନ୍ତି। ବିଶ୍ୱର ଦ୍ୱିତୀୟ ର୍‍ୟାଙ୍କଧାରୀ ଖେଳାଳିଙ୍କ ଗତ ବର୍ଷ ଜଙ୍ଘ, ଆଣ୍ଠୁ, ଗୋଇଠି ଓ ପେଟରେ ଆଘାତ ଲାଗିଥିଲା। ଏଥିଯୋଗୁ ସେ ମାତ୍ର ୯ ଟୁର୍ନାମେଣ୍ଟରେ ଖେଳିବାକୁ ସକ୍ଷମ ହୋଇଥିଲା। ଜୁଆନ ଡେଲ ପୋଟ୍ରୋଙ୍କ ବିପକ୍ଷ ୟୁଏସ୍ ଓପନ ସେମିଫାଇନାଲରୁ ଓହରିବା ପରେ ୩୨ ବର୍ଷୀୟ ଖେଳାଳି ନାଡାଲ ଏପର୍ଯ୍ୟନ୍ତ ଖେଳି ନାହାନ୍ତି।

# ନକ୍‌ଆଉଟ ରାଉଣ୍ଡ ହାତଛଡ଼ା କରିଛି ଓଡ଼ିଶା

କଟକ ଅଫିସ,୨।୧

ଚଳିତ ରଣଜୀ ସିଜନର ନକଆଉଟ ତାଲିକା ପ୍ରକାଶ କରାଯାଇ ନ ଥିଲେ ସୁଦ୍ଧା ଓଡ଼ିଶା ଏଥିରୁ ବାଦ ପଡ଼ିବା ସ୍ପଷ୍ଟ ହୋଇଛି। ଏଲିଟ ଗ୍ରୁପ–ସିରେ ସ୍ଥାନିତ ଓଡ଼ିଶା ୮ ମ୍ୟାଚ୍ ଖେଳି ୩ ବିଜୟ, ୩ ପରାଜୟ ଓ ୨ ଡ୍ର ବଳରେ ୨୦ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଆସନ୍ତା ୭ ତାରିଖରେ ଅନ୍ତିମ ଲିଗ ପର୍ଯ୍ୟାୟ ମ୍ୟାଚ୍‌ରେ ଦଳ ଗୋଆକୁ ଭେଟିବ। ପଏଣ୍ଟ ଟେବୁଲର ଶୀର୍ଷ ଦୁଇ ସ୍ଥାନ ଅକ୍ତିଆର କରିଛନ୍ତି ରାଜସ୍ଥାନ(୪୪ ପଏଣ୍ଟ) ଓ ଉତ୍ତରପ୍ରଦେଶ(୩୮ ପଏଣ୍ଟ)। ୩ୟ ସ୍ଥାନରେ ରହିଛି ଝାଡ଼ଖଣ୍ଡ(୩୩ ପଏଣ୍ଟ)। ଚଳିତ ସିଜନରେ ଓଡ଼ିଶାର ପ୍ରଦର୍ଶନ ଅତ୍ୟଧିକ ଖରାପ ନ ଥିଲେ ମଧ କେତୋଟି ନିର୍ଦ୍ଦିଷ୍ଟ ମ୍ୟାଚ୍‌ରେ ପରାଜୟ ବରଣ କରି ନକଆଉଟ ରାଉଣ୍ଡ ହାତଛଡ଼ା କରିଛି ବୋଲି କୁହାଯାଇ ପାରିବ। ଚଳିତ ସିଜନର ୫ମ ମ୍ୟାଚରେ ଝାଡ଼ଖଣ୍ଡଠାରୁ ୨ରନ୍‌ରେ, ୬ଷ୍ଠ ମ୍ୟାଚ୍‌ରେ ରାଜସ୍ଥାନଠାରୁ ୩୫ ରନ୍‌ରେ ହାରିବା ଓଡ଼ିଶା ପାଇଁ ମହଙ୍ଗା ପଡ଼ିଛି। ଏହି ୨ଟି ମ୍ୟାଚ୍‌ରେ ଓଡ଼ିଶା ବିଜୟୀ ହେବାର ସମ୍ଭାବନା ଯଥେଷ୍ଟ ରହିଥିଲା।

କିଟ୍ ଗ୍ରାଉଣ୍ଡରେ ହରିୟାଣା ବିପକ୍ଷରୁ ସିଜନ ଆରମ୍ଭ କରିଥିଲା ଓଡ଼ିଶା। ପେସ ବୋଲରମାନେ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ମ୍ୟାଚ ଡ୍ର ରହିଥିଲା, ହେଲେ ଓଡ଼ିଶାର ପ୍ରଥମ ଇନିଂସ ୩୨୪ରନ ଜବାବରେ ହରିୟାଣା ୪୪୨ରନ୍ କରିବା ଯୋଗୁ ଅଗ୍ରଣୀ ପଏଣ୍ଟ ହରିୟାଣା ହାତେଇଥିଲା। ସମାନ ଗ୍ରାଉଣ୍ଡରେ ଖେଳିଥିବା ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶାକୁ ୧୦ ଉଇକେଟରେ ଉତ୍ତରପ୍ରଦେଶ ପରାସ୍ତ କରିଥିଲା। ଉକ୍ତ ମ୍ୟାଚ୍‌ରେ ବ୍ୟାଟ୍ସମ୍ୟାନଙ୍କ ବିଫଳତା ଦେଖିବାକୁ ମିଳିଥିଲା। ଗୁଆହାଟୀରେ ଆସାମକୁ ପରାସ୍ତ କରି ପ୍ରଥମ ବିଜୟର ସ୍ୱାଦ ଓଡ଼ିଶା ଚାଖିଥିଲା। ଏହି ମ୍ୟାଚ୍‌ରେ ନବାଗତ ପେସ ବୋଲର ରାଜେଶ ମହାନ୍ତି ଉଭୟ ଇନିଂସରେ ମୋଟ ୧୧ଟି ଉଇକେଟ ହାସଲ କରିଥିଲେ। ତ୍ରିପୁରା ଗ୍ରାଉଣ୍ଡରେ ଖେଳାଯାଇଥିବା ପରବର୍ତ୍ତୀ ମ୍ୟାଚ୍‌ରେ ମଧ ଓଡ଼ିଶା ୫ ଉଇକେଟରେ ତ୍ରିପୁରାକୁ ହରାଇ ବିଜୟ ଅଭିଯାନ ଜାରି ରଖିଥିଲା। ଲଗାତାର ୬ ପଏଣ୍ଟ ଲେଖାଏ ହାସଲ କରି ଓଡ଼ିଶା ଟେବୁଲର ଉପରକୁ ଉଠିବା ସହ ନକ୍‌ଆଉଟ ଯୋଗ୍ୟତା ପାଇବାର ଆଶା ଉଜ୍ଜୀବିତ କରିଥିଲା। ରାଞ୍ଚିରେ ଖେଳାଯାଇଥିବା ସିଜନର ୫ମ ମ୍ୟାଚ୍‌ରେ ମାତ୍ର ୨ରନ୍‌ରେ ଓଡ଼ିଶା ଝାଡ଼ଖଣ୍ଡଠାରୁ ପରାସ୍ତ ହୋଇଥିଲା। ୨୫୯ରନ୍‌ର ବିଜୟ ଲକ୍ଷ୍ୟ ଥିବା ବେଳେ ଶୁଭ୍ରାଂଶୁ ସେନାପତି ୧୫୭ରନ୍‌ରେ ଅପରାଜିତ ଥିଲେ। ମାତ୍ର ଅନ୍ୟ ପାର୍ଶ୍ୱରୁ ଉଇକେଟ ଦଖଲକରି ଝାଡ଼ଖଣ୍ଡ ବୋଲରମାନେ ଓଡ଼ିଶା ହାତରୁ ବିଜୟ ପଏଣ୍ଟ ଛଡ଼େଇ ନେଇଥିଲେ। ପରବର୍ତ୍ତୀ ମ୍ୟାଚ୍ ଭୁବନେଶ୍ୱରର ବିକାଶ ଗ୍ରାଉଣ୍ଡରେ ରାଜସ୍ଥାନ ବିପକ୍ଷରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ମଧ ଓଡ଼ିଶାକୁ ଭାଗ୍ୟ ସାଥ୍ ଦେଇ ନଥିଲା। ଦ୍ୱିତୀୟ ଇନିଂସରେ ଓଡ଼ିଶା ସମ୍ମୁଖରେ ୧୯୩ରନ୍‌ର ବିଜୟ ଲକ୍ଷ୍ୟ ଥିଲା। ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ରୁତ ୫୬ରନ୍‌ର ଇନିଂସ ଖେଳିଥିଲେ ମଧ ପ୍ରମୁଖ ବ୍ୟାଟ୍ସମ୍ୟାନଙ୍କ ବିଫଳତା ଓଡ଼ିଶାକୁ ପରାଜୟର ଦ୍ୱାର ଦେଖାଇଥିଲା। ଉକ୍ତ ମ୍ୟାଚ୍‌ରେ ବସନ୍ତ ମହାନ୍ତି ଉଭୟ ଇନିଂସରେ ୧୧ଟି ଉଇକେଟ ଅକ୍ତିଆର କରିଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ଜମ୍ମୁ କଶ୍ମୀରକୁ ୮ ଉଇକେଟରେ ଓଡ଼ିଶା ହରାଇ ୬ ପଏଣ୍ଟ ପୁନର୍ବାର ସଂଗ୍ରହ କରିଥିଲା। ମାତ୍ର ବୁଧବାର ଶେଷ ହୋଇଥିବା ସର୍ଭିସେସ ବିପକ୍ଷରେ ମ୍ୟାଚ୍ ଡ୍ର ରହିବା ସହ ମାତ୍ର ୧ ପଏଣ୍ଟ ପାଇବା ଯୋଗୁ ଓଡ଼ିଶା ଏବେ କେବଳ ଔପଚାରିକା ଦୃଷ୍ଟିରୁ ଖେଳିବ ବୋଲି କୁହାଯାଇପାରେ।

# ଦେବାଶିଷଙ୍କ ଶତକ, ମ୍ୟାଚ୍ ଡ୍ର

କଟକ ଅଫିସ,୨।୧

ନୂଆଦିଲ୍ଲୀ ପାଲମସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ସର୍ଭିସେସ ବିପକ୍ଷ ରଣ୍‌ଜୀ ମ୍ୟାଚ୍‌କୁ ଡ୍ର ରଖିବାରେ ସଫଳ ହୋଇଛି ଓଡ଼ିଶା। ଚଳିତ ସିଜନରେ ଓଡ଼ିଶା ପକ୍ଷରୁ ପ୍ରଥମ ପଦାର୍ପଣ କରିଥିବା ଦେବାଶିଷ ସାମନ୍ତରାୟଙ୍କ ସାହସିକ ଇନିଂସ ପାଇଁ ଏହା ସମ୍ଭବ ହୋଇ ପାରିଛି। ବୁଧବାର ମ୍ୟାଚ୍‌ର ଅନ୍ତିମ ଦିବସରେ ସେ କ୍ୟାରିୟରର ପ୍ରଥମ ଶତକ(୧୦୨ରନ୍) ହାସଲ କରି ମ୍ୟାଚ୍ ବଞ୍ଚାଇବା କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଦେବାଶିଷଙ୍କ ସ୍ମରଣୀୟ ଶତକ ସହାୟତାରେ ଓଡ଼ିଶା ୪ର୍ଥ ତଥା ଅନ୍ତିମ ଦିବସ ଖେଳ ଶେଷବେଳକୁ ୫ ଉଇକେଟ ବିନିମୟରେ ୨୫୬ରନ୍ କରିବାକୁ ସକ୍ଷମ ହୋଇଥିଲା। ପ୍ରଥମ ଇନିଂସ୍‌ରେ ଓଡ଼ିଶା ୧୭୭ରନ୍ କରିଥିବାବେଳେ ସର୍ଭିସେସ ଏହାର ପ୍ରଥମ ଇନିଂସକୁ ୪୧୭/୮ରେ ଘୋଷଣା କରିଥିଲା। ତେଣୁ ପ୍ରଥମ ଇନିଂସ ଅଗ୍ରଣୀ ଦୃଷ୍ଟିରୁ ସର୍ଭିସେସ ୩ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ସର୍ଭିସେସ ବୋଲରଙ୍କ ଆଶାରେ ପାଣିଭରି ଓଡ଼ିଶା ୧ ପଏଣ୍ଟ ହାସଲ କରିଛି ।

ଅସମାପ୍ତ ଦ୍ୱିତୀୟ ଇନିଂସ ୬୫/୧ରୁ ଅନ୍ତିମ ଦିବସ ଖେଳ ଆରମ୍ଭ କରିଥିବା ଓଡ଼ିଶା ଦଳୀୟ ସ୍କୋରରେ ଆଉ ୨୦ରନ୍ ଯୋଗ ହେବା ପରେ ଦ୍ୱିତୀୟ ଉଇକେଟ ହରାଇଥିଲା। ଶୁଭ୍ରାଂଶୁ ସେନାପତି ୧୨ରନରେ ରନ୍‌ଆଉଟ




ଦେବାଶିଷ ସାମନ୍ତରାୟ

**ରଣ୍‌ଜୀ ଟ୍ରଫି**

ହୋଇଥିଲେ । ୩୫ରନ୍‌ରେ ଅପରାଜିତ ଥିବା ଦେବାଶିଷ ସାମନ୍ତରାୟ ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କ ସହ ମିଶି ୩ୟ ଉଇକେଟ ଭାଗୀଦାରିରେ ୪୮ରନ୍ ସଂଗ୍ରହ କରିଥିଲେ। ଇତି ମଧ୍ୟରେ ୧୩୨ବଲରୁ ଦେବାଶିଷ ଅର୍ଦ୍ଧଶତକ ପୂରଣ କରି ସାରିଥିଲେ। ମାତ୍ର ଲଞ୍ଚବ୍ରେକ ପରବର୍ତ୍ତୀ ଓଭରରେ ହିଁ ଗୋବିନ୍ଦଙ୍କ ଉଇକେଟ ସର୍ଭିସେସ ହାସଲ କରିଥିଲା। ୨୩ରନ୍ କରିଥିବା ବେଳେ ରବି ଚୌହାନଙ୍କ ବଲରେ ଗୋବିନ୍ଦ ଷ୍ଟମ୍ପିଂ ହୋଇ ପ୍ୟାଭିଲିୟନ ଫେରିଥିଲେ। ଓପନିଂ ଦାୟିତ୍ୱରୁ ଖସି ମଧ୍ୟକ୍ରମ ସମ୍ଭାଳୁଥିବା ଅନୁରାଗ ଷଡ଼ଙ୍ଗୀ ଓ ଦେବାଶିଷଙ୍କ ମଧ୍ୟରେ ୪ର୍ଥ ଉଇକେଟ ଭାଗୀଦାରିରେ ୭୮ରନ୍ ଯୋଗ ହୋଇଥିଲା। ଏହି ଦୁଇ ବାମହାତୀ ବ୍ୟାଟ୍ସମ୍ୟାନ ଦୀର୍ଘ ସମୟ ଧରି ସର୍ଭିସେସ ବୋଲରଙ୍କୁ ନିରାଶ କରିଥିଲେ। ଉଭୟ ବ୍ୟାଟ୍ସମ୍ୟାନ ଧିମା ବ୍ୟାଟିଂ କରି ଓଡ଼ିଶା ପାଇଁ ମ୍ୟାଚ୍ ବଞ୍ଚାଇବା ଆଶା ଉଜ୍ଜୀବିତ କରିଥିଲେ। ଚଳିତ ସିଜନ୍‌ରେ ବେଙ୍ଗଲ ବିପକ୍ଷରେ ପଦାର୍ପଣ କରିଥିବା ଦେବାଶିଷ ଏଠାରେ କ୍ୟାରିୟରର ପ୍ରଥମ ଶତକୀୟ ଇନିଂସ ଖେଳିଥିଲେ। ୨୫୫ଟି ବଲ ସମ୍ମୁଖୀନ ହୋଇ ୧୩ ଚୌକା ବଳରେ ସେ ତିନିଅଙ୍କ ସ୍ପର୍ଶ କରିଥିଲେ। ଚୌକା ସହାୟତାରେ ଶତକ ପୂରଣ କରିବାର ୩ଟି ବଲ ପରେ ଅରୁଣ ବାମଲ ଦେବାଶିଷଙ୍କୁ କ୍ଲିନ ବୋଲ୍ଡ କରିଥିଲେ। ପରେ କ୍ରିଜକୁ ଆସିଥିବା ଅଧିନାୟକ ବିପ୍ଳବ ସାମନ୍ତରାୟ(୨ରନ୍) ମଧ ବାମଲଙ୍କ ବଲରେ ଉଇକେଟ କିପର ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ଅମ୍ପାୟର ଖେଳ ଶେଷ କରିବାକୁ ନିଷ୍ପତ୍ତି ନେବାବେଳକୁ ଅନୁରାଗ ୧୪୪ବଲରୁ ୪୬ ଓ ଅଭିଷେକ ରାଉତ ୨୨ବଲରୁ ୨୦ରନ୍ କରି ଅପରାଜିତ ଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୭୭।
ସର୍ଭିସେସ ପ୍ରଥମ ଇନିଂସ- ୪୧୭/୮ (ଇନିଂସ ଘୋଷଣା)।
ଓଡ଼ିଶା ଦ୍ୱିତୀୟ ଇନିଂସ୍: ୨୫୬/୫ (ଦେବାଶିଷ–୧୦୨, ଅନୁରାଗ–୪୬*, ଶାନ୍ତନୁ ମିଶ୍ର–୩୦, ଗୋବିନ୍ଦ ପୋଦ୍ଦାର–୨୩, ଅରୁଣ ବାମଲ–୨/୫୮, ମୁଜାଫରୁଦ୍ଦିନ ଖଲିଦ–୧/୭୮, ରବି ଚୌହାନ–୧/୯)।



ଏଏଫ୍‌ସି କପ୍ ପାଇଁ ଆବୁଧାବିଠାରେ ଭାରତୀୟ ଫୁଟବଲ ଦଳର ଅଭ୍ୟାସ।

# ମହାରାଷ୍ଟ୍ର ଓପନ୍ ଟେନିସ: କ୍ୱାର୍ଟର ଫାଇନାଲରେ ଆଣ୍ଡରସନ, ପାଇରେ

ପୁଣେ,୨।୧(ପି.ଟି.)

ଏଠାରେ ଚାଲିଥିବା ମହାରାଷ୍ଟ୍ର ଓପନ୍ ଟେନିସ ଟୁର୍ନାମେଣ୍ଟ ତୃତୀୟ ଦିନରେ ପହଞ୍ଚିଛି। ବୁଧବାର ବିଶ୍ୱର ୯୫ ନମ୍ବର ଖେଳାଳି ଏର୍ନେଷ୍ଟ ଗଲବିସ୍ ଏକ ବଡ଼ ବିପର୍ଯ୍ୟୟ ଘଟାଇଛନ୍ତି। ଗଲବିସ୍ ଦ୍ୱିତୀୟ ସିଡ ହ୍ୟୁନ୍ ଚୁଙ୍ଗଙ୍କୁ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ୭–୬,୭–୬ ସେଟରେ ପରାସ୍ତ କରି ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ଟପ୍ ସିଡ ମାନ୍ୟତା ପାଇଥିବା ବିଶ୍ୱର ୬ ନମ୍ବର ଖେଳାଳି ଦକ୍ଷିଣ ଆଫ୍ରିକାର କେଭିନ୍ ଆଣ୍ଡରସନ ମଧ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେ ୨୩ ବର୍ଷୀୟ ଖେଳାଳି ଲାସଲୋ ଡିଜେରେଙ୍କୁ ୭–୬,୭–୬ ସେଟରେ ହରାଇ କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

ଅନ୍ୟପଟେ ବେନୋଇଟ୍ ପାଇରେ ଅନ୍ୟଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ବିଶ୍ୱର ୮୯ ନମ୍ବର ଖେଳାଳି ଜିରି ଭେସେଲିଙ୍କୁ ୬–୪, ୬–୨ ସେଟରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ବିଶ୍ୱର ୮୧ ନମ୍ବର ଖେଳାଳି ଜାଉମ୍ ମୁନାର ୭–୫, ୬–୦ ସେଟରେ ବିଶ୍ୱର ୧୪୧ ନମ୍ବର ଖେଳାଳି ସାଇମନ ବୋଲେଲିଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି। ଟୁର୍ନାମେଣ୍ଟରେ ସବୁଠାରୁ ବୟସ୍କ ଖେଳାଳି କ୍ରୋଏସିଆର ଇଭୋ କାର୍ଲୋଭିକ୍ ୬–୪, ୭–୫ ସେଟରେ ବିଶ୍ୱର ୯୭ ନମ୍ବର ଖେଳାଳି ଏଭେଗେନି ଡୋନସ୍କଏଙ୍କୁ ୬–୪, ୭–୫ ସେଟରେ ହରାଇ କ୍ୱାର୍ଟରକୁ ଉଠିଛନ୍ତି।




ମହାରାଷ୍ଟ୍ର ଓପନ୍ ଟେନିସର ଦ୍ୱିତୀୟ ରାଉଣ୍ଡ ପରାଜୟ ପରେ ଦକ୍ଷିଣ କୋରିଆର ହ୍ୟୁନ୍ ଚୁଙ୍ଗ୍।

### ରାଜ୍ୟସ୍ତରୀୟ ନିମାପଡ଼ା କପ୍ ୬ରୁ

ନିମାପଡ଼ା,୨।୧(ଡି.ଏନ୍.ଏ.): ନିମାପଡ଼ା କ୍ରିକେଟ ଆସୋସିଏଶନ ପକ୍ଷରୁ ଆସନ୍ତା ୬ତାରିଖରେ ଆରମ୍ଭ ହେବ ୧୦ମ ରାଜ୍ୟସ୍ତରୀୟ ନିମାପଡ଼ା କପ୍। ଏ ନେଇ ବୁଧବାର ନିମାପଡ଼ା କ୍ରିକେଟ ଆସୋସିଏଶନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ୮ଟି କ୍ରିକେଟ ଟିମ୍ ଅଂଶଗ୍ରହଣ କରିବେ। ଜାନୁୟାରୀ ୧୩ରେ ହେବାକୁ ଥିବା ଫାଇନାଲ ମ୍ୟାଚରେ ଚାମ୍ପିୟନ ଟିମକୁ ଟ୍ରଫି ସହ ୨୦ହଜାର ଟଙ୍କା ପ୍ରଦାନ କରାଯିବ। ଖବରଦାତା ସମ୍ମିଳନୀରେ କ୍ରିକେଟ ଆସୋସିଏଶନ କର୍ମକର୍ତ୍ତା ଅକ୍ଷୟ କୁମାର ବେହେରା, ଶ୍ୱେତପର୍ଣ୍ଣା ରାୟ ମହାପାତ୍ର, ନିର୍ମଳ ମିଶ୍ର, ଅୟଶକାନ୍ତ ମିଶ୍ର, ହିମାଦ୍ରିଶେଖର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ୧୪ରୁ ଅଦ୍ୱୈତ୍ୟ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି

ଭଣ୍ଡାରିପୋଖରୀ, ୨।୧ (ଡି.ଏନ.ଏ.)
ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ରଘୁନାଥପୁର ଖେଳପଡ଼ିଆଠାରେ ଆସନ୍ତା ୧୪ ତାରିଖରୁ ଆନ୍ତଃଜିଲା ଦ୍ୱାଦଶ ବାର୍ଷିକ ଅଦ୍ୱୈତ୍ୟ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିରେ ମୋଟ ୮ ଦଳ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ମ୍ୟାଚ୍ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ଓ ବାଲେଶ୍ୱର ମଣିଙ୍ଗଷ୍ଟାର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ।

# ଓଡ଼ିଶାର ଚମତ୍କାର ବିଜୟ

କଟକ ଅଫିସ,୨।୧

**କୁଚ୍‌ବିହାର ଟ୍ରଫି**

ବୋଷ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୯ବର୍ଷରୁ କମ୍ ବାଳକ କୁଚ୍ ବିହାର ଟ୍ରଫି କ୍ରିକେଟର ଏକ ମ୍ୟାଚ୍‌ରେ ଓଡ଼ିଶା ଦଳ ଆସାମ ବିପକ୍ଷରେ ଚମତ୍କାର ବିଜୟ ହାସଲ କରିଛି । ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଆସାମ ଦୃଢ଼ ସ୍ଥିତିରେ ଥିଲେ ମଧ ଓଡ଼ିଶା ବୋଲରଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ୫ରନ୍‌ରେ ଏହି ମ୍ୟାଚ୍‌କୁ ଜିତିଛି। ୬ ପଏଣ୍ଟ ପାଇ ଓଡ଼ିଶା ଏଲିଟ ଗ୍ରୁପ୍–ସି ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନକୁ ଉଠିଛି । ୫ଟି ମ୍ୟାଚ ଖେଳି ୨ ବିଜୟ, ୨ ପରାଜୟ ଓ ଗୋଟିଏ ଡ୍ର ସହ ଓଡ଼ିଶା ୧୫ ପଏଣ୍ଟ ପାଇଛି ।

ଓଡ଼ିଶାର ପ୍ରଥମ ଇନିଂସ ୧୨୭ରନ୍ ଜବାବରେ ଆସାମ ୨୪୦ରନ୍ କରିଥିଲା । ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଦ୍ୱିତୀୟ ଇନିଂସ ବ୍ୟାଟିଂ କରୁଥିବା ଓଡ଼ିଶା ୫ ଉଇକେଟ ହରାଇ ୧୩୬ରନ୍ କରିଥିଲା । ୮୩ରନ୍‌ରେ ଅପରାଜିତ ଥିବା ସ୍ୱସ୍ତିକ ସାମଲ ବୁଧବାର ଶତକୀୟ ଇନିଂସ ଖେଳିଥିଲେ । ୧୪୧ବଲରୁ ସେ ୧୨୧ରନ୍ କରିଥିଲେ । ତେବେ ଓଡ଼ିଶାର ଦ୍ୱିତୀୟ ଇନିଂସ ୨୩୦ରନ୍‌ରେ ସୀମିତ ରହିଥିଲା। ଆସାମ ସମ୍ମୁଖରେ ମାତ୍ର ୧୧୭ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଦ୍ୱିତୀୟ ଓଭରରୁ ହିଁ ଓଡ଼ିଶା ବୋଲରମାନେ ଉଇକେଟ ନେବା ଆରମ୍ଭ କରିଥିଲେ । ୬୨ରନ୍‌ରେ ୩ଟି ଉଇକେଟ ପତନ ଘଟିଥିବା ବେଳେ ୧୧୨ରନ୍‌ରେ ଆସାମ ଅଲଆଉଟ ହୋଇଥିଲା । ପ୍ରଥମ ଇନିଂସ୍‌ରେ ୪ଟି ଲେଖାଏ ଉଇକେଟ ନେଇଥିବା ବିନୀତ କୁମାର ମହାନ୍ତି ଓ ଅଙ୍କିତକାର ଜୈସୱାଲ ଦ୍ୱିତୀୟ ଇନିଂସ୍‌ରେ ଯଥାକ୍ରମେ ୫ ଓ ୩ଟି ଲେଖାଏ ଉଇକେଟ ନେଇ ଦଳକୁ ଅବିଶ୍ୱସନୀୟ ବିଜୟ ଆଣି ଦେଇଥିଲେ। ବିଶ୍ୱଜିତ ମଲ୍ଲିକଙ୍କୁ ଗୋଟିଏ ଉଇକେଟ ମିଳିଥିଲା।

### ସେମିରେ ଧର୍ମଶାଳା

ନିରାକାରପୁର,୨।୧(ଡି.ଏନ.ଏ.)

ନିରାକାରପୁର ପଞ୍ଚାୟତସ୍ଥ କ୍ଷେତ୍ରବାସୀ ଡିଏଭି କଲେଜ ଖେଳପଡିଆଠାରେ ଫ୍ରେଣ୍ଡ୍‌ସ କ୍ଲବ୍ ଆନୁକୂଲ୍ୟରେ ୨୭ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ବୁଧବାର ମ୍ୟାଚ୍‌ରେ ଧର୍ମଶାଳା ଫୁଟ୍‌ବଲ ଏକାଡେମୀ (ଯାଜପୁର) ଓ କିଶୋର କ୍ଲବ୍ (ଭୁବନେଶ୍ୱର) ମଧ୍ୟରେ ଖେଳ ହୋଇଥିଲା । ପ୍ରଥମାର୍ଦ୍ଧରେ କିଶୋର କ୍ଲବ୍ ଗୋଟିଏ ଓ ଧର୍ମଶାଳା ୨ଟି ଗୋଲ୍ କରିଥିଲା । ଦ୍ୱିତୀୟାର୍ଦ୍ଧରେ କିଶୋର କ୍ଲବ୍ ଗୋଲ୍ ଶୁଝି ନ ପାରି ହାରିଯାଇଥିଲା । ବିଜେତା ଧର୍ମଶାଳା ସେମି ଫାଇନାଲ୍‌ରେ ପ୍ରବେଶ କରିଛି । ଏମ୍‌ଏସ୍ ବାଗ୍, ସୁଶାନ୍ତ କୁମାର ମିଶ୍ର, ରମେଶ ଚନ୍ଦ୍ର ପାଇକରାୟ ଓ ଅକ୍ଷୟ ପଟ୍ଟନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଧର୍ମଶାଳା ଗୋଲ୍‌କିପର ପ୍ରଶାନ୍ତ ନାୟକ ଓ କିଶୋର କ୍ଲବ୍‌ର ସୁନୀଲ ବାଗ୍ ପୁରସ୍କୃତ ହୋଇଥିଲେ । କୁହୁଡି ଜନତା କଲେଜ ଅଧକ୍ଷ ଡ. ସଞ୍ଜୟ କୁମାର ମହାପାତ୍ର ମୁଖ୍ୟଅତିଥି ଓ ସାମାଜିକ କର୍ମୀ ଦାଶରଥି ବିଶୋଇ, ପୂର୍ବତନ ସରପଞ୍ଚ ଘନଶ୍ୟାମ ପାଇକରାୟ ଏବଂ ଅଭୟ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଗୁରୁବାର ସ୍ପୋର୍ଟସ୍ ହଷ୍ଟେଲ(କଟକ) ଓ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ୍ (ଭଦ୍ରକ) ମଧ୍ୟରେ ଖେଳ ହେବ ବୋଲି ସମ୍ପାଦକ ଉମେଶ ଚନ୍ଦ୍ର ମିଶ୍ର, ସଭାପତି ବିପିନ୍ କୁମାର ଜୟସିଂହ ସୂଚନା ଦେଇଛନ୍ତି ।

### ଶ୍ରୀକାନ୍ତ, ପ୍ରଣୀଥ୍ ଦିଲ୍ଲୀକୁ ହରାଇଲେ

ଅହମ୍ମଦାବାଦ, ୨।୧(ପି.ଟି.)

ଅଧିନାୟକ କିଡାମ୍ବୀ ଶ୍ରୀକାନ୍ତ ଓ ବି. ସଇ ପ୍ରଣୀଥ୍‌ଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ବୁଧବାର ଏଠାରେ ଖେଳାଯାଇଥିବା ପ୍ରିମିୟର ବ୍ୟାଡ୍‌ମିଣ୍ଟନ ଲିଗ୍ (ପିବିଏଲ୍)ର ଏକ ମ୍ୟାଚ୍‌ରେ ଦିଲ୍ଲୀ ଡ୍ୟାସର ୨–୧ରେ ବେଙ୍ଗାଲୁରୁ ରିପେଟର୍ସଙ୍କୁ ପରାସ୍ତ କରିଛି। ଦମ୍‌ଦାର ଫର୍ମରେ ରହିଥିବା ଶ୍ରୀକାନ୍ତ ନିଜର ଅପରାଜେୟ ଧାରା ବଜାୟ ରଖି ସିଜନରେ ୩ୟ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚ୍ ବେଙ୍ଗାଲୁରୁର ସାଇ ପ୍ରଣୀଥ୍ ଓ ଦିଲ୍ଲୀର ଏଚ୍.ଏସ୍. ପ୍ରଣୟଙ୍କ ମଧ୍ୟରେ ହୋଇଥିଲା। ଏଥିରେ ପ୍ରଣୀଥ୍ ୧୫–୧୨, ୧୪–୧୫, ୧୫–୧୩ରେ ବିଜୟ ହାସଲ କରି ବେଙ୍ଗାଲୁରୁକୁ ୧–୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ମିକ୍ସଡ ଡବଲ୍ସରେ ଦିଲ୍ଲୀର ମନିପୋଙ୍ଗ୍ ଜଙ୍ଗଜିତ୍ ଓ ଏଭଜେନିଆ କୋସେଟକାୟା ଯୋଡ଼ି ୧୫–୧୩, ୧୫–୯ ସେଟ୍‌ରେ ବେଙ୍ଗାଲୁରୁ ଯୋଡ଼ିକୁ ପରାସ୍ତ କରିଥିଲେ। ଫଳରେ ମ୍ୟାଚ୍ ୧–୧ର ବରାବର୍‌ସ୍ଥିତିକୁ ଆସିଥିଲା। ନିର୍ଣ୍ଣାୟକ ମ୍ୟାଚ୍‌ରେ ବେଙ୍ଗାଲୁରୁର ଅଧିନାୟକ ଶ୍ରୀକାନ୍ତ ୧୫–୬, ୧୨–୧୫, ୧୫–୧୦ ସେଟ୍‌ରେ ଦିଲ୍ଲୀର ଟୋମି ସୁଗିର୍ଟୋଙ୍କୁ ପରାସ୍ତ କରି ଦଳକୁ ୨–୧ରେ ବିଜୟୀ କରାଇଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୩/୨୦୧୯ Bhubaneswar, Thursday, January 3/2019

## ସଂକ୍ଷେପରେ

### ବାର୍ଡ ଫ୍ଲୁ ଆଶଙ୍କା, ପକ୍ଷୀ ମୃତ



**ପୁରୁଣା ଭୁବନେଶ୍ୱର, ୨୧(ଡି.ଏନ.ଏ.):** ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏବଂ ବିଶେଷ କରି କୁକୁଡ଼ା ଫାର୍ମଗୁଡ଼ିକରେ ବାର୍ଡ ଫ୍ଲୁରେ ପକ୍ଷୀମାନଙ୍କର ମୃତ୍ୟୁ ଘଟୁଛି। ପ୍ରଶାସନିକ ଟିମ୍ ନମୁନା ସଂଗ୍ରହ କରିବା ସହ ଘଟଣାର ଅନୁସନ୍ଧାନ ଚଳାଇଛନ୍ତି। ଏପଟେ ଉତ୍ତରା ଫାଣ୍ଡି ଅଧୀନ ଲକ୍ଷ୍ମୀନାରାୟଣପୁର, ବିଲ୍ଲୀପଡ଼ା ଗହିରରେ କପତ ମରି ପଡ଼ିଥିବା ଦେଖି କୁକୁଡ଼ା ଚାଷୀ ଆତଙ୍କିତ ହୋଇପଡ଼ିଛନ୍ତି। ସ୍ଥାନୀୟ ଲୋକେ ଏହା ବାର୍ଡ ଫ୍ଲୁ ଆଶଙ୍କା କରିଛନ୍ତି।

### ଚଳନ୍ତା ଟ୍ରେନରେ ଚଢ଼ିବା ବେଳେ ଟ୍ରାକରେ ପଡ଼ି ଯୁବକଙ୍କ ମୃତ୍ୟୁ

**ଭୁବନେଶ୍ୱର, ୨୧(ବ୍ୟୁରୋ):** ଭୁବନେଶ୍ୱର ରେଳ ଷ୍ଟେଶନରେ ମଙ୍ଗଳବାର ରାତିରେ ଚଳନ୍ତା ଟ୍ରେନରେ ଚଢ଼ିବାବେଳେ ଜଣେ ଯୁବକ ଟ୍ରାକରେ ଖସିପଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ସମ୍ବିତ କୁମାର ଷଡ଼ଙ୍ଗୀ(୨୮)। ସୂଚନା ମୁତାବକ, ସମ୍ବିତ ପୁଣେରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ନୂଆବର୍ଷ ପାଳିବା ପାଇଁ ଘରକୁ ଛୁଟିରେ ଆସିଥିଲେ। ଛୁଟି ସାରି ମଙ୍ଗଳବାର ରାତି ୧୦ଟା ୧୦ରେ ସମ୍ବିତ ଭୁବନେଶ୍ୱର-ପୁଣେ ଟ୍ରେନ ଧରି ଫେରିବାକୁ ଟିକେଟ କରିଥିଲେ। ମାତ୍ର ସେ ଷ୍ଟେଶନରେ ପହଞ୍ଚିବାରେ ବିଳମ୍ବ ହେବାରୁ ଟ୍ରେନ୍ ଛାଡ଼ିବା ଆରମ୍ଭ କରିଥିଲା। ଟ୍ରେନ୍‌ର ବେଗ ବଢ଼ି ଯାଇଥିବାବେଳେ ସମ୍ବିତ ଦୌଡ଼ି ଦୌଡ଼ି ଟ୍ରେନ୍‌ରେ ଚଢ଼ିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ସେ ନିୟନ୍ତ୍ରଣ ହରାଇବା ସହ ଟ୍ରେନରେ ମାଡ଼ ହୋଇ ଟ୍ରାକ୍‌କୁ ଖସିପଡ଼ିଥିଲେ। ତାଙ୍କ ହାତ, ଗୋଡ ଏବଂ ଦେହର ଅନେକ ସ୍ଥାନରେ ଗଭୀର କ୍ଷତ ହୋଇଥିଲା। ଜିଆରପି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ରାତି ପ୍ରାୟ ୨ଟା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଜିଆରପି ଥାନାରେ ମାମଲା(୧/୧୯) ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

### ଲାଇଫ୍ ଜ୍ୟାକେଟ ବଞ୍ଚାଇଲା ଜୀବନ, ଅଳ୍ପକେ ବର୍ତ୍ତିଲେ ପର୍ଯ୍ୟଟକ

**ବ୍ରହ୍ମଗିରି, ୨୧(ଡି.ଏନ.ଏ.):** ନୂଆବର୍ଷରେ ଚିଲିକାକୁ ବୁଲିବାକୁ ଆସିଥିବା କେତେକ ପର୍ଯ୍ୟଟକଙ୍କ ଡଙ୍ଗା ଅଧାବାଟରେ ବୁଡ଼ିଯାଇଥିବାବେଳେ ଲାଇଫ ଜ୍ୟାକେଟ ଥିବା ଯୋଗୁ ଜୀବନ ବଞ୍ଚିଯାଇଥିବା ଜଣାପଡ଼ିଛି। ପର୍ଯ୍ୟଟକଙ୍କ ପରିଚୟ ଜଣାପଡି ନାହିଁ। ପ୍ରକାଶ ଯେ, ନୂଆବର୍ଷ ଥିବାରୁ ୨୫ଜଣ ପର୍ଯ୍ୟଟକ ଏକ ଜେଟିରୁ ଡଙ୍ଗା ଭଡ଼ାକରି ନୂଆମୁହାଣ ଓ ଡଲଫିନ ଦେଖିବାକୁ ଯାଇଥିଲେ। କିଆନାସି ଗଣ୍ଡ ନିକଟରେ ହଠାତ୍ ପାଣି ପଶିଯିବାରୁ ଡଙ୍ଗାଟି ବୁଡ଼ିଯାଇଥିଲା। ସମସ୍ତ ପର୍ଯ୍ୟଟକ ଲାଇଫ ଜ୍ୟାକେଟ ପିନ୍ଧିଥିବାରୁ ପାଣିରେ ଭାସି ରହିଥିଲେ। ଉଦ୍ଧାର ପାଇଁ ସମସ୍ତେ ହାତ ହଲାଇ ଡାକିବାରୁ ନିକଟରେ ଥିବା ବାଘମୁଣ୍ଡା ଗ୍ରାମର ସୁବାସ ଜେନାଙ୍କ ଡଙ୍ଗାରେ ସେମାନଙ୍କୁ ଉଦ୍ଧାର କରିଥିଲେ। ଏନେଇ ପର୍ଯ୍ୟଟକମାନେ ଥାନାରେ ଅଭିଯୋଗ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସ୍ଥାନୀୟ ଲୋକେ ଆପୋସ ଆଲୋଚନା କରି କଥାଟିକୁ ଚପାଇ ରଖିଥିଲେ। ଫଳରେ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ବୁଧବାର ଏ ସମ୍ପର୍କରେ ସୋସିଆଲ ମିଡିଆରେ ଭାଇରାଲ ହେବାରୁ ଘଟଣାଟି ପଦାକୁ ଆସିଥିଲା।

## ସ୍ୱପ୍ନ ଦେଖୁଛି ବ୍ରିଟିଶ ଅମଳର ଜେଲ୍ କୋଠା

# ଶିଳାନ୍ୟାସରେ ଅଟକିଛି ୫ କୋଟିର ସ୍ମାରକୀ ପ୍ରକଳ୍ପ

**କଟକ ଅଫିସ, ୨୧**



- ୨୦୧୦ରେ ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ
- ୫ ଲକ୍ଷ ଖର୍ଚ୍ଚ କରି ଚୁପ୍ ବସିଛି ସିଡିଏ
- ଗୃହ ଓ ନଗର ଉନ୍ନୟନ ବିଭାଗ ଚିଠି ପାଇ ଚୁପ୍

ଦରଘାବଜରଠାରେ ବ୍ରିଟିଶ ସରକାର ଦ୍ୱାରା ନିର୍ମିତ ଐତିହାସିକ ଜେଲ୍ କୋଠାକୁ ସ୍ମାରକୀ ରୂପ ଦେବାକୁ ହୋଇଥିଲା ଯୋଜନା। ୨୦୧୦ ଜାନୁଆରୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ୯ ବର୍ଷ ବିତିଯାଇଛି। ହେଲେ ଏହି ସ୍ମାରକୀ ପରିକଳ୍ପନା ସ୍ୱପ୍ନ ପାଲଟି ଯାଇଛି। ଏଥିପାଇଁ ୫ କୋଟି ଟଙ୍କା ଖର୍ଚ୍ଚ ପାଇଁ ଅଟକଳ କରାଯାଇଥିବାବେଳେ ୫ ଲକ୍ଷର ତାଳିପକା କାମ ପରେ ସବୁକିଛି ଅଟକି ଯାଇଛି।

ମିଳିଥିବା ତଥ୍ୟ ଅନୁଯାୟୀ, ୧୮୮୮ରେ ଇଂରେଜ ସରକାର କଟକ ଦରଘାବଜାରଠାରେ ଏହି ଜେଲ୍ ନିର୍ମାଣ କରିଥିଲେ। ସେଥିରେ ୧୦୦ ଜଣ କଏଦୀ ରହିବା ପାଇଁ ୨୧୦ ଫୁଟର ଲମ୍ବା ହଲ୍ ରହିଥିଲା। ସ୍ୱାଧୀନତା ଆନ୍ଦୋଳନ ସମୟରେ ରମା ଦେବୀ, ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀଙ୍କ ସମେତ ବହୁ ସଂଗ୍ରାମୀ ଏଠାରେ କାରାବରଣ କରିଥିଲେ। ସ୍ୱାଧୀନତା ପରବର୍ତ୍ତୀ ସମୟରେ କଟକ ସହରର ଜନସଂଖ୍ୟା ବୃଦ୍ଧି ଓ ଉକ୍ତ ଅଞ୍ଚଳରେ ଜନବସତିକୁ ଦୃଷ୍ଟିରେ ରଖି ଏହାକୁ ଚୌଦ୍ୱାରକୁ ସ୍ଥାନାନ୍ତର କରାଯାଇଥିଲା। ୧୯୮୪ ରୁ ୧୯୮୮ ସମୟ ମଧ୍ୟରେ ଏହି ସ୍ଥାନାନ୍ତର ପ୍ରକ୍ରିୟା ହୋଇଥିଲା। ଏହାପରଠାରୁ ଉକ୍ତ ଜେଲ୍ କୋଠାଟି ଅବ୍ୟବହୃତ ହୋଇପଡିଥିଲା, ଯାହା ଏବେ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲି ଆସିଛି। ତେବେ ୨୦୧୦ରେ ଏହାକୁ ସ୍ମାରକୀ ରୂପ ଦେବାକୁ ରାଜ୍ୟ ସରକାର ଚିନ୍ତା କରି କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ। ସବୁଠାରୁ ବଡ଼ କଥା ହେଉଛି ଏହି ଜେଲ୍ କୋଠାର ଠିକ୍ ପଛ ଭାଗରେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ (ନେତାଜୀ ସଂଗ୍ରହାଳୟ) ରହିଛି। ଜେଲ୍ କୋଠାଟି ସ୍ମାରକୀ ହେଲେ ନେତାଜୀ ସଂଗ୍ରହାଳୟକୁ ଆସୁଥିବା ପର୍ଯ୍ୟଟକମାନେ ଏହାକୁ ମଧ୍ୟ ଦେଖିବାକୁ ଆଗ୍ରହ ପ୍ରକାଶ କରିବେ। ତେଣୁ ଏହି ପୁରୁଣା ଜେଲ୍‌ରେ ବନ୍ଦୀ ଜୀବନ ବିତାଇଥିବା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସହ ସେମାନଙ୍କ ପରିଚୟ ଓ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଟିକିନିଖି ଲିଖିତ ଭାବେ ପ୍ରଦର୍ଶିତ କରାଯିବାକୁ ଯୋଜନା କରାଯାଇଥିଲା। କିନ୍ତୁ ସିଡିଏର ଅଣଦେଖା ଯୋଗୁ ଏହି ବୃହତ୍ ପରିକଳ୍ପନା କେବଳ କାଗଜ କଲମରେ ସୀମିତ ରହିଥିବା କହିଛନ୍ତି ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ସୁଧାଂଶୁ ପରିଡା।

ଏ ସମ୍ପର୍କରେ ସିଡିଏ ଉପାଧ୍ୟକ୍ଷ ରବୀନ୍ଦ୍ର ନାଥ ମିଶ୍ର କହିଛନ୍ତି, ପୁରୁଣା ଜେଲ୍ କୋଠାକୁ ସ୍ମାରକୀରେ ପରିଣତ କରିବାକୁ ଇନ୍‌ଟାକ ନାମକ ଏକ ସଂସ୍ଥାକୁ ଏଷ୍ଟିମେଟ କରିବାକୁ ଦିଆଯାଇଥିଲା। ଉକ୍ତ ସଂସ୍ଥା ୫ କୋଟି ଟଙ୍କାର ଅଟକଳ କରିଥିଲା। ଏହାପରେ ସିଡିଏ ପକ୍ଷରୁ ଏ ସଂକ୍ରାନ୍ତରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଚିଠି ଲେଖାଯାଇଥିଲା। କିନ୍ତୁ ଏଯାଏ ବିଭାଗ ପକ୍ଷରୁ କିଛି ବି ଉତ୍ତର ମିଳିନାହିଁ। ସିଡିଏ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ଅଳ୍ପ କିଛି କାର୍ଯ୍ୟ କରିଥିଲା। ଆବଶ୍ୟକ ଅର୍ଥ ବରାଦ ନ ହେଲେ କିପରି କାର୍ଯ୍ୟ ଆଗେଇବ ବୋଲି ସେ କହିଛନ୍ତି। ଇନ୍‌ଟାକ ସଂସ୍ଥାର ଜଣେ ଅଧିକାରୀ କହିଛନ୍ତି, ସ୍ମାରକୀ ନିର୍ମାଣ ପାଇଁ ବଜେଟ ପ୍ରସ୍ତୁତ କରି ସିଡିଏକୁ ହସ୍ତାନ୍ତର କରିଛୁ। ନିର୍ମାଣ ପାଇଁ ଆବଶ୍ୟକୀୟ ଅର୍ଥ କେବେ, କିପରି ଓ କିଏ ଦେବେ ସେ ଦାୟିତ୍ୱ ଆମର ନୁହେଁ।

# ଟେଲିକମ କମ୍ପାନୀ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ



**ଭୁବନେଶ୍ୱର, ୨୧(ବ୍ୟୁରୋ)**

ଚନ୍ଦ୍ରଶେଖରପୁରସ୍ଥିତ ଏକ ଟେଲିକମ କମ୍ପାନୀ କାର୍ଯ୍ୟାଳୟର ୪ର୍ଥ ମହଲାରେ ବୁଧବାର ଅପରାହ୍ନ ପ୍ରାୟ ସାଢେ ୪ଟାରେ ଶର୍ଟସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ ପହଞ୍ଚି ଅଧ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲା। ସୂଚନା ମୁତାବକ, ଚନ୍ଦ୍ରଶେଖରପୁରସ୍ଥିତ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ପଛ ପାର୍ଶ୍ୱରେ ଆସେଣ୍ଟ ଟେଲିକମ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ ନାମକ ଟେଲିକମ କମ୍ପାନୀର ଚତୁର୍ଥ ମହଲାରେ ଥିବା ହେଡ୍ ହାଉସରେ ନିଆଁ ଲାଗିଥିଲା। କମ୍ପାନୀରେ କାର୍ଯ୍ୟରତ କେତେଜଣ କର୍ମଚାରୀ ଧୂଆଁ ଦେଖିବା ପରେ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିକାଣ୍ଡରେ କାର୍ଯ୍ୟାଳୟର କାଗଜପତ୍ର, ଟେଲିକମ୍ ଯନ୍ତ୍ରପାତି ଏବଂ ଆସବାବପତ୍ର ପୋଡ଼ିଯାଇଛି।



ଶ୍ରୀ ଲିଙ୍ଗରାଜ ମନ୍ଦିର ଦର୍ଶନ ସାରି ନେପାଳ ରାଜପରିବାର ସଦସ୍ୟମାନେ ଫେରୁଛନ୍ତି।

# ଶ୍ରୀଲିଙ୍ଗରାଜ ମନ୍ଦିର ଦର୍ଶନ କଲେ ନେପାଳ ରାଜପରିବାର

**ପୁରୁଣା ଭୁବନେଶ୍ୱର, ୨୧(ଡି.ଏନ.ଏ.)**

ନବବର୍ଷରେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କୁ ନେପାଳ ରାଜବଂଶୀୟ ପୂର୍ବତନ ନେପାଳ ସେନାବାହିନୀର ମୁଖ୍ୟ ଜେନେରାଲ ଗୌରବ ସାମ୍‌ଶେର ଜଙ୍ଗ୍ ବାହାଦୁର ରାଣା ଓ ରୋହିଣୀ ରାଣା ସପରିବାର ବୁଧବାର ପରିଦର୍ଶନ କରିଛନ୍ତି। ମନ୍ଦିର ଭିତରେ ପ୍ରଥମେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବା ସହ କାରୁକାର୍ଯ୍ୟ ବୁଲି ଦେଖିଥିଲେ। ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ସମେତ ପାଳିଆ ସେବାୟତ ରାଜେଶ ମହାସୁଆର, ଜ୍ଞାନ ମହାସୁଆର, ରାକେଶ ମହାସୁଆର, କାହ୍ନା ପଣ୍ଡା ପ୍ରମୁଖ ସେବାୟତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପାଦନ କରାଯାଇଥିଲା।

### ଟ୍ରେନ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ସାକ୍ଷୀଗୋପାଳ, ୨୧(ଡି.ଏନ୍.ଏ.):** ଚନ୍ଦନପୁର ଥାନା ଅନ୍ତର୍ଗତ ବୀରପ୍ରତାପପୁର ଲେଭଲ କ୍ରସିଂ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୀରପ୍ରତାପପୁର ଗ୍ରାମର ଆଶୁତୋଷ ଦାଶ(୨୦)। ଖବରପାଇ ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହ ଜବତ କରିଛି। ଏନେଇ ଖୋର୍ଦ୍ଧାରୋଡ ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୧୯) ରୁଜୁ କରାଯାଇ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଥିବା ସାକ୍ଷୀଗୋପାଳ ରେଳବାଇ ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ପାତ୍ର କହିଛନ୍ତି।

## ଖଣି କମ୍ପାନୀଠାରୁ ୧୨.୪ କୋଟି ଠକେଇ

# ଗୋଲ୍‌ଡେନ ବାବାଙ୍କୁ ରିମାଣ୍ଡରେ ନେବ ପୋଲିସ

**ଭୁବନେଶ୍ୱର, ୨୧(ବ୍ୟୁରୋ)**

ଫାଇନାନ୍ସ କରାଇଦେବାକୁ କହି କେତେକ କମ୍ପାନୀ ଓ ଲୋକଙ୍କଠାରୁ ବହୁ କୋଟି ଟଙ୍କା ଠକେଇ କରି ଗିରଫ ହୋଇଥିବା ଜ୍ୟୋତିରଞ୍ଜନ ବେଉରା ଓରଫ ଗୋଲଡେନ ବାବାଙ୍କୁ କମିଶନରେଟ ପୋଲିସ ୫ ଦିନ ରିମାଣ୍ଡରେ ନେବ। ଏଥିପାଇଁ ଗୁରୁବାର ପୋଲିସ ପକ୍ଷରୁ କୋର୍ଟରେ ଆବେଦନ କରାଯିବ ବୋଲି ଡିସିପି ଅନୁପ ସାହୁ କହିଛନ୍ତି।

ଫେରାର ଥିବା ଗୋଲଡେନ ବାବାଙ୍କୁ ଚନ୍ଦ୍ରଶେଖରପୁର ପୋଲିସ ତାଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ ସୂଚନା ଅନୁଯାୟୀ, ଗୋଲ୍‌ଡେନ ବାବାଙ୍କ ନାମରେ ୭ଟି ମାମଲା ରହିଛି। ସେ ଏମ୍‌ଏସ୍ ନ୍ୟାଶନାଲ ଏଣ୍ଟରପ୍ରାଇଜେସ୍ ନାମକ ଏକ ମାଇନ୍ସ କମ୍ପାନୀକୁ ୧୧୦ କୋଟି ଟଙ୍କା ଫାଇନାନ୍ସ କରାଇଦେବାର ଲୋଭ ଦେଖାଇ ଅଗ୍ରିମ ଆକାରରେ ୧୨ଟି ଚେକ୍ ଆଣିଥିଲେ। ୨୦୨୮ର ଚେକକୁ ୨୦୧୮ କରି ଧାର୍ଯ୍ୟ ସମୟ ପୂର୍ବରୁ ବାବା ଏକ ଚେକ୍‌ର ତାରିଖ ବଦଳାଇ ବ୍ୟାଙ୍କ୍‌ରୁ ଟଙ୍କା ଉଠାଇବାକୁ ଯାଇଥିଲେ। ଚେକରେ ତାରିଖ ବଦଳା ଯାଇଥିବାରୁ ବ୍ୟାଙ୍କ୍ ମ୍ୟାନେଜରଙ୍କ ସନ୍ଦେହ ହେବା ପରେ ସେ ଚେକ ପ୍ରଦାନ କରିଥିବା ମାଇନ୍ସ ମାଲିକଙ୍କୁ ଜଣାଇଥିଲେ। ସୂଚନା ପାଇ କମ୍ପାନୀ କର୍ତ୍ତୃପକ୍ଷ ଗତ ୧୬ ତାରିଖରେ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ନାମରେ ମାମଲା ରୁଜୁ କରିଥିବା ଜାଣିବା ପରେ ଗୋଲ୍‌ଡେନ୍ ବାବା ଦିଲ୍ଲୀ ଫେରାର ହୋଇଥିଲେ। ପୋଲିସ ତାଙ୍କ ଉପରେ ନଜର ରଖିଥିବାବେଳେ ରବିବାର ରାତିରେ ସେ କଳାରାହାଙ୍ଗସ୍ଥିତ ତାଙ୍କ ଘରକୁ ଆସିଥିବା ସୂଚନା ମିଳିଥିଲା। ଭୋର୍ ସମୟରେ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ବୁଧବାର ଡିସିପି ସାହୁଙ୍କ ସୂଚନା ମୁତାବକ, ବାବାଙ୍କର ୪ଟି ଦାମୀ କାର ଓ ଦୁଇଟି ବିଳାସପୂର୍ଣ୍ଣ ଘର ରହିଛି। ପୋଲିସ କଳାରାହାଙ୍ଗ ଓ ନୀଳାଦ୍ରିବିହାରସ୍ଥିତ ତାଙ୍କ ଘରକୁ ଯାଞ୍ଚ କରିବା ସହ ଜେରାବେଳେ ବହୁ ତଥ୍ୟ ପାଇଛି। ଅନ୍ୟପକ୍ଷରେ ବାବା ଗିରଫ ହୋଇଥିବା ଖବରପାଇ ଟଙ୍କା ଦେଇଥିବା ଏକାଧିକ କମ୍ପାନୀ ଓ ବ୍ୟକ୍ତି ଚନ୍ଦ୍ରଶେଖରପୁର ଥାନାରେ ଭିଡ଼ ଜମାଇଥିଲେ। ଅନ୍ୟପଟେ ବାବାଙ୍କ ନାମରେ ଅଭିଯୋଗ ସଂଖ୍ୟା ବଢ଼ି ଚାଲିଥିବାରୁ ତଦନ୍ତ ନେଇ ଗୋଲଡେନ ବାବାଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବା ପାଇଁ ଗୁରୁବାର କୋର୍ଟରେ ଆବେଦନ କରାଯିବ ବୋଲି ଡିସିପି କହିଛନ୍ତି।



ଗୋଲ୍‌ଡେନ ବାବା

## ସରକାରୀ ଡାଏରୀରେ ବରପୁତ୍ରଙ୍କୁ ଅପମାନ

# ପୂଜ୍ୟପୂଜା ସଂସଦର ସତ୍ୟାଗ୍ରହ

**ପୁରୀ ଅଫିସ, ୨୧**

ସରକାରୀ ଡାଏରୀରେ ଓଡ଼ିଆ ଭାଷା ଏବଂ ବରପୁତ୍ରଙ୍କୁ ଅପମାନ କରାଯାଇଛି। ଏହାର ପ୍ରତିବାଦରେ ପୂଜ୍ୟପୂଜା ସଂସଦ ପକ୍ଷରୁ ବୁଧବାର ସିଂହଦ୍ୱାର ନିକଟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ସତ୍ୟାଗ୍ରହ କରାଯାଇଛି। ସଂସଦର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ଜଗଦ୍ଦେବଙ୍କ ନେତୃତ୍ୱରେ ଏହି ସତ୍ୟାଗ୍ରହ କରାଯାଇଥିଲା। ସଭାପତି ଜଗଦ୍ଦେବ କହିଛନ୍ତି, ଓଡ଼ିଶା ସରକାର ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ସରକାରୀ ଡାଏରୀ ଛପାଇଛନ୍ତି। ଏହି ଡାଏରୀରେ ପୁଣ୍ୟାତ୍ମା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ରଚିତ ଧର୍ମପଦ କାବ୍ୟର ଉଦ୍ଧୃତାଂଶ 'ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଜୀଏଁ ନର, କର୍ମ ଏକା ତା'ର ଜୀବନ ମାନଦଣ୍ଡ'କୁ କବିବର ରାଧାନାଥ ରାୟଙ୍କ ନାମରେ ଲେଖାଯାଇଛି। ଏଥିସହ କବିବରଙ୍କ ଫଟୋ ମଧ୍ୟ ସେଠାରେ ସ୍ଥାନିତ କରାଯାଇଛି। ଓଡ଼ିଆ ଭାଗବତକୁ ମଧ୍ୟ ତ୍ରୁଟିପୂର୍ଣ୍ଣ ଭାବରେ ଡାଏରୀରେ ଉଲ୍ଲେଖ କରାଯାଇଛି। ମୁଖ୍ୟମନ୍ତ୍ରୀ ଯେ ହେତୁ ଓଡ଼ିଆ କହିପାରୁ ନାହାନ୍ତି ତାଙ୍କର ଅଧସ୍ତନ କର୍ମଚାରୀମାନେ ମଧ୍ୟ ସେହି ଧାରାରେ ଯାଉଛନ୍ତି। ଏହା ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ପ୍ରତି ଘୋର ଅପମାନ। ତେଣୁ ସେହି ତ୍ରୁଟିପୂର୍ଣ୍ଣ ଡାଏରୀକୁ ତୁରନ୍ତ ପ୍ରତ୍ୟାହାର କରିବା ସହ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ପୂଜ୍ୟପୂଜା ସଂସଦ ଦାବି କରିଛି।



ପୂଜ୍ୟପୂଜା ସଂସଦ ପକ୍ଷରୁ ସତ୍ୟାଗ୍ରହ କରାଯାଉଛି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



❝ ନିଜ ଦୋଷକୁ ସ୍ୱୀକାର କଲେ ମନ ଶାନ୍ତ ଓ ପବିତ୍ର ହୋଇଥାଏ।
- ମହାତ୍ମା ଗାନ୍ଧୀ



■ ଜରାଜୀର୍ଣ୍ଣ ଅବସ୍ଥାରେ ଏକମାତ୍ର କାଞ୍ଜିଆହୁଦା

# ସହର ରାସ୍ତାରେ ରାଜ୍ କରୁଛନ୍ତି ବୁଲା ଗୋରୁ

**କଟକ ଅଫିସ, ୨।୧**

ସହରର ଗଳିକନ୍ଦିଠାରୁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ସବୁଠି ଏବେ ବୁଲା ଗୋରୁଙ୍କ ରାଜୁତି। ଏଥିପାଇଁ ସହରରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବାବେଳେ ଦୁର୍ଘଟଣା ଘଟୁଛି। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସହରର ଏକମାତ୍ର ବକ୍ସିବଜାର କାଞ୍ଜିଆହୁଦା ଏକପ୍ରକାର ଅଚଳ ହୋଇପଡିଥିବାରୁ ଏ ପରିସ୍ଥିତି ସୃଷ୍ଟି ହୋଇଛି।

ସହରରୁ ବୁଲା ଗୋରୁଙ୍କୁ ଧରି ଗୋଟିଏ ସ୍ଥାନରେ ରଖିବା ପାଇଁ ପୂର୍ବରୁ ସହରରେ ପ୍ରାୟ ୫ରୁ ଅଧିକ କାଞ୍ଜିଆହୁଦା ରହିଥିଲା। ଜଗତପୁର, ରେଭେନ୍ସା ବିଶ୍ୱବିଦ୍ୟାଳୟ ନିକଟ, ପୁରୀଘାଟ, ବକ୍ସିବଜାର ଓ ସତୀଚଉରା ଆଦି ସ୍ଥାନରେ ସିଏମ୍‌ସି ପକ୍ଷରୁ କାଞ୍ଜିଆହୁଦା କାର୍ଯ୍ୟ କରୁଥିଲା। କିନ୍ତୁ ବହୁବର୍ଷ ପୂର୍ବରୁ ଜଗତପୁର ଓ ରେଭେନ୍ସା କଲେଜ ନିକଟବର୍ତ୍ତୀ କାଞ୍ଜିଆହୁଦା ବନ୍ଦ ହୋଇଯାଇଥିବା ବେଳେ ସିଏମ୍‌ସିର ଅବହେଳା ଯୋଗୁ ସତୀଚଉରା ଓ ପୁରୀଘାଟ ଅଞ୍ଚଳରେ ଥିବା କାଞ୍ଜିଆହୁଦା ମଧ୍ୟ ବନ୍ଦ ହୋଇଯାଇଛି। ଫଳରେ ଏବେ ସହରର ମୋଟ ୫୯ଟି ୱାର୍ଡରେ ବୁଲା ଗୋରୁଙ୍କ ପାଇଁ ରହିଛି ବକ୍ସିବଜାର କାଞ୍ଜିଆହୁଦା। ଏଠାରେ ଏକକାଳୀନ ୩୦ରୁ ଅଧିକ ଗୋରୁ ରଖାଯିବାର ବନ୍ଦୋବସ୍ତ କରାଯାଇଥିଲା। ଗୋରୁ ଧରିବା ଗାଡ଼ି ସହରରେ ବିଭିନ୍ନ ରାସ୍ତାରୁ ବୁଲା ଗାଈ ଓ ଷଣ୍ଢ ଧରି କାଞ୍ଜିଆହୁଦାକୁ ଆଣୁଥିଲା। ୧୦ ଜଣିଆ ସଦସ୍ୟ ଥିବା ୨ଟି ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ଥିଲା। ୭ଦିନ ମଧ୍ୟରେ ସେମାନଙ୍କ ଦାବିଦାର ଜରିମାନା ଦେଇ ଗୋରୁଙ୍କୁ ନେଇଥାନ୍ତି। ଦାବିଦାର ନ ଥିବା ଗୋରୁଙ୍କୁ ଗୋଶାଳାକୁ ସ୍ଥାନାନ୍ତରିତ କରାଯାଇଥାଏ। କର୍ପୋରେଟର ରଞ୍ଜିତା ବିଶ୍ୱାଳ କହିଛନ୍ତି, ଏବେ ଏସବୁ କାର୍ଯ୍ୟ ଏକପ୍ରକାର ବନ୍ଦ ହୋଇଯାଇଛି। କାଞ୍ଜିଆହୁଦା ପରିସର ଠିକ୍ ଭାବେ ସଫାସୁତରା କରାଯାଉ ନ ଥିବାବେଳେ ଭିତରେ ଗୋରୁଙ୍କ ପାଇଁ ଆବଶ୍ୟକ ସୁବିଧା ନାହିଁ। ଏପରିକି ଉପଯୁକ୍ତ ଖାଦ୍ୟ ଦିଆଯାଉନାହିଁ। ପ୍ରତି ବର୍ଷ କେତେଜଣ କର୍ମଚାରୀ ଅବସର ନେଉଥିବା ବେଳେ ତାଙ୍କ ସ୍ଥାନରେ ସ୍ଥାୟୀ ନିଯୁକ୍ତି ଦିଆଯାଉନାହିଁ। ସିଏମ୍‌ସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି, କାଞ୍ଜିଆହୁଦା ପରିଚାଳନା ପାଇଁ କର୍ମଚାରୀଙ୍କ ଅଭାବ ରହିଛି। ଗୋରୁ ଧରିବା ପାଇଁ ଏବେ ଗୋଟିଏ ଗ୍ରୁପରେ ୪ରୁ ୫ଜଣ କର୍ମଚାରୀ ରହୁଛନ୍ତି। ସେଥିରେ ପୁଣି ଠିକା କର୍ମଚାରୀ ରହିଛନ୍ତି। ପୁଣି ରାସ୍ତାରେ ବୁଲୁଥିବା ଷଣ୍ଢଙ୍କୁ ଧରି ସହରଠାରୁ ୩କିମି ଦୂରରେ ଛାଡିବାକୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ତାହା ଆଉ ସମ୍ଭବ ହେଉନାହିଁ। ଏ ସମ୍ପର୍କରେ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି, ମୁଁ ନିଜେ କାଞ୍ଜିଆହୁଦା ଭିଜିଟ୍ କରି ସ୍ଥିତି ଅନୁଧ୍ୟାନ କରିବି। ଆବଶ୍ୟକତା ଅନୁଭବ କଲେ ସହରରେ ବନ୍ଦ ହୋଇଯାଇଥିବା କାଞ୍ଜିଆହୁଦାଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସିଏମ୍‌ସି ପକ୍ଷରୁ ଚେଷ୍ଟା କରାଯିବ।

■ ପୂର୍ବରୁ ବନ୍ଦ ହୋଇଯାଇଛି ୪ରୁ ଅଧିକ କାଞ୍ଜିଆହୁଦା
■ ପଦକ୍ଷେପ ନେବାକୁ କହିଲେ ସିଏମ୍‌ସି କମିଶନର



କଟକ ଓଡିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ବୁଧବାର ରାଜ୍ୟପାଳ ଗଣେଶୀ ଲାଲ ମାଲ୍ୟାର୍ପଣ କରୁଛନ୍ତି।

## ସଂକ୍ଷେପରେ

### ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ଚୌଦ୍ୱାର, ୨।୧(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ଅଧୀନ ୧ରୁ ୫ନଂ. ୱାର୍ଡ ମିଳିତ ଆନୁକୂଲ୍ୟରେ ବିଜୁ ଯୁବବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଯୁବବାହିନୀର ସମ୍ପାଦକ ଜନ୍ମେଜୟ ବାରିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚୌଦ୍ୱାର ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପୂର୍ବତନ ପୌରାଧକ୍ଷ କୈଳାସ ଚନ୍ଦ୍ର ପୃଷ୍ଟି, ବିଷ୍ଣୁଚରଣ ପରିଡା, ଜିଲା କ୍ରୀଡା ଓ ସଂସ୍କୃତି ଅଧିକାରୀ ସରୋଜ ସ୍ୱାଇଁ, ସୁଧାଂଶୁ ଶେଖର ମହାପାତ୍ର, ପୌରାଞ୍ଚଳ ସଂଯୋଜକ ବିଶ୍ୱ ରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ । ଶୁଭମ୍ ସରିତା କରଙ୍କୁ 'ମୁଁ ହିରୋ ମୁଁ ଓଡ଼ିଶା' ମାନପତ୍ର ପ୍ରଦାନ କରାଯାଇଥିଲା।

### ୬ରୁ ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ୍ ଟୁର୍ନାମେଣ୍ଟ

**ବାଙ୍କୀ, ୨।୧(ସ୍ୱ.ପ୍ର.):** ବାଙ୍କୀ ବ୍ଲକ ପଥୁରୀପଡ଼ା ମହାବେରଣା କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ହରିଶ୍ଚନ୍ଦ୍ର ମିଶ୍ର କ୍ରିକେଟ୍ ଟୁର୍ନାମେଣ୍ଟ୍ ଆସନ୍ତା ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଚଳିତ ବର୍ଷ ଏହି ଟୁର୍ନାମେଣ୍ଟରେ ୧୦ ଦଳ ଯଥା ବାଙ୍କୀ ଆଥଲେଟିକ୍ ଆସୋସିଏଶନ୍, ବାଘମାରୀ ଅର୍ଟି, କାଇପଦର, କଳିଙ୍ଗ ଖୋର୍ଦ୍ଧା, ବ୍ଲୁ-ରକ୍‌ଷ୍ଟାର ଜାଆଁଳା, ଭାଲିଆବାଡି ଖୋର୍ଦ୍ଧା, ବୈଦ୍ୟେଶ୍ୱର, ନଅଁପୁଟ ଭୁବନେଶ୍ୱର, କୁମାରବସ୍ତ ଖୋର୍ଦ୍ଧା ଓ ମାର୍ଥାପୁର ଢେଙ୍କାନାଳ ଦଳ ଯୋଗ ଦେବେ ବୋଲି କ୍ଲବ ସମ୍ପାଦକ ସଦାଶିବ ଦାସ ସୂଚନା ଦେଇଛନ୍ତି।

### ଅନାଥ ପିଲାଙ୍କ ମୁହଁରେ ହସ ଫୁଟାଇଲେ

**କଟକ ଅଫିସ, ୨।୧:** ସେମାନଙ୍କ ମୁହଁରେ ହସ ଆମର ନୂଆ ବର୍ଷ। ଏଭଳି ଚିନ୍ତାଧାରାକୁ ନେଇ ଅନାଥ ପିଲାଙ୍କ ସହ ନୂଆବର୍ଷ ପାଳନ କରିଛନ୍ତି ପୂର୍ବତନ ସେନା ଅଧିକାରୀ ଶ୍ରୀକାନ୍ତ କୁମାର ସାହୁ, କର୍ମଜୀବୀ ମହିଳା ସଙ୍ଗୀତା ପ୍ରଧାନ ଓ ବହୁ ସାମାଜିକ କର୍ମୀ। ବୁଧବାର ସେମାନେ କଟକ ଯଶୋଦା ଭବନରେ କେତେଜଣ ଅନାଥ ପିଲାଙ୍କ ସହ କେକ୍ କାଟିଛନ୍ତି। ଖାଦ୍ୟ ବାଣ୍ଟି ସେମାନଙ୍କ ମୁହଁରେ ହସ ଫୁଟାଇଛନ୍ତି। ଏହି ନିଆରା ନୂଆବର୍ଷ ପାଳନକୁ ଯଶୋଦା ଭବନର କର୍ମଚାରୀମାନେ ବେଶ ପ୍ରଶଂସା କରିବା ସହ ସମାଜର ଏହି ଅନାଥଙ୍କ ମୁହଁରେ ପ୍ରତ୍ୟେକ ବ୍ୟକ୍ତି ହସ ଫୁଟାଇବାକୁ ଉଦ୍ୟମ କରିବା ଉଚିତ ବୋଲି କହିଛନ୍ତି। ଏଥିରେ ପ୍ରକୃତ ଆତ୍ମସନ୍ତୋଷ ମିଳିଥାଏ ବୋଲି କହିଛନ୍ତି ସମାଜସେବୀ ତଥା ଏକ ରାଷ୍ଟ୍ରାୟତ୍ତ କମ୍ପାନୀରେ ଚାକିରି କରିଥିବା ସଙ୍ଗୀତା।

### ୫୬ ୟୁନିଟ ରକ୍ତ ସଂଗ୍ରହ

**ବାଙ୍କୀ, ୨।୧(ସ୍ୱ.ପ୍ର.):** ବାଙ୍କୀ ପାଟପୁର ତ୍ରିନାଥ କ୍ଲବ ଆନୁକୂଲ୍ୟରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ଅଶୋକ ସାହୁ ଓ ଅନ୍ୟମାନେ ଶିବିର ପରିଚାଳନା କରିଥିଲେ।



କଟକ ସାରଳା ଭବନରେ ଅନୁଷ୍ଠିତ ଦଶମ କଟକ ମହୋତ୍ସବର ବୁଧବାର ଉଦ୍‌ଘାଟନୀ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିବୃନ୍ଦ।

## ଖ୍ରୀଷ୍ଟ କଲେଜରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**କଟକ ଅଫିସ, ୨।୧**

ଖ୍ରୀଷ୍ଟ କଲେଜ ଅଧକ୍ଷ ମନ୍ମଥ ଓତାଙ୍କ କାର୍ଯ୍ୟକାଳ ବୁଧବାର ଶେଷ ହୋଇଥିବାବେଳେ ନୂତନ ଅଧକ୍ଷ ସିଦ୍ଧାର୍ଥ ସାହୁ ଯୋଗ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କଲେଜ ପରିସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କଲେଜ ପରିଚାଳନା ସମିତି ସଦସ୍ୟ ଓ କର୍ମଚାରୀମାନେ ନୂତନ ଅଧକ୍ଷଙ୍କୁ ସ୍ୱାଗତ କରିବା ସହ ପୂର୍ବତନ ଅଧକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ପୂର୍ବତନ ଅଧକ୍ଷ ଓତା ତାଙ୍କ ବିଦାୟୀ ଭାଷଣରେ କଲେଜରେ ବିତାଇ ଥିବା ସ୍ମୃତିକୁ ବଖାଣି ଭାବବିହ୍ୱଳ ହୋଇପଡିଥିଲେ। ନୂତନ ଅଧକ୍ଷ ସାହୁ ମଧ୍ୟ କଲେଜର ଗରିମା ବୃଦ୍ଧି ଦିଗରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ସମିତି ସଭାପତି ଅନୁପମ ପାତ୍ର, ସମ୍ପାଦକ ବିକାଶ ଚନ୍ଦ୍ର ରାଉତଙ୍କ ସମେତ ସମସ୍ତ ଅଧାପିକାଅଧାପିକ ଉପସ୍ଥିତ ଥିଲେ।

# ପେଟ୍ରୋଲ ପମ୍ପରୁ ଟଙ୍କା ଲୁଟ୍

**କଟକ ସଦର, ୨।୧(ଡି.ଏନ୍.ଏ.)**

କଟକ-ପାରାଦୀପ ରାସ୍ତାର ନାହାଭଙ୍ଗା ପେଟ୍ରୋଲ ପମ୍ପରେ ସେଲ୍ସମ୍ୟାନ୍‌ଙ୍କ ଠାରୁ ଟଙ୍କା ଲୁଟ୍ ହୋଇଥିବା ବୁଧବାର ଅଭିଯୋଗ ହୋଇଛି। କନ୍ଦରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପେଟ୍ରୋଲ ପମ୍ପରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୧୦ଟାରେ କଳାରଙ୍ଗର ଏକ କାରରେ ୪ ଜଣ ବ୍ୟକ୍ତି ଉକ୍ତ ପେଟ୍ରୋଲ ପମ୍ପରେ ପହଞ୍ଚିଥିଲେ। ୧୩୦୦ ଟଙ୍କାର ତେଲ ଭରିବା ପାଇଁ ଡ୍ରାଇଭର ସେଲ୍ସମ୍ୟାନ୍‌ଙ୍କୁ କହିଥିଲେ। ତେଲ ଭରିବା ପରେ ସେଲ୍ସମ୍ୟାନ୍ ଟଙ୍କା ମାଗିଥିଲେ। ସେହି ସମୟରେ କାର ଭିତରୁ ୪ ଜଣ ଦୁର୍ବୃତ୍ତ ବାହାରି ସେଠାରେ ଥିବା ୨ ଜଣ ସେଲ୍ସମ୍ୟାନ୍ ଦେବେନ୍ଦ୍ର ବେହେରା ଓ ଅନନ୍ତ ବେହେରାଙ୍କୁ ମାଡ ମାରି ଆହତ କରିବା ପରେ ସେମାନଙ୍କ ପାଖରେ ଥିବା ଟଙ୍କାବ୍ୟାଗ୍‌କୁ ଛଡାଇ ନେଇ କଟକ ଅଭିମୁଖେ ପଳାଇ ଯାଇଥିଲେ।

# ଟାଟା ମ୍ୟାଜିକ୍ ଗାଡ଼ିକୁ ପିଟିଲା କାର

**ଚାଳକ ଆହତ**

**ଫୁଲନଖରା, ୨।୧(ଡି.ଏନ୍.ଏ.)**

କଟକ-ଭୁବନେଶ୍ୱର ଜାତୀୟ ରାଜପଥର ଫୁଲନଖରା ଛକସ୍ଥିତ ନୂଆକାଚରାମାଳ ନିକଟରେ ବୁଧବାର ଅପରାହ୍ଣରେ ଏକ ଟାଟା ମ୍ୟାଜିକ୍ ଗାଡିକୁ ପଛରୁ କାର୍ ଧକ୍କା ଦେଇଛି। ଏଥିରେ କାର ଚାଳକ ଢେଙ୍କାନାଳ ବେଗୁନିଆପାଳ ଗ୍ରାମର ସାରଙ୍ଗଧର ସେଠୀ ଆହତ ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ମହୀଧରପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। କାର୍‌ଟି କଟକରୁ ବ୍ରାହ୍ମଣଝରିଲୋ ଆସୁଥିଲା। ହେଲେ ଚାଳକଙ୍କ ଅସାବଧାନତା ଯୋଗୁ କାର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଟାଟା ମ୍ୟାଜିକ୍ ଗାଡିକୁ ଧକ୍କା ଦେଇଥିଲା। ଫଳରେ ଟାଟା ମ୍ୟାଜିକ୍ ଗାଡି ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିଲା। କଟକ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିଛି।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

**ଫୁଲନଖରା, ୨।୧(ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନ ନୂଆପାଟଣା ଗ୍ରାମର ଶରତ ବେହେରାଙ୍କ ଘରୁ ପ୍ରଭାମୟୀ ଦାସ ନାମ୍ନୀ ମହିଳାଙ୍କ ମୃତଦେହକୁ ବୁଧବାର ପୋଲିସ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି। ପରେ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଯୌତୁକ ପାଇଁ ପ୍ରଭାମୟୀଙ୍କୁ ଶାଶୁଘର ଲୋକେ ମାରିଦେବା ପରେ ବେକରେ ଲୁଗା ବାନ୍ଧି ଫ୍ୟାନ୍‌ରେ ଝୁଲାଇ ଦେଇଥିବା ତାଙ୍କ ବାପା ପ୍ରଫୁଲ୍ଲ ଦାସ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ଦଫା ୪୯୮(ଏ), ୩୦୨, ୩୦୪(ବି)ରେ ପୋଲିସ ଏକ ହତ୍ୟା ମାମଲା(ନଂ.୨/୧୯) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, କିଶୋର ନଗର ଅଞ୍ଚଳର ପ୍ରଭାମୟୀଙ୍କୁ ୨ ବର୍ଷ ତଳେ ଶରତ ବିବାହ କରିଥିଲେ। ବିବାହ ବେଳେ ବର ଘରର ଦାବି ମୁତାବକ ଯୌତୁକ କନ୍ୟାଘର ପକ୍ଷରୁ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଅଧିକ ଟଙ୍କା ଆଣିବାକୁ ଦାବିକରି ଶାଶୁଘର ଲୋକେ ପ୍ରଭାମୟୀଙ୍କୁ ନିର୍ଯାତନା ଦେଉଥିଲେ। ବୁଧବାର ତାଙ୍କୁ ଶାଶୁଘର ଲୋକେ ମାରିଦେବା ପରେ ଫ୍ୟାନ୍‌ରେ ଝୁଲାଇ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ କୌଣସି କାରଣକୁ ନେଇ ଶରତ ଓ ପ୍ରଭାମୟୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏହାପରେ ପ୍ରଭାମୟୀ ବେକରେ ଲୁଗା ବାନ୍ଧି ଫ୍ୟାନ୍‌ରେ ଝୁଲି ପଡିଥିଲେ ବୋଲି ଶରତ ସଫେଇ ଦେଇଛନ୍ତି।

## ପଞ୍ଚାୟତସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ

**ମାହାଙ୍ଗା, ୨।୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ସାହାପୁର ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ଅରିଲୋ ତାରିଣୀ ପୀଠରେ ଦିବାରାତ୍ର ପଞ୍ଚାୟତସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ମାହାଙ୍ଗା ଓ ମଧୁପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲାବେଳେ ମଧୁପୁର ଚାମ୍ପିୟନ ହୋଇଥିଲା। ଯୁବ ବାହିନୀ ସଭାପତି ସାରଦା ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ପଞ୍ଚାୟତ ସଭାପତି ପ୍ରଶାନ୍ତ ମହାନ୍ତି, ସରପଞ୍ଚ ଅର୍ଚ୍ଚନା ଦାସ, ସମିତିସଭ୍ୟା ସୁବାଶିନୀ ବେହେରା, ଅଶୋକ ବାରିକ, ଯୁବବାହିନୀ ସମ୍ପାଦକ ଅସିତ ମହାନ୍ତି ଓ ପ୍ରକାଶ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସତ୍ୟାନନ୍ଦ ସ୍ୱାଇଁ ଓ ରାଜୁ ସାହୁ ଖେଳ ପରିଚାଳନା କରିଥିଲେ।




କଟକ ଶିଶୁଭବନସ୍ଥିତ ସାଇ ମନ୍ଦିର ପରିସରରେ ବୁଧବାର ସାଇ ତ୍ରିନାଥ ନୀଳଚକ୍ର ଯୋଗ ଶିବିରର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଜମା ସଂଗ୍ରହକାରୀ ସଂଘର ରୌପ୍ୟଜୟନ୍ତୀ ସମାରୋହ

**ଚୌଦ୍ୱାର, ୨।୧(ଡି.ଏନ୍.ଏ)**

ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ଜମା ସଂଗ୍ରହକାରୀ ସଂଘର ରୌପ୍ୟଜୟନ୍ତୀ ସମାରୋହ ବୁଧବାର କନ୍ଦର୍ପଛକ ସ୍ଥିତ ଗାର୍ଡେନ ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କିଶୋର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଧକ୍ଷ ଶରତ ଚନ୍ଦ୍ର ପ୍ରଧାନ, ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ସଂଘ ସମ୍ପାଦକ ପ୍ରଫୁଲ୍ଲ ତ୍ରିପାଠୀ, ଇସ୍‌କଫ୍ ସର୍ବଭାରତୀୟ ସାଧାରଣ ସମ୍ପାଦକ ବିଜୟ କୁମାର ପଡିହାରୀ ଓ ସାଧାରଣ ସମ୍ପାଦକ ଦାମୋଦର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୫ଦଫା ଦାବି ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା। ଏଥିରେ ଅନ୍ୟଅତିଥି ଭାବେ ବ୍ୟାଙ୍କର ନିର୍ଦ୍ଦେଶକ ଧର୍ମେଶ ନାୟକ, ରାମଚନ୍ଦ୍ର ବେଉରା, ଲାଲା ପ୍ରତାପ ରାୟ, ପ୍ରମୋଦ ଦାସ, ହେମନ୍ତ ବେଉରା ଓ ବିଶ୍ୱରଞ୍ଜନ ଘଡେଇ ଯୋଗଦେଇ ଜମା ସଂଗ୍ରହକାରୀମାନେ ସ୍ୱାଭିମାନୀ ହେଲେ ବ୍ୟାଙ୍କ ନିଶ୍ଚିତ ଭାବେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବ ବୋଲି କହିଥିଲେ। ରାଧେଶ୍ୟାମ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଭଙ୍ଗାରିକା ପାନ୍ଥଶାଳାରେ ବ୍ଲକ ମହିଳା କୋର ଗ୍ରୁପ୍ ବୈଠକ

**ବଡ଼ମ୍ବା, ୨।୧(ଡି.ଏନ.ଏ.)**

ବଡ଼ମ୍ବା ବ୍ଲକ ଶଶାଙ୍ଗ ଗ୍ରାମସ୍ଥିତ ଭଙ୍ଗାରିକା ପାନ୍ଥଶାଳାରେ ବ୍ଲକ୍ ମହିଳା କୋରଗ୍ରୁପ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜୁ ମହିଳା ଜନତାଦଳ ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥିଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ଉପସ୍ଥିତ ମହିଳା ଗ୍ରୁପ୍‌ଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଏଥିସହିତ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ମହିଳା ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଥିବା ସହାୟତା ଓ ଆଗକୁ ମିଳିବାକୁ ଥିବା ବିଭିନ୍ନ ଯୋଜନା ଉପରେ ସୂଚନା ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଅନୁସୂୟା ନାଏକ, ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ସାହୁ, ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ସଞ୍ଜୟ ସ୍ୱାଇଁ, କଟକ ଜିଲା ଉପସଭାପତି ରଘୁପତି ମହାନ୍ତି, ସମ୍ପାଦକ ପ୍ରଦୀପ ସ୍ୱାଇଁ ପ୍ରମୁଖ ଯୋଗଦେଇ ମହିଳାଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ସଦାସର୍ବଦା ଚେଷ୍ଟିତ ଅଛନ୍ତି ବୋଲି କହିଥିଲେ। ବ୍ଲକ ଓ ପଞ୍ଚାୟତସ୍ତରୀୟ ମହାସଂଘ କର୍ମକର୍ତ୍ତାଙ୍କ ସମେତ ୮୦୦ରୁ ଊର୍ଦ୍ଧ୍ୱ ମହିଳା ଏଥିରେ ସାମିଲ ହୋଇଥିଲେ।

# ଆର୍ଥିକ ସ୍ଥିତିରେ ସୁଧାର ଆଣିବେ ଶକ୍ତିକାନ୍ତ

**କଟକ ଅଫିସ, ୨।୧**

ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ପ୍ରଥମ ଓଡ଼ିଆ କଟକର ଶକ୍ତିକାନ୍ତ ଦାସ ନିଯୁକ୍ତ ହୋଇଛନ୍ତି। ଦାସଙ୍କ ନିଯୁକ୍ତିକୁ ନିଖିଳ ଓଡ଼ିଶା ବୁଦ୍ଧିଜୀବୀ ଫୋରମ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ଫୋରମ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସଭାପତି ଆଡ୍‌ଭୋକେଟ ବରଦା ପ୍ରସନ୍ନ ପଟ୍ଟନାୟକ ଅଧକ୍ଷତା କରି କହିଲେ, ଦେଶର ଆର୍ଥିକ ପରିସ୍ଥିତିରେ ସୁଧାର ଆଣିବା ଦିଗରେ ଦାସ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଏହା ଆମ ପାଇଁ ବଡ଼ ଗର୍ବର ବିଷୟ। ଫୋରମ ଉପସଭାପତି ଆଡଭୋକେଟ ତାପସ କୁମାର ଦ୍ୱିବେଦୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଅଂଶଗ୍ରହଣ କରି ମତ ରଖିଥିଲେ।




ଡମପଡ଼ା ବ୍ଲକ ଦୁର୍ଗାପୁର ପଞ୍ଚାୟତରେ ନାରୀ ନିର୍ଯାତନା ବିରୋଧରେ ବିଜୁ ଯୁବ ବାହିନୀ ପକ୍ଷରୁ କରାଯାଇଥିବା ସଚେତନତା ଶୋଭାଯାତ୍ରା।

## ନାରୀ ଶୋଷଣକୁ ନା କାର୍ଯ୍ୟକ୍ରମ

**ବାଙ୍କୀ, ୨।୧(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଦୁର୍ଗାପୁର ପଞ୍ଚାୟତରେ ବୁଧବାର ନାରୀ ଶୋଷଣକୁ ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଜୁ ଯୁବବାହିନୀ ସଭାପତି ସରୋଜ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ବୁଲୁ ଛାଟୋଇ, ପ୍ରକାଶ ରାଉତ ଓ ବିଜୟ କୁମାର ରାଉତଙ୍କ ସମେତ ଯୁବ ବାହିନୀର ସମସ୍ତ ସଦସ୍ୟ ଉପସ୍ଥିତ ରହି ଜନସାଧାରଣଙ୍କୁ ନାରୀ ଶୋଷଣ ରୋକିବା ଦିଗରେ ସଚେତନ କରାଇଥିଲେ। ଏଥିସହିତ ସମାଜର ପ୍ରତ୍ୟେକ ନାଗରିକ ନାରୀଙ୍କୁ ସମ୍ମାନ ଦେବାକୁ ସେମାନେ ଅନୁରୋଧ କରିଥିଲେ।

# ନବବଧୂଙ୍କୁ ପୋଡ଼ି ମାରିଦେବାକୁ ଉଦ୍ୟମ

**ଯୌତୁକ ନିର୍ଯାତନା ଅଭିଯୋଗ**

**ମାହାଙ୍ଗା, ୨।୧(ଡି.ଏନ.ଏ./ସ୍ୱ.ପ୍ର.)**

ନବବଧୂଙ୍କୁ ଯୌତୁକ ନିର୍ଯାତନା ଦିଆଯିବା ସହ ପୋଡ଼ି ମାରିଦେବାକୁ ଉଦ୍ୟମ ହୋଇଛି। ଏ ନେଇ ନବବଧୂ ଜଣଙ୍କ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ-୨୪୨/୧୮ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏପରି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଧୀନ ହଳଦିଆ ପଞ୍ଚାୟତ ଝାଡ଼େଶ୍ୱରପୁର ଇଟାମୁଣ୍ଡଳୀ ଗ୍ରାମରେ। ଗ୍ରାମର ଉପେନ୍ଦ୍ର ରାଉଳଙ୍କ ପୁଅ କମଳାକାନ୍ତ ଭଦ୍ରେଶ୍ୱର ପଞ୍ଚାୟତ ପାଣ୍ଡିଆ ଗ୍ରାମର କୈଳାସ ଚନ୍ଦ୍ର ରାଉଳଙ୍କ ଝିଅ ମାମାଲିଙ୍କୁ ବୈଦିକ ରୀତିରେ ୨୦।୬।୨୦୧୮ରେ ବିବାହ କରିଥିଲେ। ବିବାହ ସମୟରେ ମାମାଲିଙ୍କ ଘରଲୋକେ ଶାଶୁଘର ଦାବି ମୁତାବକ ଯୌତୁକ ଦେଇଥିଲେ। ତେବେ ବିବାହର ମାତ୍ର ୨୦ ଦିନ ପରେ ସ୍ୱାମୀ, ଶାଶୁ ଓ ଶ୍ୱଶୁର ଅଧିକ ଯୌତୁକ ଦାବିକରି ମାମାଲିଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏକଥା ଜାଣିବା ପରେ ମାମାଲିଙ୍କୁ ବାପଘର ଲୋକେ ନେଇ ଆସିଥିଲେ। ଏହାପରେ ଉଭୟ ପକ୍ଷ ଭଦ୍ରଲୋକଙ୍କ ଉପସ୍ଥିତରେ ଏହାର ସମାଧାନ ହୋଇଥିଲା। ମାମାଲି ପୁଣି ଶାଶୁଘରକୁ ଫେରିଥିଲେ। ତେବେ କିଛି ଦିନ ଠିକ୍ ଠାକ୍ ଚାଲିବା ପରେ ପୁଣି ଶାଶୁଘର ଲୋକେ ମାମାଲିଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ମାମାଲି ପାଞ୍ଚ ମାସର ଗର୍ଭବତୀ ଥିଲାବେଳେ ଡିସେମ୍ବର ୩୦ରେ ଶାଶୁ ମଞ୍ଜୁଲତା, ଶ୍ୱଶୁର ଉପେନ୍ଦ୍ର ଓ ସ୍ୱାମୀ କମଳାକାନ୍ତ ମିଶି ମାମାଲିଙ୍କୁ ମାଡମାରିବା ସହିତ କିରୋସିନି ଢାଳି ପୋଡି ମାରିଦେବାକୁ ଉଦ୍ୟମ କରିଥିଲେ। ଏକଥା ଜାଣିବା ପରେ ମାମାଲି ତାଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ସେଠାରୁ କୌଶଳ କ୍ରମେ ଖସି ଆସିଥିଲେ। ଏହାପରେ ସେହିଦିନ ଫାଣ୍ଡିରେ ଶାଶୁଘର ପରିବାର ଲୋକଙ୍କ ନାମରେ ଅଭିଯୋଗ କରିଥିଲେ। ପୋଲିସ ୩୧ ତାରିଖରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଫାଣ୍ଡି ଅଧିକାରୀ ପବିତ୍ର ମହାରଣା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମାମାଲିଙ୍କ ଭାଇ ଓ ଅନ୍ୟମାନେ ତାଙ୍କ ଶାଶୁ ଘର ଲୋକଙ୍କୁ ମାଡ଼ ମାରିଥିବା ସେମାନେ ପାଲଟା ଅଭିଯୋଗ କରିଛନ୍ତି।



ନିଜ ଦୋଷକୁ ସ୍ୱୀକାର କଲେ ମନ ଶାନ୍ତ ଓ ପବିତ୍ର ହୋଇଥାଏ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଖୋର୍ଦ୍ଧା ଅଫିସ,୨।୧: ବାଣପୁର ଥାନା ପୋଲିସ ବୁଧବାର ମଧ୍ୟାହ୍ନରେ ଶାଳିଆ ନଦୀ କୃଷ୍ଣପଲ୍ଲୀ ଉଠାଣି ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଯୁବକ ହେଲେ ସୁରେନ୍ଦ୍ର ପ୍ରଧାନ (୪୫)। ଘର ଶାଳିଆ ଡ୍ୟାମ ନିକଟସ୍ଥ ପଣସଡିହ ଗ୍ରାମରେ। ମଙ୍ଗଳବାର ମଧ୍ୟାହ୍ନରେ ସୁରେନ୍ଦ୍ର କୌଣସି କାମ ନେଇ କୋଷରଡା ଗ୍ରାମକୁ ଯାଇଥିଲେ। ହେଲେ ରାତି ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜା ଖୋଜି କରିଥିଲେ ମଧ ତାଙ୍କର ଟେର ମିଳି ନ ଥିଲା। ବୁଧବାର ଅପରାହ୍ନରେ ଶାଳିଆ ନଦୀରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚି ଚିହ୍ନଟ କରିଥିଲେ। ସୁରେନ୍ଦ୍ରଙ୍କ ପତ୍ନୀ ବାଣପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ (୧/୧୯)ରେ ଅପମୃତ୍ୟୁ ମାମଲା ରୁଜୁ କରି ସୁରେନ୍ଦ୍ରଙ୍କ ମୃତଦେହ ଉଦ୍ଧାର କରି ଘଟଣାର ତଦନ୍ତ ଚଳାଇଛି। ତେବେ ସୁରେନ୍ଦ୍ର ଆତ୍ମହତ୍ୟା କରିଛନ୍ତି ନା ପାଣିରେ ଖସି ପଡିଛନ୍ତି ଅଥବା ପାଣିରେ ବୁଡାଇ କେହି ତାଙ୍କୁ ହତ୍ୟା କରିଛନ୍ତି ବ୍ୟବଚ୍ଛେଦ ରିପୋର୍ଟ ପରେ ତାହା ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### କାଳିଆ ପାଇଁ ଭୋଟବାକ୍ସ ବ୍ୟବହାର

ପୁରୁଣା ଭୁବନେଶ୍ୱର, ୨।୧(ଡି.ଏନ.ଏ.)- ଆଗକୁ ସାଧାରଣ ନିର୍ବାଚନ ଆସୁଛି। ତେବେ ଭୋଟବାକ୍ସ ପ୍ରସ୍ତୁତିର ସମୟ ହୋଇନି। ମାତ୍ର କାଳିଆ ପାଇଁ ଭୋଟବାକ୍ସ ପ୍ରସ୍ତୁତି ଜୋର ସୋର ଆରମ୍ଭ ହୋଇଯାଇଛି। ବିଭିନ୍ନ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ କାଳିଆ ଯୋଜନାରେ ଉପଯୁକ୍ତ ଚାଷୀମାନଙ୍କୁ ପଞ୍ଜୀକୃତ କରାଯିବ। ଯେଭଳି କୌଣସି ପ୍ରକାର ଦୁର୍ନୀତି ପିସି କାରବାର ନ ହେବ ତାହାକୁ ଦୃଷ୍ଟି ଆଗରେ ରଖି ଭୋଟବାକ୍ସକୁ ଫର୍ମବାକ୍ସ ଭାବେ ବ୍ୟବହାର କରାଯାଉଛି। ଚାଷୀମାନେ ସେମାନଙ୍କ ଆବେଦନ ଫର୍ମ ଭୋଟବାକ୍ସରେ ପକାଇବେ। ଏଣୁ ବୁଧବାର ଭୁବନେଶ୍ୱର ବ୍ଲକ ପକ୍ଷରୁ ଷ୍ଟୋର ରୁମ୍‌ରେ ଥିବା ପ୍ରାୟ ୩୦ଟି ଭୋଟବାକ୍ସକୁ ଯାଞ୍ଚ କରାଯାଇ ସେଗୁଡ଼ିକୁ ବିଭିନ୍ନ ପଞ୍ଚାୟତକୁ ପ୍ରେରଣ କରାଯାଇଥିଲା। ବିଡ଼ିଓ ଶାନ୍ତନୁ ମହାନ୍ତି ପ୍ରତ୍ୟକ୍ଷ ଭାବେ ସେଗୁଡିକୁ ଯାଞ୍ଚ କରିଥିଲେ। ସୂଚନାଯୋଗ୍ୟ ଭୁବନେଶ୍ୱର ବ୍ଲକ ଅଧୀନ ବାସୁଆଘାଇ, କଳାରାହାଙ୍ଗ ଟିକରପଡ଼ା, ଲିଙ୍ଗିପୁର ଭଳି ୨୦ଟି ପଞ୍ଚାୟତକୁ ଏଗୁଡିକୁ ପ୍ରେରଣ କରାଯିବ ବୋଲି ଖବର ମିଳିଛି।

### କଂଗ୍ରେସ ସାଂଗଠନିକ ବୈଠକ

ବୋଲଗଡ଼,୨।୧(ଡି.ଏନ.ଏ.)- ବୋଲଗଡ଼ଠାରେ ପିସିସ ପକ୍ଷରୁ ବୁଧବାର ଅପରାହ୍ନରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବେଗୁନିଆ ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଗଦାଧର ଚମ୍ପତି ସଭାପତିତ୍ୱ କରିଥିଲେ। ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିରେ ନୂତନ କର୍ମକର୍ତ୍ତା ଭାବେ ଯୋଗଦେଇଥିବା ଉପସଭାପତି ଆଡ଼ଭୋକେଟ ପ୍ରଶାନ୍ତ କୁମାର ପରିଡ଼ା, ସାଧାରଣ ସମ୍ପାଦକ ପ୍ୟାରୀ ମୋହନ ଦାସ, କାର୍ଯ୍ୟକାରୀ କମିଟି ସଦସ୍ୟ ଫକିର ମୋହନ ସାହୁ ଏବଂ ବରିଷ୍ଠ ନେତା ବିଜୟ ମହାନ୍ତି ପ୍ରମୁଖଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରହ୍ଲାଦ ମହାପାତ୍ର, ପାଣ୍ଡବ ସାହୁ, ଲକ୍ଷ୍ମୀଧର ସାହୁ ଓ ମଣ୍ଟୁ ହୋତା ଆଲୋଚନାରେ ଯୋଗଦେଇଥିଲେ।

## ■ ଛଣଗିରିରେ କଙ୍ଗାରୁ କୋର୍ଟ ମାମଲା

# ଅସବର୍ଣ୍ଣଙ୍କୁ ଗାଁରୁ ବାସନ୍ଦର ମିଳିଲାନି ନ୍ୟାୟ

ଖୋର୍ଦ୍ଧା ଅଫିସ,୨।୧

ଖୋର୍ଦ୍ଧା ଜିଲାର ଛଣଗିରିରେ କଙ୍ଗାରୁ କୋର୍ଟ ବସି ଅସବର୍ଣ୍ଣଙ୍କୁ ଗାଁରୁ ବାସନ୍ଦ କରାଯିବା ଅଭିଯୋଗ ସତ୍ତ୍ୱେ ପୋଲିସ ପ୍ରଶାସନ ପକ୍ଷରୁ ନ୍ୟାୟ ମିଳି ନାହିଁ। ଏଣୁ ବୁଧବାର ରମେଶ ନାୟକଙ୍କ ନେତୃତ୍ୱରେ ଅସବର୍ଣ୍ଣମାନେ ଏସ୍‌ପିଙ୍କୁ ଭେଟି ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ମିଳିଥିବା ଅଭିଯୋଗ ଅନୁସାରେ, ଅକ୍ଟୋବରରେ ଛଣଗିରିର ଦଳିତ ଶ୍ରେଣୀର ଯୁବତୀ ସ୍ଥାନୀୟ ବଜାରରେ ଜଳଖିଆ ଖାଇଥିଲେ। ଦୋକାନୀ ପ୍ଲେଟ ନ ଦେଇ ପତର ଠୁଙ୍ଗାରେ ଖାଇବାକୁ ଦେଇଥିଲେ। ପୁଣି ମାଗିବା ପରେ ଚାମଚ ଦେଇ ନ ଥିଲେ। ଏହି ଘଟଣାକୁ ନେଇ ପ୍ରତିବାଦ କରି ରମେଶ ନାୟକ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ। ସମାଧାନ ନ ହେବାରୁ ପୋଲିସ ୩ ଏସ୍‌ସିଏସ୍‌ଟି ଆକ୍ଟରେ ୧୫୭/୧୮ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏଭଳିସ୍ଥଳେ ଛଣଗିରିର ବ୍ୟବସାୟୀମାନେ ଅସବର୍ଣ୍ଣଙ୍କର ଜାତିଆଣ ଆକ୍ଷେପ ସହ୍ୟ କରି ନ ପାରି ପ୍ରତିବାଦ କରି ସ୍ଥାନୀୟ ବଜାରର ଦୋକାନ ବନ୍ଦ କରି ପ୍ରତିବାଦ କରିଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ଉଭୟ ଲୋକଙ୍କ ସହ ଆଲୋଚନା କରି ଘଟଣାର ସମାଧାନ କରିବାକୁ ପୋଲିସକୁ ସୂଚନା ଦେବା ପରେ ବ୍ୟବସାୟ ପ୍ରତିଷ୍ଠାନ ଆନ୍ଦୋଳନରୁ ଓହରିଥିଲେ। ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ବିବାଦ ସମାଧାନ ହୋଇପାରିଲା ନାହିଁ। ପ୍ରତିବାଦରେ ଅସବର୍ଣ୍ଣମାନେ ଡିସେମ୍ବର୧୪ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ହେଁ ତାହାକୁ ଅଣଦେଖା କରାଯାଇଛି। ସବର୍ଣ୍ଣମାନେ ଏକଜୁଟ୍ ହୋଇ ଅସବର୍ଣ୍ଣ ଲୋକଙ୍କୁ କଙ୍ଗାରୁ କୋର୍ଟରେ ବାସନ୍ଦ କରିଛନ୍ତି। ଡିସେମ୍ବର ୧୧ରୁ ଦୋକାନକୁ ସଉଦା କିଣିବାକୁ ଗଲେ ଦେଉନାହାନ୍ତି। ରାସ୍ତାରେ ଗଲେ କମେଣ୍ଟ କରୁଛନ୍ତି। ରାତିରେ ରାସ୍ତାରେ ଗଲେ ବେଶି ହଇରାଣ କରୁଛନ୍ତି। ଏପରି କି ପିଲାମାନଙ୍କୁ ଟିଉସନ କରୁନାହାନ୍ତି। କଥା ଅବମାନନା କଲେ ୫ ହଜାର ଟଙ୍କା ଫାଇନ ଭୟରେ ସବର୍ଣ୍ଣମାନେ ଅସବର୍ଣ୍ଣମାନଙ୍କୁ ହଇରାଣ କରୁଛନ୍ତି। ସବର୍ଣ୍ଣ ଲୋକଙ୍କ ବିରୋଧରେ ଥାନା କୋର୍ଟ କଚେରିକୁ ଗଲେ ଘର ପୋଡି ପାଉଁଶ କରିଦେବୁ ବୋଲି ଚେତାବନୀ ଦେଉଛନ୍ତି। ଏ ନେଇ ଜଣେ ସବର୍ଣ୍ଣ ଲୋକ ନିଜ ନାଁ ଗୋପନ ରଖି କହିଛନ୍ତି ଦଳିତ ଲୋକମାନେ ଜାତିଆଣ ଭେଦ ଭାବ ସୃଷ୍ଟି କରି ଗାଁରେ ଅଶାନ୍ତ ପରିବେଶ ସୃଷ୍ଟି କରୁଛନ୍ତି। ଦୋଷ ନ ଥାଇ ସବର୍ଣ୍ଣ ଲୋକଙ୍କୁ ହଇରାଣ କରୁଛନ୍ତି। ଫଳରେ ଭାଇଚାରା ନଷ୍ଟ ହେବାରେ ଲାଗିଛି ବୋଲି ସେ କହିଥିଲେ।

**ଏସ୍‌ପିଙ୍କୁ ଫେରାଦ ହେଲେ ଅସବର୍ଣ୍ଣ**



ଏସପିଙ୍କୁ ଫେରାଦ ହେବାକୁ ଆସିଥିବା ଲୋକମାନେ ।



ବିଦେଶାଗତ ପକ୍ଷୀ ।

## ପକ୍ଷୀଙ୍କ କଳରବରେ ପାରିକୁଦ ମୁଖରିତ

କୃଷ୍ଣପ୍ରସାଦ,୨।୧(ଡି.ଏନ.ଏ.)

ଶୀତଋତୁରେ ବିଦେଶାଗତ ପକ୍ଷୀଙ୍କ କଳରବରେ ମୁଖରିତ ହେଉଥିବା ଚିଲିକା ଏବେ ଆକର୍ଷିତ କରୁଛି ହଜାର ହଜାର ପର୍ଯ୍ୟଟକଙ୍କୁ । ପ୍ରବଳ ଶୀତ ଓ ପକ୍ଷୀ ଅଭୟାରଣ୍ୟ ନଳବଣରେ ଖାଦ୍ୟ ଅଭାବ ଯୋଗୁ ବିଦେଶାଗତ ପକ୍ଷୀ ଏବେ ପାରିକୁଦ ଅଞ୍ଚଳରେ ସମାଗମ ହୋଇ କଇଁଫୁଲ ଓ ଧାନ ଖାଉଥିବା ଦେଖାଯାଇଛି । ଚିଲିକାର ତଟଦେଶ ପାଞ୍ଚକୁଦି, ଜେଟି, ଚଟେଇକୋଣ, ସୋଲାକୁଦୀ, ପାଣ୍ଡା, ଚତରା ଓ ବନମାଳ ଆଦି ଅଞ୍ଚଳରେ ହଜାର ହଜାର ସଂଖ୍ୟାରେ ପକ୍ଷୀଙ୍କ ସମାଗମ ଘଟିଛି । ଏହି ପକ୍ଷୀଙ୍କ ପାଇଁ ପାରିକୁଦ ବନପାଳ ପ୍ରମୋଦ କୁମାର ପଣ୍ଡା ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଥିବା ସୂଚନା ମିଳିଛି।

## ବିପଜ୍ଜନକ ଅବସ୍ଥାରେ ମନ୍ଦାକିନୀ ବ୍ରିଜ୍

ନିରାକାରପୁର,୨।୧(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ରାମେଶ୍ୱର ଛକ ନିକଟସ୍ଥ ୧୬ନଂ ଜାତୀୟ ରାଜପଥ ଉପରେ ଥିବା ମନ୍ଦାକିନୀ ବ୍ରିଜ୍‌ଟି ସମ୍ପ୍ରତି ବିପଜ୍ଜନକ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି। ଏହା ଉପର ଦେଇ ଦୈନିକ ହଜାର ହଜାର ଗାଡ଼ି, ମୋଟର ଓ ଜନସାଧାରଣ ଯାତାୟାତ କରନ୍ତି । କିନ୍ତୁ ଉପଯୁକ୍ତ ଭାବେ ରକ୍ଷଣାବେକ୍ଷଣ ଅଭାବରୁ ବ୍ରିଜ୍ ମଝିରୁ ପିଚୁ ଉଠିଯାଇ ଛୋଟ ଛୋଟ ଖାଲଖମା ସୃଷ୍ଟି ହୋଇଛି। ଟିକେ ଅସାବଧାନତା ହେଲେ ଯାନବାହନ ନିୟନ୍ତ୍ରଣ ହରାଇ ନଦୀଗର୍ଭକୁ ପଡ଼ିଯିବାର ଆଶଙ୍କା ପ୍ରକାଶ ପାଉଛି। ତେବେ ସାଇଟ୍ ଗାର୍ଡୱାଲ୍ ଯୋଗୁ ଅନେକ ଗାଡ଼ିମୋଟର ଅଳ୍ପକେ ଦୁର୍ଘଟଣାରୁ ରକ୍ଷାପାଇଥିବା ସ୍ଥାନୀୟ ଲୋକେ କହନ୍ତି। ତେବେ ଗାର୍ଡୱାଲ୍‌ରୁ ମଧ ସିମେଣ୍ଟ ଖସି ଲୁହାରଡ୍ ଦେଖାଦେଲାଣି। ଏହାକୁ ମରାମତି କରିବାରେ ବିଳମ୍ବ କଲେ ତାହା ମଧ ନଷ୍ଟ ହୋଇ ଯାତାୟାତକାରୀଙ୍କୁ ଅଧିକ ବିପଦରେ ପକାଇବାର ଆଶଙ୍କା ସୃଷ୍ଟି କରିଛି। ଏ ସମସ୍ୟା ନେଇ ନିର୍ବାହୀ ଯନ୍ତ୍ରୀ ଏସ୍ କେ ନାୟକଙ୍କୁ ପଚାରିବାରୁ ସେ ଏଇଟା ମୋ ଏରିଆ ନୁହେଁ କହି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ।



ମନ୍ଦାକିନୀ ପୋଲର ବାଡା ଭାଙ୍ଗିଯାଇଛି ।

### କ୍ରିକେଟ, ଖୋର୍ଦ୍ଧା ଫାଇନାଲରେ

ବେଗୁନିଆ, ୨।୧ (ଡି.ଏନ.ଏ.)

ବେଗୁନିଆ ବ୍ଲକ ଅଧୀନ ଡଙ୍ଗରପଡା ଖେଳପଡିଆଠାରେ ଚାଲିଥିବା ୨୭ ତମ ଟି ୨୦ କପ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ୨ୟ ସେମିଫାଇନାଲ ମ୍ୟାଚରେ ଖୋର୍ଦ୍ଧାର କଳିଙ୍ଗ କ୍ରିକେଟ କ୍ଲବ ୫ ଉଇକେଟରେ ବିଜୟ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ଟସ ଜିଣି କଳିଙ୍ଗ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୯୩ ରନ ସଂଗ୍ରହ କରିଥିଲା। ଜବାବରେ ଭାଲିଆବାଡିର ଡ୍ରିମ ବଏଜ କ୍ରିକେଟ କ୍ଲବ ୨୦ ଓଭର ଖେଳି ୫ ଉଇକେଟ ହରାଇ ୧୭୪ ରନ କରିଥିଲା। ବିଜୟୀ ଦଳ ପକ୍ଷରୁ ସ୍ୱାଧୀନ ପାଇକରାୟ ବ୍ୟକ୍ତିଗତ ବ୍ୟାଟିଂରେ ୪୨ ରନ ଓ ବୋଲିଂରେ ୩ ଉଇକେଟ ହାସଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ କରାଯାଇଥିଲା।

### ପେନ୍‌ସନ୍, ବକେୟା ଦାବି ପୌର ଅବସର କର୍ମଚାରୀ ପୁଣି କରିବେ ଆନ୍ଦୋଳନ

ଜଟଣୀ,୨।୧(ଡି.ଏନ.ଏ):

ଜଟଣୀ ପୌର ପରିଷଦ ଅବସରପ୍ରାପ୍ତ କର୍ମଚାରୀଙ୍କ ପୂର୍ଣ୍ଣ ପେନ୍‌ସନ ଓ ବକେୟା ପ୍ରାପ୍ୟ ପ୍ରଦାନ କରାଯାଉନାହିଁ। ବହୁବାର ଅଭିଯୋଗ ଓ ଆନ୍ଦୋଳନ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଦୀର୍ଘଦିନ ହେବ ଅବସର ଗ୍ରହଣ ପରେ ମଧ ପେନ୍‌ସନ ଓ ପ୍ରାପ୍ୟ ପ୍ରଦାନ ଦିଆଯାଉ ନ ଥିବା ଅବସରପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଡିସେମ୍ବର ୩୦ ମଧ୍ୟରେ ସେମାନଙ୍କ ସମସ୍ୟା ଦୂର କରିବାକୁ ପରିଷଦର ପ୍ରଶାସକ ଦାୟିତ୍ୱରେ ଥିବା ଭୁବନେଶ୍ୱର ସବ୍‌କଲେକ୍ଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶ ପାଣିର ଗାର ସଦୃଶ ହୋଇଛି। ମଙ୍ଗଳବାର ଖବରଦାତା ସମ୍ମିଳନୀରେ ସଂଘର ସଭାପତି ସୁବ୍ରତ ନନ୍ଦ, ଉପସଭାପତି ସୁବାସ ସୁବୁଦ୍ଧି, ସମ୍ପାଦକ ସରୋଜ ରାୟ କହିଛନ୍ତି। ଆସନ୍ତା ୧୫ ତାରିଖ ମଧ୍ୟରେ ସେମାନଙ୍କ ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଖୋର୍ଦ୍ଧା ନାଟ୍ୟମଣ୍ଡପରେ ଆସାମ ନାଟକ

ଖୋର୍ଦ୍ଧା ଅଫିସ,୨।୧:

ନବବର୍ଷରେ ନାଟ୍ୟ ଚେତନା ଅନୁଷ୍ଠାନ ପକ୍ଷରୁ ଖୋର୍ଦ୍ଧା ବାଜପୁର ରୋଡ ନାଟ୍ୟ ଗ୍ରାମର ନାଟ୍ୟମଣ୍ଡପରେ ନଟ ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ନାଟ୍ୟମଣ୍ଡପରେ ଜାତୀୟ ରାଷ୍ଟ୍ରୀୟ ବିଦ୍ୟାଳୟ ଦ୍ୱାରା ପ୍ରେରିତ ନାଟ୍ୟଦଳ ନାଟ୍ୟ ଗ୍ରାମରେ ପହଞ୍ଚି ନୂଆ ବର୍ଷରେ ଆସାମ ନାଟକ ବାଓ ଏରୁୱା ଚାଲୋନୀ ନାଟକ ମଞ୍ଚସ୍ଥ କରିଛନ୍ତି। ଝିଅମାନଙ୍କର ଅତ୍ୟାଚାର ଖବରକୁ ଅଧିକ ଗୁରୁତ୍ୱ ଦେଇ ସାଧାରଣ ମାନସିକତାକୁ ଗଠନମୂଳକ ନ କରି ଖବରକାଗଜ ବିକୃତ କରୁଛି ବୋଲି ନାଟକରେ ପ୍ରତିଫଳନ ହୋଇଥିଲା। ଏଥିପାଇଁ ଝିଅମାନଙ୍କୁ ବିପ୍ଲବ କରିବାକୁ ପଡିବ ବୋଲି ନାଟକ ମାଧ୍ୟମରେ ବାର୍ତ୍ତା ରହିଥିଲା। ଏହାର ଲେଖକ ଓ ନିର୍ଦ୍ଦେଶକ ରୂପଜ୍ୟୋତି ମହାନ୍ତ ଥିବାବେଳେ ଅରବିନ୍ଦ ବେହେରା କଳାକାରମାନଙ୍କୁ ସମ୍ମାନିତ କରିଥିଲେ। ନାଟ୍ୟଚେତନାର ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ ଏହାକୁ ପରିଚାଳନା କରିଥିଲେ।



ଆସାମ ନାଟକର ଏକ ଦୃଶ୍ୟ ।

### ଜଗନ୍ନାଥ ମହୋତ୍ସବ: ପ୍ରଦର୍ଶନୀରେ ଶ୍ରୀଜୀଉଙ୍କ ଛପନ ଭୋଗ

## ସେବନ ପାଇଁ ନୁହେଁ ବାସ୍ନାରେ ପୂରୁଛି ପେଟ

ଖୋର୍ଦ୍ଧା ଅଫିସ,୨।୧:

ଜଗନ୍ନାଥଙ୍କ ଗୁପ୍ତ ରହଣୀ ସ୍ଥଳ ଚିଲିକା ବ୍ଲକ କାଙ୍କଣଶିଖରୀ ନିକଟସ୍ଥ ନଇରୀ ପ୍ରଦର୍ଶନୀ ପଡିଆରେ ଶ୍ରୀଜୀଉଙ୍କର ଛପନ ଭୋଗ ପ୍ରଦର୍ଶନୀରେ ସ୍ଥାନ ପାଇଛି। ଏଥିପାଇଁ ଏକ ଭୋଗ ମଣ୍ଡପର ବ୍ୟବସ୍ଥା ରହିଛି। ଛପନ ଭୋଗ ୫୬ଟି କୁଡିଆରେ ପୃଥକ୍ ପୃଥକ୍ ଭାବେ ରଖାଯାଉଛି। ଅପରାହ୍ନ ୨ଟା ପରେ ପ୍ରତିଦିନ ବଦଳାଯାଇ ସଦ୍ୟ ଭୋଗ ପୁଣି ପୁରୁଣା ଭୋଗର ସ୍ଥାନ ନେଉଛି। ହେଲେ ଏହି ଭୋଗକୁ ଭକ୍ତମାନେ ଖାଇବାର ସୁଯୋଗ ନ ପାଇ ତା'ର ମହକରେ ଭକ୍ତିରେ ପୁଲକିତ ହୋଇ ପଡୁଛନ୍ତି। ଛପନ ଭୋଗ ମଧ୍ୟରେ ଅଦା ପାଚିଡ଼ି, ପାରିଜାତକ, ଜଗନ୍ନାଥ ବଲ୍ଲଭ, କାକତୁଆ ଝିଲ୍ଲୀ, ତ୍ରିପୁରୀ, ଭଜା, ଗୋଟା ଶାଗ, ମହୁର, କାନିକା, ଶାଗ, ବେଶର, ସାଦା ଅନ୍ନ, ଖେଚେଡ଼ି, ମେଣ୍ଢା ମୁଣ୍ଡିଆ ଖେଚେଡ଼ି, ଅମାଲୁ ପରି ଦୁର୍ଲ୍ଲଭ ଖାଦ୍ୟ ରହିଛି। ଅନ୍ୟପକ୍ଷେ ଭିକାରୀ ବଳଙ୍କର ଭାବପୂର୍ଣ୍ଣ କଣ୍ଠ ସଙ୍ଗୀତ ଷାଠିଏ ପଉଟି ଭୋଗରୁ ତୁମର କିଛି ତ ...... ସଙ୍ଗୀତ ମହୋତ୍ସବ ମଞ୍ଚରୁ ଭାସି ଆସୁଥିଲା। ଆଞ୍ଚଳିକ କଣ୍ଠଶିଳ୍ପୀମାନେ ଭଜନ ସମାରୋହରେ ଏହିପରି ଭିକାରୀ ବଳଙ୍କ ଅନେକ ସଙ୍ଗୀତଗାନ କରି ଶ୍ରଦ୍ଧାଳୁଙ୍କ ମନ ମଧ୍ୟରେ ଆଧ୍ୟାତ୍ମିକ ଭାବ ଜାଗ୍ରତ କରାଇଥିଲେ। ଅନ୍ୟପକ୍ଷେ ୩୦ ତାରିଖରୁ କାଙ୍କରଶିଖରୀଠାରେ ପଞ୍ଚରାତ୍ର ମହାଯଜ୍ଞ ଚାଲୁ ରହିଛି। ଏହାକୁ ଦେଖିବାକୁ ପ୍ରବଳ ଭିଡ ଜମୁଛି। ସାଧୁସନ୍ଥଙ୍କ ମନ୍ତ୍ର ଉଚ୍ଚାରଣ ଓ ଘୃତାହୁତ ଚିଲିକାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ବିଲ୍ ମଞ୍ଜୁର ପାଇଁ ସରପଞ୍ଚଙ୍କ ସ୍ୱାମୀଙ୍କୁ ବିଧାୟକଙ୍କ ଧମକ

ଖୋର୍ଦ୍ଧା ଅଫିସ/ବେଗୁନିଆ ୨।୧(ଡି.ଏନ.ଏ.) :

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ରାଜୀବ ଭବନ ପରିସରରେ ବେଗୁନିଆ ସରପଞ୍ଚ କୁମୁଦିନି ସ୍ୱାଇଁଙ୍କ ସ୍ୱାମୀ ନବକିଶୋରଙ୍କୁ କଲ୍ୟାଣମଣ୍ଡପ ବିଲ୍ ମଞ୍ଜୁର କରାଇବା ଘଟଣାରେ ହତ୍ୟା ଧମକ ଦିଆଯାଇଛି। ଜଣେ ବିଧାୟକ ଏପରି ଧମକ ୩୧ ତାରିଖରେ କେତେଜଣ ସରକାରୀ ଅଧିକାରୀଙ୍କ ସମ୍ମୁଖରେ ଦେଇଥିବା ମୁଖ୍ୟମନ୍ତ୍ରୀ, ଖୋର୍ଦ୍ଧା ଏସ୍‌ପି, ଜିଲାପାଳ ଓ ବେଗୁନିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ବୁଧବାର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ହେଲେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ କରାଯାଇନାହିଁ। ଅନ୍ୟପକ୍ଷେ ଆଇଆଇସି ରଶ୍ମି ରଞ୍ଜନ ସାହୁ କୁହନ୍ତି, ଘଟଣାର ତଦନ୍ତ ଚାଲିଛି।

## ରେଲୱେ ଥାନା ଅଧୀନରେ ୨ ଅପମୃତ୍ୟୁ

ଜଟଣୀ,୨।୧(ଡି.ଏନ.ଏ):

ଖୋର୍ଦ୍ଧାରୋଡ ରେଲୱେ ଥାନା ପୋଲିସ (ଜିଆର୍‌ପି) ଅଧୀନରେ ଭିନ୍ନ ସ୍ଥାନରେ ଦୁଇଜଣ ଆତ୍ମହତ୍ୟା କରିଛନ୍ତି। ଜଣକର ପରିଚୟ ମିଳିଥିବାବେଳେ ଅନ୍ୟ ଜଣେ ଅପରିଚିତ ବ୍ୟକ୍ତି। ଖୋର୍ଦ୍ଧାରୋଡ ଷ୍ଟେଶନର ୫ ନମ୍ବର ପ୍ଲାଟଫର୍ମରେ ଅଖିଳ କୁମାର ମହାପାତ୍ର(୬୨)ନାମକ ଅବସରପ୍ରାପ୍ତ ରେଳ କର୍ମଚାରୀ ବୁଧବାର ମଧ୍ୟାହ୍ନ ସମୟରେ ରେଳ ଧାରଣାରେ ଆତ୍ମହତ୍ୟା କରିଛନ୍ତି। ସେ ରେଲୱେରେ ଲୋକୋ ପାଇଲଟ୍ ଭାବେ କାର୍ଯ୍ୟ କରି କିଛିମାସ ତଳେ ଅବସରଗ୍ରହଣ କରିଥିଲେ। ସ୍ଥାନୀୟ କୁଦିଆରୀ ଗ୍ରାମରେ ତାଙ୍କର ଘର। ମାଲବାହୀ ଟ୍ରେନ୍‌ରେ ଏପରି ଘଟିଥିବା ରେଲୱେ ପୋଲିସ ଅନୁମାନ କରୁଛି। ତେବେ ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ପୋଲିସ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ୩/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି। ସେହିପରି ରଥିପୁର ଲେବଲ କ୍ରସିଂ ଓ ରେତଙ୍ଗ ଷ୍ଟେଶନ ମଧ୍ୟବର୍ତ୍ତୀ ରେଳ ଧାରଣା ପାର୍ଶ୍ୱରେ ଥିବା ଏକ ଆମ୍ବଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଛି। ସନ୍ଧ୍ୟାରେ ଖବରପାଇ ଘଟଣାସ୍ଥଳକୁ ପୋଲିସ ଯାଇଥିବା ଖୋର୍ଦ୍ଧାରୋଡ ଜିଆର୍‌ପି ଅଧିକାରୀ ସନ୍ତୋଷ ବାହିନୀପତି କହିଛନ୍ତି। ଗଛର ଏକ ଡାଳରେ ଗାମୁଛାରେ ବନ୍ଧା ଅବସ୍ଥାରେ ଯୁବକ ଜଣକ ଝୁଲିଥିବା ଜଣାପଡିଛି। ମୃତକଙ୍କ ପରିଚୟ ମିଳିନାହିଁ। ସେ ସବୁଜ ରଙ୍ଗ ସାର୍ଟ ଓ ଗାଢ ନୀଳରଙ୍ଗର ଟ୍ରାକ୍‌ସୁଟ୍ ପିନ୍ଧିଥିବା ପୋଲିସ କହିଛି। କେଉଁ ପରିସ୍ଥିତିରେ ଏହା ଘଟିଛି ପୋଲିସର ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## ଆତ୍ମରକ୍ଷା କୌଶଳ ଦେଖାଇଲେ ବାଳିକା

ବୋଲଗଡ଼,୨।୧(ଡି.ଏନ.ଏ.)

ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟରେ ଆୟୋଜିତ ହେଉଥିବା ବାଳିକାମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ସୌଜନ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ୧୨ ଦିନ ଧରି ଚାଲିଥିଲା । ଏ ଅବସରରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ନୋଡାଲ ଅଧିକାରୀ ଅଧ୍ୟାପକ ଗଣେଶ ପଣ୍ଡା ପୌରୋହିତ୍ୟ କରିଥିଲେ । ଅଧ୍ୟକ୍ଷ ଡ. ଅନିରୁଦ୍ଧ ପଣ୍ଡା ମୁଖ୍ୟଅତିଥି, ପ୍ରାଧ୍ୟାପକ ଡ. ବନଜ କୁମାର ବିଶ୍ୱାଳ, ସୁନିଲ କୁମାର ରଥ ଓ ଅଧ୍ୟାପକ ରଙ୍କନାଥ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶିବିରରେ ୨୬୦ ଜଣ ଯୁକ୍ତ ଦୁଇ, ଯୁକ୍ତ ୩ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଓ ପରାମର୍ଶ ପ୍ରଦାନ କରାଯାଇଥିବା ନୋଡାଲ ଅଧିକାରୀ ସୂଚନା ଦେଇଥିଲେ। ରୋଜାଲିନ ଜେନା, ଦୀପ୍ତିମୟୀ ଦେଓ ଓ ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପକ ଡ.ରଞ୍ଜନ କୁମାର ଦାଶ ଧନ୍ୟବାଦ ଦେଇଥିଲେ।



ଛାତ୍ରୀମାନେ ଆତ୍ମରକ୍ଷା ତାଲିମ କୌଶଳ ପ୍ରଦର୍ଶନ କରୁଛନ୍ତି

### ■ ଉପେକ୍ଷିତ ଅତ୍ରି ଉଷ୍ମ ପ୍ରସ୍ରବଣ

## ଭିତ୍ତିଭୂମିର କରାଗଲାନି ବିକାଶ

ଖୋର୍ଦ୍ଧା ଅଫିସ,୨।୧:

ଆସନ୍ତା ୧୪ ତାରିଖରୁ ମକର ସଂକ୍ରାନ୍ତିରେ ମକର ମହୋତ୍ସବ ପାଳନ ପାଇଁ ଅତ୍ରିଠାରେ ଶୁଭଖୁଣ୍ଟି ବୁଧବାର ପଡିଛି। ହେଲେ ଅବ୍ୟବସ୍ଥାରେ ରହିଥିବା ଅତ୍ରି ପରି ଉଷ୍ମ ପ୍ରସ୍ରବଣର ନିରାପତ୍ତା, ସ୍ୱଚ୍ଛତା, ଆଲୋକୀକରଣ ପରି ଭିତ୍ତିଭୂମିର ବିକାଶ କରାଗଲାନି। ପ୍ରତିଥର ପରି ଚଳିତ ବର୍ଷ ପୁଣି ଅତ୍ରିକୁ ଅଣଦେଖା କରାଯିବା ପରି ଜଣାପଡୁଛି।

ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ମଧ୍ୟରେ ଉଷ୍ମ ପ୍ରସ୍ରବଣ ଅତ୍ରି ଅନ୍ୟତମ। ବଲାଙ୍ଗୀର-ଖୋର୍ଦ୍ଧା ଜାତୀୟ ରାଜପଥରେ ଖୋର୍ଦ୍ଧାଠାରୁ ୧୦ କିମି ଦୂରରେ ରହିଛି ବାଘମାରୀ। ଏହିଠାରୁ ୨ କିମି ଦୂରରେ ରହିଛି ଅତ୍ରି। ୧୦ ଏକର ପରିମିତ ସ୍ଥାନରେ ରହିଛି ଏହି ପର୍ଯ୍ୟଟନସ୍ଥଳ। ଅତ୍ରିର ଉଷ୍ମ ପ୍ରସ୍ରବଣର ମୁଖ୍ୟକୁଣ୍ଡରୁ ଗନ୍ଧକ ଯୁକ୍ତ ଗରମ ପାଣି ବାହାରୁଛି। ସେଠାରୁ ପାର୍ଶ୍ୱରେ ନିର୍ମିତ ୪ କୁଣ୍ଡକୁ ଏହି ଉଷ୍ମ ଜଳ ପ୍ରବାହିତ ହେଉଛି। ଉକ୍ତ ପାର୍ଶ୍ୱ କୁଣ୍ଡଗୁଡିକରେ ସ୍ନାନ ପାଇଁ ବ୍ୟବସ୍ଥା ରହିଛି। ଏବେ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଜମୁଛି। ପର୍ଯ୍ୟଟକମାନେ ଉଷ୍ମ ପ୍ରସ୍ରବଣରେ ସ୍ନାନ କରି ଶୀତୁଆ ସକାଳର ମଜ୍ଜା ଉଠାଉଛନ୍ତି। ଅତ୍ରିରେ ସ୍ନାନ ପରେ ପର୍ଯ୍ୟଟକମାନେ ନିକଟରେ ଥିବା ପ୍ରସିଦ୍ଧ ଏକାଦଶ ରୁଦ୍ର ହଟକେଶ୍ୱରଙ୍କ ଦର୍ଶନ କରିଥାନ୍ତି। ଏହି ପର୍ଯ୍ୟଟନସ୍ଥଳକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଉଥିଲେ ହେଁ ଭିତ୍ତିଭୂମି ବିକାଶ ପ୍ରତି ଅଣଦେଖା କରାଯାଉଛି। ୨୦୧୩ ବର୍ଷ ଅତ୍ରି ପର୍ଯ୍ୟଟନ ପ୍ରକଳ୍ପକୁ ଏକ ଘରୋଇ ସଂସ୍ଥା ହାତରେ ଟେକି ଦିଆଯିବା ପରେ ସ୍ଥିତି ସମ୍ପୂର୍ଣ୍ଣ ବିଗିଡି ଯାଇଥିଲା। ପରେ ପର୍ଯ୍ୟଟନ ବିଭାଗ ନିଜ ହାତକୁ ଏହି ପ୍ରକଳ୍ପକୁ ଆଣିଥିଲେ ହେଁ ସଜାଡିବାକୁ ଉଦ୍ୟମ ନ କରିବା କ୍ଷୋଭର କାରଣ ପାଲଟିଛି ବୋଲି ଅଭିଯୋଗ ହେଉଛି। ପର୍ଯ୍ୟଟନ ଋତୁ ଆସିବା ପରେ ପାନ୍ଥଶାଳା ଓ ପାଖ ଗୃହକୁ ରଙ୍ଗ କରାଯାଇଛି। କିନ୍ତୁ ଭିତର ସ୍ଥିତି ଦୟନୀୟ। ମକର ସଂକ୍ରାନ୍ତି ପୂର୍ବ ମାସନ୍ତ ଦିନ ଭୋରରୁ ଅତ୍ରି ଉଷ୍ମ ପ୍ରସ୍ରବଣ ଦହଲରେ(ମାନସିକ କୁଣ୍ଡ) ଅପୁତ୍ରିକ ମହିଳାମାନେ ଗୁଆ ଖୋଜିଥାନ୍ତି। ଗୁଆ ମିଳିଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ହେଲେ ମାନସିକ କୁଣ୍ଡ ପରିତ୍ୟକ୍ତ ହୋଇ ରହିଥିଲେ ମଧ ପଙ୍କ ଉଦ୍ଧାର କରାଯାଉନି କି ରକ୍ଷଣାବେକ୍ଷଣ ନାହିଁ। ଏଠାରେ ପାନୀୟଜଳର ବ୍ୟବସ୍ଥା, ପର୍ଯ୍ୟଟକଙ୍କ ପାଇଁ ବାଥରୁମ୍ ଓ ଆଲୋକୀକରଣ ବ୍ୟବସ୍ଥା ନାହିଁ। ଆସନ୍ତା ୧୪ ତାରିଖରୁ ୫ଦିନ ଧରି ମକର ମହୋତ୍ସବ ଓ ୧୫ ଦିନ ଧରି ମକର ମେଳା ହେବ। ଶତାଧିକ ଷ୍ଟଲ ପଡିବ। ଏ ନେଇ ଜିଲା ପର୍ଯ୍ୟଟନ ଅଧିକାରୀ ରୀନା ରଥ କୁହନ୍ତି, ଅତ୍ରିର ବିକାଶ ପାଇଁ ପଦକ୍ଷେପ ନିଆଯାଉଛି।

**ପାଖେଇ ଆସୁଛି ମକର ମେଳା**



ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଉଷ୍ମ ପ୍ରସ୍ରବଣ ।



ନିଜ ଦୋଷକୁ ସ୍ୱୀକାର କଲେ ମନ ଶାନ୍ତ ଓ ପବିତ୍ର ହୋଇଥାଏ।
– ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରୁ ଖସି କର୍ମଚାରୀ ଗୁରୁତର

**ବ୍ରହ୍ମଗିରି,୨।୧(ଡି.ଏନ.ଏ.):** ବୁଧବାର ଜଣେ ବିଦ୍ୟୁତ୍ ବିଭାଗର କର୍ମଚାରୀ ବିଦ୍ୟୁତ୍ ଖୁଣ୍ଟରେ ଚଢି ମରାମତି କରୁଥିବା ସମୟରେ ଖୁଣ୍ଟରୁ ଖସିପଡି ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେ ହେଲେ ବ୍ରହ୍ମଗିରି ଥାନା ଅଧୀନ ଗଡରୋଡଙ୍ଗ ଗ୍ରାମର ହରିହର ପାତ୍ର। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ହରିହର କାଳିକାବାଡି ନିକଟସ୍ଥ ଏକ ବିଦ୍ୟୁତ୍ ଖୁଣ୍ଟରେ ଚଢି ମରାମତି କରୁଥିବା ବେଳେ ବିଦ୍ୟୁତ୍ ସରବରାହ ବନ୍ଦ ଥିଲେ ମଧ ହଠାତ ତଳକୁ ଖସି ପଡିଥିଲେ। ସେ ଗୁରୁତର ହେବାରୁ ପ୍ରଥମେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ପୁରୀ ସଦର ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତରିତ କରାଯାଇଛି।

### ରେଳଓ୍ୱେବ୍ରିଜ ତଳୁ ବ୍ୟକ୍ତିଙ୍କ ମୃତଦେହ ଜବତ

**କଣାସ/ସାକ୍ଷୀଗୋପାଳ, ୨।୧ (ଡି.ଏନ୍.ଏ):** ପୁରୀ-ଖୋର୍ଦ୍ଧାରୋଡ ରେଳପଥର କଣାସ ରୋଡ ଓ ମୋଟରି ଷ୍ଟେଶନ ମଧବର୍ତ୍ତୀ ଗଙ୍ଗୁଆନାଳ ରେଳବ୍ରିଜ ତଳୁ ବୁଧବାର ଜଣେ ବ୍ୟକ୍ତିଙ୍କ ମୃତଦେହ ରେଳବାଇ ପୋଲିସ ଜବତ କରିଛି। ସେ ଏକ ହାତକଟା ଗଞ୍ଜି ପିନ୍ଧିଥିବା ବେଳେ ନିକଟରୁ ଏକ ନାଲି ଗାମୁଛା ଜବତ ହୋଇଛି। ଆନୁମାନିକ ୬୦ ବର୍ଷର ଏହି ବ୍ୟକ୍ତି ଜଣକ ମାନସିକ ଭାରସାମ୍ୟ ହରାଇଥିବା ପୋଲିସ ସନ୍ଦେହ କରିଛି। ଏ ନେଇ ରେଳବାଇ ପୋଲିସ ଅପମୃତ୍ୟୁ ମାମଲା(ନଂ. ୫/୧୯) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଥାଉକି, ଦୁଇ ଦିନ ପୂର୍ବେ କଣାସ ରୋଡ ରେଳ ଷ୍ଟେଶନ ନିକଟରେ ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଜବତ ହୋଇଥିଲା।

### 'କାଳିଆ' ଯୋଜନା କାର୍ଯ୍ୟକାରିଣୀ ବୈଠକ

**କଣାସ,୨।୧(ଡି.ଏନ୍.ଏ.):** କୃଷକଙ୍କ କଲ୍ୟାଣ ପାଇଁ ଓଡ଼ିଶା ସରକାରଙ୍କ ସଦ୍ୟ ଘୋଷିତ 'କାଳିଆ' ଯୋଜନା କାର୍ଯ୍ୟକାରିଣୀ ସମନ୍ୱୟ ବୈଠକ ବୁଧବାର ଡେଲାଙ୍ଗ ବ୍ଲକ ବିଜୁପଟ୍ଟନାୟକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ, ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ 'କାଳିଆ' ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ନୋଡାଲ ଅଧିକାରୀ ବିଡିଓ କ୍ଷୀରୋଦ୍ର ପ୍ରଧାନ, ତହସିଲଦାର ରାଜେନ୍ଦ୍ର ଆଚାର୍ଯ୍ୟ, ଅତିରିକ୍ତ ବିଡିଓ ପ୍ରଦୀପ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ, ରାକେଶ ରାଉତ, ସୁବ୍ରତ ମହାନ୍ତି, ଦ୍ୱାରିକାନାଥ ଦାଶ, ଡା. ପରିମଳ ଜେନା ଉପସ୍ଥିତ ଥିଲେ। କାଳିଆ ଯୋଜନା ପାଇଁ ଡେଲାଙ୍ଗ ବ୍ଲକରେ ୧୮,୭୩୩ ଜଣ ଚାଷୀଙ୍କ ନାମ ପ୍ରକାଶ ପାଇଛି।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଖୋର୍ଦ୍ଧା ଅଫିସ,୨।୧:** ବାଣପୁର ଥାନା ପୋଲିସ ବୁଧବାର ମଧ୍ୟାହ୍ନରେ ଶାଳିଆ ନଦୀ କୃଷ୍ଣପଲ୍ଲୀ ଉଠାଣି ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଯୁବକ ହେଲେ ସୁରେନ୍ଦ୍ର ପ୍ରଧାନ (୪୫)। ଘର ଶାଳିଆ ଡ୍ୟାମ ନିକଟସ୍ଥ ପଣଶଡିହ ଗ୍ରାମରେ। ମଙ୍ଗଳବାର ମଧ୍ୟାହ୍ନରେ ସୁରେନ୍ଦ୍ର କୌଣସି କାମ ନେଇ କୋଷରଡା ଗ୍ରାମକୁ ଯାଇଥିଲେ। ହେଲେ ରାତି ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜା ଖୋଜି କରିଥିଲେ ମଧ ତାଙ୍କର ଟେର ମିଳି ନ ଥିଲା। ବୁଧବାର ଅପରାହ୍ନରେ ଶାଳିଆ ନଦୀରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚି ଚିହ୍ନଟ କରିଥିଲେ।

■ଆଭା ଶିଶୁ ଯତ୍ନ ଅନୁଷ୍ଠାନରେ ଅବ୍ୟବସ୍ଥା

# ୩୦ ଅନ୍ତେବାସୀ ସ୍ଥାନାନ୍ତର

**ପୁରୀ ଅଫିସ,୨।୧**

ପୁରୀ ଜିଲା ଡେଲାଙ୍ଗ ସ୍ଥିତ ଆଭାଶିଶୁ ଯତ୍ନ ଅନୁଷ୍ଠାନରେ ଅବ୍ୟବସ୍ଥା। ଅସ୍ୱାସ୍ଥ୍ୟକର ପରିବେଶ, ଅନ୍ତେବାସୀଙ୍କୁ ନିମ୍ନମାନର ଖାଦ୍ୟ, ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁ ସେଠାରେ ରହୁଥିବା ୩୦ ଅନ୍ତେବାସୀଙ୍କୁ ଡିସେମ୍ବର ୩୧ରେ ପୁରୀର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଛି।

ଢେଙ୍କାନାଳ ଜିଲା ବେଲଟିକିରି ସ୍ଥିତ ଗୁଡ୍ ନ୍ୟୁଜ ଇଣ୍ଡିଆ ଡ୍ରିମ୍ ସେଣ୍ଟରରେ ଯୌନଶୋଷଣ ଅଭିଯୋଗ ଆସିବା ପରେ ଗତ ଡିସେମ୍ବରରେ ଜାତୀୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗ (ଏନ୍‌ସିପିସିଆର)ର ଏକ ପ୍ରତିନିଧି ଦଳ ପୁରୀ ଗସ୍ତରେ ଆସି ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ ପରିଦର୍ଶନ କରିଥିଲେ। ଡେଲାଙ୍ଗ ସ୍ଥିତ ଆଭା ଅନୁଷ୍ଠାନ ପରିଦର୍ଶନ ବେଳେ ସେଠାରେ ବ୍ୟାପକ ଅବ୍ୟବସ୍ଥା ଦେଖିଥିଲେ। ଏନେଇ ପ୍ରତିନିଧି ଦଳ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ ପୁରୀ ଜିଲା ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ଗତ ଡିସେମ୍ବର ୩୦ରେ ଆଭା ଅନୁଷ୍ଠାନକୁ ତଦନ୍ତ କରିବାକୁ ଯାଇଥିଲେ। ଏ ସମ୍ପର୍କରେ ସିଡବ୍ଲ୍ୟୁସି ଚେୟାରମ୍ୟାନ ରୁଦ୍ର ନାରାୟଣ ମହାବୀର ସାହୁ କୁହନ୍ତି, ଏନସିପିସିଆରଙ୍କ ନିର୍ଦ୍ଦେଶ କ୍ରମେ ଆଭା ଅନୁଷ୍ଠାନ ତଦନ୍ତ କରିବାକୁ ଟିମ୍ ଯାଇଥିଲା। ତଦନ୍ତ ବେଳେ ଅସ୍ୱାସ୍ଥ୍ୟକର ପରିବେଶ ଏବଂ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଅନ୍ତେବାସୀମାନେ ଅଭିଯୋଗ କରିଥିଲେ। ଜିଲାପାଳଙ୍କୁ ରିପୋର୍ଟ ଦିଆଯାଇଛି। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଘଟଣା ସମ୍ପର୍କରେ ପୁରୀ ସିଡବ୍ଲ୍ୟୁସି ସହିତ ଆଲୋଚନା କରିବେ ବୋଲି କହିଥିଲେ। ଅନ୍ୟପଟେ ଅନୁଷ୍ଠାନର ସଭାପତି ବିଜୟ କୁମାର ସାହୁଙ୍କ ମୋବାଇଲ ନମ୍ବର ୯୪୩୭୦୪୨୪୮୨ ଏବଂ ଯୁଗ୍ମ ସମ୍ପାଦକ ଗଙ୍ଗାଧର ପ୍ରଧାନଙ୍କ ମୋବାଇଲ ନମ୍ବର ୯୪୩୭୪୧୭୪୪୩କୁ ଯୋଗାଯୋଗ କରାଯାଇଥିବା ବେଳେ କୌଣସି ଉତ୍ତର ମିଳି ନ ଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କୁହନ୍ତି, ସିଡବ୍ଲ୍ୟୁସି ରିପୋର୍ଟକୁ ଆଧାର କରି ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଅନ୍ତେବାସୀଙ୍କୁ ସେଠାରୁ ଅନ୍ୟ ଶିଶୁ ଯତ୍ନ ଅନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଛି।

**ଅନୁଷ୍ଠାନ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ**

ଅନୁଷ୍ଠାନ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ମତାମତ ମିଳିପାରି ନାହିଁ।





ସାକ୍ଷୀଗୋପାଳ ମନ୍ଦିର ନିକଟସ୍ଥ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ପୂଜ୍ୟପୂଜା ସଂସଦର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ଜଗଦେବ ଏବଂ ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ଭାଜପାର ବିକ୍ଷୋଭ

**ସାକ୍ଷୀଗୋପାଳ, ୨।୧ (ଡି.ଏନ.ଏ/ସ୍ୱ.ପ୍ର.)**

ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ନୂଆବର୍ଷ ଡାଏରୀରେ ରହିଥିବା ତ୍ରୁଟିକୁ ନେଇ ସତ୍ୟବାଦୀ ଭାଜପା କର୍ମୀମାନେ ସାକ୍ଷୀଗୋପାଳ ମନ୍ଦିର ନିକଟସ୍ଥ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗୋପବନ୍ଧୁଙ୍କ କବିତାକୁ କବିବର ରାଧାନାଥଙ୍କ ପଂକ୍ତି ଭାବରେ ପ୍ରକାଶ କରି ସରକାର ଗୋପବନ୍ଧୁଙ୍କ ସହିତ ସତ୍ୟବାଦୀର ସ୍ୱାଭିମାନକୁ କୁଠାରାଘାତ କରିଥିବା ଦର୍ଶାଇ ପୂଜ୍ୟପୂଜା ସଂସଦର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ଜଗଦେବ, ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାର ସିଂହ, ବିଶ୍ୱନାଥ ରଥଙ୍କ ସହିତ ପୁରୀ ଜିଲା ଉପସଭାପତି ଟୁଟୁ ବଡଜେନା, ସତ୍ୟବାଦୀ ମଣ୍ଡଳ ଉପସଭାପତି ଅମର ଶତପଥୀ, ରାଜକିଶୋର ପରିଡା, କାଦମ୍ବିନୀ ପଣ୍ଡା ଓ ଗଙ୍ଗାଧର ଛାଟୋଇ ପ୍ରମୁଖ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।



ପକ୍ଷୀ ଗଣନା ତାଲିମ ଶିବିରରେ ଅତିଥିମାନେ ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି।

## ପୁରୀ ବନ୍ୟପ୍ରାଣୀ ବନଖଣ୍ଡରେ ପକ୍ଷୀ ଗଣନା ଆଜି

**ପୁରୀ ଅଫିସ,୨।୧**

ପୁରୀ ବନ୍ୟପ୍ରାଣୀ ବନଖଣ୍ଡରେ ଗୁରୁବାର ପକ୍ଷୀଗଣନା କରାଯିବ। ଏଥିପାଇଁ ବୁଧବାର ବାଲୁଖଣ୍ଡ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପକ୍ଷୀଗଣନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଗଣନାରେ ସାମିଲ ହେବାକୁ ଥିବା କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା, ସହକାରୀ ବନ ସଂରକ୍ଷକ ରବୀନ୍ଦ୍ର କୁମାର ମହାପାତ୍ର, ବିରଞ୍ଚି ସାମଲ, ପ୍ରଶାନ୍ତ ସ୍ୱାଇଁ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୋଭାକର ବେହେରା, ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଆକାଶ ରଥ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ବାଲୁଖଣ୍ଡ, କୋଣାର୍କ, ଅସ୍ତରଙ୍ଗ, ଗୋପ, ବ୍ରହ୍ମଗିରି ରେଞ୍ଜ୍ ଅଫିସର ଏବଂ କର୍ମଚାରୀଙ୍କୁ ପକ୍ଷୀଗଣନା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଅବସରରେ ବନଖଣ୍ଡ ଅଧିକାରୀ ଉଦ୍‌ଗାତା ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବନ୍ୟପ୍ରାଣୀ ଏବଂ ପକ୍ଷୀଙ୍କ ଉପରେ ଆଧାରିତ ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ କରିଥିଲେ।

ପୁରୀ ବନ୍ୟପ୍ରାଣୀ ବନଖଣ୍ଡରେ ପକ୍ଷୀଗଣନା ଲାଗି ୨୨ଟି ଟିମ୍ ଗଠନ କରାଯାଇଛି। ଏରିଆ ଏବଂ ପକ୍ଷୀଙ୍କ ସମାଗମକୁ ନଜରରେ ରଖି ପ୍ରତି ଟିମ୍‌ରେ ୨ରୁ ୪ ଜଣ ଲେଖାଏ ସଦସ୍ୟ ରହିଛନ୍ତି। ଗୁରୁବାର ସକାଳ ୬ଟାରୁ ପୂର୍ବାହ୍ନ ୧୦ଟା ମଧ୍ୟରେ ରତ୍ନଚିରା, ଗଙ୍ଗାଦେବୀ, କୁଶଭଦ୍ରା, ପ୍ରାଚୀ, କାଦୁଆ ପ୍ରଭୃତି ନଦୀ ଓ କେଲୁଣୀ ମୁହାଣ ଆଦି ୨୨ଟି ସ୍ଥାନରେ ଗଣତି ହେବ। ଏହି ଗଣତିରେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ବନ୍ୟପ୍ରାଣୀପ୍ରେମୀ ଓ ବନ୍ୟପ୍ରାଣୀ ବିଶେଷଜ୍ଞ ସାମିଲ ଥିବା ଜଣାପଡିଛି।

## ବଳରାମ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ନେଇ ବୈଠକ

**ଗୋପ,୨।୧(ଡି.ଏନ୍.ଏ.)**

ଭକ୍ତ କବି ବଳରାମ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ନେଇ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ଅଧକ୍ଷତାରେ ଗୋପ ବ୍ଲକ ବୈଠକ ଗୃହରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିମାସ ୧୧ ତାରିଖରେ ଏରବଙ୍ଗ ବଳରାମ ମନ୍ଦିର ପରିସରରେ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରାଯିବ। ଏଥିରେ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଅନୁଷ୍ଠାନିକ ଭାବେ ଉନ୍ମୋଚନ କରିବାକୁ ଥିବାବେଳେ ମୁଖ୍ୟ ଅତିଥିଭାବେ ନିମାପଡ଼ା ବିଧାୟକ ଦାଶ ଉପସ୍ଥିତ ରହିବେ। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋପ ବ୍ଲକ ବିଡିଓ ଦୀପ୍ତିରାଣୀ ଦାସ, ସାଂସଦଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତି, ଏରବଙ୍ଗ ପଞ୍ଚାୟତ ସରପଞ୍ଚ ବିଭୂତି ଭୂଷଣ ସାହୁ, ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବୋମାମାଡ଼ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ଶହୀଦନଗର ଥାନା ଅଧୀନ ପଥରବନ୍ଧ ବସ୍ତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୋମାମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରକାଶ ବିଶୋଇଙ୍କୁ ପୋଲିସ ବୁଧବାର ଗିରଫ କରିଛି। ପ୍ରକାଶଙ୍କ ଘର ଉକ୍ତ ବସ୍ତିରେ। ସୂଚନା ମୁତାବକ, ପ୍ରକାଶ ଦାଦାଗିରି କରିବା ସହ ଲୋକମାନଙ୍କୁ ମାରପିଟ କରି ବଟି ଆଦାୟ କରିବା ଏବଂ ଲୁଟ୍, ଛିନତାଇ ପରି ଅନେକ ଆପରାଧିକ ମାମଲାରେ ସମ୍ପୃକ୍ତ ରହିଛନ୍ତି। ଗତ ଜୁନରେ ପ୍ରକାଶ ବସ୍ତିରେ ମାରପିଟ କରୁଥିବାବେଳେ ମୁନା ବେହେରା ଏବଂ ଅନ୍ୟ ବସ୍ତିବାସିନ୍ଦା ତାଙ୍କୁ କାବୁ କରି ପୋଲିସ ଜିମ ଦେଇଥିଲେ। ଏହି ଘଟଣାରେ ପ୍ରକାଶଙ୍କୁ ଜେଲ ଯିବାକୁ ପଡିଥିଲା। ଗତ ୧୫ ତାରିଖରେ ପ୍ରକାଶ ଜେଲରୁ ବାହାରି କ୍ଷମା ମାଗିବା ଲାଗି ମୁନାଙ୍କ ଘରକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ପ୍ରକାଶ ଚାଲିଯାଇଥିଲେ। ପରେ ୧୮ ତାରିଖ ଦିନ ପ୍ରାୟ ସାଢେ ୧୧ଟା ବେଳକୁ ପ୍ରକାଶ ତାଙ୍କ ସହଯୋଗୀଙ୍କ ସହ ବସ୍ତିରେ ପହଞ୍ଚି ମୁନାଙ୍କ ଘର ନିକଟକୁ ୩ଟି ବୋମା ମାଡ କରି ଫେରାର ହୋଇଯାଇଥିଲେ। ମୁନାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(୫୪୬/୧୮) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ବୁଧବାର ପୋଲିସ ତାଙ୍କୁ ରସୁଲଗଡ ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବିଦେଶାଗତ ପକ୍ଷୀଙ୍କ କଳରବରେ ମୁଖରିତ ପାରିକୁଦ

**କୃଷ୍ଣପ୍ରସାଦ,୨।୧(ଡି.ଏନ.ଏ.)**

ଶୀତଋତୁରେ ବିଦେଶାଗତ ପକ୍ଷୀଙ୍କ କଳରବରେ ମୁଖରିତ ହେଉଥିବା ଚିଲିକା ଏବେ ଆକର୍ଷିତ କରୁଛି ହଜାର ହଜାର ପର୍ଯ୍ୟଟକଙ୍କୁ । ପ୍ରବଳ ଶୀତ ଓ ପକ୍ଷୀ ଅଭୟାରଣ୍ୟ ନଳବଣରେ ଖାଦ୍ୟ ଅଭାବ ଯୋଗୁ ବିଦେଶାଗତ ପକ୍ଷୀ ଏବେ ପାରିକୁଦ ଅଞ୍ଚଳରେ ସମାଗମ ହୋଇ କଇଁଫୁଲ ଓ ଧାନ ଖାଉଥିବା ଦେଖାଯାଇଛି । ଚିଲିକାର ତଟଦେଶ ପାଞ୍ଚକୁଦି, ଜେଟି, ଚଟେଇକୋଣ, ସୋଲାକୁଦୀ, ପାଣ୍ଡା, ଚତରା ଓ ବନମାଳ ଆଦି ଅଞ୍ଚଳରେ ହଜାର ହଜାର ସଂଖ୍ୟାରେ ପକ୍ଷୀଙ୍କ ସମାଗମ ଘଟିଛି । ଏହି ପକ୍ଷୀଙ୍କ ପାଇଁ ପାରିକୁଦ ବନପାଳ ପ୍ରମୋଦ କୁମାର ପଣ୍ଡା ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଥିବା ସୂଚନା ମିଳିଛି।



ଚିଲିକାରେ ବିଦେଶାଗତ ପକ୍ଷୀ।

## ପଡ଼ିରହିଛି ଶହ ଶହ ଦାଖଲ ଖାରଜ ମାମଲା

**ଗୋପ,୨।୧(ଡି.ଏନ୍.ଏ.)**

ଗୋପ ତହସିଲ ଅଫିସରେ ଦୀର୍ଘ ବର୍ଷ ହେବ ଦାଖଲ ଖାରଜ ମାମଲାଗୁଡ଼ିକ ଫଇସଲା ହୋଇପାରୁନାହିଁ। ଫଳରେ ଜମି ମାଲିକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତହସିଲ କାର୍ଯ୍ୟାଳୟରେ ୪୦୦ରୁ ଊର୍ଦ୍ଧ୍ୱ ମାମଲାର ବିଚାର କରାଯାଇ ପଟ୍ଟା ପ୍ରସ୍ତୁତ କରାଯାଇ ନ ଥିବାବେଳେ ବିଭିନ୍ନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ୩୦୦ରୁ ଊର୍ଦ୍ଧ୍ୱ ଦାଖଲ ଖାରଜ ମାମଲା ବିଚାର ପାଇଁ ପଡ଼ିରହିଛି। ସୂଚନାଯୋଗ୍ୟ, ଜଣେ ଜମି ମାଲିକ ଜମି ବିକିବା ପରେ ତାଙ୍କ ନାମରୁ ସେହି ଜମିର ମାଲିକାନାସ୍ୱତ୍ୱକୁ ଜମି କିଣିଥିବା ଲୋକଙ୍କ ନାମରେ କରାଯିବା ପାଇଁ ତହସିଲ କାର୍ଯ୍ୟାଳୟରେ ଆବେଦନ କରିବା ପରେ ତାହା ତୁରନ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ପଠାଇ ଦିଆଯାଇ ଫଇସଲା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ। ଗୋପ ତହସିଲ କାର୍ଯ୍ୟାଳୟ ଅଧୀନରେ ଥିବା ୧୪ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଏହି ଦାଖଲ ଖାରଜ ମାମଲାଗୁଡ଼ିକ ବିଚାରାଧୀନ ହୋଇ ପଡ଼ିରହିଛି। ଏପରି କି କମ୍ପ୍ୟୁଟର ଦାୟିତ୍ୱରେ ଥିବା କର୍ମଚାରୀମାନେ ଆନ୍ଦୋଳନରେ ଥିବାରୁ ଏହା ବିଳମ୍ବ ଘଟୁଛି ବୋଲି ତହସିଲ କାର୍ଯ୍ୟାଳୟ ପକ୍ଷରୁ ସଫେଇ ଦିଆଯାଇଛି। ଏ ସମ୍ପର୍କରେ ତହସିଲଦାର ସୁଧାକର ସାମନ୍ତରାୟ କୁହନ୍ତି, ଏହି ଦାଖଲ ଖାରଜ ମାମଲା ଉପରେ ଦୃଷ୍ଟି ଦେବା ସହ କିପରି ଲୋକମାନଙ୍କୁ ପଟ୍ଟା ଦିଆଯିବ ତା ପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଥିଲେ।

## ନୀଳଗିରି ମୋଟର କର୍ମଚାରୀ ସଂଘର ବାର୍ଷିକ ଉତ୍ସବ



ନୀଳଗିରି ମୋଟର କର୍ମଚାରୀ ସଂଘର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ପୁରୀ ଅଫିସ,୨।୧**

ନୀଳଗିରି ମୋଟର କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ବୁଧବାର ବସ୍‌ଷ୍ଟାଣ୍ଡ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାଧାରଣ ସମ୍ପାଦକ ହୃଷୀକେଶ ପାଣି ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଏଆଇଟିୟୁସିର ସର୍ବଭାରତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ଯୋଗଦେଇ ମୋଦି ସରକାରଙ୍କ ଶ୍ରମିକ ବିରୋଧୀ ଏବଂ କୃଷକ ବିରୋଧୀ ନୀତିକୁ ଦୃଢ ସମାଲୋଚନା କରିଥିଲେ। ସର୍ବନିମ୍ନ ମଜୁରି ମାସିକ ୧୮ ହଜାର ଟଙ୍କା, ସର୍ବନିମ୍ନ ପେନ୍‌ସନ୍ ମାସିକ ୩ ହଜାର ଟଙ୍କା, ଶ୍ରମିକ ବିରୋଧୀ ଶ୍ରମ ଆଇନ ପ୍ରତ୍ୟାହାର ପ୍ରଭୃତି ଦାବିରେ ଭାରତର ସମସ୍ତ ଶ୍ରମିକ ସଙ୍ଗଠନ ଆସନ୍ତା ୮ ଓ ୯ ତାରିଖ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ନିବେଦନ କରିଥିଲେ। ଟ୍ରାନ୍ସପୋର୍ଟ ଫେଡେରେଶନର ରାଜ୍ୟ ସମ୍ପାଦକ ରାଧାରମଣ ଷଡ଼ଙ୍ଗୀ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ମୋଟରଯାନ ଆଇନକୁ ପ୍ରତ୍ୟାହାର ଦାବି କରିଥିଲେ। ସଂଘର ଉଲ୍ଲେଖନୀୟ ଅବଦାନ ପାଇଁ କିଶୋର ବଳବନ୍ତରାୟ ଓ ବିଶ୍ୱନାଥ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା। ସଭାରେ ଏଆଇଟିୟୁସି ଜିଲା ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, ଶ୍ରମିକ ନେତା ପ୍ରମୋଦ ମହାନ୍ତି, ଦିଲୀପ କୁମାର ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ରଜତ ଉତ୍ସବ

**ପୁରୀ ଅଫିସ,୨।୧**

ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ଆନୁକୂଲ୍ୟରେ ଗୁରୁବାରଠାରୁ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଅନୁଷ୍ଠିତ ହେବ। ଚଳିତ ବର୍ଷ କମିଟି ତା'ର ରଜତ ଉତ୍ସବ ପାଳନ କରିବ। ଏହି ମେଳା ଆସନ୍ତା ୧୨ ତାରିଖରେ ସମାପ୍ତ ହେବ। ଶରଧାବାଲିରେ ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଏକାଧିକ ପ୍ରକାଶକ ସଂସ୍ଥା ଅଂଶଗ୍ରହଣ କରିବେ। ଏଥିରେ ୧୫୦ଟି ଷ୍ଟଲ ହୋଇଛି। ଚଳିତ ବର୍ଷ ପୁସ୍ତକ ମେଳା ପକ୍ଷରୁ 'ଜୀବନୀ ପଢ଼ନ୍ତୁ ଓ ଜୀବନ ଗଢ଼ନ୍ତୁ' ବାର୍ତ୍ତା ରହିଛି। ଛାତ୍ରୀଛାତ୍ର ଏବଂ ଯୁବକମାନଙ୍କର ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ମେଳା ପରିସରରେ ପିଲାଙ୍କ ମଧ୍ୟରେ ପଠନ ଟୁଙ୍ଗି ଆୟୋଜନ କରାଯାଇଛି। ଏଠାରେ ପିଲାଙ୍କ ମଧ୍ୟରେ ପଠନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ବୁଧବାର ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମିଟିର ସମ୍ପାଦକ ଚକ୍ରଧର ମହାପାତ୍ର ସୂଚନା ଦେଇଛନ୍ତି।

**ଆକର୍ଷଣ ସାଜିବ ପିଲାଙ୍କ ପଠନ ଟୁଙ୍ଗି**

ସେ କହିଲେ ଯେ, ପ୍ରତିଦିନ ଅପରାହ୍ନ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପୁସ୍ତକ ମେଳା ଖୋଲା ରହିବ। ସାରସ୍ୱତ ମଞ୍ଚ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଚଳିତ ବର୍ଷ ଡ. ରାଜେନ୍ଦ୍ର ନାରାୟଣ ଦାସ, ସଂଘମିତ୍ରା ମିଶ୍ର ଓ ମୋହନ ଦାସ, ରତିକାନ୍ତ ରାଓଙ୍କୁ ସାରସ୍ୱତ, ଡ. ଦାଶରଥି ଦାଶଙ୍କୁ ଗବେଷକ ସମ୍ମାନ ଏବଂ କଟକ ପୁସ୍ତକ ପ୍ରକାଶନ ସଂସ୍ଥା ସାଇଯମୁନା ସମ୍ମାନିତ ହେବେ। ଖବରଦାତା ସମ୍ମିଳନୀରେ କମିଟି ସଭାପତି ଭାଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ, ଉପସଭାପତି ରାଜକିଶୋର ମିଶ୍ର, ଜଟାଧାରୀ ମିଶ୍ର, ରଘୁନାଥ ମହାପାତ୍ର, ପ୍ରତିମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭୁଶୁଡ଼ିଲା ପଥର ପ୍ୟାକିଂ, ପାଣିରେ ୨୫ଲକ୍ଷ

**ଗୋପ,୨।୧(ଡି.ଏନ୍.ଏ.)**

ଗୋପ ଜଳସମ୍ପଦ ବିଭାଗ ଅଧୀନ ମଦରଙ୍ଗ ସେକ୍ସନ ନିକଟସ୍ଥ କୁଶଭଦ୍ରା ନଦୀ ବାମ ପାର୍ଶ୍ୱର ନେତପୁର ନିକଟରେ ପ୍ରାୟ ୧୦୦୦ ମିଟର ନଦୀ ପାର୍ଶ୍ୱରେ ପଥର ପ୍ୟାକିଂ ହେବାର କିଛିଦିନ ପରେ ବିଭିନ୍ନ ସ୍ଥାନରେ ପ୍ୟାକିଂ ପଥରଗୁଡ଼ିକ ଭୁଶୁଡ଼ି ପଡିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଏହି କାର୍ଯ୍ୟରେ ବ୍ୟାପ ଦୁର୍ନୀତି ହୋଇଥିବା ଅଭିଯୋଗ ଉଠିଛି। ପ୍ରକାଶ ଯେ, ନେତପୁର ନିକଟରେ ବନ୍ୟା ସମୟରେ ପାଣି ମାଡ଼ହୋଇ କୁଶଭଦ୍ରା ନଦୀବନ୍ଧ ଖାଉଯାଉଥିବାରୁ ସେଠାରେ ପଥର ପ୍ୟାକିଂ କରିବାକୁ ବିଭିନ୍ନ ସମୟରେ ଜଳସମ୍ପଦ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହେଉଥିଲା। ନିମାପଡ଼ା ଜଳସମ୍ପଦ ବିଭାଗ ପକ୍ଷରୁ ୨୫ ଲକ୍ଷ ଟଙ୍କା ବ୍ୟୟରେ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମାତ୍ର କିଛିଦିନପରେ ଅନେକ ସ୍ଥଳରେ ପଥର ପ୍ୟାକିଂ ଭୁଶୁଡ଼ି ପଡ଼ିବା ନେଇ ନେତପୁର ଗ୍ରାମର ଅପର୍ତ୍ତି ଦଳାଇ, ନିରଞ୍ଜନ ସାହୁ, ଅମରେଶ୍ୱର ସାହୁ, କୁନା ଦଳାଇ, ରମାକାନ୍ତ ସାହୁ, ରାଜନ ପରିଡ଼ାଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତରେ ନିମାପଡ଼ା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଏ ନେଇ କୌଣସି ତଦନ୍ତ ନ ହେବାରୁ ଗ୍ରାମବାସୀ ଭୁବନେଶ୍ୱରସ୍ଥିତ ଭିଜିଲାନ୍ସ ଏସ୍‌ପିଙ୍କୁ ତଦାରଖ ପାଇଁ ଅଭିଯୋଗପତ୍ର ଦେଇଛନ୍ତି। ଏ ସମ୍ପର୍କରେ ନିମାପଡ଼ା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଶଶିଭୂଷଣ ମିଶ୍ର କୁହନ୍ତି, ଖୁବ୍ ଶୀଘ୍ର ଏହି କାର୍ଯ୍ୟ ନିକଟରେ ପହଞ୍ଚି କାର୍ଯ୍ୟ ତଦାରଖ କରିବା ସହିତ କାର୍ଯ୍ୟାନୁଷ୍ଠାନ ନେବି ବୋଲି କହିଛନ୍ତି।



ଭୁଶୁଡି ପଡିଥିବା ନଦୀବନ୍ଧର ପଥର ପ୍ୟାକିଂ।